ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ରାୟଗଡ଼ା, ଶୁକ୍ରବାର, ଜୁଲାଇ ୨୯/୨୦୨୨ (୮+୮=୧୬ ପୃଷ୍ଠା) Rayagada, Friday, July 29/2022 Page 16 ₹ 7.00 ★

୧୨ଶ ଭାଗ ୧୭୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ₹୭/-




**ପ୍ରାଞ୍ଜଳ ଶ୍ରୀବାସ୍ତବଙ୍କୁ ୩ ସ୍ୱର୍ଣ୍ଣ**

ଇଣ୍ଟରନ୍ୟାଶନାଲ ମ୍ୟାଥମେଟିକାଲ୍ ଅଲିମ୍ପିଆଡ୍‌ରେ ବେଙ୍ଗାଲୁରୁ ଛାତ୍ର ପ୍ରାଞ୍ଜଳ ଶ୍ରୀବାସ୍ତବ ପ୍ରଥମ ଭାରତୀୟ ଭାବେ ୩ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି।

୦୭

୦୮

**ଆମେରିକାକୁ କିମ୍‌ଙ୍କ ଅଣୁଅସ୍ତ୍ର ଧମକ**

ଆମେରିକା ଏବଂ ଦକ୍ଷିଣ କୋରିଆ ବିରୋଧରେ ଅଣୁଅସ୍ତ୍ର ବ୍ୟବହାର କରିବାକୁ ପ୍ରସ୍ତୁତ ବୋଲି ଉତ୍ତର କୋରିଆ ନେତା କିମ୍ ଜଙ୍ଗ୍ ଉନ୍ ଧମକ ଦେଇଛନ୍ତି।



# ଅକ୍ଟୋବର ୧୬ରେ ଓସିଏସ୍ ପ୍ରିଲିମ୍

**କଟକ ଅଫିସ,୨୮।୭:** ଆସନ୍ତା ଅକ୍ଟୋବର ୧୬ ତାରିଖରେ ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ପ୍ରିଲିମିନାରି ପରୀକ୍ଷା-୨୦୨୧ ଅନୁଷ୍ଠିତ ହେବ। ଏନେଇ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପରୀକ୍ଷା ଦେବାକୁ ପ୍ରାୟ ୨ଲକ୍ଷ ପ୍ରାର୍ଥୀ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୭ ହଜାର ୩୯ ଜଣ ଆଶାୟୀଙ୍କ ଆବେଦନକୁ ବିଭିନ୍ନ ତ୍ରୁଟି ଥିବା ଦର୍ଶାଇ ନାକଚ କରିଦିଆଯାଇଥିଲା। ବ୍ୟକ୍ତିଗତ ବିବରଣୀ ନ ଦେବା, ଠିକଣା ବିବରଣୀ ନ ଦେବା, ଫିଜିକାଲ ମେଜରମେଣ୍ଟ ଓ ଶିକ୍ଷାଗତ ଯୋଗ୍ୟତା ବିବରଣୀ ନ ଥିବା, ଅନ୍ୟ ପ୍ରମାଣପତ୍ରର ଫଟୋକପି ଅନ୍‌ଲାଇନରେ ଅପ୍‌ଲୋଡ୍ ହୋଇ ନ ଥିବା ଆଦି ବିଭିନ୍ନ କାରଣରୁ ଅନେକ ଆଶାୟୀଙ୍କ ଦରଖାସ୍ତ ନାକଚ ହୋଇଥିଲା। ସୂଚନା ଥାଉକି, ଓସିଏସ୍ ପାଇଁ ପ୍ରିଲିମ୍, ମେନ୍ ଓ ଇଣ୍ଟରଭ୍ୟୁ ଭଳି ୩ଟି ସ୍ତରରେ ପରୀକ୍ଷା କରାଯାଇଥାଏ।




ଚେନ୍ନାଇ ନିକଟବର୍ତ୍ତୀ ମାଲାଲାପୁରମ୍‌ଠାରେ ଗୁରୁବାର ୪୪ତମ ଚେସ୍ ଅଲିମ୍ପିଆଡ୍‌ର ଉଦ୍‌ଘାଟନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ। ନିକଟରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁର ଓ ଅନ୍ୟ ଅତିଥିମାନେ ଉପସ୍ଥିତ।

# ରାଷ୍ଟ୍ରପତିଙ୍କୁ 'ରାଷ୍ଟ୍ରପତ୍ନୀ' କହିଲେ ଅଧୀର

- ସୋନିଆଙ୍କଠାରୁ କ୍ଷମା ଦାବିକଲା ଭାଜପା
- ସଡ଼କରୁ ସଂସଦ ହଟ୍ଟଗୋଳ କଲେ ନେତା
- ପାଖଣ୍ଡିଙ୍କୁ ନୁହେଁ, ରାଷ୍ଟ୍ରପତିଙ୍କୁ କ୍ଷମା ମାଗିବି: ଅଧୀର

**ନୂଆଦିଲ୍ଲୀ,୨୮।୭**

ଭାରତର ନୂଆ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କ ଆପତ୍ତିଜନକ 'ରାଷ୍ଟ୍ରପତ୍ନୀ' ମନ୍ତବ୍ୟକୁ ନେଇ ଝଡ଼ ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗରେ ଭାଜପା ଗୁରୁବାର ସଡ଼କରୁ ନେଇ ସଂସଦ ପର୍ଯ୍ୟନ୍ତ ହଙ୍ଗାମା କରିଛି। ରାଷ୍ଟ୍ରପତି ଜଣେ ଆଦିବାସୀ ମହିଳା ହୋଇଥିବାରୁ କଂଗ୍ରେସ ତାଙ୍କ ପାଇଁ ଏଭଳି ଅପମାନଜନକ ଶବ୍ଦ ବ୍ୟବହାର କରିଥିବା ଅଭିଯୋଗ ଆଣି ଅଧୀର ଓ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କ୍ଷମା ମାଗନ୍ତୁ ବୋଲି ଶାସକ ଦଳ ଦାବି କରିଛି। ବିବାଦ ତେଜିବାରେ ଲାଗିଥିବାବେଳେ ଅଧୀର ଏନେଇ ସଫେଇ ଦେଇଛନ୍ତି। ଲୋକ



ଅଧୀର ରଞ୍ଜନ ଚୌଧୁରୀ

ସଭାର କଂଗ୍ରେସ ନେତା ଅଧୀର କହିଛନ୍ତି, ସେ ଜଣେ ବଙ୍ଗାଳୀ ହୋଇଥିବାରୁ ଭଲ ଭାବେ ହିନ୍ଦୀ କହିପାରନ୍ତି ନାହିଁ। ତାଙ୍କ ପାଟିରୁ 'ରାଷ୍ଟ୍ରପତ୍ନୀ' ଶବ୍ଦ ☞ପୃଷ୍ଠା-୪






# ଦିନକରେ ୩ ଆତ୍ମହତ୍ୟା

## ମାନସିକ ଭାରସାମ୍ୟ ହରାଉଛନ୍ତି ଛାତ୍ରୀଛାତ୍ର

*ସମ୍ପ୍ରତି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇବାରେ ଲାଗିଛି। ପରୀକ୍ଷାରେ ଆଶାତୀତ ସଫଳତା ନ ମିଳିବା, ସହପାଠୀ କିମ୍ବା ସିନିୟରଙ୍କ ଦ୍ୱାରା ନିର୍ଯାତନାର ଶିକାର ହେବା ଏପରି କି ମାନସିକ ଅବସାଦରେ ରହିବା କାରଣରୁ ଅନେକେ ଭାଙ୍ଗି ପଡୁଛନ୍ତି। ଫଳରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେବାକୁ ମଧ୍ୟ ପଛଘୁଞ୍ଚା ଦେଉ ନାହାନ୍ତି।*

- ପାରଳାଖେମୁଣ୍ଡିରେ ରାଗିଂ
- ସମ୍ବଲପୁରରେ କମ୍ ନମ୍ବର ନେଲା ଜୀବନ
- ବାଲେଶ୍ୱର: ହଷ୍ଟେଲରୁ ଝୁଲନ୍ତା ମୃତଦେହ ଉଦ୍ଧାର

**ଭୁବନେଶ୍ୱର(ବ୍ୟୁରୋ)/ପାରଳାଖେମୁଣ୍ଡି (ଡି.ଏନ୍.ଏ.)/ସମ୍ବଲପୁର/ ବାଲେଶ୍ୱର ଅଫିସ, ୨୮।୭(ଡି.ଏନ.ଏ.)**

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୩ଜଣ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଛନ୍ତି। ଗଜପତି ଜିଲା ପାରଳାଖେମୁଣ୍ଡିରେ ଜଣେ ନର୍ସିଂ ଛାତ୍ରୀ କଲେଜରେ ନିର୍ଯାତନା ସହ୍ୟ କରି ନ ପାରି କ୍ଲାସ୍ ରୁମ୍‌ରେ ଆତ୍ମହତ୍ୟା କରିଥିବାବେଳେ ସମ୍ବଲପୁର ବୁର୍ଲା ଥାନା ଅଞ୍ଚଳରେ ଜଣେ ଛାତ୍ର ଯୁକ୍ତ ପରୀକ୍ଷାରେ କମ୍ ମାର୍କ ରଖିବା କାରଣରୁ ଆତ୍ମହତ୍ୟା କରିଛନ୍ତି। ସେହିପରି ବାଲେଶ୍ୱରର ଏକ ପ୍ରତିଷ୍ଠିତ ଇଞ୍ଜିନିୟରିଂ କଲେଜର ହଷ୍ଟେଲରେ ରହୁଥିବା ଜଣେ ଛାତ୍ର ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ବିଭିନ୍ନ କାରଣରୁ ଛାତ୍ରୀଛାତ୍ରମାନେ ନିଜ ଉପରେ ଭାରସାମ୍ୟ ହରାଇ ଆତ୍ମହତ୍ୟା କରୁଥିବା ଘଟଣାକୁ ନେଇ ମନସ୍ତତ୍ତ୍ୱବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ରାଣୀପେଣ୍ଠ ନିକଟସ୍ଥ ଘରୋଇ ନର୍ସିଂ କଲେଜ କ୍ଲାସ୍‌ରୁମ୍‌ରୁ ଗୁରୁବାର ପ୍ରଥମ ବର୍ଷର ଛାତ୍ରୀ ଅଖିଳା ବେହେରାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। କଲେଜରେ ନିର୍ଯାତନା ଦିଆଯାଉଥିବା ଅଖିଳାଙ୍କ ସହପାଠୀମାନେ କହିଥିବା ବେଳେ ଝିଅକୁ ହତ୍ୟା କରାଯାଇଥିବା ବାପା ଅଭିଯୋଗ କରିଛନ୍ତି। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାର ତଦନ୍ତ ଜାରି ରଖିଛନ୍ତି। ଛାତ୍ରୀ ଜଣକ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଏସ୍‌ଡିପିଓ ରାମକୃଷ୍ଣ ପତି କହିଛନ୍ତି। ଅନ୍ୟପକ୍ଷରେ ନିର୍ଯାତନା ଅଭିଯୋଗକୁ କଲେଜ କର୍ତ୍ତୃପକ୍ଷ ଖଣ୍ଡନ କରିଛନ୍ତି। ଅଧିକ ତଦନ୍ତ ପରେ ତଥ୍ୟ ସାମନାକୁ ଆସିବ ବୋଲି ପୋଲିସ କହିଛି। ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ଅନ୍ତର୍ଗତ ବନ୍ଦର ଗାଁର ଗଣେଶ ଚନ୍ଦ୍ର ବେହେରାଙ୍କ ଝିଅ ଅଖିଳା ଗଜପତି ନର୍ସିଂ କଲେଜ ହଷ୍ଟେଲରେ ରହି ପାଠ ପଢୁଥିଲେ। ବୁଧବାର ରାତିରେ ହଷ୍ଟେଲରେ ଜଣେ ସହପାଠୀଙ୍କ ଜନ୍ମଦିନ ପାଳନ କରାଯାଇଥିଲା। ଏଥିରେ ଶୃଙ୍ଖଳା ଭଙ୍ଗ ହେଉଥିବା କହି କଲେଜ ଅଧ୍ୟକ୍ଷା ଓ କେତେଜଣ କର୍ମଚାରୀ ଆସି ଛାତ୍ରୀମାନଙ୍କୁ ଏପରି ନ କରିବାକୁ ତାଗିଦ କରିଥିଲେ। ଇଂଲିଶରେ କଥା ନ ହେଲେ ଅଧ୍ୟକ୍ଷା ଗାଳି କରିଥାନ୍ତି ବୋଲି ସହପାଠୀ ଅଭିଯୋଗ କରିଛନ୍ତି। ଗୁରୁବାର ସକାଳେ ସହପାଠୀମାନେ ଅଖିଳାଙ୍କୁ ନିଜ ରୁମ୍‌ରେ ନ ପାଇ ହଷ୍ଟେଲ ସାରା ଖୋଜାଖୋଜି କରିଥିଲେ। ହେଲେ ନ ପାଇବାରୁ କ୍ଲାସ୍‌ରୁମ୍‌କୁ ଯାଇଥିଲେ। ସେଠାରେ ଅଖିଳାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। କଲେଜ କର୍ତ୍ତୃପକ୍ଷଙ୍କଠାରୁ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ପରିବାର ଲୋକଙ୍କୁ ଖବର ଦେଇଥିଲା। ଅଖିଳାଙ୍କ ବଡ ଭଉଣୀ ଓ ବାପା କଲେଜରେ ପହଞ୍ଚି ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଛାତ୍ରୀ ମୃତ୍ୟୁ ସମ୍ପର୍କରେ କଲେଜ ଅଧ୍ୟକ୍ଷା କେ. ନୀରଜାଙ୍କୁ ପଚାରିବାରେ ସେ କହିଛନ୍ତି, କଲେଜର ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଆମେ ଛାତ୍ରୀଛାତ୍ରଙ୍କୁ ତାଗିଦ୍ କରିଥାଉ। ଉଦ୍ଦେଶ୍ୟମୂଳକ ଭାବରେ କାହାରିକୁ ନିର୍ଯାତନା ଦିଆଯାଇନାହିଁ। ଛାତ୍ରୀଛାତ୍ରଙ୍କୁ ଓଡ଼ିଆ କହିବାକୁ ବାରଣ କରିବା ଅଭିଯୋଗର ଉତ୍ତରରେ, ଛାତ୍ରୀଛାତ୍ର ଇଂଲିଶରେ କଥା ହେବାକୁ ଅଭ୍ୟସ୍ତ ହେବା ପାଇଁ ଏପରି କହିଥିବା ସୂଚନା ଦେଇଛନ୍ତି। ଅନ୍ୟ ଏକ ଘଟଣାରେ ଯୁକ୍ତ ଦୁଇ ପରୀକ୍ଷାରେ କମ୍ ମାର୍କ ରହିବାରୁ ସମ୍ବଲପୁର ଜିଲା ବୁର୍ଲା ଥାନା ☞ପୃଷ୍ଠା-୪

# ଗୋଟିଏ ସିରିଞ୍ଜ୍‌ରେ ୩୯ ସ୍କୁଲ ପିଲାଙ୍କୁ କୋଭିଡ୍ ଟିକା

**ଭୋପାଳ,୨୮।୭**

ମଧ୍ୟପ୍ରଦେଶର ସାଗର ସହରସ୍ଥିତ ଏକ ଘରୋଇ ସ୍କୁଲ୍‌ରେ ୩୯ ଜଣ ପିଲାଙ୍କୁ ଗୋଟିଏ ସିରିଞ୍ଜରେ କୋଭିଡ୍ ଟିକା ଦିଆଯାଇଛି। ଏହିଖବର ପ୍ରକାଶ ପାଇବା ପରେ ଜିଲା ଟିକା ଅଧିକାରୀ ଡ. ଶୋଭରାମ ରୋଶନଙ୍କୁ ତୁରନ୍ତ ନିଲମ୍ବନ କରାଯାଇଛି। ମେଗା ଟିକାଦାନ ଅଭିଯାନ ଅବସରରେ ବୁଧବାର ସହରର ଜୈନ ହାୟର ସେକେଣ୍ଡାରି ସ୍କୁଲ୍ ପିଲାମାନଙ୍କୁ କୋଭିଡ୍ ଟିକା ଦିଆଯାଇଥିଲା। ଟିକା ଦେଉଥିବା କର୍ମଚାରୀ ଜିତେନ୍ଦ୍ର ଅହିରୱାର ୧୫ ବର୍ଷରୁ ଊର୍ଦ୍ଧ୍ୱ ୩୯ ଜଣ ପିଲାଙ୍କ ପାଇଁ ଗୋଟିଏ ସିରିଞ୍ଜ ବ୍ୟବହାର କରିଥିଲେ। ଏ ସମ୍ପର୍କରେ ଖବର ପାଇ ଅଭିଭାବକମାନେ ବିକ୍ଷୋଭ କରିଥିଲେ। ତଦନ୍ତରୁ ସତ୍ୟାସତ୍ୟ ଜଣାପଡ଼ିବା ପରେ ଜିତେନ୍ଦ୍ରଙ୍କ ବିରୋଧରେ ଏତଲାକ୍ରମେ ପୋଲିସ ମାମଲା ରୁଜୁ କରିଛି।

**ଆଜିର ସମ୍ପାଦକୀୟ**

ଶେଷ ଭରସା

ପରିବେଶୀୟ ଶୁଳ୍କ

# ୫ରେ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ

**ଭୁବନେଶ୍ୱର, ୨୮।୭(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୫ରେ ୪ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ସମୟରେ ରାଷ୍ଟ୍ରପତି ଭବନରେ ଆୟୋଜିତ 'ଆଜାଦି କା ଅମୃତ ମହୋତ୍ସବ'ର ଜାତୀୟ କମିଟି ବୈଠକରେ ସେ ଯୋଗଦେବେ। ଏହାସହ ନୀତି ଆୟୋଗ ପରିଚାଳନା ପରିଷଦ ବୈଠକରେ ମଧ୍ୟ ସାମିଲ ହେବେ ବୋଲି ଜଣାପଡିଛି। ହେଲେ ଏନେଇ ବିଧିବଦ୍ଧ ଭାବେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିନାହିଁ। ଜୁଲାଇ ୨୬ରେ ମୁଖ୍ୟମନ୍ତ୍ରୀ ୪ ଦିନିଆ ନୂଆଦିଲ୍ଲୀ ଗସ୍ତ କାର୍ଯ୍ୟକ୍ରମ ଶେଷ କରି ଫେରିଥିଲେ। ତେବେ ପୁଣିଥରେ ସେ ଦିଲ୍ଲୀ ଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଆସନ୍ତା ୬ ତାରିଖ ଅପରାହ୍ନ ସାଢେ ୪ଟା ସମୟରେ ରାଷ୍ଟ୍ରପତି ଭବନର କଲଚରାଲ ସେଣ୍ଟରଠାରେ ଅନୁଷ୍ଠିତ ହେବାକୁ ଥିବା ୭୫ତମ ସ୍ୱାଧୀନତା ଦିବସ ଉପଲକ୍ଷେ 'ଆଜାଦି କା ଅମୃତ ମହୋତ୍ସବ'ର ଜାତୀୟ କମିଟି ବୈଠକ ଅନୁଷ୍ଠିତ ହେବ। ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସମେତ ବିଭିନ୍ନ ରାଜ୍ୟର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀମାନେ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ୭ ତାରିଖରେ ବିଜ୍ଞାନ ଭବନ ପରିସରରେ ନିତି ଆୟୋଗର ସପ୍ତମ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟମନ୍ତ୍ରୀ ସାମିଲ ହୋଇ ୮ ତାରିଖରେ ଫେରିବେ ବୋଲି ଜଣାପଡିଛି।






# ମନ୍ତ୍ରିମଣ୍ଡଳରୁ ପାର୍ଥ ଚାଟାର୍ଜୀ ବହିଷ୍କୃତ

**କୋଲକାତା,୨୮।୭**

ପଶ୍ଚିମବଙ୍ଗ ସ୍କୁଲ ସେବା କମିଶନ (ଏସ୍‌ଏସ୍‌ସି) ନିଯୁକ୍ତି ଦୁର୍ନୀତି ମାମଲାରେ ଗିରଫ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ରାଜ୍ୟ କ୍ୟାବିନେଟ୍‌ରୁ ବହିଷ୍କାର କରିଛନ୍ତି। ଏଥିସହିତ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମହାସଚିବ ଥିବା ପାର୍ଥ ବାଣିଜ୍ୟ ଓ ଶିଳ୍ପ, ସଂସଦୀୟ ବ୍ୟାପାର, ସୂଚନା ପ୍ରଯୁକ୍ତି ଓ ଇଲେକ୍ଟ୍ରୋନିକ୍ସ ଏବଂ ସାଧାରଣ ଉଦ୍ୟୋଗ ଓ ଶିଳ୍ପ ପୁନଃନିର୍ମାଣ ମନ୍ତ୍ରୀ ଥିଲେ। ଏହି ସମସ୍ତ ବିଭାଗ ଏବେ ସାମୟିକ ଭାବେ ମମତାଙ୍କ ହାତରେ ରହିବ।

ସ୍କୁଲ୍ ନିଯୁକ୍ତି ଦୁର୍ନୀତି ସମୟରେ ପାର୍ଥ ଶିକ୍ଷାମନ୍ତ୍ରୀ ଥିଲେ। ସେତେବେଳେ ନିଯୁକ୍ତି ପ୍ରଦାନ ଲାଗି ଆଶାୟୀ ପ୍ରାର୍ଥୀମାନଙ୍କଠାରୁ କୋଟି କୋଟି ଟଙ୍କା ସଂଗ୍ରହ କରାଯାଇଥିଲା। ଉକ୍ତ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପାର୍ଥଙ୍କୁ ଗିରଫ କରିଥିଲା। ତାଙ୍କ ସହଯୋଗୀ ଅର୍ପିତା ମୁଖାର୍ଜୀଙ୍କର ଦୁଇଟି ଘର ଉପରେ ଇଡି ଚଢ଼ାଉ ବେଳେ ପାଖାପାଖି ୫୦ କୋଟି ନଗଦ ଟଙ୍କା ଓ ୫ କିଲୋଗ୍ରାମ ସୁନା ଜବତ ହୋଇଛି। ଏଥିସହିତ ଚଢ଼ାଉ ବେଳେ ବିଭିନ୍ନ ସମ୍ପତ୍ତିର ଦସ୍ତାବିଜ ଓ ବିଦେଶୀ ମୁଦ୍ରା ମଧ୍ୟ ମିଳିଛି। ପାର୍ଥ ଓ ତାଙ୍କ ଲୋକମାନେ ଅର୍ପିତାଙ୍କ ଘରକୁ ବ୍ୟାଙ୍କ ଭାବେ ବ୍ୟବହାର କରୁଥିଲେ ବୋଲି ଅଭିନେତ୍ରୀ ଜଣକ ଇଡି ଜେରାବେଳେ ସ୍ୱୀକାର କରିଛନ୍ତି।

ପାର୍ଥ ଚାଟାର୍ଜୀଙ୍କ ବିରୋଧରେ ତାଙ୍କ ଦଳ କଠୋର କାର୍ଯ୍ୟାନୁଷ୍ଠାନ ନେଇଛି। ଏହା ପଛରେ ଅନେକ ଷଡ଼ଯନ୍ତ୍ର ରହିଛି ବୋଲି ମମତା କହିଥିଲେ ମଧ୍ୟ ସବିଶେଷ ସୂଚନା ଦେବାକୁ ମନା କରିଦେଇଛନ୍ତି। ଦୋଷୀଙ୍କୁ ଜେଲ ପଠାଯାଉ, ସେ ଦୁର୍ନୀତିକୁ କଦାପି ସମର୍ଥନ କରନ୍ତି ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତୁରନ୍ତ ତଥା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତଦନ୍ତ ଓ ବିଚାର ଶେଷ କରି ଦୋଷୀଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ଆଜୀବନ ଜେଲରେ ରଖିବାକୁ ଟିଏମ୍‌ସି ସୁପ୍ରିମୋ ଦାବି କରିଛନ୍ତି।

ପଶ୍ଚିମବଙ୍ଗ ସ୍କୁଲ୍ ସେବା କମିଶନଙ୍କ ସୁପାରିସ କ୍ରମେ ରାଜ୍ୟର ସରକାରୀ ଓ ଅନୁଦାନପ୍ରାପ୍ତ ସ୍କୁଲ୍‌ଗୁଡ଼ିକ ଲାଗି ଶିକ୍ଷକ ଓ ତୃତୀୟ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି ବେଳେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଥିଲା। କାଲକାଟା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ଏହାର ତଦନ୍ତ ଦାୟିତ୍ୱ ନେଇଛି। ଏଥିସହିତ ଦୁର୍ନୀତିର ମନିଲଣ୍ଡରିଂ ଦିଗ ଉପରେ ଇଡି ତଦନ୍ତ କରି ପାର୍ଥ ଓ ତାଙ୍କ ସହଯୋଗୀଙ୍କ ଘରୁ ବିପୁଳ ଅର୍ଥ ଜବତ କରିଛି।

**ସ୍କୁଲ ନିଯୁକ୍ତି ଦୁର୍ନୀତି ମାମଲା**



# ସୋନିଆ ଗାନ୍ଧୀ କ୍ଷମା ମାଗନ୍ତୁ: ଭାଜପା

■କଂଗ୍ରେସ ଏମ୍‌ପିଙ୍କ ବିବାଦୀୟ ବୟାନ
■ବିଧାନସଭାରେ ହଙ୍ଗାମା

ଭୁବନେଶ୍ୱର,୨୮।୭(ବ୍ୟୁରୋ)

କଂଗ୍ରେସ ଏମ୍‌ପି ଅଧୀର ରଞ୍ଜନ ଚୌଧୁରୀଙ୍କ ବିବାଦୀୟ ବୟାନ 'ରାଷ୍ଟ୍ରପତ୍ନୀ'କୁ ନେଇ ବିଧାନସଭାରେ ହଙ୍ଗାମା ହୋଇଛି। ଭାଜପା ସଦସ୍ୟମାନେ କଂଗ୍ରେସ ନେତାଙ୍କ ବୟାନକୁ ବିରୋଧ କରି ବିଧାନସଭାରେ ପ୍ରବଳ ପାଟିତୁଣ୍ଡ କରିଥିଲେ। ଏଥିଯୋଗୁ ପ୍ରଶ୍ନୋତ୍ତର, ଶୂନ୍ୟକାଳ, ମୁଲତବୀ ଆଦି ସମ୍ପୂର୍ଣ୍ଣ ଅଚଳ ହୋଇ ଯାଇଥିଲା।

ଗୁରୁବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ବିକ୍ରମ କେଶରୀ ଆରୁଖ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବିଜେଡି ସଭ୍ୟ ରଘୁରାମ ପଡାଲଙ୍କ ମୂଳ ପ୍ରଶ୍ନର ଉତ୍ତର ଦେବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କୁ ଡାକିଥିଲେ। ମାତ୍ର ଏହି ସମୟରେ ଭାଜପା ସଭ୍ୟମାନେ ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗକୁ ଆସି କଂଗ୍ରେସ ଏମ୍‌ପିଙ୍କ ବୟାନଙ୍କୁ କଡ଼ା ବିରୋଧ କରିଥିଲେ। ଏହି ଅଶୋଭନୀୟ ବୟାନ ପାଇଁ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷା ସୋନିଆ ଗାନ୍ଧୀ କ୍ଷମା ମାଗନ୍ତୁ ବୋଲି ଅଡ଼ି ବସିଥିଲେ। ଏଭଳି ମନ୍ତବ୍ୟ ରାଷ୍ଟ୍ରପତିଙ୍କ ପଦମର୍ଯ୍ୟାଦାକୁ କ୍ଷୁଣ୍ଣ କରିଛି। ଅଧୀର ରଞ୍ଜନଙ୍କୁ ତୁରନ୍ତ କଂଗ୍ରେସ ବହିଷ୍କାର କରୁ ଦାବି କରି ହୋହଲ୍ଲା କରିଥିଲେ। ଗୃହ କାର୍ଯ୍ୟରେ ଭାଗ ନେବାକୁ ଅନୁରୋଧ କରିବା ସହ ଶୂନ୍ୟକାଳରେ ଏହି ପ୍ରସଙ୍ଗକୁ ଉଠାଇବାକୁ ବାଚସ୍ପତି ଭାଜପା ସଦସ୍ୟଙ୍କୁ କହିଥିଲେ। ମାତ୍ର ଭାଜପା ସଭ୍ୟ ହଟ୍ଟଗୋଳରେ ମାତି ଯାଇଥିଲେ। ପ୍ରବଳ ହଟ୍ଟଗୋଳ ହେବାରୁ ବାଚସ୍ପତି ବାଧ୍ୟ ହୋଇ ଗୃହକୁ ପୂର୍ବାହ୍ନ ୧୦ଟା ୩୩ ମିନିଟରେ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

ବିଧାନସଭା ବାହାରେ ମଧ୍ୟ ଭାଜପା ସଦସ୍ୟମାନେ ପ୍ଲାକାର୍ଡ ଧରି ପ୍ରତିବାଦ କରିଥିଲେ। ଗଣମାଧ୍ୟମକୁ ସୂଚନା ନେଇ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଲେ, କଂଗ୍ରେସ ଏମ୍‌ପି ଅଧୀର ରଞ୍ଜନ ଚୌଧୁରୀ ସର୍ବୋଚ୍ଚ ପଦରେ ଥିବା ଜଣେ ଆଦିବାସୀ ମହିଳା ରାଷ୍ଟ୍ରପତିଙ୍କ ପ୍ରତି ଅସୌଜନ୍ୟମୂଳକ ମନ୍ତବ୍ୟ ଦେଇଛନ୍ତି। ରାଷ୍ଟ୍ରପତିଙ୍କ ଗରିମାକୁ ଏହା କ୍ଷୁଣ୍ଣ କରିଛି। ଏଥିପାଇଁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କ୍ଷମା ମାଗିବା ଦରକାର। ଏଭଳି ବୟାନ ପାଇଁ ଅଧୀର ରଞ୍ଜନଙ୍କୁ କଂଗ୍ରେସ ବହିଷ୍କାର କରିବାକୁ ଭାଜପା ଦାବି କରୁଛି ବୋଲି ସେ କହିଥିଲେ। କଂଗ୍ରେସ ସଭ୍ୟ ସି.ଏସ୍. ରାଜନ ଏକ୍କା କହିଛନ୍ତି ଯେ ଗଣତନ୍ତ୍ରର ସର୍ବୋଚ୍ଚ ପଦରେ ଥିବା ରାଷ୍ଟ୍ରପତିଙ୍କ ପ୍ରତି ଏଭଳି ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ। ଏଭଳି ମନ୍ତବ୍ୟ ଦେବା ଠିକ୍ ନୁହେଁ। ବିଜେଡି ମଧ୍ୟ ଅଧୀର ରଞ୍ଜନଙ୍କ ବୟାନକୁ ନାପସନ୍ଦ କରିଛି।



ବିଧାନସଭାରେ ଗୁରୁବାର ଭାଜପା ସଦସ୍ୟମାନେ ପ୍ଲାକାର୍ଡ ପ୍ରଦର୍ଶନ କରି ହଟ୍ଟଗୋଳ କରୁଛନ୍ତି।

# ମହାରାଷ୍ଟ୍ର: କ୍ୟାବିନେଟ୍ ସମ୍ପ୍ରସାରଣ ନେଇ ଅନିଶ୍ଚିତତା

**ମୁମ୍ବାଇ,୨୮।୭:** ମହାରାଷ୍ଟ୍ରରେ କ୍ଷମତା ପରିବର୍ତ୍ତନ ହେବାର ପ୍ରାୟ ଏକ ମାସ ବିତିଗଲାଣି। କିନ୍ତୁ ଏପର୍ଯ୍ୟନ୍ତ କ୍ୟାବିନେଟର ସମ୍ପ୍ରସାରଣ ହୋଇନାହିଁ। ଏନେଇ ଅନିଶ୍ଚିତତା ଲାଗି ରହିଛି। ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ୩୦ଜୁନରେ ଶପଥ ଗ୍ରହଣ କରିଥିଲେ। ସେବେଠାରୁ ପ୍ରଶ୍ନ ଉଠୁଛି ଯେ କ୍ୟାବିନେଟର ସମ୍ପ୍ରସାରଣ କେବେ ହେବ? ଏଥିପାଇଁ ନାନା ଚର୍ଚ୍ଚା ଜାରି ରହିଛି। ଅପରପକ୍ଷରେ ସିଏମ ଶିନ୍ଦେ ନିଜେ ଘୋଷଣା କରିଛନ୍ତି ଯେ ତିନି ଦିନ ମଧ୍ୟରେ କ୍ୟାବିନେଟ ବିସ୍ତାର କରିବାକୁ ଯାଉଛି। ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଶିନ୍ଦେ କହିଛନ୍ତି କ୍ୟାବିନେଟ ସମ୍ପ୍ରସାରଣରେ ବିଳମ୍ବ ହୋଇଛି। କିନ୍ତୁ ଏ ସମ୍ପର୍କରେ କୌଣସି ବିବାଦ ସାମ୍ନାକୁ ଆସିନାହିଁ। ଆସନ୍ତା ତିନି ଦିନ ମଧ୍ୟରେ କ୍ୟାବିନେଟ ସମ୍ପ୍ରସାରଣ କରାଯିବାର ସମ୍ଭାବନା ରହିଛି।

ତେବେ କ୍ୟାବିନେଟର ସମ୍ପ୍ରସାରଣ ସମ୍ପର୍କରେ ଦାବି କରାଯାଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ଶିନ୍ଦେ ଏବଂ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କ ମଧ୍ୟରେ କୌଣସି ଚୁକ୍ତିନାମା ହୋଇନାହିଁ। କ୍ୟାବିନେଟର ସମ୍ପ୍ରସାରଣ ଗୋଟିଏ ପର୍ଯ୍ୟାୟରେ କିମ୍ବା ଦୁଇଟି ପର୍ଯ୍ୟାୟରେ ହେବ କି ନାହିଁ ତାହା ସ୍ଥିର ହୋଇନାହିଁ। କୁହାଯାଉଛି ଯେ ଯଦି ଦୁଇଟି ପର୍ଯ୍ୟାୟରେ କ୍ୟାବିନେଟକୁ ସମ୍ପ୍ରସାରଣ କରାଯାଏ, ତେବେ ୧୯ ଜଣ ମନ୍ତ୍ରୀଙ୍କୁ ସାମିଲ କରାଯିବ। ଏଥିରେ ୧୨ ଭାଜପାରୁ ଏବଂ ଶିନ୍ଦେ କ୍ୟାମ୍ପର ୭ ଜଣ ନେତାଙ୍କୁ ମନ୍ତ୍ରୀ କରାଯାଇପାରେ। ଯଦି ଗୋଟିଏ ପର୍ଯ୍ୟାୟରେ ସମ୍ପ୍ରସାରଣ କରାଯାଏ, ତେବେ ୨୬ ଜଣ ଭାଜପା ସଦସ୍ୟଙ୍କୁ ଅନ୍ତର୍ଭୁକ୍ତ କରାଯିବାର ଯୋଜନା ରହିଛି। ଏଥିରେ, ଶିନ୍ଦେଙ୍କ ଗୋଷ୍ଠୀର ୧୪-୧୫ ନେତା ସୁଯୋଗ ପାଇବେ। ଇତିମଧ୍ୟରେ ଏକନାଥ ଶିନ୍ଦେ ଦିଲ୍ଲୀ ଯିବା ପାଇଁ ତାଙ୍କର କାର୍ଯ୍ୟକ୍ରମକୁ ସ୍ଥଗିତ ରଖିଛନ୍ତି। ତେବେ ଏହାର କାରଣ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ।



ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ

# ରାଜ୍ୟ ସଭାରୁ ଆଉ ୩ ସଦସ୍ୟ ନିଲମ୍ବିତ

**ନୂଆଦିଲ୍ଲୀ,୨୮।୭:** ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଚାଲିଥିବାବେଳେ ବିଶୃଙ୍ଖଳିତ ଆଚରଣ ପାଇଁ ଗୁରୁବାର ରାଜ୍ୟ ସଭାର ଆଉ ୩ ଜଣ ବିରୋଧୀ ସଦସ୍ୟଙ୍କୁ ଶୁକ୍ରବାର ପର୍ଯ୍ୟନ୍ତ ନିଲମ୍ବନ କରାଯାଇଛି। ସେମାନେ ହେଲେ ଅଜିତ କୁମାର ଭୂୟାଁ, ଏଏପିର ସୁଶୀଲ କୁମାର ଗୁପ୍ତା ଏବଂ ସନ୍ଦିପ ପାଠକ। ଅଧିବେଶନ ବେଳେ ଗୃହ ମଧ୍ୟଭାଗକୁ ପ୍ରବେଶ କରି ସ୍ଲୋଗାନ ଦେବା ଆଦି ବିଶୃଙ୍ଖଳିତ ଆଚରଣ ଲାଗି ଗତ ମଙ୍ଗଳବାର ରାଜ୍ୟ ସଭାରୁ ୧୯ ସଦସ୍ୟ ନିଲମ୍ବିତ ହୋଇଥିଲେ। ସେମାନଙ୍କୁ ମିଶାଇ ବର୍ତ୍ତମାନ ସୁଦ୍ଧା ମୋଟ ୨୩ ଏମ୍‌ପି ନିଲମ୍ବିତ ହେଲେଣି।

# ରାଜରାସ୍ତାରେ ଭାଜପା

**କଂଗ୍ରେସ ଏମ୍‌ପି ଅଧୀର ଚୌଧୁରୀଙ୍କ ବିବାଦୀୟ ଶବ୍ଦ ପ୍ରୟୋଗ ପ୍ରସଙ୍ଗ**

**ଭୁବନେଶ୍ୱର,୨୮।୭(ବ୍ୟୁରୋ):** ଜନଜାତି ବିରୋଧୀ, ମହିଳା ବିରୋଧୀ ଅସହିଷ୍ଣୁ କଂଗ୍ରେସ ଦଳର ନେତୃବୃନ୍ଦ ବର୍ତ୍ତମାନ ଅଭଦ୍ରାମିର ଚରମସୀମା ଅତିକ୍ରମ କରିଛନ୍ତି। ପ୍ରଥମ ଥର ପାଇଁ ସମ୍ବିଧାନର ସର୍ବୋଚ୍ଚ ପଦବୀ ରାଷ୍ଟ୍ରପତିଭାବେ ଅଧିଷ୍ଠିତ ହୋଇଥିବା ଜନଜାତି ବର୍ଗର ମହିଳାଙ୍କୁ 'ରାଷ୍ଟ୍ରପତ୍ନୀ' ବୋଲି ଅପଶବ୍ଦ କହି କଂଗ୍ରେସ ସଂସଦୀୟ ଦଳ ନେତା ଅଧୀର ରଞ୍ଜନ ଚୌଧୁରୀ କଂଗ୍ରେସ ଦଳର ହୀନ ମାନସିକତାକୁ ପ୍ରମାଣିତ କରିଥିବା ଭାଜପା ଅଭିଯୋଗ କରିଛି। ଏହାକୁ ବିରୋଧ କରି ଭାଜପା ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ରାଷ୍ଟ୍ରପତିଙ୍କ ଅପମାନ ପ୍ରତିବାଦରେ ଗୁରୁବାର ରାଜ୍ୟ କାର୍ଯ୍ୟାଳୟଠାରୁ ରାମମନ୍ଦିର ପର୍ଯ୍ୟନ୍ତ ଏକ ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅଧୀରଙ୍କ ଟିପ୍ପଣୀ ଅତ୍ୟନ୍ତ ଲଜ୍ଜାଜନକ ଓ ସମ୍ବୋଧନ ସର୍ବୋଚ୍ଚ ସାମ୍ବିଧାନିକ ପଦର ଗରିମା କ୍ଷୁଣ୍ଣ କରୁଛି। ଯଥାଶୀଘ୍ର ଅଧୀରଙ୍କ ସମେତ ରାହୁଲ ଗାନ୍ଧୀ ଏବଂ ସୋନିଆ ଗାନ୍ଧୀ ଦେଶବାସୀଙ୍କୁ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି।

ଭାଜପା ଆହୁରି ଅଭିଯୋଗ କରିଛି, ଦେଶର ପ୍ରଥମ ଆଦିବାସୀ ଓ ଓଡ଼ିଆ ମହିଳା ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପ୍ରାର୍ଥୀ ହେବା ମାତ୍ରେ କଂଗ୍ରେସ କେବଳ ଘୃଣା, ଉପହାସ କରିଛି। କଂଗ୍ରେସ ମହିଳା, ଆଦିବାସୀ ଏବଂ ଗରିବ ବିରୋଧୀ ବୋଲି ସାରା ଦେଶ ଜାଣିଛି। କିନ୍ତୁ ଦେଶର ପ୍ରଥମ ନାଗରିକ ତଥା ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଅଧିଷ୍ଠିତ ଜଣେ ମହିଳା ଓ ଜନଜାତି ବର୍ଗକୁ ପ୍ରତିନିଧିତ୍ୱ କରୁଥିବା ରାଷ୍ଟ୍ରପତିଙ୍କୁ ଅପମାନିତ କରିବା ସାଢ଼େ ୪ କୋଟି ଓଡ଼ିଆଙ୍କୁ ଗଭୀର ଆଘାତ ଦେଇଛି। କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ 'ରାଷ୍ଟ୍ରପତ୍ନୀ' କହି କେବଳ ରାଷ୍ଟ୍ରପତିଙ୍କୁ ଉପହାସ କରିନାହାନ୍ତି ବରଂ ରାଷ୍ଟ୍ରର ସମ୍ବିଧାନ, ଗଣତନ୍ତ୍ର, ରାଷ୍ଟ୍ର ମର୍ଯ୍ୟାଦା ଏବଂ ରାଷ୍ଟ୍ରବାସୀଙ୍କୁ ଉପହାସ କରିଛନ୍ତି ବୋଲି ଭାଜପା ଅଭିଯୋଗ କରିଛି।

# 'ଚାଷୀଙ୍କ ଆର୍ଥିକ ସ୍ଥିତି ଭଲ ନାହିଁ, ଫସଲ ବୀମା ଏକମାତ୍ର ବିକଳ୍ପ'

**କୃଷି ଉତ୍ପାଦନ କମିଶନରଙ୍କୁ ଭେଟିଲା ଭାଜପା ବିଧାୟକ ଟିମ୍**

**ଭୁବନେଶ୍ୱର, ୨୮।୭(ବ୍ୟୁରୋ):** ବର୍ଷାଋତୁ ଆରମ୍ଭ ସହ ଶସ୍ୟ ଅମଳ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଯାଇଛି। ହେଲେ ଆର୍ଥିକ ସମସ୍ୟା ପାଇଁ ରାଜ୍ୟର ବହୁ ଅଞ୍ଚଳରେ ଚାଷୀମାନେ କୃଷି କାର୍ଯ୍ୟ ଆରମ୍ଭ କରିବାରେ ଅସମର୍ଥ ହେଉଛନ୍ତି। ୨୦୨୧ ଖରିଫ ଚାଷରେ କ୍ଷତି ସହିଥିବା ଚାଷୀଙ୍କ ନିକଟରେ ଅର୍ଥ ଅଭାବ ଅଛି। ବିଶେଷଭାବେ ବଲାଙ୍ଗୀର, କଳାହାଣ୍ଡି, ବରଗଡ଼, ସମ୍ବଲପୁର, ସୁନ୍ଦରଗଡ଼ ସମେତ ଅନ୍ୟ ଜିଲାଗୁଡ଼ିକରେ ଚାଷୀମାନେ ଅଧିକ ପ୍ରଭାବିତ ହେଉଛନ୍ତି। ଏଥିଯୋଗୁ ଚାଷ କାର୍ଯ୍ୟ ବହୁମାତ୍ରାରେ ବାଧାପ୍ରାପ୍ତ ହେଉଛି। ଚାଷ ପାଇଁ ଏହି ସମୟ ଉପଯୁକ୍ତ ହୋଇଥିବା ବେଳେ କୃଷକଙ୍କ ନିକଟରେ ଅର୍ଥ ଅଭାବ ମୁଖ୍ୟ ବାଧକ ସାଜିଛି। ୨୦୨୧ ଖରିଫ ଫସଲ ବୀମା ଆର୍ଥିକ ସହାୟତା ବର୍ତ୍ତମାନ ତାଙ୍କ ପାଇଁ ଏକମାତ୍ର ଭରସା। ତେଣୁ ଚାଷୀକୁଳର ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ଯଥାଶୀଘ୍ର ୨୦୨୧ ମସିହା (ଖରିଫ) ପ୍ରଧାନମନ୍ତ୍ରୀ ଫସଲ ବୀମା ଆର୍ଥିକ ସହାୟତା ତୁରନ୍ତ ପ୍ରଦାନ କରିବା ପାଇଁ ଭାଜପା ବିଧାୟକମାନେ ଅତିରିକ୍ତ ରାଜ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନରଙ୍କ ନିକଟରେ ଦାବି କରିଛନ୍ତି।

ସେମାନେ ଏକ ଦାବିପତ୍ର ଜରିଆରେ ଆହୁରି ଉଲ୍ଲେଖ କରିଛନ୍ତି, ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ ସୁରକ୍ଷା ପ୍ରଦାନ କରିବା ଦିଗରେ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏକ ଐତିହାସିକ କାର୍ଯ୍ୟକ୍ରମ। ବିଶେଷ ଭାବେ ବନ୍ୟା, ମରୁଡ଼ି, ବାତ୍ୟା ତଥା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରଭାବିତ ଚାଷୀଙ୍କୁ ଏହି ଯୋଜନାରେ ଆର୍ଥିକ ସହାୟତା ମିଳିଥାଏ। ଦେଶରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ କୃଷି, ସହକାରିତା ଓ କୃଷକ କଲ୍ୟାଣ ବିଭାଗ ଦ୍ୱାରା ୫ଟି ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀ କାମ କରୁଛି। ସେହିପରି ରାଜ୍ୟ ତଥା କେନ୍ଦ୍ର ଶାସିତ ସରକାର ପ୍ରତିବର୍ଷ ବିଡିଂ ମାଧ୍ୟମରେ ୧୮ ସାଧାରଣ ବୀମା କମ୍ପାନୀକୁ ୩ ବର୍ଷ ପାଇଁ ସାମିଲ କରିଥାନ୍ତି। ମାତ୍ର ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ବୀମା କମ୍ପାନୀଗୁଡ଼ିକ ଟାଳଟୁଳ ନୀତି ଗ୍ରହଣ କରୁଥିବାରୁ ଚାଷୀମାନେ ଫସଲ ବୀମା ସହାୟତା ରାଶି ପାଇବାରୁ ବଞ୍ଚିତ ରହୁଛନ୍ତି। ତେଣୁ ରାଜ୍ୟରେ ଯେଉଁ ଜିଲାର ଚାଷୀମାନେ ଫସଲ ବୀମା ସହାୟତା ଅର୍ଥ ପାଇବାରୁ ବର୍ତ୍ତମାନ ସୁଦ୍ଧା ବଞ୍ଚିତ ଅଛନ୍ତି, ସେମାନଙ୍କୁ ତୁରନ୍ତ ସହାୟତା ରାଶି ପ୍ରଦାନ କରିବା ପାଇଁ କମିଶନର ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିନିଧି ଦଳ ଦାବି କରିଛି।

# କୃଷିରୁ ମୁହଁ ଫେରାଉଛନ୍ତି ଚାଷୀ: ବିରୋଧୀ

■ କୃଷି, କୃଷକ ସଶକ୍ତୀକରଣ ବିଭାଗ ଖର୍ଚ୍ଚଦାବି ଗୃହୀତ
■ କୃଷକଙ୍କ ଆୟ ବଢ଼ାଇବାକୁ ସରକାର ସଙ୍କଳ୍ପବଦ୍ଧ: ଶାସକ
■ ଆମ ଭାଗ ତୁରନ୍ତ କେନ୍ଦ୍ର ଦେଉ: ମନ୍ତ୍ରୀ

ଭୁବନେଶ୍ୱର,୨୮।୭(ବ୍ୟୁରୋ)

କେନ୍ଦ୍ର ସରକାର ଦେଶବାସୀଙ୍କୁ କିଛି ସୁନେଲି ସ୍ୱପ୍ନ ଦେଖାଇଥିଲେ। ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣ କରିବା, ପ୍ରତି ଘରେ ରନ୍ଧନ ଗ୍ୟାସ୍ ପହଞ୍ଚାଇବା ଓ ଅର୍ଥନୀତିକୁ ୫ ଟ୍ରିଲିୟନରେ ପହଞ୍ଚାଇବା, ହେଲେ କିଛି ହେଲାନି। କୃଷି ଉପରେ ବି କେନ୍ଦ୍ର ସରକାର ସେତେଟା ଗୁରୁତ୍ୱ ଦେଇନାହାନ୍ତି। କେନ୍ଦ୍ର କୃଷି ବଜେଟ ଗତବର୍ଷ ତୁଳନାରେ ଚଳିତ ବର୍ଷ ମାତ୍ର ୪% ଅଧିକ ରହିଛି। ମାତ୍ର ରାଜ୍ୟ ସରକାର କୃଷିକୁ ଅଧିକ ଗୁରୁତ୍ୱ ଦେବା ସହିତ କୃଷି ବଜେଟରେ ୨୧% ବୃଦ୍ଧି କରିଛନ୍ତି। କେନ୍ଦ୍ର ସରକାର ରାଜ୍ୟ ପ୍ରାପ୍ୟ ତୁରନ୍ତ ଦେବା କଥା। ମାତ୍ର ଦେଉନାହାନ୍ତି। ୩ ବର୍ଷ ହେଲା ଆମେ ହକ୍ ମାଗିଲେ ମଧ୍ୟ ମିଳୁନାହିଁ। ତୁରନ୍ତ ଆମ ଭାଗ ଆମକୁ ଦିଅ ବୋଲି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଏଥିରେ ଅସନ୍ତୁଷ୍ଟ ହୋଇ ବିରୋଧୀ ସଭ୍ୟ କକ୍ଷ ତ୍ୟାଗ କରିଥିଲେ। ଗୁରୁବାର ଅପରାହ୍ନରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଖର୍ଚ୍ଚଦାବିକୁ ଗୃହରେ ପାରିତ ପାଇଁ ମନ୍ତ୍ରୀ ଗୃହର ଅନୁମୋଦନ ଲୋଡ଼ିଥିଲେ। ଖର୍ଚ୍ଚଦାବି ଆଲୋଚନାରେ ଭାଗ ନେଇ ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ କହିଥିଲେ, କୃଷିର ଉନ୍ନତି ବିନା ଦେଶର ବିକାଶ ଅସମ୍ଭବ। କୃଷିରୁ ମୁହଁ ଫେରାଇ ଚାଷୀମାନେ ସୁରଟ ଓ ହାଇଦ୍ରାବାଦ ଯାଉଛନ୍ତି। ଚାଷ ପାଇଁ ଓଡ଼ିଶା ସରକାରଙ୍କ ଦରଦ ନାହିଁ। ବନ୍ୟା, ବାତ୍ୟା ଓ ମରୁଡ଼ି ଯୋଗୁ ଚାଷ ଉଜୁଡ଼ି ଯାଉଛି। ଶିକ୍ଷିତ ପିଢ଼ି ଚାଷ କରିବାକୁ ଇଚ୍ଛା କରୁନାହାନ୍ତି।

କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ସରକାରଙ୍କୁ ସମାଲୋଚନା କରି କହିଥିଲେ, ଏଇ ସରକାର ସମୟରେ ଯେତେ ସବୁ ଚେକ୍ ଡ୍ୟାମ୍ ନିର୍ମାଣ ହୋଇଛି ସେଥିରୁ ୯୦% ଅଚଳ ହୋଇଗଲାଣି। ଧାନର କଟନୀ ଛଟନୀ ନାଁରେ ଚାଷୀଙ୍କୁ ଲୁଟ୍ କରାଯାଉଛି। ଅଦା ଭଳି ଅନେକ ଫସଲର ବ୍ୟବସାୟ ପାଇଁ ମାର୍କେଟ ନାହିଁ। ବିଗତ ୧୦ ବର୍ଷରେ ରାଜ୍ୟରେ କେତେ ଚାଷୀ ଆତ୍ମହତ୍ୟା କରିଛନ୍ତି ତାହାର ଉତ୍ତର ମିଳିନାହିଁ।

ଶାସକ ସଭ୍ୟ ଅମର ପ୍ରସାଦ ଶତପଥୀ କହିଲେ, କୃଷକଙ୍କ ଉନ୍ନତି ହେଲେ ରାଜ୍ୟରେ ଉନ୍ନତି ହେବ। କୃଷକଙ୍କ ଆୟ ବୃଦ୍ଧି ହେବା ସହିତ ସେମାନଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ଅନେକ ସଫଳ ଯୋଜନା କରିଛନ୍ତି। କାଳିଆ ଯୋଜନାକୁ ଦେଖିବା ପରେ ଭାରତ ସରକାର କୃଷକଙ୍କ ଆୟ ବଢ଼ାଇବା ପାଇଁ କିଛି ଯୋଜନା ଆପଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଧ୍ରୁବଚରଣ ସାହୁ ରାଜ୍ୟ ଏବେ ବଳକା ରାଜ୍ୟରେ ପରିଣତ ହୋଇଛି ବୋଲି ପ୍ରକାଶ କରିଥିବା ବେଳେ କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ଚାଷୀକୁଳ ହତାଶ ବୋଲି ମତ ରଖିଥିଲେ।

ଆଲୋଚନା ଶେଷରେ ମନ୍ତ୍ରୀ କହିଛନ୍ତି, ଓଡ଼ିଶା ଜନସଂଖ୍ୟାର ଏକ ମୁଖ୍ୟ ଭାଗ ନିଜର ଜୀବିକା ନିର୍ବାହ ପାଇଁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ କୃଷି ଉପରେ ନିର୍ଭରଶୀଳ। ରାଜ୍ୟର ମୋଟ୍ ୨୦.୬୧% ଏହି କ୍ଷେତ୍ରରୁ ଆସିଥାଏ। ଏହି କ୍ଷେତ୍ରର ବିକାଶ ରାଜ୍ୟ ଉନ୍ନତିର ଚାବିକାଠି। ସେଥିପାଇଁ ସରକାର ଏକ ସୁଦୂରପ୍ରସାରୀ ଓ ବଳିଷ୍ଠ କୃଷିନୀତି 'ସମୃଦ୍ଧି' ସାଙ୍ଗକୁ ବିଭିନ୍ନ କୃଷି ଉନ୍ନୟନକାରୀ ପଦକ୍ଷେପ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି। ୨୦୧୯ ଡିସେମ୍ବରରୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗରେ ଯୋଗାଇ ଦିଆଯାଉଥିବା ସମସ୍ତ ସେବାକୁ ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ ପ୍ରତି ଚାଷୀ ପାଖରେ ପହଞ୍ଚାଇବା ଲକ୍ଷ୍ୟରେ ୫-ଟି କାର୍ଯ୍ୟକ୍ରମ ଅନ୍ତର୍ଗତ 'ମୋ ସରକାର' କାର୍ଯ୍ୟକାରୀ କରାଯାଇଛି। ଏହି ସେବା ଯୋଗାଣରେ ଦ୍ରୁତ ସୁଧାର ଆଣିବ। ରାଜ୍ୟରେ ସ୍ୱାଧୀନତା ପରବର୍ତ୍ତୀ ଅବସ୍ଥାରେ ଖାଦ୍ୟଶସ୍ୟ ଆମଦାନୀ କରି ଖାଦ୍ୟ ଯୋଗାଇ ଦିଆଯାଉଥିବା ବେଳେ ବର୍ତ୍ତମାନ ଆମ ରାଜ୍ୟ ଫସଲ ଉତ୍ପାଦନ କ୍ଷେତ୍ରରେ କେବଳ ସ୍ୱାବଲମ୍ବୀ ନୁହେଁ ବରଂ ବଳକା ରାଜ୍ୟରେ ପରିଣତ ହୋଇପାରିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ରାଜ୍ୟରେ ସର୍ବକାଳୀନ ରେକର୍ଡ ୧୩୦.୩୯ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରାଯାଇପାରିଛି। ବିଗତ ବର୍ଷରେ ରାଜ୍ୟ ସରକାର ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ କରିବା ହେତୁ ୨୦୧୦-୧୧, ୨୦୧୨-୧୩, ୨୦୧୩-୧୪, ୨୦୧୪-୧୫ ଓ ୨୦୧୬-୧୭ ବର୍ଷ ଏପରି ପାଞ୍ଚଥର କୃଷି କର୍ମଣ ପୁରସ୍କାର ହାସଲ କରିଛି। ବିଗତ ବର୍ଷମାନଙ୍କରେ ଅମ୍ଫନ, ଜୱାଦ୍, ୟାଶ୍ ଓ ଗୁଲାବ ଭଳି ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପହଞ୍ଚିଥିବା କ୍ଷତିର ରାଜ୍ୟ ସଫଳ ମୁକାବିଲା କରିପାରିଥିଲା। କୃଷିର ଦ୍ରୁତ ବିକାଶ ଓ ଦାରିଦ୍ର୍ୟ ଦୂରୀକରଣ ଲକ୍ଷ୍ୟ ନେଇ ୨୦୧୮ ବର୍ଷରୁ ରାଜ୍ୟରେ କାଳିଆ ନାମରେ ଏକ କୃଷକ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରାଯାଉଅଛି। କାଳିଆ ବୋଧହୁଏ ଦେଶରେ ସର୍ବପ୍ରଥମ ସାମଗ୍ରିକ ମୌଳିକ ଆୟ ଯୋଜନା। କୌଣସି ଯୋଗ୍ୟ ଚାଷୀଙ୍କୁ ଏହି ସୁବିଧାରୁ ବଞ୍ଚିତ କରାଯିବ ନାହିଁ ବୋଲି ସ୍ଥିର ହୋଇଛି। ୨୦୨୦-୨୧ରେ ମୋଟ୍ ୫୩ ଲକ୍ଷ ୫୬ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀ ପରିବାରଙ୍କୁ କାଳିଆ ସହାୟତା ଯୋଗାଇ ଦିଆଯାଇଥିବା ସ୍ଥଳେ ୨୦୨୧-୨୨ ଡିସେମ୍ବର ଶେଷ ସୁଦ୍ଧା ୩୮ଲକ୍ଷ ୭୮ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୭ ଲକ୍ଷ ୮୯ ହଜାର ଭୂମିହୀନ ଚାଷୀ ପରିବାରଙ୍କୁ ଏହି ସୁବିଧା ଯୋଗାଇ ଦିଆଯାଇଛି। ୨୦୨୨-୨୩ ବର୍ଷରେ ଅଦ୍ୟାବଧି ୪୦ ଲକ୍ଷ ୨୨ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଚାଷ ପାଇଁ ସହାୟତା ଯୋଗାଇ ଦିଆଯାଇଛି। ସମନ୍ୱିତ ଉଦ୍ୟାନ କୃଷି ବିକାଶ ଯୋଜନାରେ ସଙ୍କର ପନିପରିବା ଚାଷ, ସୁରକ୍ଷିତ ଚାଷ, ଅମଳ ପରବର୍ତ୍ତୀ ଯତ୍ନ ଏବଂ ବିପଣନ ଭିତ୍ତିଭୂମି ପ୍ରତିଷ୍ଠା ନିମନ୍ତେ ଅଧିକ ଦୃଷ୍ଟି ଦିଆଯାଇଛି। ବିଗତ ୫ବର୍ଷରେ ୨୩୬୧୫.୧୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇ ୧୯୪୪୨ ହେକ୍ଟର ଜମିରେ ଫଳ ବୃକ୍ଷ ରୋପଣ ଏବଂ ୨୧୦୭୫ ହେକ୍ଟର ଜମିରେ ସଙ୍କର ପନିପରିବା ଚାଷ ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ନିଆଯାଇଛି। ଅଣୁ ଜଳ ସେଚନରେ ବିଗତ ୫ ବର୍ଷରେ ବୁନ୍ଦା ଏବଂ ଫୁଆରା ଜଳସେଚନ ପ୍ରତିଷ୍ଠା ପାଇଁ ଚାଷୀଙ୍କୁ ୧୫୧୯୮.୫୪ ଲକ୍ଷ ଟଙ୍କାର ରିହାତି ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଶେଷରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ବିଭାଗର ୬,୬୪୬ କୋଟି ୧୧ ଲକ୍ଷ ୬୯ ହଜାର ଖର୍ଚ୍ଚ ଦାବିକୁ ବାଚନିକ ମତଦାନରେ ପାରିତ କରାଇଥିଲେ।



**ବିଧାନସଭା ସମାଚାର**

# ୪୪୮୮ ଜଣଙ୍କୁ ମିଳିଛି ଇ-ଯାନ ସବ୍‌ସିଡି

ଭୁବନେଶ୍ୱର,୨୮।୭(ବ୍ୟୁରୋ)

ରାଜ୍ୟ ସରକାର ଦେଉଥିବା ଇ-ଯାନ ପ୍ରୋତ୍ସାହନ ସବ୍‌ସିଡି(ରିହାତି) ସମସ୍ତଙ୍କୁ ମିଳିନାହିଁ। ଏଥିପାଇଁ ୫୪୬୬ ଜଣ ଆବେଦନ କରିଥିବା ବେଳେ ୪୪୮୮ ଜଣ ପାଇଛନ୍ତି। ଏ ବାବଦରେ ପ୍ରାୟ ୩ କୋଟି ଟଙ୍କା ଦିଆଯାଇଛି। ଭାଜପା ସଦସ୍ୟ କୁସୁମ ଟେଟେଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଗୁରୁବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ବିଦ୍ୟୁତ୍‌ଚାଳିତ ଯାନ ପାଇଁ ପ୍ରୋତ୍ସାହନ ରାଶି ଯୋଗାଇ ଦେବାକୁ ଗତବର୍ଷ ସେପ୍ଟେମ୍ବର ପହିଲାରୁ ସଙ୍କଳ୍ପ ଜାରି କରିଥିଲେ। ସେହି ଅନୁଯାୟୀ ଏବେ ସୁଦ୍ଧା ୪୪୮୮ଟି ବିଦ୍ୟୁତ୍‌ଚାଳିତ ଗାଡ଼ି କ୍ରେତାଙ୍କୁ ୨,୯୬,୬୫,୦୦୦ ଟଙ୍କା ପ୍ରୋତ୍ସାହନ ରାଶି ବାବଦକୁ ପ୍ରଦାନ କରାଯାଇଛି।

ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଏବେ ସୁଦ୍ଧା ରାଜ୍ୟରେ ମୋଟ ୧୬,୭୫୯ଟି ବିଦ୍ୟୁତ୍‌ଚାଳିତ ଯାନ ବିକ୍ରି ହୋଇଛି। ଏଥିମଧ୍ୟରେ ୧୫,୧୮୫ଟି ଦୁଇଚକିଆ ଥିବାବେଳେ ୧୩୨୧ଟି ତିନିଚକିଆ ଓ ୨୫୩ଟି ଚାରିଚକିଆ ଯାନ ରହିଛି। ପ୍ରୋତ୍ସାହନ ରାଶି ପାଇବାକୁ ୫୪୬୬ଟି ଗାଡି ଆବେଦନ କରିଥିବା ବେଳେ ଏମାନଙ୍କ ମଧ୍ୟରୁ ୪୪୮୮ ଗାଡ଼ିକୁ ଏହି ରାଶି ମିଳିଛି। ଏଥିମଧ୍ୟରେ ୪୦୫୯ଟି ଦୁଇଚକିଆ ଯାନ ପାଇଁ ୨ କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ୩୦୨ଟି ତିନିଚକିଆ ଯାନ ପାଇଁ ୩୦ ଲକ୍ଷ ୨୦ ହଜାର ଟଙ୍କା ଓ ୧୪୮ଟି ଚାରିଚକିଆ ଯାନ ପାଇଁ ୬୩ ଲକ୍ଷ ୫୦ ହଜାର ଟଙ୍କାର ପ୍ରୋତ୍ସାହନ ବାବଦରେ ସବ୍‌ସିଡି ରାଶି ପ୍ରଦାନ କରାଯାଇଛି। ମନ୍ତ୍ରୀ କହିଛନ୍ତି ଯେ ଯେଉଁମାନେ ଆବେଦନ କରୁଛନ୍ତି ସେମାନଙ୍କୁ ଅର୍ଥ ମିଳୁଛି। ତେବେ ଗତବର୍ଷ ଜାରି ହୋଇଥିବା ଏହି ସଙ୍କଳ୍ପ ବଳବତ୍ତର ଥିବା ପର୍ଯ୍ୟନ୍ତ ଅର୍ଥାତ୍ ୨୦୨୫ ଡିସେମ୍ବର ୩୧ ଯାଏ ଏହି ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି।

# ୫ ବର୍ଷରେ ଗଲାଣି ୨୫ ହଜାର ଜୀବନ

## ଚିନ୍ତା ବଢ଼ାଉଛି ସଡ଼କ ଦୁର୍ଘଟଣା

ଭୁବନେଶ୍ୱର,୨୮।୭(ବ୍ୟୁରୋ)

ରାଜ୍ୟରେ ସଡ଼କ ଦୁର୍ଘଟଣା ଚିନ୍ତା ବଢ଼ାଇବାରେ ଲାଗିଛି। ସୁପ୍ରିମକୋର୍ଟ ସୁରକ୍ଷା କମିଟି ପରାମର୍ଶ ସତ୍ତ୍ୱେ ରାଜ୍ୟରେ ଦୁର୍ଘଟଣା ହାର ବଢ଼ିଚାଲିଛି। ଗତ ୫ ବର୍ଷରେ ସଡ଼କ ଦୁର୍ଘଟଣାରେ ୨୫,୨୫୭ ଜଣଙ୍କର ଜୀବନ ଯାଇଛି। ୨୦୧୭ରେ ସଡ଼କ ଦୁର୍ଘଟଣାରେ ୪୭୯୦ ଜଣଙ୍କର ଜୀବନ ଯାଇଥିବା ବେଳେ ୨୦୧୮ରେ ୫୩୧୫, ୨୦୧୯ରେ ୫୩୩୩, ୨୦୨୦ରେ ୪୭୩୮ ଏବଂ ୨୦୨୧ରେ ୫୦୮୧ ଜଣ ପ୍ରାଣ ହରାଇଛନ୍ତି। ୨୦୧୭ରେ ୧୦୮୫୫ ସଡ଼କ ଦୁର୍ଘଟଣାରେ ୧୧୧୯୮ଜଣ ଆହତ ହୋଇଥିବା ବେଳେ ୨୦୧୮ରେ ୧୧୨୬୨ ଦୁର୍ଘଟଣାରେ ୧୧୭୯୪, ୨୦୧୯ରେ ୧୧୦୬୪ ଦୁର୍ଘଟଣାରେ ୧୧୧୭୭, ୨୦୨୦ରେ ୯୮୧୭ ଦୁର୍ଘଟଣାରେ ୮୮୧୮ ଏବଂ ୨୦୨୧ରେ ୧୦୯୮୪ ଦୁର୍ଘଟଣାରେ ୯୭୮୨ ଜଣ ଗୁରୁତର ଆହତ ହୋଇଛନ୍ତି। ଭାଜପା ସଭ୍ୟ ମୋହନ ଚରଣ ମାଝିଙ୍କର ଏକ ଲିଖିତ ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଗୁରୁବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଗତ ୫ ବର୍ଷରେ ଅଜଣା ଗାଡ଼ି ଧକ୍କାରେ ୪୯୪୭ ଜଣଙ୍କର ମୃତ୍ୟୁ ହୋଇଛି। ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଉଛି। ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ବ୍ୟକ୍ତିଙ୍କ ପରିବାରକୁ ସୋଲାସିୟମ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଉଛି। ଗତ ୫ ବର୍ଷରେ ଏହି ପାଣ୍ଠିରୁ ୨୦୨୨ ଜୁନ ମଧ୍ୟରେ ୨୫୬ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ୧୦ଟି ଜିଲା ସମେତ ପୋଲିସ କମିଶନରେଟ୍ ଇଲାକାରେ ଟ୍ରାଫିକ ଭିଡ ନିୟନ୍ତ୍ରଣ ଲାଗି ଛାତ୍ରୀଛାତ୍ରମାନଙ୍କୁ ସ୍ୱେଚ୍ଛାସେବୀ ଭାବେ ମୁତୟନ କରାଯାଉଛି। ରାଜ୍ୟର ଯେଉଁସବୁ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଛି ତାହାକୁ ଚିହ୍ନଟ କରାଯିବା ସହିତ ଯେଭଳି ଦୁର୍ଘଟଣା ନ ଘଟିବ ସେ ଦିଗରେ ପଦକ୍ଷେପ ନିଆଯାଉଛି। ରାଜ୍ୟ ସରକାର ସ୍କୁଲ ବସ୍ ପଲିସି ପ୍ରଣୟନ କରିଥିବା ବେଳେ ଆଗାମୀ ଦିନରେ ଇଣ୍ଟେଲିଜେଣ୍ଟ ଟ୍ରାଫିକ ମ୍ୟାନେଜମେଣ୍ଟ ସିଷ୍ଟମ୍ କାର୍ଯ୍ୟକାରୀ କରିବାକୁ ଯୋଜନା ରହିଛି ବୋଲି ମନ୍ତ୍ରୀ କହିଛନ୍ତି।



# ଧରାପଡ଼ିଛନ୍ତି ୪ ହଜାର ମଦ୍ୟପ ଗାଡ଼ିଚାଳକ

## ବର୍ଷକରେ ବଢ଼ିଛି ୫ ଗୁଣା

ଭୁବନେଶ୍ୱର,୨୮।୭(ବ୍ୟୁରୋ)

୨୦୨୧ରେ ମଦ ପିଇ ଧରାପଡ଼ିଥିବା ଗାଡ଼ି ଚାଳକଙ୍କ ସଂଖ୍ୟା ପ୍ରାୟ ୪ ହଜାର ରହିଛି। ୨୦୨୦ ତୁଳନାରେ ଏହା ପ୍ରାୟ ୪ ଗୁଣ ଅଧିକ। ବିଧାୟକ ନବଚରଣ ମାଝିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ୨୦୨୦ରେ ୯୫୬ ଜଣ ମଦ୍ୟପ ଡ୍ରାଇଭରଙ୍କ ବିରୋଧରେ ଇ-ଚାଲାଣ କଟାଯାଇଥିବା ବେଳେ ୨୦୨୧ରେ ଏହି ସଂଖ୍ୟା ୩୯୨୭ ହୋଇଥିଲା। ସେହିପରି ୨୦୨୦ରେ ୫୨୬ଜଣ ମଦୁଆ ଡ୍ରାଇଭରଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଥିବା ବେଳେ ୨୦୨୧ରେ ୮୧୯ ଡ୍ରାଇଭିଂ ଲାଇସେନ୍ସ ବାତିଲ ହୋଇଛି।

ରାଜ୍ୟରେ ନିଶା ସେବନ କାରଣରୁ ଦୁର୍ଘଟଣା ବଢୁଥିବାରୁ ଏହାକୁ ରୋକିବା ଲାଗି ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟି କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ମଦ ପିଇ ଧରାପଡ଼ିଥିବା ଗାଡ଼ି ଚାଳକମାନଙ୍କ ଡ୍ରାଇଭିଂ ଲାଇସେନ୍ସ ୩ ମାସ ପାଇଁ ନିଲମ୍ବନ କରାଯାଉଛି ଓ ସେମାନଙ୍କ ବିରୋଧରେ ଗ୍ରହଣ କରାଯାଉଥିବା କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଅଦାଲତକୁ ପଠାଇ ଦିଆଯାଉଛି। ମଦୁଆ ଗାଡ଼ି ଚାଳକଙ୍କୁ ତଦାରଖ କରିବା ପାଇଁ ପୋଲିସ ବିଭାଗ ଓ ପରିବହନ ବିଭାଗର ଏନ୍‌ଫୋର୍ସମେଣ୍ଟ ଅଧିକାରୀମାନଙ୍କୁ ବ୍ରେଥ୍ ଆନାଲାଇଜର ପ୍ରଦାନ କରାଯାଉଛି।

୨୦୦୮ ମସିହାରେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ୩୦୭୯ଜଣ ବ୍ୟକ୍ତି ମୃତ୍ୟୁବରଣ କରିଥିବା ବେଳେ ୨୦୧୩ରେ ଏହା ୪୦୪୬ରେ ପହଞ୍ଚିଥିଲା। ୨୦୨୦ରେ ମୃତ୍ୟୁ ସଂଖ୍ୟା ୪୭୩୮ ଥିବାବେଳେ ୨୦୨୧ରେ ଏହି ସଂଖ୍ୟା ୫୦୮୧ରେ ପହଞ୍ଚିଛି। ଚଳିତବର୍ଷ ଜାନୁୟାରୀରୁ ମେ' ମାସ ମଧ୍ୟରେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ୨୩୫୭ଜଣ ମୃତ୍ୟୁବରଣ କରିଛନ୍ତି।

ରାଜ୍ୟରେ ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ମଦୁଆ ଗାଡି ଚାଳକମାନଙ୍କୁ ନିୟନ୍ତ୍ରଣ କରିବାକୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଉଛି। ବିଶେଷକରି ଦ୍ରୁତଗତିରେ ଗାଡ଼ି ଚଳାଉଥିବା ଓ ମଦ ପିଇ ଗାଡ଼ି ଚଳାଉଥିବା ଡ୍ରାଇଭରମାନଙ୍କୁ ଧରି ସେମାନଙ୍କ ଲାଇସେନ୍ସ ରଦ୍ଦ ସହିତ ଆର୍ଥିକ ଦଣ୍ଡ ମଧ୍ୟ ଲଗାଯାଉଛି। ରାଜ୍ୟର ୫ଟି ଦୁର୍ଘଟଣାପ୍ରବଣ ରାସ୍ତାରେ ରାଜପଥ ପାଟ୍ରୋଲିଂକୁ କଡାକଡି କରାଯାଉଛି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୭,୮୯,୭୫,୪୯୨ | ୬୪,୧୨,୯୭୩ | ୫୪,୮୯,୬୧,୬୮୮ |
| ଭାରତ | ୪,୩୯,୫୯,୩୨୧ | ୫,୨୬,୨୧୧ | ୪,୩୨,୮୬,୭୮୭ |
| ଓଡ଼ିଶା | ୧୩,୧୦,୧୧୫ | ୯୧୩୭(+୫୩) | ୧୨,୯୫,୧୫୭ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worllometers.info/coronavirus/ ଏବଂ ଓଡ଼ିଶା ସରକାର



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ କେ. ବେରୀଙ୍କୁ ଏକ ଜର୍ସି ପ୍ରଦାନ କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନୀତି ଆୟୋଗ ଉପାଧ୍ୟକ୍ଷ

## ନୀତି ଆୟୋଗର ପରିଚାଳନା ପରିଷଦ ବୈଠକକୁ ନିମନ୍ତ୍ରଣ

**ଭୁବନେଶ୍ୱର, ୨୮।୭(ବ୍ୟୁରୋ)**

ନୂଆଦିଲ୍ଲୀରେ ଆସନ୍ତା ଅଗଷ୍ଟ ୭ରେ ଅନୁଷ୍ଠିତ ହେବ ନୀତି ଆୟୋଗର ୭ମ ପରିଚାଳନା ପରିଷଦ ବୈଠକ। ଏଥିରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ ମିଳିଛି। ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ କୁମାର ବେରୀ, ସଦସ୍ୟ ବିନୋଦ କେ. ପାଉଲଙ୍କ ସହ ଅନ୍ୟ ଅଧିକାରୀମାନେ ଗୁରୁବାର ସରକାରୀ ଗସ୍ତରେ ଓଡ଼ିଶା ଆସିଥିବାବେଳେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଆମନ୍ତ୍ରଣ କରିଛନ୍ତି। ଗସ୍ତ ଅବସରରେ ଅଧିକାରୀମାନେ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର, ଓଡ଼ିଶା କ୍ରାଫ୍ଟ ମ୍ୟୁଜିୟମ୍ କଳାଭୂମି ପରିଦର୍ଶନ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରିଛନ୍ତି।

ନୀତି ଆୟୋଗ ଉପାଧ୍ୟକ୍ଷ ଏବଂ ଅନ୍ୟ ସଦସ୍ୟମାନେ ଭୁବନେଶ୍ୱରରେ ପହଞ୍ଚିବା ପରେ ମହିଳାଙ୍କ ଦ୍ୱାରା ପରିଚାଳିତ ଏକ ଉଦ୍ୟୋଗ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ‘୫-ଟି’ ଅଧୀନରେ ରୂପାନ୍ତରିତ ହୋଇଥିବା ହାଇସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ବୁଲି ଦେଖିଥିଲେ। ପିପିଲିଠାରେ ଥିବା ୱେଲନେସ୍ କେନ୍ଦ୍ର, ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ନିରୀକ୍ଷଣ କରିଥିଲେ। ନୀତି ଆୟୋଗ ଉପାଧ୍ୟକ୍ଷ, ଓଡ଼ିଶାର ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କୁ ନେଇ ଲୋକସେବା ଭବନର କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା।

ଉନ୍ନୟନ କମିଶନର ପାୱାର ପଏଣ୍ଟ ମାଧ୍ୟମରେ ପ୍ରୋଜେକ୍ଟ ଉପସ୍ଥାପନ କରିଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ରାଜ୍ୟରେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ସଫଳତା ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମର ସଫଳତାକୁ ନୀତି ଆୟୋଗ ଉପାଧ୍ୟକ୍ଷ ପ୍ରଶଂସା କରିଛନ୍ତି।

# ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

## ନାବାଳିକା ବଳାତ୍କାର ମାମଲା

**ସମ୍ବଲପୁର, ୨୮।୭(ବ୍ୟୁରୋ)**

ସମ୍ବଲପୁର ଜିଲା ମହୁଲପାଲି ଥାନା ଅଞ୍ଚଳରେ ଘଟିଥିବା ବହୁଚର୍ଚ୍ଚିତ ବଳାତ୍କାର ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ସମ୍ବଲପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ପ୍ରଶାନ୍ତ କୁମାର ଦାଶ ଅଭିଯୁକ୍ତ ସମୀର କାଲୋଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଆଉ ଏକବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ଅଛି। ସରକାରୀ ଓକିଲ ବସନ୍ତ ମିଶ୍ର ମାମଲା ପରିଚାଳନା କରୁଥିଲେ। ତାଙ୍କ ସୂଚନା ମୁତାବକ, ମହୁଲପାଲି ଥାନା ଜୟପୁରଗଡ ଗ୍ରାମର ସମୀର ଜଣେ ୧୬ବର୍ଷୀୟା ନାବାଳିକାଙ୍କୁ ପ୍ରଥମେ ପ୍ରେମ ଜାଲରେ ଫସାଇଥିଲେ। ପରେ ସେ ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ବିବାହ ପାଇଁ କହୁଥିଲେ ମଧ୍ୟ ସମୀର ବିଭିନ୍ନ ବାହାନା କରି ସମୟ ଗଡାଇ ଚାଲିଥିଲେ। ଏଭଳି ପରିସ୍ଥିତିରେ ନାବାଳିକା ଜଣକ ୬ ମାସର ଗର୍ଭବତୀ ହୋଇଥିଲେ। ପରିବାର ବର୍ଗ ପଚାରିବାରୁ ସେ ସମୀରଙ୍କ ନାମ କହିଥିଲେ। ପରେ ପରିବାର ଲୋକେ ଏ ନେଇ ମହୁଲପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ବଳାତ୍କାର ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଅଭିଯୁକ୍ତ ସମୀର ଫେରାର ହୋଇଯାଇଥିବା ବେଳେ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ପ୍ରାୟ ୨ବର୍ଷ ଧରି କୋର୍ଟରେ ଏହି ମାମଲା ଚାଲିଥିଲା। ଏହି ଘଟଣାରେ ପର୍ଯ୍ୟାୟକ୍ରମେ ୧୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା।






# ନିଶା ମାଫିଆ ୨ ଭାଇଙ୍କ ୩ କୋଟିରୁ ଊର୍ଦ୍ଧ୍ୱ ସମ୍ପତ୍ତି ବାଜ୍ୟାପ୍ତି

- ସମ୍ପତ୍ତି ମଧ୍ୟରେ ରହିଛି ୫ କୋଠା, ୮ ପ୍ଲଟ୍
- ୬ ବର୍ଷର ନିଶା କାରବାରରୁ ସମ୍ପତ୍ତି ଠୁଳ କରିଥିଲେ

**ଭୁବନେଶ୍ୱର,(ବ୍ୟୁରୋ)/ ବୁଗୁଡ଼ା, ୨୮।୭(ଡି.ଏନ୍.ଏ.)**





ନିଶା କାରବାର ମାମଲାରେ ଗିରଫ ହୋଇ ଜେଲରେ ଥିବା ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅଞ୍ଚଳର ଅଭିଯୁକ୍ତ ୨ ଭାଇ ବନମାଳୀ ପ୍ରଧାନ ଓ ଅରୁଣ କୁମାର ପ୍ରଧାନଙ୍କ ୩ କୋଟିରୁ ଊର୍ଦ୍ଧ୍ୱ ବେଆଇନ ସମ୍ପତ୍ତିକୁ ବାଜ୍ୟାପ୍ତି କରିଛି କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)। ଉକ୍ତ ସମ୍ପତ୍ତିରେ ବୁଗୁଡ଼ାରେ ୫ଟି କୋଠା, ୮ ପ୍ଲଟ, ୨ ଗାଡ଼ି, ୫୯୫ ଗ୍ରାମ ସୁନା, ୧୯୦ ଗ୍ରାମ ରୁପା ଅଳଙ୍କାର ଓ ୧୯ ବ୍ୟାଙ୍କ ଆକାଉଣ୍ଟ ରହିଛି। ଅଭିଯୁକ୍ତଙ୍କ ସମ୍ପତ୍ତିକୁ ଏସ୍‌ଟିଏଫ୍ ଜବତ କରି ଏହାକୁ ବାଜ୍ୟାପ୍ତି ପାଇଁ ଅର୍ଥ ମନ୍ତ୍ରଣାଳୟ ରାଜସ୍ୱ ବିଭାଗର କୋଲକାତାସ୍ଥିତ କମ୍ପିଟେଣ୍ଟ ଅଥୋରିଟିଙ୍କ ନିକଟରେ ଗତ ଜୁନ ୨୭ରେ ଆବେଦନ କରିଥିଲା। ତେବେ ମଙ୍ଗଳବାର ଅନୁମତି ମିଳିବା ପରେ ଏସ୍‌ଟିଏଫ୍ ଏହାକୁ କାର୍ଯ୍ୟକାରୀ କରିଛି। ଏନେଇ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଏସ୍‌ଟିଏଫ୍ ଡିଏସ୍‌ପି ସଚ୍ଚିଦାନନ୍ଦ ରଥ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ନିଶା ମାଫିଆ ୨ ଭାଇ ୬ ବର୍ଷ ହେବ ଗଞ୍ଜେଇ ଓ ଅଫିମ କାରବାର କରୁଥିଲେ। ଏସବୁ ନିଶାଦ୍ରବ୍ୟକୁ ବିଭିନ୍ନ ଜିଲାକୁ ଏଜେଣ୍ଟଙ୍କ ମାଧ୍ୟମରେ ଚାଲାଣ କରୁଥିଲେ। ଏହି ବେଆଇନ କାରବାରରୁ ୨ ଭାଇ ବିପୁଳ ସମ୍ପତ୍ତି ଠୁଳ କରିଥିଲେ। ତେବେ ଖବର ମିଳିବା ପରେ ଏସ୍‌ଟିଏଫ୍ ଉଭୟଙ୍କୁ ଧରିବାକୁ ଯୋଜନା କରିଥିଲା। ଏପ୍ରିଲ ୨୮ ବିଳମ୍ବିତ ରାତିରେ ଏସ୍‌ଟିଏଫ୍ ଓ ସ୍ଥାନୀୟ ପୋଲିସର ଏକ ମିଳିତ ଟିମ୍ ବୁଗୁଡ଼ା ଥାନା ଅନ୍ତର୍ଗତ ବନମାଳୀ ସାହିସ୍ଥିତ ସେମାନଙ୍କ ଘରେ ଚଢ଼ାଉ କରିଥିଲା। ଏହି ସମୟରେ ଘର ନିକଟରେ ଥିବା ଏକ ବୋଲେରୋରୁ ୧୦୭ କେଜିର ଗଞ୍ଜେଇ, ଘର ଭିତରୁ ୫.୧୭ କେଜି ଅଫିମ ମିଳିବା ପରେ ସେମାନଙ୍କୁ ପୋଲିସ ଗିରଫ କରିଥିଲା। ଏଥିସହ ଘରର ଅନ୍ୟ ସ୍ଥାନ ଯାଞ୍ଚବେଳେ ୬୦୭ ଗ୍ରାମର ସୁନା ଅଳଙ୍କାର, ୨୦୦ ଗ୍ରାମର ରୁପା ଅଳଙ୍କାର ଓ ବିଭିନ୍ନ ପ୍ଲଟର କାଗଜପତ୍ର ଜବତ କରିଥିଲା ଏସ୍‌ଟିଏଫ୍। ଏନେଇ ଏସ୍‌ଟିଏଫ୍ ଏକ (ନଂ.୧୦/୨୦୨୨) ମାମଲା ରୁଜୁ କରି ଉଭୟଙ୍କୁ ଏପ୍ରିଲ ୩୦ରେ କୋର୍ଟ ଚାଲାଣ କରିଥିଲା।




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାପା ଉପରେ ଚାପା;**
**କି କରେ ଅଜୀର୍ଣ୍ଣର ବାପା।**

ଖାଦ୍ୟଲୋଭୀ ବ୍ୟକ୍ତି ଯେତେ ପେଟ ପୂରାଇ ଖାଇଲେ ମଧ୍ୟ ଆହୁରି ଖାଇବା ପାଇଁ ମନ ବଳାଇଥାନ୍ତି। ଅତ୍ୟଧିକ ଖାଦ୍ୟ ଗ୍ରହଣ କରିବା ସ୍ୱାସ୍ଥ୍ୟପକ୍ଷେ କ୍ଷତିକାର ହେଉଥିବା ଜାଣି ମଧ୍ୟ ଏପରି ଖାଦ୍ୟଲୋଭୀ ବ୍ୟକ୍ତି ନିଜ ଖାଦ୍ୟ ଉପରେ ନିୟନ୍ତ୍ରଣ ରଖିପାରି ନ ଥାନ୍ତି। ଫଳସ୍ୱରୂପ ଖାଦ୍ୟ ହଜମ ନ ହୋଇ ଅତ୍ୟଧିକ ଖାଦ୍ୟ ଗ୍ରହଣ କଲେ ଅଜୀର୍ଣ୍ଣ ହେବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୋର ନେଲେ କିଛି ଯାଏ,**
**ଘର ପୋଡିଲେ ସବୁ ଯାଏ।**

ଚୋର ଟଙ୍କା, ସୁନା ଗହଣା ଆଦି ସମ୍ପଦରୁ ଆଂଶିକ ଭାଗ ଚୋରିକରି ନେଇଥାଏ। ପରନ୍ତୁ ଘର ପୋଡ଼ିଗଲେ ସକଳ ସମ୍ପଦ ପୋଡି ପାଉଁଶ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସେବାଶ୍ରମ ଛାତ୍ରଙ୍କ ମୃତ୍ୟୁ

## ଚିକିତ୍ସାରେ ଅବହେଳା ଅଭିଯୋଗ

**ରାଇରଙ୍ଗପୁର, ୨୮।୭(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ତିରିଂ ଥାନା ଅଧୀନ ପଣ୍ଡୁପାଣିସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟ ଛାତ୍ରାବାସରେ ରହୁଥିବା ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ଗୁରୁବାର ମୃତ୍ୟୁ ହୋଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ସହ ଚିକିତ୍ସାରେ ବିଳମ୍ବ କାରଣରୁ ଉକ୍ତ ଛାତ୍ରଙ୍କ ମୃତ୍ୟୁ ହେଲା ବୋଲି ତାଙ୍କ ମା' ଓ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଧରମଡିହି ଗ୍ରାମର ଦାଡ଼ି ମାରାଣ୍ଡିଙ୍କ ପୁଅ ମୁନା(୧୫) ପଣ୍ଡୁପାଣିସ୍ଥିତ ଛାତ୍ରାବାସରେ ରହି ପଢୁଥିଲେ। ଗୁରୁବାର ସକାଳେ ତାଙ୍କ ଦେହ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ ଚିକିତ୍ସା ପାଇଁ ପ୍ରଥମେ ତିରିଂ ଡାକ୍ତରଖାନା ଓ ପରେ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୁରେଶ ଚନ୍ଦ୍ର ଜିତ ଓ ବ୍ଲକ କର୍ତ୍ତୃପକ୍ଷ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୨/୨୨) ରୁଜୁ ହୋଇଛି। ମୃତ ଛାତ୍ରଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କମଳାକାନ୍ତ ମହାନ୍ତଙ୍କୁ ପଚାରିବାରୁ ଛାତ୍ରଙ୍କ ଚିକିତ୍ସାରେ ବିଳମ୍ବ କିମ୍ବା ଅବହେଳା କରାଯାଇନି ବୋଲି କହିଛନ୍ତି।

# ମହିଳାଙ୍କ ଉଲଗ୍ନ ମୃତଦେହ ଜବତ

**ସାରସକଣା, ୨୮।୭(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ଜୋକା ଛକଠାରୁ ପ୍ରାୟ ୩୦୦ ମିଟର ଦୂର ମା' ଦ୍ୱାରଶୁଣୀ ସ୍ୱୟଂ ସହାୟକ ଗୋଷ୍ଠୀ ଘର ପଛପଟ ପଡ଼ିଆରୁ ଗୁରୁବାର ଜଣେ ମହିଳାଙ୍କ ଉଲଗ୍ନ ମୃତଦେହକୁ ପୋଲିସ ଜବତ କରିଛି। ମୃତ ମହିଳା ହେଲେ ନିନି ମହାକୁଡ଼(୫୫)। ପୁଅ ବାବଲୁ ମହାକୁଡ଼ଙ୍କ ଲିଖିତ ଅଭିଯୋଗ କ୍ରମେ ଝାରପୋଖରିଆ ପୋଲିସ ଏକ ମାମଲା (ନଂ.୧୬୯/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ମୃତା ନିନି ଦିଗାରିଶୋଳ ନିକଟସ୍ଥ ଏକ ମଦ ଭାଟିରେ କାମ କରୁଥିଲେ। ମଙ୍ଗଳବାର ସେ ଘରୁ କାମକୁ ଆସି ଆଉ ଫେରି ନ ଥିଲେ। ଗୁରୁବାର ସକାଳେ ତାଙ୍କ ମୃତଦେହ ଉଲଗ୍ନ ଅବସ୍ଥାରେ ଏକ ପଡ଼ିଆରେ ପଡିଥିବା ଦେଖିବାକୁ ମିଳିଥିଲା। ଖବରପାଇ ବାରିପଦା ସଦର ଏସ୍‌ଡିପିଓ କେ.କେ. ହରିପ୍ରସାଦ, ଥାନାଧିକାରୀ ମୁକ୍ତି କୁମାର କୁଲୁ ଏବଂ ସବ୍‌ଇନ୍ସପେକ୍ଟର ମୋନାଲିସା ବେହେରା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ।

# classifieds

**Everyday 0674-2580101, 2549302**




**HIRE**

New Model Dzire Etios Hondacity, Ciaz, Inova ବିକ୍ରି କରିବାକୁ ଚାହୁଁଛନ୍ତି କି। 9937272794. D-73944




**SALE**

ଜଟଣୀ ଗେଟ୍ NHକୁ ଲାଗି 1.5 Acre plot ବିକ୍ରିହେବ। Contact:9937910363. D-70285

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-.8114929186.** D-73946

ଭୁବନେଶ୍ୱର ଗଙ୍ଗପଡ଼ା Adyanta College ପାଖରେ ପିଚୁ ରୋଡ୍‌କୁ ଲାଗି commercial ଏବଂ ଘର ଉପଯୋଗୀ yellowzone plot କିଣି ଘର କରନ୍ତୁ। 9938066403, 9777067303. D-73287

**Commercial cum residential plot at Brahmanjharilo Cuttack (Niali road) 6k.m. to Phulanakhara, 11k.m. to Bhubaneswar. 7809525452.** D-73938

Bhubaneswar ରେତଙ୍ଗ, ଗଂଗପଡ଼ା, କାଟେଣୀରେ ୩୦'ରାସ୍ତା, ଇଲେକ୍ଟ୍ରି ଥାଇ ବର୍ଗଫୁଟକୁ 649/699/849/ କିଣନ୍ତୁ। Sasmita. 9853150290. D-73288

**ହଂସପାଳ, ବାଲିଅନ୍ତା, ନଖରା, ନିଆଳି ରାସ୍ତା ପାଖରେ ଜାଗା ବିକ୍ରି କରାଯାଉଅଛି। 9437765989.** D-73289

Land investments starting from one lakh in and around Bhubaneswar. Contact: 9078020885. D-73339

**ଜାଗା କିଣି ତୁରନ୍ତ ଘର କରନ୍ତୁ। ଭୁବନେଶ୍ୱର New Railway Stationରୁ 400mtr ଦୂରତାରେ yellowzone-sqft.-650/-, ବାରଙ୍ଗ-ତ୍ରିଶୁଳିଆ NH sideରେ sqft.-1500/- (SC plot available). 9078371787.** D-73290

CV Raman College ପାଖରେ 2000sqft. ଘରବାରି plot ବିକ୍ରିହେବ। Contact: 8260064453. D-70286

**Hanspal near Balianta Rangabazar Middle pointରେ road, electricity, boundary ସହିତ plot କିଣନ୍ତୁ। sqft.-1350/-. 7008425796.** D-73286

5BHK Triplex 55,00,000/- finishing Hanspal, 3BHK duplex 20,00,000/- Balianta -8093465134. D-73340

**Bhubaneswar to Pipili NHକୁ ଲାଗି boundary plot, 30ft. Road, Electrification, Temple, Drainage, Streetlight, Security, Gate, Plantation, Gated community ଥାଇ sqft.-980/ରେ ମିଳୁଛି। 9937006862.** D-73284

**ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda School & Collegeକୁ ଲାଗି layout approval plot (Bank finance) @9,00,000/- ଦେଇ ତୁରନ୍ତ ଘର କରନ୍ତୁ। (OD Group). 9437033320.** D-73283

**5000sqft. (50ft. X100ft.) gharabari, sthitiban yellowzone, 100% clear single Patta owner plot for sale with boundary, filling & outhouse completed. Address- Bhargavi Vihar, just 3rd plot from Dhauli & Uttara NH with 25ft. wide concrete road Price Rs.1,35,00,000/-. Contact owner. 9040026465 (BABU BHAI).** D-1039

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Three BHK flat in second floor at Venus apartment in Rasulgarh for rent, contact 8763666378. D-1124

**2000sft. Depo Cum Office space available near Bomikhal Square previous Tenant Hindustan Latex Ltd and Torque Pharmaceuticals. Contact No.- 9861120421.** D-69069

Shoproom (10'x10') infront of Bijupattnaik College mainroad Jayadevvihar, Bhubaneswar. Contact: 9938511622. D-1138




**Relax, Refresh your body, mind at Saikrupa Spa with best therapies. 8984068077.** D-1121

"Only Professional Massage & Steam Bath- Trupti Spa. 9337337007, 9861550765." D-1058

Refreshing your mind and body with the best therapy, 7873794731. D-872

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73847

Newly open Asribada Panchakarma herbal SPA Kesarimall Bhubaneswar. Contact: 8926173473. D-73945

Newly open SPA Offer @799/-, positively health benefits, Kalpana. 7846814019. D-73627

Full body massage in homely atmosphere all therapy. Mob: 8114881641. D-73407




ଘରେ କିମ୍ବା factory କିମ୍ବା plotରେ ବାସ୍ତୁଦୋଷ ଥିବାପରି ମନେହେଉଛି କି ? Call/ Whatsapp 7978736177. D-68295

**AFFIDAVIT**

By virtue of an affidavit before the Executive Magistrate, Malkangiri. My name has changed from Gobinda Roy to Gobinda Ray. Henceforth I shall be known as Gobinda Ray, Son of Nirod Ray, Village- M.V.79, P.O.- Lachipeta, P.S.- M.V.-79, Dist.- Malkangiri for the purpose of Passport. D-1134

I Sophia shaik aged about 51 years D/o Shaikh Abdus Salam W/o Mohammed Rafique Shaikh, at- Chandbali bypass road, In front of Unani Research Center, PS- Purunabazar, Dist- Bhadrak, Odisha do hereby solemnly affirm and declare that my right English spelling name is SOPHIA SHAIK as per my Pan and Aadhaar card. But wrongly mentioned in my Matric Board Certificate is SUFIYA SHEIKH. I swear this affidavit to produce the concern authority for prove my right English spelling name SOPHIA SHAIK. D-1137

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

# ବେନାମୀ ପୋଷ୍ଟରରେ ଏସ୍‌ୟୁ କୁଳପତିଙ୍କ ଗିରଫ ଦାବି

**ସମ୍ବଲପୁର,୨୮।୭(ବ୍ୟୁରୋ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ(ଏସ୍‌ୟୁ) କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲଙ୍କ ନାମରେ ସହରର ବିଭିନ୍ନ ସ୍ଥାନରେ ବେନାମୀ ପୋଷ୍ଟର ଲଗାଯାଇ ତାଙ୍କ ଗିରଫ ଦାବି କରାଯାଇଛି। ଜିଲାପାଳ, ଆର୍‌ଡିସି ଅଫିସ, ଏସ୍‌ପି ଅଫିସ, କଚେରି ରୋଡ୍, ଫ୍ଲାଏଓଭର ପିଲର, ଫାଟକ, ଜିଏମ୍ କଲେଜରେ ଏହି ପୋଷ୍ଟର ଲାଗିଛି। ଗତ ୨୫ ତାରିଖରୁ କୁଳପତି ମିତ୍ତଲ ଛୁଟିରେ ଥିବାବେଳେ ପୋଷ୍ଟର ଲାଗିବା ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଏ ସମ୍ପର୍କରେ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ପୋଷ୍ଟର ଲଗାଯିବା ନେଇ ତାଙ୍କ ପାଖରେ କୌଣସି ସୂଚନା ନାହିଁ କି ସେଭଳି ଅଭିଯୋଗ ହୋଇନାହିଁ। ଅଭିଯୋଗ ଆସିଲେ ଘଟଣାର ତଦନ୍ତ କରାଯିବ। ସୂଚନାଯୋଗ୍ୟ, ଏସ୍‌ୟୁରେ କୁଳପତି ଭାବେ ପ୍ରଫେସର ମିତ୍ତଲ ଯୋଗଦାନ କରିବା ଦିନଠାରୁ ବିବାଦ ଘେରକୁ ଆସିଥିଲେ। ଏସ୍‌ୟୁ କ୍ୟାମ୍ପସ୍‌ରେ ଗଛ କାଟିବା ପ୍ରସଙ୍ଗ, କର୍ମଚାରୀ ଓ ଅଧିକାରୀଙ୍କୁ ଗାଳିଗୁଲଜ, ବିଭିନ୍ନ ସାମଗ୍ରୀ କିଣିବା, ମନମୁଖୀ କାର୍ଯ୍ୟ କରିବା, ଆର୍ଥିକ ଅନିୟମିତତା ଭଳି ଅଭିଯୋଗ ହୋଇଥିଲା। ଚତୁର୍ଥ ଶ୍ରେଣୀ ଅସ୍ଥାୟୀ କର୍ମଚାରୀ ଦୀନବନ୍ଧୁ ମିଶ୍ରଙ୍କ ଆତ୍ମାହୁତି ଘଟଣା ତାଙ୍କୁ ବିବାଦ ଘେରକୁ ଟାଣିଆଣିଥିଲା। ଏବେ ସ୍ୱଚ୍ଛ ଭାରତ ଅଭିଯାନର ସର୍ଭେ ପାଇଁ ଆସିଥିବା ପ୍ରାୟ ୩୦ ଲକ୍ଷ ଟଙ୍କା ହେରଫେର ହୋଇଛି। ଏହି ଟଙ୍କା କୁଳପତି ମିତ୍ତଲଙ୍କ ସ୍ତ୍ରୀ, ପୁଅ, ସମ୍ପର୍କୀୟଙ୍କ ଜମା ଖାତାକୁ ସ୍ଥାନାନ୍ତର ହୋଇଥିବା କୁହାଯାଉଛି। ଏହାକୁ ନେଇ ରାଜ୍ୟପାଳ ତଥା କୁଳାଧିପତିଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ କରାଯାଉଛି।

ପ୍ରଥମ ପୃଷ୍ଠାରୁ...

## ରାଷ୍ଟ୍ରପତିଙ୍କୁ 'ରାଷ୍ଟ୍ରପତ୍ନୀ'...

ଖସିଯାଇଛି। ଏହା ବ୍ୟାକରଣଗତ ତ୍ରୁଟି। ରାଷ୍ଟ୍ରପତିଙ୍କୁ ଅପମାନିତ କରିବା ଉଦ୍ଦେଶ୍ୟ ନ ଥିଲା। ତାଙ୍କ ମନ୍ତବ୍ୟ ଆଘାତ ଦେଇଥିଲେ ସେ ରାଷ୍ଟ୍ରପତିଙ୍କୁ କ୍ଷମା ମାଗିବେ, କିନ୍ତୁ ପାଖଣ୍ଡିମାନଙ୍କୁ ନୁହେଁ ବୋଲି ଅଧୀର କହିଛନ୍ତି।

ନ୍ୟାଶନାଲ ହେରାଲ୍ଡ ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବୁଧବାର ଜେରା କରାଯାଉଥିବାବେଳେ ଦଳୀୟ ଏମ୍‌ପିମାନେ ଏହା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ବେଳେ ଲୋକ ସଭାର କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଖବରଦାତାମାନଙ୍କୁ କହିଥିଲେ, ହଁ ଆମେ ରାଷ୍ଟ୍ରପତ୍ନୀଙ୍କ ନିକଟକୁ ଯିବୁ। ସେ ସମସ୍ତଙ୍କ ପାଇଁ 'ରାଷ୍ଟ୍ରପତ୍ନୀ' ବୋଲି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଅଧୀର ସମ୍ବୋଧନ କରିଥିଲେ। ଏହାର ଭିଡିଓ ବହୁଳ ପ୍ରସାରିତ ହେବା ପରେ ଗୁରୁବାର ପାର୍ଲାମେଣ୍ଟର ଉଭୟ ଗୃହରେ ଭାଜପା ସଦସ୍ୟମାନେ ଉକ୍ତ ପ୍ରସଙ୍ଗ ଉଠାଇ କଂଗ୍ରେସକୁ ଘେରିଥିଲେ। ରାଜ୍ୟ ସଭାର ଶାସକ ଦଳ ନେତା ପୀୟୂଷ ଗୋୟଲ ଏହାକୁ ନିନ୍ଦାକରି କହିଥିଲେ, ଅଧୀରଙ୍କ ମନ୍ତବ୍ୟକୁ ନେଇ ସାରା ଦେଶ ବ୍ୟଥିତ। କଂଗ୍ରେସ ଆଦିବାସୀ ନେତାମାନଙ୍କୁ ଅପମାନିତ କରିଆସୁଛି। ସେହିପରି ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି, ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦରେ ଥିବା ଜଣେ ଆଦିବାସୀ ମହିଳାଙ୍କ ପ୍ରତି ଅଧୀର ଅତି ଅରୁଚିକର ମନ୍ତବ୍ୟ ଦେଇଛନ୍ତି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଲୋକ ସଭାରେ କହିବା ପାଇଁ ତାଙ୍କୁ ନିଯୁକ୍ତ କରିଥିବାରୁ ସେ କ୍ଷମା ମାଗନ୍ତୁ।

## ଦିନକରେ ୩...

ଡିହପଡ଼ାର ଛାତ୍ର ରୋହନ ଗୌରାଙ୍ଗ (୧୮) ଆତ୍ମହତ୍ୟା କରିଛନ୍ତି। ରୋହନଙ୍କ ଭାଇ ସୋହନଙ୍କ ଅଭିଯୋଗକ୍ରମେ ବୁଧବାର ରାତିରେ ଘର ପଛପଟେ ଥିବା ଲୁହା ବାର୍‌ରେ ରୋହନ ରଶି ଲଗାଇ ଦେଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ପରେ ଝୁଲନ୍ତା ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରୋହନ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ଶ୍ରେଣୀରେ ପଢୁଥିଲେ। ଅଧିକ ପରିଶ୍ରମ କରିଥିଲେ ମଧ୍ୟ ୪୯ ପ୍ରତିଶତ ମାର୍କ ରଖିଥିଲେ। ତେଣୁ ମାନସିକ ଚାପରେ ଆତ୍ମହତ୍ୟା କରିଥିବା ସନ୍ଦେହ କରୁଛୁ ବୋଲି ସୋହନ କହିଛନ୍ତି। ଏ ସମ୍ପର୍କରେ ହୀରାକୁଦ ଏସ୍‌ଡିପିଓ ଏସ୍. ଦାସ କହିଛନ୍ତି, ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। କେଉଁ କାରଣରୁ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇନାହିଁ। ତଦନ୍ତ ପରେ ଜଣାପଡିବ ବୋଲି ସେ କହିଛନ୍ତି।

ସେହିପରି ବାଲେଶ୍ୱର ରେମୁଣା ବ୍ଲକ ଶିଳ୍ପାଞ୍ଚଳ ଥାନା ଅଧୀନ ସିପେଟ ଇଞ୍ଜିନିୟରିଂ କଲେଜର ଦ୍ୱିତୀୟ ବର୍ଷର ଛାତ୍ର ବିବେକ ସାହୁ (୨୧) ଗୁରୁବାର ହଷ୍ଟେଲରେ ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ରଙ୍କ ଘର ପୁରୀ ଜିଲା ବାଟମଙ୍ଗଳା ଅଞ୍ଚଳରେ। ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିବା ବେଳେ ପରିବାର ଲୋକେ ଏହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ମଧ୍ୟାହ୍ନରେ ବିବେକ ପରିବାର ସହିତ କଥା ହୋଇଥିଲେ। ଏହାପରେ ବିବେକ ତାଙ୍କ ରୁମ୍‌ରେ ଫ୍ୟାନ୍‌ରେ ଝୁଲୁଥିବା ଦେଖି ସାଙ୍ଗମାନେ ତାଙ୍କୁ ତୁରନ୍ତ ଉଦ୍ଧାର କରି ମେଡିକାଲକୁ ଆଣିଥିଲେ। ବାଲେଶ୍ୱର ମେଡିକାଲ କଲେଜ ଓ ହସ୍ପିଟାଲରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଏନେଇ ଶିଳ୍ପାଞ୍ଚଳ ଥାନା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ପରିବାର ଲୋକେ ଖବରପାଇ ବାଲେଶ୍ୱର ଡାକ୍ତରଖାନାରେ ପହଞ୍ଚିଥିବାବେଳେ ପୁଅର ଆତ୍ମହତ୍ୟାକୁ ସହଜରେ ଗ୍ରହଣ କରିପାରି ନାହାନ୍ତି। ଘଟଣାର ତଦନ୍ତ ପାଇଁ ଦାବି କରିଛନ୍ତି। ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଶିଳ୍ପାଞ୍ଚଳ ଥାନା ଆଇଆଇସି ସାଲ୍‌ଖାନ ମୁର୍ମୁ କହିଛନ୍ତି।

### ଜୀବନଟା କେବଳ ପାଠପଢ଼ା ନୁହେଁ

ଜୀବନଟା କେବଳ ପାଠପଢା ନୁହେଁ, ପାଠପଢାରୁ ଢେର ଅଧିକ। ଯୁକ୍ତ ୨ରେ ଫେଲ ହୋଇ ବି ଅନେକ ଲୋକ ଦୁନିଆକୁ ବଦଳାଇଛନ୍ତି। ଆଜିକାଲିକା ପିଲା ଆମ ପରି ନୁହନ୍ତି। ସେମାନେ ମାନସିକ ଏବଂ ଶାରୀରିକ ସ୍ତରରେ ବହୁତ ସମ୍ବେଦନଶୀଳ। ଆମେମାନେ ବହୁତ ମାଡ଼ ଗାଳି ଖାଇଛୁ ମାତ୍ର କେବେ ବି ଘର ଛାଡ଼ି ପଳାଇବା ବା ଆତ୍ମହତ୍ୟା କଥା ମୁଣ୍ଡକୁ ଆସିନି। ମାତ୍ର ଏବେ ୮ ବର୍ଷର ପିଲା ମଧ୍ୟ ଆତ୍ମହତ୍ୟା କରୁଛନ୍ତି। ପ୍ରତିଦିନ ଖବରକାଗଜରେ ରାଶି, ଗ୍ରହ ପ୍ରକାଶିତ ହେବା ବ୍ୟତୀତ 'ଆତ୍ମସମ୍ମାନ ଜୀବନର ଅଧିକାର' ସମ୍ପର୍କିତ ସ୍ତମ୍ଭ ପ୍ରକାଶିତ ହେବା ଦରକାର। ଜଣେ ଲୋକ କେବେ ବି ସେମିତି ମରିଯିବାକୁ ଚାହେଁନି। ଆତ୍ମହତ୍ୟା ପୂର୍ବରୁ ତାଙ୍କ ନିକଟରେ କିଛି ନା କିଛି ଭିନ୍ନତା ଦେଖିବାକୁ ମିଳିଥାଏ। ସେହି ସମୟରେ ଆମେ ତାକୁ ମାନସିକ ସ୍ତରରେ ସହଯୋଗ କରିବା ଦରକାର। ଏଥିପାଇଁ ସରକାର ଏକ ୨୪ଘଣ୍ଟିଆ ହେଲ୍‌ପଲାଇନ୍ ସେଣ୍ଟର କରିବା ଆବଶ୍ୟକ ରହିଛି। ଯେଉଁମାନେ ଆତ୍ମହତ୍ୟା କରିବାକୁ ଚାହୁଁଥିବା ଲୋକଙ୍କ ମାନସିକତାକୁ ବୁଝିବା ସହିତ ସେମାନଙ୍କୁ ଏଥିରୁ ନିବୃତ୍ତ କରିପାରିବେ। ଏଥିପାଇଁ ପ୍ରଫେସନାଲ୍ ସାଇକୋଲୋଜିଷ୍ଟଙ୍କ ସାହାଯ୍ୟ ଦରକାର।

**- ପ୍ରଫେସର ଡ. ପ୍ରତାପ କୁମାର ରଥ,**
**ଆଇଆଇଟି ଭୁବନେଶ୍ୱର, ମନସ୍ତତ୍ତ୍ୱବିତ୍**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ଆଜି ରବି ସହ ବୁଧଙ୍କ ସମ୍ବନ୍ଧ ସନ୍ତାନଙ୍କ ସ୍ୱାସ୍ଥ୍ୟହାନିର କାରଣହେବ। କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସଫଳତା ପାଇବେ ନାହିଁ। ଏହା ସାଙ୍ଗକୁ ପରିବାରରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ। ପୁନଶ୍ଚ ଆନୁଷ୍ଠାନିକ କାମରେ କେତେକାଂଶରେ ସଫଳ ହେବେ।

**ବୃଷ**



ଚନ୍ଦ୍ରଙ୍କ ନବମସ୍ଥ ଗୁରୁ ହେତୁ କୌଣସି ନୂତନ ଯୋଜନା ସକାଶେ ମନ ବଳାଇବେ। କାର୍ଯ୍ୟବ୍ୟସ୍ତତା ଯୋଗୁ ମନ ଖୁସି କରିବାର ଅବସର ପାଇବେ ନାହିଁ। ଆଜି ସନ୍ଧ୍ୟାରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରିପାରନ୍ତି। ଯଦ୍ୱାରା କୌଣସି ଘରୋଇ କଥା ଭିତରେ ନିଜର ଅସୁବିଧା ଜଣାଇ ସାହାଯ୍ୟ ଭିକ୍ଷା କରିବେ।

**ମିଥୁନ**



ଚନ୍ଦ୍ର ଓ ବୁଧଙ୍କ ସଂଯୋଗଜନିତ ବହୁତ ଦିନରୁ ମନରେ ଚିନ୍ତା କରିଥିବା କାମଟିକୁ ଆଜି ସମ୍ପନ୍ନ କରିବେ। ସାଧାରଣ ଯୁକ୍ତିତର୍କ ହେତୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟ, ପ୍ରଶାସନ, କଳା, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଆସରରେ ନିଜକୁ ହଜାଇ ଦେଇ ପାରନ୍ତି। କଳା, କ୍ରୀଡ଼ା ଓ ସଭାସମିତିରେ ସମ୍ମାନିତ ହେବେ।

**କର୍କଟ**



ଚତୁର୍ଥସ୍ଥ କେତୁ ହେତୁ ପରିବାର ଭିତରେ ସୌହାର୍ଦ୍ଦ୍ୟତା ମଧ୍ୟରେ କାମ କରିବାରେ ବିଫଳ ହେବେ। ପ୍ରାତଃ ଭ୍ରମଣ, ଦେବଦର୍ଶନ ଓ କୌଣସି ନୂତନ ଜିନିଷ କିଣିବାକୁ ମନ ବଳାଇପାରନ୍ତି। ଭାଇଙ୍କ ଅଭାବ ଅସୁବିଧାକୁ କେନ୍ଦ୍ରକରି ମନ ଅଶାନ୍ତି ରହିପାରେ। ସୁବିଧାବାଦୀ ସହକର୍ମୀ ଆପଣଙ୍କୁ ଅସ୍ତ୍ର ରୂପେ ବ୍ୟବହାର କରିବାକୁ ଚେଷ୍ଟା କରିବେ।

**ସିଂହ**



ବ୍ୟୟଭାବସ୍ଥ ବୁଧ ପ୍ରଭାବରେ ଅଭାବନୀୟ ପରିସ୍ଥିତି ମଧ୍ୟରେ ଗତି କରିବାକୁ ପଡ଼ିବ। ତାହା ସାଙ୍ଗକୁ କେତେକ ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡ଼ିପାରେ। ଭାଇ,ଭଉଣୀ କିମ୍ବା ପଡ଼ୋଶିନୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ଅବଶ୍ୟ ପାରିବାରିକ ସମସ୍ୟାର ସମାଧାନ ହେତୁ ସାୟାହ୍ନରେ ଟେନ୍‌ସନ ଦୂର ହେବ।

**କନ୍ୟା**



ମଙ୍ଗଳ ଓ ବୁଧ କେନ୍ଦ୍ରସ୍ଥ ହେତୁ ସବୁ କାମ ଶୃଙ୍ଖଳିତ ରହିବାରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। କିନ୍ତୁ ପାରିବାରିକ କ୍ଷେତ୍ରରେ ଅନାଦର ପାଇପାରନ୍ତି। କେତେକ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ। ଆଜିର ଯାତ୍ରାର ଲକ୍ଷ୍ୟ ପୂରଣ ହେବା କଷ୍ଟକର ହୋଇପାରେ।

**ତୁଳା**



ରାହୁ ମଙ୍ଗଳ ପ୍ରଭାବରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଆଲୋଚନା କ୍ଷେତ୍ରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। କିନ୍ତୁ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇ ଆଶ୍ୱସ୍ତି ଲାଭ କରିବେ।

**ବିଛା**



ଶନି ଓ ଶୁକ୍ରଙ୍କ ଷଡ଼ାଷ୍ଟକ ସ୍ଥିତି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରେ। ଲକ୍ଷ୍ୟ ହାସଲରେ ଅସୁବିଧା ହେବ ନାହିଁ। ପରିବହନ, ବାଣିଜ୍ୟରେ ପ୍ରତିବନ୍ଧକର ସୂଚନା ରହିଛି। ଅନୁରାଧା ନକ୍ଷତ୍ରର କୌଣସି ମହିଳାଙ୍କ ତରଫରୁ ସମସ୍ୟା ଆସିପାରେ। ଶତ୍ରୁମାନେ ପରୋକ୍ଷରେ ସମସ୍ୟା ସୃଷ୍ଟି କରିବା ସକାଶେ ଯୋଜନା କରିପାରନ୍ତି।

**ଧନୁ**



ଅଷ୍ଟମରେ ଏକାଧିକ ଗ୍ରହ ସମସ୍ୟା ମଧ୍ୟରେ ନୂତନ ସ୍ଥାନ ପରିଦର୍ଶନ, ବନ୍ଧୁଙ୍କ ସହ ଭ୍ରମଣର ସୁଯୋଗ ପ୍ରଦାନ କରିବେ। ଏକ ଆଧ୍ୟାତ୍ମିକ ପରିବେଶରେ ସତ୍ ସଙ୍ଗୀଙ୍କ ସାନ୍ନିଧ୍ୟରେ ସମୟ କଟିବ। ଆନୁଷ୍ଠାନିକ କାମରେ କିମ୍ବା ସଭାସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପିଲାଙ୍କ ସଫଳତାରେ ଆନନ୍ଦିତ ହେବେ।

**ମକର**



ଚତୁର୍ଥସ୍ଥ ରାହୁ ପ୍ରଭାବରୁ ପାରିବାରିକ ସ୍ତରରେ ଭୁଲ୍ ବୁଝାମଣାଜନିତ ମାନସିକ ଅଶାନ୍ତି ସୃଷ୍ଟି ହେବ। ଚେଷ୍ଟା ସଫଳ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ କିଛି କରିବେ ନାହିଁ। କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଅବଶ୍ୟ ଶତ୍ରୁମାନେ ଚେଷ୍ଟା କରି ମଧ୍ୟ କିଛି କ୍ଷତି କରିପାରିବେ ନାହିଁ।

**କୁମ୍ଭ**



ବୁଧଙ୍କ କୁପ୍ରଭାବଜନିତ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। କିନ୍ତୁ ସଙ୍ଗୀତ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ, ମାତ୍ର ଡରିବାର କିଛି କାରଣ ନାହିଁ କହିଲେ ଚଳେ। ପରିବହନ, ଯାନ୍ତ୍ରିକ ଶିଳ୍ପ, ଅଳଙ୍କାର ଦୋକାନୀ ବିଶେଷ ଭାବରେ ଉପକୃତ ହେବେ।

**ମୀନ**



କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ଧନସ୍ଥାନସ୍ଥ ମଙ୍ଗଳ ହେତୁ ଆଜି ହଠାତ୍ ଧାର ସୂତ୍ରରେ ଅର୍ଥ ପାଇବେ। ଦେଖିଚାହିଁ ପଦକ୍ଷେପ ନ ନେଲେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।




ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ପାଇଁ ଇପିକଲ୍ ଏବଂ ଫିକି ମଧ୍ୟରେ ଗୁରୁବାର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।




## ଝାଡ଼ାବାନ୍ତିରେ ପୁଣି ଜଣେ ମୃତ

ଦଶମନ୍ତପୁର ୨୮।୭(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଝାଡ଼ାବାନ୍ତି କମିବା ନାଁ ଧରୁନି। ଗୁରୁବାର ଚିକାମ୍ବ ପଞ୍ଚାୟତ ଅଧୀନ ମାଙ୍କଡ଼ମୁଣ୍ଡି ଗାଁର ହେଡୁ ଜାନି(୬୦)ଙ୍କର ଝାଡ଼ା ବାନ୍ତିରେ ମୃତ୍ୟୁ ହୋଇଛି। ଡକ୍ରୀବେଡ଼ାର ଭୋଳା ଶଙ୍କର ବିଷୋୟୀ (୧୧), କଲାଟିଗୁଡ଼ାର ସବିତା ମୁଦୁଲି(୧୮), ମାଙ୍କଡ଼ମୁଣ୍ଡିର ଭଗବାନ ସାଉଁନ୍ତା (୪୦), ରୂପାଇ ସାଉଁନ୍ତା (୪୦), ଫୁଲମଣି ସାଉଁନ୍ତା (୫୦), ଭଗବାନ୍ ଜାନି(୫୫) ଆକ୍ରାନ୍ତ ହୋଇ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ମୃତ ହେଡୁ ଜାନି ୪ଦିନ ତଳେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଚିକିତ୍ସିତ ହେଉଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଛି ବୋଲି ପୁଅ ମଧୁ ଏବଂ ସ୍ତ୍ରୀ ଶୁଆ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ପୂର୍ବରୁ ଢୁମ୍ବାଗୁଡ଼ା ପଞ୍ଚାୟତ ହାତୀମୁଣ୍ଡା ଗ୍ରାମର କାଳିଚନ୍ଦ୍ର ଗୌଡ଼ ଏବଂ ଗିର୍ଲିଗୁମ୍ମା ପଞ୍ଚାୟତ ଛତାଆମ୍ବ ଗ୍ରାମର ଡମୁଣି ଜାନିଙ୍କ ଝାଡ଼ାବାନ୍ତରେ ମୃତ୍ୟୁ ହୋଇଛି।

## 'ନଭେମ୍ବର ୩୦ରୁ ମେକ୍ ଇନ୍ କନ୍‌କ୍ଲେଭ'

### ଇପିକଲ୍ ଏବଂ ଫିକି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୨୮।୭(ବ୍ୟୁରୋ)

ଇପିକଲ୍ ଏବଂ ଫିକି ମଧ୍ୟରେ ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ସହଯୋଗ ପାଇଁ ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା, ଫିକି ମହାନିର୍ଦ୍ଦେଶକ ଅରୁଣ ଚାୱଲାଙ୍କ ଉପସ୍ଥିତିରେ ଇପିକଲ୍ ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦ୍ର ସିଂ ପୁନିଆ ଓ ଫିକି ଉପସଭାପତି ମୌସୁମୀ ଘୋଷ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଦେବ କହିଛନ୍ତି, ଏଥର ରାଜ୍ୟ ତା'ର ମେକ୍ ଇନ୍ ଓଡ଼ିଶାର ୩ୟ ସଂସ୍କରଣ ଆୟୋଜନ କରିବାକୁ ଯାଉଛି। ବିଗତ ୨ଟି ସଂସ୍କରଣରେ ଯଥାକ୍ରମେ ୨ ଓ ୪ ଲକ୍ଷ କୋଟି ଟଙ୍କା ପୁଞ୍ଜିନିବେଶର ସମ୍ଭାବନା ସୃଷ୍ଟି ହୋଇଥିବା ବେଳେ ଏଥର କନ୍‌କ୍ଲେଭ୍‌ରୁ ଅଧିକ କିଛି ପୁଞ୍ଜିନିବେଶ ହେବା ସମ୍ଭାବନା ରହିଥିବା ପ୍ରକାଶ କରିଛନ୍ତି । ଆସନ୍ତା ଦିନରେ ଓଡ଼ିଶା ଦେଶର ଏକ ପ୍ରକୃଷ୍ଟ ପୁଞ୍ଜିନିବେଶ ସ୍ଥଳୀ ପାଲଟିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଖଣିଜ ସମ୍ପଦରେ ଭରପୂର ଓଡ଼ିଶା ରାଜ୍ୟ ଇସ୍ପାତ ଷ୍ଟେନ୍‌ଲେସ୍ ଷ୍ଟିଲ, ଫେରୋ ଆଲଏଜ୍, ଆଲୁମିନା ଓ ଆଲୁମିନିୟମ୍ ଆଦି ଉତ୍ପାଦରେ ପ୍ରମୁଖତା ହାସଲ କରିଥିବା ସେ କହିଛନ୍ତି। ଏହି ଅବସରରେ ଚାୱଲା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ସ୍ଥାୟୀ ସରକାର, ଅଧିକାରୀମାନଙ୍କ କାର୍ଯ୍ୟ ସମ୍ପାଦନାରେ ତତ୍ପରତା, କ୍ରିୟାଶୀଳତା ଓ ଇଜ୍ ଅଫ୍ ଡୁଇଂ ବିଜ୍‌ନେସ୍ ରାଜ୍ୟରେ ଏକ ଉତ୍ତମ ବାତାବରଣ ସୃଷ୍ଟି କରିପାରିଛି ବୋଲି କହିଛନ୍ତି।



## ଏମ୍‌ପିଇଡିଏ ସଦସ୍ୟ ହେଲେ ମାନସ ମଙ୍ଗରାଜ

ଭୁବନେଶ୍ୱର, ୨୮।୭(ବ୍ୟୁରୋ)

ରାଜ୍ୟ ସଭା ସାଂସଦ ମାନସ ମଙ୍ଗରାଜଙ୍କୁ ନୂଆ ଦାୟିତ୍ୱ ମିଳିଛି। ସାମୁଦ୍ରିକ ଦ୍ରବ୍ୟ ରପ୍ତାନୀ ଓ ଉନ୍ନୟନ କର୍ତ୍ତୃପକ୍ଷ ତଥା ଏମ୍‌ପିଇଡିଏର ସଦସ୍ୟ ଭାବେ ମାନସ ନିର୍ବାଚିତ ହୋଇଛନ୍ତି। ବୁଧବାର ଏହାର ସଦସ୍ୟ ଭାବେ ସେ ନିର୍ବାଚିତ ହୋଇଛନ୍ତି। ଏନେଇ ରାଜ୍ୟ ସଭା କମିଟି କୋର୍ଡିନେସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏନେଇ ମାନସ ଟୁଇଟ୍ କରି ସୂଚନା ଦେଇଛନ୍ତି।

## ଅଗଷ୍ଟ ୫ରୁ ବଢ଼ିବ ବର୍ଷା

ଭୁବନେଶ୍ୱର, ୨୮।୭(ବ୍ୟୁରୋ)

ରାଜ୍ୟରେ ମୌସୁମୀ ଦୁର୍ବଳ ରହିଛି। ତେବେ ଅଗଷ୍ଟ ୫ରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିବ। ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓଡ଼ିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ଲଘୁଚାପରେ ପରିଣତ ହେବ ବୋଲି ଅନୁମାନ କରାଯାଉଛି। ଏହାର ପ୍ରଭାବରେ ଦକ୍ଷିଣ ଏବଂ ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏପରି କି ତେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, ଗଞ୍ଜାମ, ନୟାଗଡ଼, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ବାଲେଶ୍ୱର, ଭଦ୍ରକ ଓ ଦେବଗଡ଼ ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ୍ୱାର୍ନିଂ ଜାରି କରାଯାଇଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ ରାଜ୍ୟରେ ମୌସୁମୀ ବର୍ଷା ସ୍ୱାଭାବିକ ରହିଛି। ଜୁନ୍ ପହିଲାରୁ ଜୁଲାଇ ୨୮ ମଧ୍ୟରେ ରାଜ୍ୟରେ ୩ ପ୍ରତିଶତ କମ୍ ବର୍ଷା ହୋଇଛି। ଏହି ସମୟ ମଧ୍ୟରେ ୫୧୫.୬ ପ୍ରତିଶତ ବର୍ଷା ହେବାକୁ ଥିବା ବେଳେ ହୋଇଛି ୪୯୮.୧ ପ୍ରତିଶତ। କେବଳ ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାକୁ ଛାଡ଼ିଦେଲେ ଅନ୍ୟ ୨୮ଟି ଜିଲାରେ ବର୍ଷା ସ୍ୱାଭାବିକ ହୋଇଛି।




DSPL- 119

ଡାଇରିଆ (ତରଳ ଝାଡା) ପ୍ରତି ସତର୍କ ଓ ସଚେତନ ରୁହନ୍ତୁ

ଡାଇରିଆର ଲକ୍ଷଣ :

ଦିନକୁ ୩ ଥର ବା ତା'ଠାରୁ ଅଧିକ ପତଳା ଝାଡା, ଦେହହାତ ଘୋଳାବିନ୍ଧା, ହାଲିଆ ଲାଗିବା ସହ ଜିଭ ଏବଂ ଓଠ ଶୁଖିଯିବା, ଅଧିକ ଶୋଷ ଲାଗିବା ଓ ପରିସ୍ରା କମ୍ ହେବା । ଏପରି କ୍ଷେତ୍ରରେ ତୁରନ୍ତ ଆଶା କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କୁ ସୂଚନା ଦେବା ସହିତ ଓ.ଆର୍.ଏସ୍ କିମ୍ବା ଘରେ ମିଳୁଥିବା ତୋରାଣି, ପଇଡ ପାଣି, ଚିନି ଲୁଣ ସର୍ବତ ଆଦି ଯଥେଷ୍ଟ ପରିମାଣରେ ପିଇବାକୁ ଦିଅନ୍ତୁ ।

ଡାଇରିଆର ପ୍ରତିରୋଧ :

କରନ୍ତୁ :
- ✓ ବାହାରେ ଝାଡା ନଯାଇ କେବଳ ପାଇଖାନା ବ୍ୟବହାର କରନ୍ତୁ ।
- ✓ ପାଇଖାନା ଯିବା ସମୟରେ ଚପଲ ବ୍ୟବହାର କରନ୍ତୁ ।
- ✓ ଶୌଚ ପରେ, ଖାଦ୍ୟ ପରଷିବା କିମ୍ବା ଖାଇବା ପୂର୍ବରୁ ହାତକୁ ଭଲ ଭାବରେ ସାବୁନ୍‌ରେ ଧୁଅନ୍ତୁ ।
- ✓ ବିଶୋଧିତ ପାଇପ୍ ପାଣି, ଗଭୀର ନଳକୂଅ ପାଣି, ହାଲୋଜେନ ବଟିକା ପଡିଥିବା ପାଣି କିମ୍ବା ଫୁଟା ପାଣି ପିଅନ୍ତୁ ।
- ✓ ତରଳ ଝାଡା ସମୟରେ ଜଳ ଶୁଷ୍କତାରୁ ରକ୍ଷା ପାଇବା ପାଇଁ ଓ.ଆର୍.ଏସ୍ କିମ୍ବା ଘରେ ମିଳୁଥିବା ତୋରାଣି, ପଇଡ ପାଣି, ଚିନି ଲୁଣ ସର୍ବତ ଆଦି ପିଅନ୍ତୁ ।
- ✓ ପିଇବାପାଣି ପାତ୍ରରେ ହାତ ନବୁଡାଇ ଡଙ୍କି ବ୍ୟବହାର କରନ୍ତୁ ।
- ✓ ତଟକା ଓ ଗରମ ଖାଦ୍ୟ ଖାଆନ୍ତୁ ।

କରନ୍ତୁ ନାହିଁ :
- ✗ ନଇ, ଝରଣା, ଚୂଆ ବା ପୋଖରୀ ଆଦି ପାଣି ପିଅନ୍ତୁ ନାହିଁ ।
- ✗ କୂଅ, ନଳକୂଅ ପାଖରେ ବାସନକୁସନ ଧୁଅନ୍ତୁ ନାହିଁ କିମ୍ବା ଲୁଗାପଟା ସଫାକରନ୍ତୁ ନାହିଁ ।
- ✗ ବାସି, ପଚାସଢ଼ା ବା ମାଛିବସା ଖାଦ୍ୟ ଖାଆନ୍ତୁ ନାହିଁ ।
- ✗ ଝାଡା ରୋଗୀର ଅପରିଷ୍କାର ଲୁଗାପଟା ନଦୀ, ପୋଖରୀ ଓ ଝରଣା ଆଦିରେ ଧୁଅନ୍ତୁ ନାହିଁ ।



ଡାଇରିଆର ଚିକିତ୍ସା ସମସ୍ତ ସରକାରୀ ଡାକ୍ତରଖାନାରେ ବିନାମୂଲ୍ୟରେ ଉପଲବ୍ଧ । ତୁରନ୍ତ ଚିକିତ୍ସା ଦ୍ୱାରା ଜୀବନ ରକ୍ଷା ସମ୍ଭବ ।

OIPR-10003/13/0049/2223

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
http://www.health.odisha.gov.in/
@HFWOdisha



ଆମେ ନିଜକୁ ଭାଗ୍ୟବାନ୍ ମନେକରିବା ଉଚିତ । କାରଣ, ଭଗବାନ୍ ଆମକୁ ସବଳ ବାହୁ ଯୁଗଳ ଦେଇଛନ୍ତି । ଏବଂ ତାହାରି ବଳରେ ଆମେ ଯାହା କିଛି ସୁନ୍ଦର, ମଙ୍ଗଳମୟ ଓ ସତ୍ୟ- ସେସବୁକୁ ଧ୍ୱଂସ ବା ବିପଦ ମୁଖରୁ ରକ୍ଷା କରିବାକୁ ସମର୍ଥ ହେବା । -ଶ୍ରୀମା



# ଶେଷ ଭରସା ପରିବେଶୀୟ ଶୁଳ୍କ



ଡାରୋନ ଆକମୋଗ୍ଲୁ

ଏନ୍‌ଭାଇରନମେଣ୍ଟାଲ ଟାରିଫ ଏକ ପ୍ରକାର ପରିବେଶୀୟ ଶୁଳ୍କ ଯାହା ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ କରିବାରେ ପର୍ଯ୍ୟାପ୍ତ ପଦକ୍ଷେପ ନେଇ ନ ଥିବା ଦେଶଗୁଡ଼ିକରୁ ଆମଦାନୀ ଉତ୍ପାଦଗୁଡ଼ିକରେ ଲାଗୁ କରାଯାଇଥାଏ । ପରିବେଶ ଓ ଏହାର ସୁରକ୍ଷାକୁ ଅଣଦେଖା କରି ରପ୍ତାନି ବୃଦ୍ଧି କରିବାକୁ ଚାହୁଁଥିବା ଦେଶଗୁଡ଼ିକୁ ରୋକିବା ଏହି ଶୁଳ୍କର ମୁଖ୍ୟ ଲକ୍ଷ୍ୟ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ କମାଇବା ପାଇଁ ଏହା ହିଁ ହେବ ଶେଷ ଭରସା । ଆମେ ସବୁଜ ଗୃହ ବାଷ୍ପ (ଜିଏଚ୍‌ଜି)ନିର୍ଗମନ ନିୟନ୍ତ୍ରଣ କରି ନପାରିଲେ ଏହା ଅଧିକ ବିଧ୍ୱଂସକାରୀ ପାଲଟିବ । ତେବେ ଏକ ବହୁରାଷ୍ଟ୍ରୀୟ ବୁଝାମଣା ମାଧ୍ୟମରେ ଉକ୍ତ ବୈଶ୍ୱିକ ସଙ୍କଟର ମୁକାବିଲା କରିବା ହେବ ସବୁଠୁ ସହଜ ବାଟ । ଏହା ମଧ୍ୟ'ଗ୍ରୀନ୍ ଟ୍ରାଞ୍ଜିସନ' (ପ୍ରତ୍ୟେକ କିମ୍ବା ଅଧିକାଂଶ ଦେଶର ପରିବେଶ ବିରୋଧୀ ସ୍ଥିତିରେ ପରିବର୍ତ୍ତନ ଆଣି ବିକାଶ, ଶାନ୍ତି ଓ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ଅନୁସୃତ ସ୍ଥାୟୀ ମଡେଲ) ଅଭିଯାନରେ ପରିଲକ୍ଷିତ ହେଉଛି । ଜୀବାଶ୍ମ ଇନ୍ଧନ ବ୍ୟବହାର ହ୍ରାସ ସହ ଅକ୍ଷୟ ଶକ୍ତି ବୃଦ୍ଧି କରିବା ଏହାର ମୁଖ୍ୟ ଲକ୍ଷ୍ୟ । ଏହି ପ୍ରକ୍ରିୟା ଅଧିକ ସ୍ୱଚ୍ଛ ଟେକ୍‌ନୋଲୋଜି ଓ ଅକ୍ଷୟ ଶକ୍ତି ପାଇଁ ନିୟମ, ସବ୍‌ସିଡି ଏବଂ କାର୍ବନ ଟ୍ୟାକ୍ସ (ଜୀବାଶ୍ମ ଇନ୍ଧନ ଉପଯୋଗରେ ନିର୍ଗମନ କାର୍ବନ ଡାଇଅକ୍ସାଇଡ କମ୍ କରିବା ପାଇଁ ଲାଗୁ କରାଯାଇଥିବା ଟିକସ) କ୍ଷେତ୍ରରେ ସମନ୍ୱିତ ନୀତିଗୁଡ଼ିକୁ ଆହ୍ୱାନ କରେ । କିନ୍ତୁ ଦୁଃଖର କଥା, ଜୀବାଶ୍ମ ଇନ୍ଧନ ଶିଳ୍ପ ଶକ୍ତିଶାଳୀ ଥିବା ଏବଂ ବିଶ୍ୱରେ ସବୁଠୁ ଅଧିକ କାର୍ବନ ନିର୍ଗମନ କରୁଥିବା ଆମେରିକା, ଚାଇନା ଓ ଭାରତ ଆବଶ୍ୟକୀୟ ନୀତିଗୁଡ଼ିକୁ ଗ୍ରହଣ କରୁ ନ ଥିବାରୁ ଏହି ପ୍ରକାର ବୈଶ୍ୱିକ ବ୍ୟବସ୍ଥା ଲକ୍ଷ୍ୟ ହାସଲ କରିପାରୁ ଥିବା ସ୍ପଷ୍ଟ ହୋଇଛି । ଯଦିଓ ଶକ୍ତି କ୍ଷେତ୍ରରେ ଏକ ପ୍ରଭାବୀ ପରିବର୍ତ୍ତନ ହାସଲ କରିବା ପାଇଁ ନିୟମ ଓ ସବସିଡି ଅତି ଆବଶ୍ୟକ, ତଥାପି କାର୍ବନ ଟ୍ୟାକ୍ସ ଏକ ଦୃଢ ଆଧାର । ଏଣୁ ନିର୍ଗମନ ଉପରେ ଅଙ୍କୁଶ ଲଗାଇବା ଲାଗି ବହୁ ଦେଶ ଏବେ କାର୍ବନ ଟ୍ୟାକ୍ସକୁ ଆପଣାଇଛନ୍ତି । ସୁଇଡେନ ବିଶ୍ୱରେ ସବୁଠୁ ଅଧିକ କାର୍ବନ ଟ୍ୟାକ୍ସ (ଏକ ଟନ୍ ନିର୍ଗମନ ପାଇଁ ୧୧୭ ଡଲାର) ରଖିଛି । କିନ୍ତୁ ଆମେରିକା,ଚାଇନା ଏହି ଉପାୟ ଅନୁସରଣ କରିନାହାନ୍ତି ।

ଏଭଳି ସଙ୍ଗତି ଅଭାବରୁ 'କାର୍ବନ ଲିକେଜ' ବଢୁଛି , ଅର୍ଥାତ୍ ଗୋଟିଏ ଦେଶ ଦୃଢ଼ ଜଳବାୟୁ ନୀତିରେ ନିର୍ଗମନ କମାଇବା ଲାଗି ଚେଷ୍ଟା କରୁଥିବା ବେଳେ ଅନ୍ୟ ଦେଶରେ ଜିଏଚ୍‌ଜି ନିର୍ଗମନ ବୃଦ୍ଧିପାଉଛି । ଏଣୁ ଏଭଳି ଉଚ୍ଚ ନିର୍ଗମନ କାର୍ଯ୍ୟକଳାପଗୁଡ଼ିକ କାର୍ବନ ଟ୍ୟାକ୍ସ ଲାଗୁ କରିଥିବା ଦେଶଗୁଡ଼ିକଠାରୁ ଅନ୍ୟମାନଙ୍କୁ ଦୂରେଇ ନେଉଛି । ଗୋଟିଏ ଦେଶ ଏକତରଫା ଭାବେ ଉଚ୍ଚ କାର୍ବନ ଟ୍ୟାକ୍ସ ଆପଣାଇ ସମସ୍ତଙ୍କର ଉପକାର କରୁଥିବାବେଳେ ପରୋକ୍ଷରେ ଅନ୍ୟମାନଙ୍କୁ ନିର୍ଗମନ ହ୍ରାସ କରିବା ପାଇଁ ମଧ୍ୟ ଉତ୍ସାହିତ କରେ । ଅର୍ଥନୀତିଜ୍ଞଙ୍କ ମତରେ, ଜଣେ ଆଶା କରିବା ଉଚିତ ଯେ, ଜଳବାୟୁ ପ୍ରଭାବ କମାଇବାରେ କାର୍ଯ୍ୟ କରୁଥିବା ଏକତରଫା ନୀତିଗୁଡ଼ିକ ଅନ୍ୟ ଦେଶଗୁଡ଼ିକରେ ଏକ ବିକଳ୍ପ ରଣନୀତି ଭାବେ କାର୍ଯ୍ୟ କରେ । ଉଚ୍ଚ କାର୍ବନ ଟ୍ୟାକ୍ସ ନିର୍ଗମନ କମ୍ କରି ଉତ୍ପାଦନ କରାଯାଉଥିବା ଉତ୍ପାଦଗୁଡ଼ିକର ମାର୍କେଟ ମୂଲ୍ୟରେ ପ୍ରଭେଦ ଯୋଗୁ ଅନ୍ୟଙ୍କୁ ଲାଭ ପାଇବା ଲାଗି ସୁଯୋଗ ସୃଷ୍ଟି କରୁଛି । ଇସ୍ପାତ ଶିଳ୍ପ ଏକ ଟନ୍ ଇସ୍ପାତ ଉତ୍ପାଦନ ପାଇଁ ୧.୮୫ ଟନ୍ କାର୍ବନ ନିର୍ଗମନ କରୁଥିବାରୁ, ସୁଇଡେନର କାର୍ବନ ଟ୍ୟାକ୍ସ ଏହାର ଷ୍ଟିଲ ଉତ୍ପାଦଗୁଡ଼ିକର ମୂଲ୍ୟ ପ୍ରତି ଟନ୍ ପିଛା ପାଖାପାଖି ୨୧୦ ଡଲାର ବୃଦ୍ଧି ହୋଇଛି । ମହଙ୍ଗା ଯୋଗୁ ଆମଦାନୀ କରାଯାଉଥିବା ଚାଇନିଜ ଷ୍ଟିଲ ପ୍ରତି ଉତ୍ପାଦନକାରୀ ଏବଂ ଏହାର ଉପଭୋକ୍ତାମାନେ ଅଧିକ ଆକର୍ଷିତ ହେଉଛନ୍ତି ଓ ଚାଇନା ଲାଭ ପାଉଛି । ସବୁଠୁ ଖରାପ ହେଉଛି, ଚାଇନାର ଅଧିକାରୀମାନେ ଏହି ବ୍ୟବସ୍ଥାକୁ ପ୍ରୋତ୍ସାହିତ କରୁଛନ୍ତି । ଏଭଳି ସ୍ଥିତିରେ ବିଶ୍ୱରେ ପରିବେଶୀୟ ଶୁଳ୍କର ଆବଶ୍ୟକତା ରହିଛି, ଯାହା ରପ୍ତାନି ଦ୍ରବ୍ୟଗୁଡ଼ିକ ଉପରେ କାର୍ବନ ଟ୍ୟାକ୍ସ ଲାଗୁ କରି ପରିବର୍ତ୍ତନ ଆଣିପାରିବ । ସୁଇଡେନ ମଧ୍ୟ ତା ଟ୍ୟାକ୍ସ ଓ ଅନେକ ଟନ୍ କାର୍ବନ ଡାଇଅକ୍ସାଇଡ ନିର୍ଗମନକାରୀ ଦେଶର କାର୍ବନ ଟ୍ୟାକ୍ସ ମଧ୍ୟରେ ଥିବା ପ୍ରଭେଦକୁ ଲକ୍ଷ୍ୟ କରି ସମାନୁପାତିକ ଭାବେ ବୋର୍ଡର ଆଡଜଷ୍ଟମେଣ୍ଟ ଟ୍ୟାକ୍ସ (ବିଏଟି- ବିଭିନ୍ନ ଦେଶରେ କାର୍ବନ ପ୍ରାଇସିଂ ପଲିସିରେ ଥିବା ପ୍ରଭେଦକୁ ଦେଖି ଉତ୍ପାଦ ଓ ସେବା ଉପରେ ଟ୍ୟାକ୍ସ ସମାୟୋଜନ କରିବା) ଲାଗୁ କରିପାରିବ ।



ପରିବେଶୀୟ ଶୁଳ୍କର ସବୁଠୁ ବଡ଼ ଲାଭ ହେଲା ଏହା କାର୍ବନ ଲିକେଜ୍ ଅଧିକ ହ୍ରାସ କରେ । ଏହି ଶୁଳ୍କର ପ୍ରତ୍ୟକ୍ଷ ପ୍ରଭାବଗୁଡ଼ିକ ମଧ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଉକ୍ତ ଶୁଳ୍କ ଜଳବାୟୁ ପରିବର୍ତ୍ତନ ପ୍ରଭାବ ହ୍ରାସ କରିବା ଲାଗି ନିଆଯାଉଥିବା ନୀତିଗୁଡ଼ିକୁ ରଣନୀତିକ ଅନୁପୂରକ କରେ । ଅର୍ଥାତ୍ ସୁଇଡେନର କାର୍ବନ ଟ୍ୟାକ୍ସ ଅନ୍ୟ ଦେଶଗୁଡ଼ିକୁ ସେମାନଙ୍କ ନିଜ ଲାଗି ନୀତି ଗ୍ରହଣ କରିବାକୁ ଉତ୍ସାହିତ କରିବ । ଥରେ ଅଧିକାଂଶ ଦେଶ ଯଦି ଆମଦାନୀ ଉପରେ ବୋର୍ଡର ଆଡଜଷ୍ଟମେଣ୍ଟ ଟ୍ୟାକ୍ସ ଲାଗୁ କରନ୍ତି ,ତେବେ ଚାଇନା ଅଧିକାରୀମାନେ ସେମାନଙ୍କ ଇସ୍ପାତ ରପ୍ତାନିକାରୀଙ୍କୁ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ଲାଗି ସାହାଯ୍ୟ କରିବା ଆରମ୍ଭ କରିଦେବେ । ସେମାନେ କାର୍ବନ ଟ୍ୟାକ୍ସ ନିୟମ କିମ୍ବା ସବ୍‌ସିଡି ମାଧ୍ୟମରେ କରିପାରିଲେ ଚାଇନାର କାର୍ବନ ନିର୍ଗମନ ହ୍ରାସ ପାଇବ । ଥରେ ଚାଇନିଜ ଉତ୍ପାଦକମାନେ ନିର୍ଗମନ ହ୍ରାସ କରିବା ଆରମ୍ଭ କଲେ ଚାଇନାର ଅଧିକାରୀମାନେ ନିଜେ ପରିବେଶୀୟ ଶୁଳ୍କ ଆରମ୍ଭ କରିବାକୁ ଉତ୍ସାହିତ ହେବେ । କିନ୍ତୁ ଅଧିକାଂଶ କ୍ଷେତ୍ରରେ ଉକ୍ତ ଶୁଳ୍କକୁ ନେଇ ଭ୍ରମାତ୍ମକ ତର୍କ ହେଉଛି । ପ୍ରଥମ ବାଧା ଭାବେ ଜୀବାଶ୍ମ ଇନ୍ଧନ ଶିଳ୍ପ ଏବଂ ଚାଇନା ସମେତ ପ୍ରମୁଖ ପ୍ରଦୂଷଣକାରୀମାନେ ଏହା ବିରୋଧରେ ରହିଛନ୍ତି ଓ ଏହାକୁ ବନ୍ଦ କରିବା ପାଇଁ ଜୋରସୋର୍‌ରେ ଅଭିଯାନ ଚଳାଇଆସୁଛନ୍ତି । ଦ୍ୱିତୀୟରେ ଏନ୍‌ଭାଇରନମେଣ୍ଟାଲ ଟାରିଫଗୁଡ଼ିକ ମଧ୍ୟ ବିଦେଶୀ ପ୍ରତିଯୋଗିତାକୁ ଲକ୍ଷ୍ୟକରି ଘରୋଇ ଶିଳ୍ପଗୁଡ଼ିକୁ ରକ୍ଷା କରିବାର ପଦକ୍ଷେପ ନିଏ ଓ ଏଥିପାଇଁ ମଧ୍ୟ ନୀତି ନିର୍ଦ୍ଧାରଣ କରେ । କିନ୍ତୁ ଏବକାର କାର୍ବନ ଟାରିଫଗୁଡିକ ଯେଭଳି ଲାଗୁ କରାଯାଉଛି ସେଗୁଡ଼ିକ ପାରମ୍ପରିକ ସଂରକ୍ଷଣାତ୍ମକ ପଦକ୍ଷେପ ଭଳି କାମ କରୁନାହିଁ । ତୃତୀୟ ବାଧା ହେଉଛି ପରିବେଶୀୟ ଶୁଳ୍କସବୁ ବିଶ୍ୱ ବାଣିଜ୍ୟ ସଂଗଠନ ନିୟମ ଅଧୀନରେ ବୈଧ ହୋଇ ନ ପାରେ । କିନ୍ତୁ ଜେନେରାଲ ଏଗ୍ରିମେଣ୍ଟ ଅନ୍ ଟାରିଫ ଆଣ୍ଡ୍ ଟ୍ରେଡ( ଜିଏଟିଟି) କହେ ଯେ, ସେଗୁଡ଼ିକ ବୈଧ । ଏହା ମଧ୍ୟ କହିଛି ଯେ, ଯଦି ଏକ ଦେଶର ଘରୋଇ ଉତ୍ପାଦ ଟ୍ୟାକ୍ସ ଭଳି କାର୍ବନ ଟ୍ୟାକ୍ସ ଥାଏ, ଏହା ବିଏଟି ମାଧ୍ୟମରେ ସେହି ସମାନ ଟ୍ୟାକ୍ସ ଲାଗୁ କରିପାରିବ । ଆହୁରି ମଧ୍ୟ ମଣିଷ, ପ୍ରାଣୀ କିମ୍ବା ଉଦ୍ଭିଦର ସ୍ୱାସ୍ଥ୍ୟ ଓ ଜୀବନ ରକ୍ଷା ଲାଗି ବାଣିଜ୍ୟକୁ କଟକଣା ମୁକ୍ତ କରିଛି । ଏଣୁ ଏବେ କାର୍ବନ ଟ୍ୟାକ୍ସ ଏହି ନିୟମ ପୂରଣ କରିପାରିବ ବୋଲି ଦୃଢ଼ ଯୁକ୍ତି ରହିଛି ।

ଶେଷରେ,କେତେଜଣ ସମାଲୋଚକ ବ୍ୟସ୍ତ ଯେ, ଏକ ଉଦାରବାଦୀ ବିଶ୍ୱସ୍ତରୀୟ ବ୍ୟବସ୍ଥାରେ ପ୍ରାଥମିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ବୈଶ୍ୱିକ ନୀତି ନିଷ୍ପତ୍ତିଗୁଡ଼ିକ ବହୁରାଷ୍ଟ୍ରୀୟ ଭାଗୀଦାରି ମାଧ୍ୟମରେ ଲାଗୁ କରାଯିବା ଉଚିତ । ଏହା ବାସ୍ତବରେ ଏକ ଉଚିତ ଏବଂ ଉତ୍ତମ ପଥ । କିନ୍ତୁ କଥା ହେଉଛି, ପ୍ୟାରିସ ଜଳବାୟୁ ବୁଝାମଣାର ୧.୫ ଡିଗ୍ରୀ ସେଲସିୟସ ହାରହାରି ତାପନ ସମ୍ପର୍କିତ ଚେତାବନୀକୁ ଦେଖିଲେ ବହୁରାଷ୍ଟ୍ରୀୟ ବୁଝାମଣାଗୁଡ଼ିକ ଶୀଘ୍ର କାର୍ଯ୍ୟ କରୁନାହାନ୍ତି । ଅଧିକ ପଦକ୍ଷେପ ମଧ୍ୟ ନେଉନାହାନ୍ତି । ବହୁ ଦେଶକୁ ନେଇ ଆମେ କାର୍ଯ୍ୟ କରୁଥିବାବେଳେ ନିଷ୍କ୍ରିୟତାର ବାହାନାକୁ ଆମେ ବିଶ୍ୱସାକୁ ନେଇପାରିବା ନାହିଁ । ମୋଟ ଉପରେ ପରିବେଶୀୟ ଶୁଳ୍କଗୁଡ଼ିକ ଜଳବାୟୁ ପରିବର୍ତ୍ତନ ପ୍ରଭାବକୁ କମାଇବା ଲାଗି ସାରା ବିଶ୍ୱରେ ଅଧିକ ସକାରାତ୍ମକ ନୀତି ଗଢ଼ିପାରିବ । ଏଣୁ ଏହାକୁ ଲାଗୁ କରିବାରେ ଆଉ ଅଧିକ ବିଳମ୍ବ କରିବା ଉଚିତ ନୁହେଁ ।

**ଅର୍ଥନୀତି ପ୍ରାଧ୍ୟାପକ, ମାସାଚ୍ୟୁସେଟସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜି**

# ପଶୁପକ୍ଷୀଙ୍କ ଦୂତପଣିଆ



ଅଲେଖ ଚନ୍ଦ୍ର ମିଶ୍ର

ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ, ସନ୍ଦେଶ ପ୍ରେରଣ କିମ୍ବା ଖବର ସରବରାହ କରିବା ଯେତେବେଳେ ବ୍ୟକ୍ତିଗତ ସ୍ତରରେ ସମ୍ଭବ ହୁଏ ନାହିଁ ସେତେବେଳେ ଏକ ମାଧ୍ୟମର ଆବଶ୍ୟକତା ଅନୁଭୂତ ହୁଏ । ଏହି ମାଧ୍ୟମକୁ ସାଧାରଣତଃ ଦୂତ, ଚାର, ଡଗର, ବାହକ, ମଧ୍ୟସ୍ଥ, ବାର୍ତ୍ତାବହ, ଖବରଦାତା, ବାବଦୂକ ଇତ୍ୟାଦି କୁହାଯାଇଥାଏ । କିନ୍ତୁ ଏ ଦାୟିତ୍ୱ ଏତେ ଗୁରୁତ୍ୱପୂର୍ଣ୍ଣ ଓ କଷ୍ଟସାଧ ଯେ ଜଣେ ସେମିତି ବିଚକ୍ଷଣ, ବୁଦ୍ଧିମାନ, ଦୂରଦୃଷ୍ଟିସମ୍ପନ୍ନ ଓ ଧୈର୍ଯ୍ୟବାନ୍ ଲୋକ ନ ହେଲେ ଏଭଳି କାର୍ଯ୍ୟକୁ ନେଇଆଣି ଥୋଇପାରେ ନାହିଁ । ତେଣୁ ହୁଏତ ଲୋକମୁଖରେ ପ୍ରଚଳିତ ଆପ୍ତବାଣୀ, ''ଚାରୈଃ ପଶ୍ୟନ୍ତି ରାଜାନଃ, ଅଥବା ଜାନିୟାତ୍ ପ୍ରେଷଣେ ଭୃତ୍ୟାନ'' ଅନେକଦିନରୁ ଗଢ଼ି ଆସୁଛି । ମାତ୍ର ଆଶ୍ଚର୍ଯ୍ୟର କଥା ଯାହା ମଣିଷ ଦ୍ୱାରା ସମ୍ଭବ ହୁଏନା ତାହାକୁ ଇତରପ୍ରାଣୀ, ପକ୍ଷୀମାନେ ସୁଚାରୁ ରୂପରେ ସମ୍ପାଦନ କରିଥା'ନ୍ତି । ସେ ବିଷୟରେ କିଛି ଆଲୋଚନା କରିବା ଏ ପ୍ରବନ୍ଧଟିର ଉଦ୍ଦେଶ୍ୟ ।

ରାମାୟଣର ସୀତା ଚୋରି ଉପାଖ୍ୟାନରେ ଦେବୀ ସୀତା ବନ, ପାହାଡ଼, ପର୍ବତ, ବୃକ୍ଷ, ଲତା ଇତ୍ୟାଦିଙ୍କ ନିକଟରେ ବିଳାପକରି (ହେ ବନଗିରି, ହେ ଲତାଗିରି ମୋ କାନ୍ତ ଗଲେ ମୃଗ ମାରି...) ନିଜର ବାର୍ତ୍ତା କାନ୍ତ ଶ୍ରୀରାମଙ୍କ ପାଖରେ ପହଞ୍ଚେଇଦେବାକୁ ଅନୁରୋଧ କରିଥିଲେ । ପର୍ବତ ଉପରେ ଉପବିଷ୍ଟ କେତେକ ବାନରଙ୍କୁ ଲକ୍ଷ୍ୟକରି ନିଜ ଅଙ୍ଗର କିଛି ଅଳଙ୍କାର ଫିଙ୍ଗିଦେଇଥିଲେ ଯାହା ପରବର୍ତ୍ତୀ ସମୟରେ ଲକ୍ଷ୍ୟସ୍ଥଳରେ ତାଙ୍କର ସୂଚନା ପ୍ରଦାନ କରିଥିଲା । ନଳ ଦମୟନ୍ତୀଙ୍କ ମିଳନ ପାଇଁ ଏକ ରାଜହଂସ ହିଁ ଯୋଗସୂତ୍ରକାରୀ ଥିଲା । ମହାଭାରତରେ ବର୍ଣ୍ଣିତ ଯୁଧିଷ୍ଠିର ଯକ୍ଷ ସମ୍ବାଦରେ ଏକ ବକ (ଧର୍ମବକ) ହିଁ ପାଣ୍ଡବମାନଙ୍କୁ ପ୍ରାକ୍ ସୂଚନା ମାଧ୍ୟମରେ ମୃତ୍ୟୁମୁଖରୁ ବଞ୍ଚେଇଥିଲା । ଏପରିକି ସେମାନଙ୍କର ସ୍ୱର୍ଗଯାତ୍ରା ସମୟରେ ଏକ ଶ୍ୱାନ (ଧର୍ମ ଦେବତା) ତାଙ୍କର ପଥ ପ୍ରଦର୍ଶକ ହୋଇଥିଲା । ସୀତା ରାମ ନିଜ ନିଜର ଗୁପ୍ତକଥା ହନୁମାନ ମାଧ୍ୟମରେ ହିଁ ବିନିମୟ କରିଥିଲେ ।

ଯୁଗ ଯୁଗ ଧରି କପୋତ ଏବଂ ପାରା ସମ୍ବାଦ ଆଦାନ ପ୍ରଦାନର ଏକ ନିର୍ଭରଯୋଗ୍ୟ ମାଧ୍ୟମ ଭାବରେ ବ୍ୟବହୃତ ହୋଇ ଆସୁଛି । ସେଥିପାଇଁ କପୋତକୁ ଶାନ୍ତିର ଦୂତ ଆଖ୍ୟା ଦିଆଯାଇଛି । ସତ୍ୟର ଅନୁସନ୍ଧାନ ପାଇଁ କିମ୍ବା ଅପରାଧର ସୂତ୍ର ଖୋଜି ବାହାର କରିବା ପାଇଁ ଏବେ ବି ଶ୍ୱାନ (ଡଗ୍ ସ୍କାଡ୍) ବ୍ୟବସ୍ଥା ବଳବତ୍ତର ରହିଅଛି । ଆମ ଦୈନନ୍ଦିନ ଜୀବନରେ ବିଭିନ୍ନ ପ୍ରକାର ପଶୁପକ୍ଷୀ କୌଣସି ଘଟଣା ଘଟିବାର ପୂର୍ବ ସଙ୍କେତ ଦେଇଥାନ୍ତି ଯେପରି କୁଆ ରାବିଲେ ବନ୍ଧୁ ଆଗମନ, ରାତ୍ରିର ସମାପ୍ତି କିମ୍ବା ଅଶୁଭ ସଙ୍କେତର ସୂଚନା ମିଳେ । କୁଆକୁ ଯମଦୂତ (କାକୋସି ଯମଦୂତୋପି) କୁହାଯାଏ । କୁକ୍କୁଟର ରଡ଼ି ଦିନ ଆରମ୍ଭର ନିଦର୍ଶନ, ଝିଟିପିଟିର ଟିକ୍ ଟିକ୍ ଶବ୍ଦକୁ ସତ ବୋଲି ମାନି ନିଆଯାଏ । କୁକୁର ଭୁକିଲେ ଅଜଣା ଲୋକର ପ୍ରବେଶ, ବିରାଡ଼ି ବୋବାଇଲେ ସାପ ଆସିଥିବା, ଭଦଭଦଳିଆର କୂଜନ ସୁସମ୍ବାଦ, ହଳଦୀବସନ୍ତର ଗତିବିଧିରୁ ପ୍ରଶ୍ନୋତ୍ତର, ଯୋଡ଼ିବଣି ଧନପ୍ରାପ୍ତି, ରାତି ଅଧରେ ଫେଁରଣ୍ଡା(ଭେରଣ୍ଡା) ଭୁକିଲେ ମୃତ୍ୟୁ ଖବର, ବେଙ୍ଗର ରଡ଼ିରେ କିମ୍ବା ମୟୂରର ନୃତ୍ୟରେ ବର୍ଷାଗମନ, ପିକ ଧ୍ୱନି ବସନ୍ତର ବାବଦୂକ ଇତ୍ୟାଦି ଇତ୍ୟାଦି ।

ଏକ ବ୍ୟଥିତ ହୃଦୟର ବିରହବାର୍ତ୍ତାକୁ ତା'ର ମନର ମଣିଷ ପାଖରେ ପହଞ୍ଚେଇ ଦେବାପାଇଁ ମଣିଷ ଯେତେବେଳେ ଭାବବିହ୍ୱଳ ହୋଇପଡ଼େ ବାସ୍ତବତାକୁ ଭୁଲିଯାଇ ସେ କିପରି ନିର୍ବାକ ଓ ନିର୍ଜୀବ ବସ୍ତୁକୁ ଆକୁଳ ନିବେଦନ କରେ ତା'ର ମୂକସାକ୍ଷୀ ହୋଇରହିଯାଇଛି ଚିରଭାସ୍ୱର, କାଳଜୟୀ ଦୁଇଟି ମହାକାବ୍ୟ 'ମେଘଦୂତ' ଏବଂ 'ରବିନସନ କ୍ରୁସୋ' । ଅଳକାପୁରୀରୁ ବିଚ୍ୟୁତ ଶାପଗ୍ରସ୍ତ ଯକ୍ଷ ମର୍ତ୍ତ୍ୟର ରାମଗିରିରେ ଅବସ୍ଥାପନ କରୁଥିବା ବେଳେ ଆକାଶରେ ଭାସମାନ ମେଘଖଣ୍ଡକୁ ଦେଖି ଏତେ ଭାବବିହ୍ୱଳ ହୋଇପଡ଼ିଥିଲା ଯେ ତା' ମାଧ୍ୟମରେ ନିଜର ପ୍ରାଣପ୍ରିୟା ଯକ୍ଷିଣୀ ନିକଟକୁ ବିରହବିଧୂର ସନ୍ଦେଶ ପ୍ରେରଣପାଇଁ ଆକୁଳ ନିବେଦନ କରିଥିଲା । ସେହିପରି ସ୍କଟିସ ନାବିକ ଆଲେକ୍‌ଜାଣ୍ଡାର ସେଲ୍‌କାର୍କ ନିଜର ସହକର୍ମୀଙ୍କ ଦ୍ୱାରା ପରିତ୍ୟକ୍ତ ହୋଇ ଏକ ଭୟଙ୍କର ନିର୍ଜନ ଅଜ୍ଞାତ ଦୀପରେ ଏକାକୀ ରହୁଥିବା ବେଳେ ନିଜର ଜନ୍ମଭୂମି ଓ ପ୍ରିୟଜନଙ୍କର ବାର୍ତ୍ତା ଆଣି ତାଙ୍କ ନିକଟରେ ପହଞ୍ଚେଇ ଦେବା ପାଇଁ ପବନକୁ ଅନୁନୟ କରିଥିଲେ । ଆଜିର ଇଲେକ୍ଟ୍ରୋନିକ ଯୁଗରେ ଯେଉଁଠି ସମ୍ପର୍କସ୍ଥାପନର ସହଜଲଭ୍ୟ ମାଧ୍ୟମ ମଣିଷର ନଖଅଗରେ ପହଞ୍ଚିଗଲାଣି ସେଠି ବି ଉପରୋକ୍ତ ମାଧ୍ୟମଗୁଡିକର ପ୍ରସଙ୍ଗିକତା ସମ୍ପୂର୍ଣ୍ଣ ଅମୂଳକ ନୁହେଁ ।

**ଶାସ୍ତ୍ରୀନଗର, ଭୁବନେଶ୍ୱର**
**ମୋ: ୯୪୩୮୬୭୩୮୯୮**

## ଏଇ ଭାରତରେ

କର୍ଣାଟକର ଦିବ୍ୟା ସେଟ୍ଟୀ ଓ ବିଷ୍ଣୁ ବର୍ଦ୍ଧନଙ୍କ ପରବେଶ ଚିନ୍ତା ବେଶ୍ ପ୍ରେରଣାଦାୟକ । ପ୍ରତି ମାସରେ ଏହି ଦମ୍ପତି ଅନେକ ଟନ୍ ବର୍ଜ୍ୟ ରିସାଇକ୍ଲିଂ କରୁଛନ୍ତି । ଉକ୍ତ ଦମ୍ପତି ସର୍କଲ ଏକ୍ସ, ପେପା ଏବଂ ଇଣ୍ଡିଆନ୍ ସୁପର ହିରୋ ନାମକ ତିନୋଟି ଷ୍ଟାର୍ଟଅପ୍ ଗଠନ କରି ବର୍ଜ୍ୟ ସମସ୍ୟା ସମାଧାନ କରିବା ସହ କୃଷକମାନଙ୍କୁ ସାହାଯ୍ୟ କରୁଛନ୍ତି । ଇଣ୍ଡିଆନ୍ 'ସୁପର ହିରୋ' ମାଧ୍ୟମରେ କୃଷକମାନଙ୍କୁ ଜୈବିକ ଚାଷରେ ସାହାଯ୍ୟ କରିବା ସହ ସେମାନଙ୍କ ଉତ୍ପାଦକୁ ସିଧାସଳଖ ବିକ୍ରି କରିବାର ବ୍ୟବସ୍ଥା କରିଛନ୍ତି । ଏହା ଦ୍ୱାରା ୮୦୦ କୃଷକଙ୍କ ରୋଜଗାର ବୃଦ୍ଧି କରିବାରେ ସକ୍ଷମ ହୋଇଛନ୍ତି । ଦିବ୍ୟାଙ୍କ ବୟସ ୩୧ । ବେଙ୍ଗାଲୁରରେ କୃଷକ ସମସ୍ୟା ଉପରେ ହୋଇଥିବା ଏକ ଆଲୋଚନାରେ ଦିବ୍ୟା ଓ ବିଷ୍ଣୁ ପରସ୍ପରକୁ ଭେଟିଥିଲେ ଓ ଦୁଇ ଜଣଙ୍କ ଲକ୍ଷ୍ୟ ସମାନ ଥିବାରୁ ସେମାନେ ୨୦୧୯ରେ ବିବାହ କରିଥିଲେ । ସେମାନେ 'ପେପା' ମାଧ୍ୟମରେ ବର୍ଜ୍ୟ କାଗଜ ସହ ଫୁଲମଞ୍ଜିକୁ ନେଇ ସିଡ୍ ପେନସିଲ (ପ୍ଲାଣ୍ଟେସିଲ) ତିଆରି କରୁଛନ୍ତି । ଦିବ୍ୟା ଓ ବିଷ୍ଣୁ ସର୍କଲ ଏକ୍ସ ଓ ଇଣ୍ଡିଆନ୍ ସୁପର ହିରୋ ଷ୍ଟାର୍ଟଅପ୍ ମାଧ୍ୟମରେ କଠିନ ବର୍ଜ୍ୟଗୁଡ଼ିକୁ ରିସାଇକ୍ଲିଂ କରୁଛନ୍ତି । ମାସକୁ ସେମାନେ ୧୦,୦୦୦ ମେଟ୍ରିକ ଟନ୍ ବର୍ଜ୍ୟ ପ୍ରୋସେସିଂ କରିପାରୁଛନ୍ତି । ଏହି କାର୍ଯ୍ୟରେ ୧୦,୦୦୦ ବର୍ଜ୍ୟ ସଂଗ୍ରହକାରୀ ଓ କବାଡିବାଲା ସଶକ୍ତ ହୋଇଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଜୁଲାଇ ୧୯୯୭

- ପାକିସ୍ତାନରେ ହୋଇଥିବା ପ୍ରଳୟଙ୍କରୀ ବର୍ଷା ଓ ବନ୍ୟାରେ ୬୫ ଜଣ ଲୋକଙ୍କ ପ୍ରାଣହାନି ।
- ବିହାର ମୁଖ୍ୟମନ୍ତ୍ରୀ ତଥା ଲାଲୁ ପ୍ରସାଦ ଯାଦବଙ୍କ ପତ୍ନୀ ରାବ୍ରୀ ଦେବୀ ରାଜ୍ୟ ବିଧାନସଭାରେ ଆସ୍ଥା ଭୋଟରେ ବିଜୟୀ ହୋଇଛନ୍ତି ।
- ଫରିଦାବାଦଠାରୁ ୩୦ କିଲୋମିଟର ଦୂର ପୁରୁଣା ଫରିଦାବାଦ ରେଳ ଷ୍ଟେଶନ ନିକଟରେ ହିମସାଗର ଏକ୍ସପ୍ରେସ୍ ଓ କର୍ନାଟକ ଏକ୍ସପ୍ରେସ୍ ମଧ୍ୟରେ ଧକ୍କା ଲାଗି ୧୨ ମୃତ ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | 5 | | | | 6 | | | |
| 7 | | | | | | | 1 | |
| | | | 2 | 9 | | | | 8 |
| | | 4 | 9 | 6 | | | | 5 |
| | | | | | 2 | | | |
| | 7 | | | 3 | | 8 | | |
| | 4 | | | | 7 | | | |
| 3 | | | 1 | | 4 | | 2 | |
| | | | | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 3 | 6 | 7 | 1 | 5 | 2 | 4 |
| 1 | 6 | 4 | 5 | 9 | 2 | 8 | 3 | 7 |
| 7 | 2 | 5 | 3 | 4 | 8 | 6 | 1 | 9 |
| 4 | 7 | 9 | 2 | 1 | 5 | 3 | 8 | 6 |
| 5 | 8 | 6 | 9 | 3 | 4 | 2 | 7 | 1 |
| 3 | 1 | 2 | 8 | 6 | 7 | 9 | 4 | 5 |
| 6 | 5 | 1 | 4 | 8 | 3 | 7 | 9 | 2 |
| 2 | 4 | 8 | 7 | 5 | 9 | 1 | 6 | 3 |
| 9 | 3 | 7 | 1 | 2 | 6 | 4 | 5 | 8 |

ଗତକାଲିର ଉତ୍ତର

# ଭାରତୀୟ ଜାତୀୟତାବୋଧ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଚଳିତ ମାସ ୪ ତାରିଖରେ ଧରିତ୍ରୀରେ 'ଜାତୀୟତାବାଦ ବନାମ ଜାତୀୟତାବୋଧ' ଶୀର୍ଷକରେ ଏହି ଲେଖକର ଏକ ନାତିଦୀର୍ଘ ପ୍ରବନ୍ଧ ପ୍ରକାଶ ପାଇଥିଲା । ପ୍ରବନ୍ଧଟିରେ କେବଳ ପାଶ୍ଚାତ୍ୟ ଜାତୀୟତାବାଦ ସମ୍ପର୍କରେ ଆଲୋଚନା ହୋଇଥିବାରୁ ଜଣେ ପାଠକ ଭାରତୀୟ ଜାତୀୟତାବାଦ ସମ୍ପର୍କରେ କିଛି ଆଲୋକପାତ କରିବା ପାଇଁ ଅନୁରୋଧ କରିଥିଲେ । ଇଂଲିଶ ଶବ୍ଦ 'ନ୍ୟାଶନାଲିଜମ୍'କୁ ଓଡ଼ିଆରେ ଅନୁବାଦ କରିବାକୁ ଯାଇ ଆମେ ଜାତୀୟତାବାଦ ଶବ୍ଦ ବ୍ୟବହାର କରୁଛୁ । ମାତ୍ର ଇଂଲିଶରେ ନ୍ୟାଶନାଲିଜମ୍ କହିଲେ ଯାହା ବୁଝାଯାଏ, ଭାରତ ପରିପ୍ରେକ୍ଷୀରେ ତାହା ପ୍ରଯୁଜ୍ୟ ହୁଏ ନାହିଁ । ପାଶ୍ଚାତ୍ୟରେ ନ୍ୟାଶନାଲିଜମ୍ କହିଲେ ନିଜ ଜାତିକୁ ଶ୍ରେଷ୍ଠ ମଣି ଅନ୍ୟ ଜାତିକୁ ନିକୃଷ୍ଟ ଦୃଷ୍ଟିରେ ଦେଖିବାକୁ ବୁଝାଏ । ଏହି ଦୃଷ୍ଟିଭଙ୍ଗୀ ଯୋଗୁ ତଥାକଥିତ ଶ୍ରେଷ୍ଠ ଜାତି ଅନ୍ୟ ଜାତି ଉପରେ ଆକ୍ରମଣ କରି ନରସଂହାର କରିଛନ୍ତି । ମାତ୍ର ଭାରତୀୟ ସଂସ୍କୃତି ଏହିଭଳି ନ୍ୟାଶନାଲିଜମ୍‌ରେ ବିଶ୍ୱାସ କରେ ନାହିଁ । ପ୍ରାଚୀନ ଭାରତରେ ଋଷିମାନେ ଉଦ୍‌ଘୋଷଣା କରୁଥିଲେ 'ମାତା ଭୂମିଃ ପୁତ୍ରୋ ଅହଂ ପୃଥିବ୍ୟାଃ' ଅର୍ଥାତ୍ ଏହି ସମଗ୍ର ଭୂଖଣ୍ଡ ହେଉଛି ମୋର ମାତା ଓ ମୁଁ ପୃଥିବୀର ପୁତ୍ର । ସେମାନେ ନିଜକୁ ଏକ ସଂକୀର୍ଣ୍ଣ ଭୂଖଣ୍ଡ (ରାଜ୍ୟ ବା ଦେଶ) ର ବାସିନ୍ଦା ଭାବରେ ବିବେଚନା କରୁ ନ ଥିଲେ । ସେମାନେ ନିଜକୁ ଶ୍ରେଷ୍ଠ ମଣି ଅନ୍ୟଜାତି ଉପରେ କେବେ ଆକ୍ରମଣ କରିନାହାନ୍ତି । ନ୍ୟାଶନାଲିଜମ୍‌କୁ ଯଦି ଜାତୀୟତାବାଦ କୁହାଯାଏ, ତା'ହେଲେ ଭାରତୀୟ ସଂସ୍କୃତିରେ ଜାତୀୟତାବାଦ ଅବଧାରଣା ନାହିଁ ବରଂ ଅଛି ଜାତୀୟତାବୋଧ । ଅନ୍ୟ ଜାତିକୁ ନିକୃଷ୍ଟ ନ ମଣି ନିଜ ଜାତିକୁ ନେଇ ଗର୍ବ କରିବା ଓ ନିଜ ଜାତିକୁ ଭଲ ପାଇବା ହେଉଛି ଜାତୀୟତାବୋଧ । ସ୍ୱାମୀ ବିବେକାନନ୍ଦ ହେଉଛନ୍ତି ଏହି ଭାବଧାରାର ପ୍ରବର୍ତ୍ତକ । ସେ କହୁଥିଲେ ''ଭୁଲ୍ ନାହିଁ, ନୀଚଜାତି, ମୂର୍ଖ, ଦରିଦ୍ର, ଅଜ୍ଞ, ମୋଚି, ମେହେନ୍ତର ସମସ୍ତେ ତୁମ ରକ୍ତ, ତୁମ ଭାଇ । ହେ ବୀର, ସାହସ ଅବଲମ୍ବନ କର । ସଦର୍ପରେ କୁହ ମୁଁ ଭାରତବାସୀ, ଦରିଦ୍ର ଭାରତବାସୀ, ବ୍ରାହ୍ମଣ-ଭାରତବାସୀ, ଚାଣ୍ଡାଳ ଭାରତବାସୀ ମୋର ଭାଇ । ଭାରତର ଦେବଦେବୀ ମୋର ଈଶ୍ୱର, ଭାରତର ସମାଜ ମୋର ଶିଶୁ ଶଯ୍ୟା, ମୋର ଜୀବନର ଉପବନ, ମୋର ବାର୍ଦ୍ଧକ୍ୟର ବାରାଣସୀ । କୁହ ଭାଇ, ଭାରତର ମୃତ୍ତିକା ମୋର ସ୍ୱର୍ଗ, ଭାରତର କଲ୍ୟାଣ ମୋର କଲ୍ୟାଣ ।'' ସ୍ୱାମିଜୀ ଭାରତକୁ ମନପ୍ରାଣ ଦେଇ ଭଲ ପାଉଥିଲେ । ତା'ସହ ସେ ବିଶ୍ୱଭ୍ରାତୃତ୍ୱର ପ୍ରଚାର ଓ ପ୍ରସାର କରୁଥିଲେ । ସେଥିପାଇଁ ଚିକାଗୋ ଧର୍ମ ସମ୍ମିଳନୀରେ ଆମେରିକାବାସୀଙ୍କୁ ସେ 'ଭଦ୍ରବ୍ୟକ୍ତି ଭଦ୍ର ମହିଳା' ସମ୍ବୋଧନ ନ କରି 'ଭଗିନୀ ଓ ଭାଇ' ସମ୍ବୋଧନ କରିଥିଲେ । ତାଙ୍କ ଦେଶପ୍ରେମ ଭିତରେ ଅନ୍ୟ ଜାତି ପ୍ରତି ଘୃଣାଭାବ ନ ଥିଲା କି ନିଜକୁ ଶ୍ରେଷ୍ଠ ଭାବରେ ଜାହିର କରିବାର ଔଦ୍ଧତ୍ୟ ନ ଥିଲା । ତାଙ୍କ ଦେଶପ୍ରେମରେ ଥିଲା ଜାତୀୟତାବୋଧ । ସେହି ଜାତୀୟତାବୋଧକୁ ସେ ଜାତୀୟତାବାଦରେ ପରିଣତ କରିବାର ସୁଯୋଗ ଦେଇ ନ ଥିଲେ, କାରଣ କୌଣସି ଏକ ଆଦର୍ଶ 'ବାଦ'ରେ ପରିଣତ



ହେଲେ ତାହା ଏକ ଅଫିମ ହୋଇଯାଏ । ମଣିଷ ଅଫିମ ସେବନ କଲେ ନିଜ ଦୁର୍ବଳତାକୁ ମଧ୍ୟ ଠିକ୍ ବୋଲି ସାବ୍ୟସ୍ତ କରେ ଓ ନିଜକୁ ଶ୍ରେଷ୍ଠ ମଣି ଅନ୍ୟ ଜାତିକୁ ନିକୃଷ୍ଟ ବିଚାର କରେ । ଫଳରେ ଅହଂ ସହ ଅହଂର ସଂଘର୍ଷ ହୋଇ ହିଂସା ଓ ରକ୍ତପାତ ସୃଷ୍ଟି ହୁଏ । ଏଣୁ ବିବେକାନନ୍ଦ ଜାତୀୟତାବାଦର ପକ୍ଷପାତୀ ନ ହୋଇ ଜାତୀୟତାବୋଧରେ ଉଦ୍‌ବୁଦ୍ଧ ହୋଇଥିଲେ ।

ଚିକାଗୋରେ ପଞ୍ଚମ ଦିବସୀୟ ଅଧିବେଶନରେ ବିବେକାନନ୍ଦ ପାଶ୍ଚାତ୍ୟ ଧର୍ମ-ଦର୍ଶନର ସଂକୀର୍ଣ୍ଣତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ଯେଉଁ କ୍ଷୁଦ୍ର କାହାଣୀଟି କହିଥିଲେ ତାହା ପାଶ୍ଚାତ୍ୟ ଜାତୀୟତାବାଦ ପ୍ରତି ମଧ୍ୟ ପ୍ରଯୁଜ୍ୟ । ଗୋଟିଏ କ୍ଷୁଦ୍ର କୂଅରେ ବାସ କରୁଥିଲା ଏକ ବେଙ୍ଗ । ସେହି କୂଅରେ ତା'ର ଜନ୍ମ ଓ ସେଠାରେ ସେ ପ୍ରତିପାଳିତ । ଏକଦା ଘଟଣାକ୍ରମେ ସମୁଦ୍ରରୁ ଏକ ବେଙ୍ଗ ଆସି ସେ କୂଅରେ ପଡ଼ିଲା । କୂପମଣ୍ଡୁକ ପଚାରିଲା ''ତୁମେ କେଉଁଠୁ ଆସିଲ ?'' ସେ ଉତ୍ତର ଦେଲା, ''ସମୁଦ୍ରରୁ'' । କୂପମଣ୍ଡୁକ ପୁଣି ପଚାରିଲା, ''ତାହା କେତେବଡ଼, ମୋ କୂଅପରି ?'' ସମୁଦ୍ର ବେଙ୍ଗ ଉତ୍ତର ଦେଲା, ''ଆରେ ଭାଇ ତୁମେ ଏହି କ୍ଷୁଦ୍ର କୂଅ ସହ ସମୁଦ୍ରକୁ କିପରି ତୁଳନା କରୁଛ ?'' ଏହା ଶୁଣି କୂପମଣ୍ଡୁକ କୂଅର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ଲମ୍ଫ ଦେଇ କହିଲା, ''ତୁମ ସମୁଦ୍ର କ'ଣ ଏତେ ବଡ଼ ?'' ସମୁଦ୍ର ବେଙ୍ଗ କହିଲା, ''ସମୁଦ୍ର ସହ ଏହି କ୍ଷୁଦ୍ର କୂଅର ତୁଳନା କରି ତୁମେ ମୂର୍ଖଙ୍କ ଭଳି ପ୍ରଳାପ କରୁଛ ।'' ତା'ସତ୍ତ୍ୱେ କୂପମଣ୍ଡୁକ କହିଲା, ''ମୋ କୂଅଠାରୁ ଆଉ କିଛି ବଡ଼ ହୋଇ ନ ପାରେ । ତୁମେ ମିଥ୍ୟାବାଦୀ । ଏଠୁ ଚାଲିଯାଅ ।'' ଏହିପରି ପ୍ରତ୍ୟେକ ଜାତିକୁ ଆଜି ସଂକୀର୍ଣ୍ଣତାର ଭାବ ଗ୍ରାସ କରିଛି । ପ୍ରତ୍ୟେକ ଜାତି ସେମାନଙ୍କ କ୍ଷୁଦ୍ର କୂଅରେ ବସି ତାକୁ ସମଗ୍ର ଜଗତ ବୋଲି ଭାବୁଛନ୍ତି । ଜର୍ମାନ, ରୁଷୀୟ, ଆମେରିକୀୟ, ଫରାସୀ ଆଦି ପ୍ରତ୍ୟେକ ଜାତି ନିଜକୁ ଶ୍ରେଷ୍ଠ ମଣି ଅନ୍ୟକୁ ନିକୃଷ୍ଟ ଦୃଷ୍ଟିରେ ଦେଖୁଛନ୍ତି । ଏହି ଦୃଷ୍ଟିଭଙ୍ଗୀ ସୃଷ୍ଟିକରୁଛି ସଂଘର୍ଷ ଓ ଯୁଦ୍ଧ । ଭାରତୀୟ ସଂସ୍କୃତିରେ ଏହିଭଳି ଉଗ୍ରଜାତୀୟତାବାଦର ସ୍ଥାନ ନ ଥିଲା । ତେଣୁ ଭାରତ ଅତୀତରେ ଖ୍ରୀଷ୍ଟିଆନ, ମୁସଲମାନ, ପାର୍ସୀ ଆଦି ବିଭିନ୍ନ ଧର୍ମାବଲମ୍ବୀମାନଙ୍କୁ ଆଶ୍ରୟ ଦେଇଛି । ବିବେକାନନ୍ଦଙ୍କ ଭଳି ରବୀନ୍ଦ୍ର ନାଥ ଟାଗୋର ମଧ୍ୟ କହିଥିଲେ, ''ଦେଶପ୍ରେମ ମୋର ଶେଷ ଆଧ୍ୟାତ୍ମିକ ଆଶ୍ରୟ ନୁହେଁ । ମୋର ଆଶ୍ରୟ ହେଉଛି ମାନବ ଜାତି ।''

ବିଶିଷ୍ଟ ରାଜନୀତି ସମୀକ୍ଷକ ଆର.ଏନ୍. ଗିଲ୍‌ଖ୍ରାଏଷ୍ଟଙ୍କ ମତରେ ୟୁରୋପୀୟ ଚିନ୍ତାଧାରା ଅନୁସାରେ ଭାରତରେ ରାଷ୍ଟ୍ରର କଳ୍ପନା କେବେ ନ ଥିଲା । ଭାରତର ପ୍ରାଚୀନ ନାମ ଥିଲା ଜମ୍ବୁଦ୍ୱୀପ । ସେତେବେଳେ ବହୁମୁଳକ ବା 'ଖଣ୍ଡ' ର ସମାବେଶରେ ଭାରତୀୟ ମହାଜାତିର ପରିଚୟ ଗଢ଼ିଉଠିଥିଲା- ଯଥା ଇନ୍ଦ୍ରଦ୍ୱୀପ, ତାମ୍ରବର୍ଣ୍ଣ, ନାଗଦ୍ୱୀପ, ଗାନ୍ଧାର ଇତ୍ୟାଦି । ଭୌଗୋଳିକ ଓ ସାଂସ୍କୃତିକ ବିଶେଷତ୍ୱ ଦ୍ୱାରା ଏମାନେ ଚିହ୍ନିତ ହେଉଥିଲେ, ରାଜନୈତିକ ସୀମାରେଖା ଦ୍ୱାରା ନୁହେଁ । ଯୁଦ୍ଧରେ ପରାଜୟ ଯୋଗୁ ରାଜ୍ୟଗୁଡ଼ିକ ସୀମାରେଖା ବାରମ୍ବାର ବଦଳୁଥିଲା । ତା' ସତ୍ତ୍ୱେ ଏହାଦ୍ୱାରା କୌଣସି ବିଭେଦ ସୃଷ୍ଟି ହେଉ ନ ଥିଲା । ବିଶିଷ୍ଟ ଐତିହାସିକ ଭିନ୍‌ସେଣ୍ଟ ସ୍ମିଥ କହିଛନ୍ତି ରାଜନୈତିକ ଅସଂଲଗ୍ନତା ସତ୍ତ୍ୱେ ଏଠାରେ ଏକ ଅନ୍ତର୍ନିହିତ ମୌଳିକ ଐକ୍ୟ ରହିଛି । ଭାରତୀୟତା ଭୌଗୋଳିକ ସୀମାରୁ ଊର୍ଦ୍ଧ୍ୱକୁ ଯାଇ ସର୍ବଦା ମାନବବାଦ ପ୍ରତି ଅଙ୍ଗୀକାରବଦ୍ଧ । ଏଣୁ ଭାରତ ପରିପ୍ରେକ୍ଷୀରେ 'ବାଦ' ଉପଶବ୍ଦର ବ୍ୟବହାର ଅନୁପଯୁକ୍ତ । ଏହା ପାଶ୍ଚାତ୍ୟ ଚିନ୍ତନ । ଭାରତୀୟମାନେ ପାଶ୍ଚାତ୍ୟ ଅର୍ଥରେ ଜାତୀୟତାବାଦରେ ବିଶ୍ୱାସ କରନ୍ତି ନାହିଁ । ସେମାନେ ବିଶ୍ୱାସ କରନ୍ତି ଜାତୀୟତାବୋଧରେ ।

**ପ୍ରାକ୍ତନ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼**
**ମୋ:୯୪୩୭୩୨୯୨୬୩**

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାସ୍ଥ୍ୟ ସେବାରେ ପାର୍ଥକ୍ୟ ନରହୁ

ମହାଶୟ,

ଗୋଟିଏ ଜନମଙ୍ଗଳ ରାଷ୍ଟ୍ରରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ରୋଗର ଯନ୍ତ୍ରଣା କେବଳ ଅନୁଭବୀ, ରୋଗୀ ଏବଂ ରୋଗୀଙ୍କ ପରିବାର ବୁଝିପାରେ । ଏହି ସମୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କୌଣସି ଅବହେଳା ମାନବିକତାକୁ ବିଦ୍ରୋହୀ କରି ଦେଇଥାଏ । ସରକାର କହିଛନ୍ତି ଯେ, ଗତ ୩ ବର୍ଷ ମଧ୍ୟରେ ରାଜ୍ୟର ସ୍ୱାସ୍ଥ୍ୟ ବଜେଟକୁ ୩ ଗୁଣ ବଢାଇ ଦିଆଯାଇଛି । ବିଭିନ୍ନ ଡାକ୍ତରଖାନାରେ ୩୫୮ ଭେଷଜ ଡାକ୍ତର, ୧୧୬ ହୋମିଓପାଥି ମେଡିକାଲ ଅଧିକାରୀ, ୩୬ ହୋମିଓପାଥି ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି । ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ । ସରକାର ଚାହିଁଲେ ସବୁ ସମ୍ଭବ । ଗ୍ରାମାଞ୍ଚଳରେ ଥିବା ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସରକାର ଡାକ୍ତର ସହ ଅନ୍ୟାନ୍ୟ କର୍ମଚାରୀ ଓ ସ୍ୱାସ୍ଥ୍ୟସେବା ସମ୍ବନ୍ଧୀୟ ସରଞ୍ଜାମ ରଖିବାକୁ ସଂକଳ୍ପ ନିଅନ୍ତୁ । କାରଣ ଗରିବ ଲୋକଟିଏ ପ୍ରଥମେ ରୋଗଗ୍ରସ୍ତ ହେଲେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥାଏ । ଏପରି କି ସ୍ୱାସ୍ଥ୍ୟସେବାର ବେସରକାରୀକରଣକୁ ଉଚ୍ଛେଦ କରି ଏହାକୁ ସଂପୂର୍ଣ୍ଣ ସରକାରୀ ସେବା କରାଯାଉ । ଧନୀ ଗରିବଙ୍କ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ କୌଣସି ପାର୍ଥକ୍ୟ ନ ରହୁ ।

**-ସତୀଶ ବିଶ୍ୱାଳ, ଧର୍ମଶାଳା, ଯାଜପୁର**

## ଚିରନ୍ତନୀ

ଅନ୍ଧକାର
ଆସଇ ଧୀରେ
ଉଦାସ ତାର ଗତି
ଏ ଘରେ ଆଜି ଜଳିଲା ନାହିଁ ବତୀ !
-(ସନ୍ଧ୍ୟା ପଥେ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଶୁଣାଣି ବିଳମ୍ବ ରିପୋର୍ଟକୁ ନେଇ ସୁପ୍ରିମକୋର୍ଟଙ୍କ କ୍ଷୋଭ



**ନୂଆଦିଲ୍ଲୀ,୨୮।୭:** ବିଚାରପତି ଶୁଣାଣିରେ ବିଳମ୍ବ କରୁଥିବା ନେଇ ପ୍ରକାଶିତ ଏକ ରିପୋର୍ଟ ଉପରେ ସୁପ୍ରିମକୋର୍ଟ ଗୁରୁବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିଚାରପତିମାନଙ୍କୁ ଟାର୍ଗେଟ କରିବାର ଏକ ସୀମା ରହିଛି। ଆମକୁ ସମୟ ଦିଅ ବୋଲି ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ସୂର୍ଯ୍ୟ କାନ୍ତଙ୍କ ଖଣ୍ଡପୀଠ କହିଛନ୍ତି। ଦେଶର ଖ୍ରୀଷ୍ଟିଆନ ସଂସ୍ଥା ଓ ଏହାର କାର୍ଯ୍ୟକର୍ତ୍ତାଙ୍କ ଉପରେ ଆକ୍ରମଣ ବଢ଼ୁଥିବା ନେଇ ଏକ ପିଟିଶନର ଶୁଣାଣି ବିଳମ୍ବିତ ହେଉଥିବା ଖବର ପ୍ରକାଶ ପାଇଥିଲା। ଏଭଳି ରିପୋର୍ଟ କିଏ ଦେଉଛି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଜଷ୍ଟିସ ଚନ୍ଦ୍ରଚୂଡ଼ କୋଭିଡ୍ ଆକ୍ରାନ୍ତ ଥିବାରୁ ଗତଥର ଶୁଣାଣି ହୋଇପାରି ନ ଥିଲା ବୋଲି କହିଛନ୍ତି।

### ବାର୍ମିରରେ ବାୟୁସେନା ବିମାନ ଦୁର୍ଘଟଣାଗ୍ରସ୍ତ



**ଜୟପୁର, ୨୮।୭:** ଭାରତୀୟ ବାୟୁସେନା(ଆଇଏଏଫ୍)ର ଏକ ମିଗ୍-୨୧ ଯୁଦ୍ଧବିମାନ ରାଜସ୍ଥାନର ବାର୍ମିର ଜିଲାରେ ଗୁରୁବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ବାୟତୋର ଭିମ୍‌ଦା ଗ୍ରାମରେ ବିମାନଟି ଖସିପଡ଼ିଥିବା ଜିଲାପାଳ ଲୋକ ବନ୍ଧୁ ସୂଚନା ଦେଇଛନ୍ତି। ଖବରପାଇ ସେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏ ନେଇ ଆଇଏଏଫ୍‌ର ଚିଫ୍ ମାର୍ଶଲ ଭି. ଆର୍. ଚୌଧୁରୀଙ୍କ ସହ କଥା ହୋଇଛନ୍ତି। ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବାବେଳେ ଏଥିରେ ମୃତାହତଙ୍କ ବାବଦରେ ମଧ ସୂଚନା ମିଳିନାହିଁ।

### ଜୈବିକ ପିତାଙ୍କ ମୃତ୍ୟୁ ପରେ ଦ୍ୱିତୀୟ ସ୍ୱାମୀଙ୍କ ସାଙ୍ଗିଆ ପୁଅକୁ ଦେଇପାରିବେ ମା'

**ନୂଆଦିଲ୍ଲୀ,୨୮।୭:** ଜନ୍ମଦାତା ପିତାଙ୍କ ମୃତ୍ୟୁ ପରେ ସ୍ତ୍ରୀ ଦ୍ୱିତୀୟ ବିବାହ କଲେ ସେ ପିଲାର ସାଙ୍ଗିଆ ସମ୍ପର୍କରେ ନିଷ୍ପତ୍ତି ନେଇପାରିବେ ଓ ତାଙ୍କୁ ନୂଆ ପରିବାରରେ ସାମିଲ କରିପାରିବେ ବୋଲି ସୁପ୍ରିମକୋର୍ଟ ଟିପ୍ପଣୀ ଦେଇଛନ୍ତି। ଦ୍ୱିତୀୟ ସ୍ୱାମୀଙ୍କ ସାଙ୍ଗିଆ ରଖିବାରେ କିଛି ଭୁଲ୍ ନାହିଁ ବୋଲି ଜଷ୍ଟିସ୍ ଦିନେଶ ମାହେଶ୍ୱରୀ ଏବଂ କ୍ରିଷ୍ଣା ମୁରାରୀଙ୍କ ଖଣ୍ଡପୀଠ କହିବା ସହ ଆନ୍ଧ୍ରପ୍ରଦେଶ ହାଇକୋର୍ଟଙ୍କ ରାୟକୁ ଖାରଜ କରିଦେଇଛନ୍ତି। ପିଲାଙ୍କ ସାଙ୍ଗିଆ ନ ବଦଳାଇ ରେକର୍ଡରେ ଦ୍ୱିତୀୟ ସ୍ୱାମୀଙ୍କୁ ସାବତ ବାପା ଉଲ୍ଲେଖ କରିବାକୁ ହାଇକୋର୍ଟ ପୂର୍ବରୁ ମହିଳାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଭଳି ନିର୍ଦ୍ଦେଶ ଦେବା ପୂର୍ବରୁ ତାହା ପିଲାର ମାନସିକ ସ୍ୱାସ୍ଥ୍ୟ ଓ ଆତ୍ମସମ୍ମାନ ଉପରେ କିଭଳି ପ୍ରଭାବ ପକାଇବ ସେ ନେଇ ଚିନ୍ତା କରିବା ଆବଶ୍ୟକ ଥିଲା ବୋଲି ଖଣ୍ଡପୀଠ କହିଛନ୍ତି।

# ଇରାକରେ ଶ୍ରୀଲଙ୍କା ଦୃଶ୍ୟ

## ପାର୍ଲାମେଣ୍ଟରେ ବିକ୍ଷୋଭକାରୀ

- ପ୍ରଧାନମନ୍ତ୍ରୀ ପ୍ରାର୍ଥୀଙ୍କୁ ବିରୋଧକରି ଆନ୍ଦୋଳନ
- ସଂସଦରେ ନାଚିଲେ ଅଲ୍-ସଦରଙ୍କ ସମର୍ଥକ

ବାଗ୍‌ଦାଦ

ଶ୍ରୀଲଙ୍କା ରାଷ୍ଟ୍ରପତି ପଦରୁ ଗୋଟାବାୟା ରାଜପାକ୍ସେଙ୍କ ଇସ୍ତଫା ଦାବିରେ ଆନ୍ଦୋଳନକାରୀ ରାଷ୍ଟ୍ରପତି ଭବନରେ ଧସେଇ ପଶିବା ଦୃଶ୍ୟର ପୁନରାବୃତ୍ତି ଦେଖିବାକୁ ମିଳିଛି ଇରାକରେ। ବୁଧବାର ଶତାଧିକ ବିକ୍ଷୋଭକାରୀ ଦେଶର ସବୁଠାରୁ ସୁରକ୍ଷିତ ସ୍ଥାନ ବା ଗ୍ରୀନ୍ ଜୋନ କୁହାଯାଉଥିବା ବାଗ୍‌ଦାଦସ୍ଥିତ ପାର୍ଲାମେଣ୍ଟ ଭବନକୁ ମାଡ଼ିଯାଇ ସେଠାରେ ନାଚଗୀତ କରିଛନ୍ତି। ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ମହମ୍ମଦ ଅଲ୍-ସୁଦାନିଙ୍କୁ ବିରୋଧ କରି ଏହି ଆନ୍ଦୋଳନ ମୁଣ୍ଡ ଟେକିଛି। ଶିଆ ବିଦ୍ୱାନ ମୁକ୍ତାଦା ଅଲ୍-ସଦରଙ୍କ ସମର୍ଥକମାନେ ପାର୍ଲାମେଣ୍ଟ ଭବନରେ ବିକ୍ଷୋଭ କରିଛନ୍ତି। ପୂର୍ବତନ ମନ୍ତ୍ରୀ ଅଲ୍-ସୁଦାନିଙ୍କୁ ଇରାନ୍ ସମର୍ଥିତ ଦଳଗୁଡ଼ିକ ପ୍ରାର୍ଥୀ କରିଥିବାବେଳେ ତାଙ୍କ ବିରୋଧରେ ନାରାବାଜି କରିଛନ୍ତି। ତେବେ ଆନ୍ଦୋଳନକାରୀ ପ୍ରବେଶ କରିବାବେଳେ ସଂସଦରେ କୌଣସି ଆଇନପ୍ରଣେତା ଉପସ୍ଥିତ ନ ଥିଲେ। ଏହାର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଛି। ଇରାକ୍‌ବାସୀଙ୍କ ବିକ୍ଷୋଭ ଅଧିକାର ରହିଛି। କିନ୍ତୁ ତାହା ଆଇନ ଅନୁସାରେ ଶାନ୍ତିପୂର୍ଣ୍ଣ ଢଙ୍ଗରେ ହେବା ଉଚିତ ବୋଲି ଜାତିସଂଘ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

ଗତ ଅକ୍ଟୋବରରେ ଇରାକରେ ସଂଘୀୟ ନିର୍ବାଚନ ବେଳେ ମୁକ୍ତାଦା ଅଲ୍-ସଦରଙ୍କ ମେଣ୍ଟକୁ ବିପୁଳ ସମର୍ଥନ ମିଳିଥିଲେ ହେଁ ଏହା ବହୁମତ ପାଇବାରୁ ବଞ୍ଚିତ ହୋଇଥିଲା। ଏହି କାରଣରୁ ଦେଶରେ ପ୍ରାୟ ୧୦ ମାସ ପରେ ବି ନୂଆ ସରକାର ଗଠନକୁ ନେଇ ଅନିଶ୍ଚିତତା ଲାଗି ରହିଛି। ନିର୍ବାଚନ ପରେ ମଧ ନିଜ ରାଜନୈତିକ ପତିଆରା ପ୍ରଦର୍ଶନ ଉଦ୍ଦେଶ୍ୟରେ ଶିଆ ବିଦ୍ୱାନ ଅଲ୍-ସଦର ବହୁସଂଖ୍ୟକ ଲୋକଙ୍କୁ ଠୁଳ କରିଥିଲେ। ଜୁଲାଇ ପ୍ରାରମ୍ଭରେ ଅଲ୍-ସଦରଙ୍କ ଡାକରାରେ ତାଙ୍କ ହଜାର ହଜାର ସମର୍ଥକ ଗଣପ୍ରାର୍ଥନା ପାଇଁ ଏକଜୁଟ ହୋଇଥିଲେ। ସେତେବେଳେ କୌଣସି ବଡ଼ ଧରଣର ଆନ୍ଦୋଳନ ଆଶଙ୍କା ଉପୁଜିଥିଲା। ନିକଟରେ ଇରାନ୍ ସମର୍ଥିତ ଶିଆ ପାର୍ଟି ଏବଂ ସେମାନଙ୍କ ମେଣ୍ଟ କୋଅର୍ଡିନେଶନ ଫ୍ରେମ୍‌ୱାର୍କ ବ୍ଲକ୍ ପକ୍ଷରୁ ମହମ୍ମଦ ଅଲ୍-ସୁଦାନିଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରାଯାଇଥିଲା। ଷ୍ଟେଟ୍ ଅଫ୍ ଲ' ଲିଡର ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ନୌରି ଅଲ୍-ମାଲିକି ତାଙ୍କୁ ପ୍ରାର୍ଥୀ ଚୟନ କରିଥିଲେ। ଏହାକୁ ବିରୋଧ କରି ଅଲ୍-ସଦରଙ୍କ ସମର୍ଥକ ଓ ଅନ୍ୟମାନେ ବିକ୍ଷୋଭ କରି ପାର୍ଲାମେଣ୍ଟରେ ଧସେଇ ପଶିଥିଲେ। ସେମାନେ ହାତରେ ଅଲ୍-ସଦରଙ୍କ ଫଟୋ ଧରିଥିଲେ। ସିକ୍ୟୁରିଟି ଗାର୍ଡ ମଧ ସେମାନଙ୍କୁ ଅଟକାଇ ନ ଥିଲେ। ଏପରି କି ଜଣେ ସୁରକ୍ଷାକର୍ମୀ ଆନ୍ଦୋଳନକାରୀଙ୍କୁ ପାଣି ବୋତଲ ଦେଉଥିବା ଦେଖାଯାଇଥିଲା। ସେମାନେ 'ସୁଦାନି ଆଉଟ୍', 'ମାଲିକି ଗାର୍‌ବେଜ୍' ଆଦି ସହ ଇରାନ ବିରୋଧୀ ନାରାବାଜି କରିଥିଲେ। କାମଚଳା ପ୍ରଧାନମନ୍ତ୍ରୀ ମୁସ୍ତାଫା ଅଲ୍-କାଦିମି ବିକ୍ଷୋଭକାରୀଙ୍କୁ ତୁରନ୍ତ ପାର୍ଲାମେଣ୍ଟ ଛାଡ଼ିବାକୁ କହିବା ସହ ସୁରକ୍ଷାକର୍ମୀମାନେ ସେମାନଙ୍କୁ ଘଉଡ଼ାଇବାକୁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ଓ ସୁରକ୍ଷାକର୍ମୀ ସେମାନଙ୍କ ଉପରକୁ ପାଣି ମାଡ଼ କରିଥିଲେ। ଆନ୍ଦୋଳନକାରୀ କାନ୍ଥ ଉପରେ ଦଉଡ଼ି ସାହାଯ୍ୟରେ ଚଢ଼ି ପାର୍ଲାମେଣ୍ଟ ଭିତରକୁ ପଶୁଥିବା ଦେଖିବାକୁ ମିଳିଥିଲା। କିଛି ଘଣ୍ଟା ପରେ ଅଲ-ସଦର ଟୁଇଟ୍ କରି ବିକ୍ଷୋଭକାରୀଙ୍କୁ ଶାନ୍ତ ହେବାକୁ କହିବା ସହ ଫେରିଯିବାକୁ ପରାମର୍ଶ ଦେଇଥିଲେ। ପରେ ତାଙ୍କ ସମର୍ଥକ ସଂସଦ ଭବନରୁ ବାହାରିଥିବା ଦେଖାଯାଇଥିଲା।

ତୃଣମୂଳସ୍ତରରେ ଅଲ୍-ସଦରଙ୍କ ପହଞ୍ଚ ଏବଂ ସମର୍ଥକଙ୍କୁ ନିୟନ୍ତ୍ରଣରେ ରଖିବାରେ ସେ କେତେ ସଫଳ ତାହା ପୁଣି ଏହି ଘଟଣାରୁ ଜଣାପଡ଼ିଛି। ୨୦୧୬ରେ ମଧ ସମାନ ଢଙ୍ଗରେ ତାଙ୍କ ସମର୍ଥକମାନେ ପାର୍ଲାମେଣ୍ଟ ମଧରେ ପଶି ବିକ୍ଷୋଭ କରିବା ସହ ରାଜନୈତିକ ସଂସ୍କାର ଆଣିବାକୁ ଦାବି କରିଥିଲେ। ଗତ ଅକ୍ଟୋବର ସଂଘୀୟ ନିର୍ବାଚନରେ ସର୍ବାଧିକ ଆସନ ଦଖଲ ସତ୍ତ୍ୱେ ବହୁମତରୁ ବଞ୍ଚିତ ହେବାରୁ ନିକଟରେ ସେ ରାଜନୈତିକ ପ୍ରକ୍ରିୟାରୁ ଓହରି ଯାଇଥିଲେ। ଏଥିସହ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନ ହେବାକୁ ମଧ ସେ ଘୋଷଣା କରିଥିଲେ।



ଇରାକ ପାର୍ଲାମେଣ୍ଟ ଭବନରେ ଶିଆ ବିଦ୍ୱାନ ମୁକ୍ତାଦା ଅଲ୍-ସଦରଙ୍କ ସମର୍ଥକମାନେ ବିକ୍ଷୋଭ କରୁଛନ୍ତି।


ମହମ୍ମଦ ଅଲ୍-ସୁଦାନି

### ୨ ଅଭିଯୁକ୍ତ ଦୋଷୀସାବ୍ୟସ୍ତ

## ବିଚାରପତିଙ୍କୁ ଅଟୋ ମଡ଼ାଇ ହତ୍ୟା ମାମଲା

ଧାନବାଦ,୨୮।୭

ଝାଡ଼ଖଣ୍ଡର ଧାନବାଦ ଅତିରିକ୍ତ ଜିଲା ଜଜ୍ ଉତ୍ତମ ଆନନ୍ଦଙ୍କୁ ଅଟୋ ମଡ଼ାଇ ହତ୍ୟା ମାମଲାରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ଗୁରୁବାର ୨ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିଛି। ଠିକ୍ ବର୍ଷକ ପୂର୍ବେ ଅର୍ଥାତ୍ ଗତବର୍ଷ ଜୁଲାଇ ୨୮ରେ ଅତିରିକ୍ତ ଜିଲା ଜଜ୍ ମର୍ନିଂ ୱାକ୍‌ରେ ଯାଉଥିବାବେଳେ ୨ ଅଭିଯୁକ୍ତ ଅଟୋ ଡ୍ରାଇଭର ଲଖନ ବର୍ମା (୨୨) ଓ ତାଙ୍କ ସହଯୋଗୀ ରାହୁଲ ବର୍ମା (୨୧) ଉଦ୍ଦେଶ୍ୟମୂଳକ ଭାବେ ତାଙ୍କୁ ଧକ୍କା ଦେଇଥିଲେ। ଏହି ଘଟଣାର ସିସିଟିଭି ଫୁଟେଜ୍ ଗଣମାଧମରେ ପ୍ରକାଶ ପାଇବା ପରେ ଝାଡ଼ଖଣ୍ଡ ହାଇକୋର୍ଟ ଓ ସୁପ୍ରିମକୋର୍ଟ ମାମଲାକୁ ଗୁରୁତର ସହ ନେଇଥିଲେ। ମାମଲା ସମ୍ବେଦନଶୀଳ ହୋଇଥିବାରୁ ତୁରନ୍ତ ତଦନ୍ତ ଶେଷ କରିବାକୁ ଝାଡ଼ଖଣ୍ଡ ସରକାର ସିବିଆଇକୁ ଅନୁରୋଧ କରିଥିଲେ। ତଦନ୍ତକାରୀ ସଂସ୍ଥା ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଆଇପିସିର ଧାରା ୩୦୨, ୨୦୧ ଏବଂ ୩୪ରେ ଚାର୍ଜସିଟ୍ ଦାଖଲ କରିବା ସହ ୫୮ ଜଣଙ୍କଠାରୁ ସାକ୍ଷ୍ୟପ୍ରମାଣ ସଂଗ୍ରହ କରିଥିଲା।

### ସାହିତ୍ୟିକ ଅତୁଲାନନ୍ଦ ଗୋସ୍ୱାମୀଙ୍କ ପରଲୋକ

**ଗୁଆହାଟୀ,୨୮।୭:** ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଆସାମର ଖ୍ୟାତନାମା ସାହିତ୍ୟିକ ଅତୁଲାନନ୍ଦ ଗୋସ୍ୱାମୀଙ୍କର ବୁଧବାର ଗୁଆହାଟୀସ୍ଥିତ ଏକ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୮୭ ବର୍ଷ ହୋଇଥିଲା। 



ସେ ୧୦ ଦିନ ହେଲା ଗୁଆହାଟୀ ମେଡିକାଲ କଲେଜ ଓ ହସ୍ପିଟାଲର ଆଇସିୟୁରେ ଚିକିତ୍ସାଧୀନ ଥିଲେ। ଅତୁଲାନନ୍ଦ ତାଙ୍କର ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ ପାଇଁ ବେଶ୍ ଜଣାଶୁଣା ଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଓ ଅନ୍ୟମାନେ ଶୋକବ୍ୟକ୍ତ କରିଛନ୍ତି। ଗୁଆହାଟୀର ନବଗ୍ରହ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଆଗୁଆ ପଞ୍ଜୀକରଣ କରିପାରିବେ ୧୭ ବର୍ଷରୁ ଊର୍ଦ୍ଧ୍ୱ

## ଭୋଟର ତାଲିକା

**ନୂଆଦିଲ୍ଲୀ, ୨୮।୭:** ୧୭ ବର୍ଷ ବୟସରୁ ଊର୍ଦ୍ଧ୍ୱ ଯୁବତୀଯୁବକମାନେ ଭୋଟର ତାଲିକାରେ ସାମିଲ ହେବା ପାଇଁ ଆଗୁଆ ପଞ୍ଜୀକରଣ କରିପାରିବେ। ଅଧିକ ସଂଖ୍ୟାରେ ଯୁବବର୍ଗଙ୍କୁ ମତଦାନରେ ସାମିଲ କରିବା ଲକ୍ଷ୍ୟରେ ନିର୍ବାଚନ କମିଶନ ଏହି ନିଷ୍ପତ୍ତି ନେଇଛନ୍ତି। ଭାରତର ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଏବଂ ନିର୍ବାଚନ କମିଶନର ଅନୁପ ଚନ୍ଦ୍ରଙ୍କ ନେତୃତ୍ୱରେ ଗୁରୁବାର ଅନୁଷ୍ଠିତ ନିର୍ବାଚନୀ କମିଟି ବୈଠକରେ ନିର୍ବାଚନ କଳକୁ ଉପରୋକ୍ତ ନିର୍ଦ୍ଦେଶ ଦିଆଯାଇଛି। ଏବେ କୌଣସି ବର୍ଷର ଜାନୁୟାରୀ ୧ ସୁଦ୍ଧା ୧୮ ବର୍ଷ ବୟସ ହୋଇଥିଲେ ହିଁ ଜଣେ ନିଜକୁ ଭୋଟର ତାଲିକାରେ ନାଁ ପଞ୍ଜୀକରଣ କରିବାର ନିୟମ ରହିଛି। ଜାନୁୟାରୀ ୧ ପରେ ୧୮ ବର୍ଷ ହେଉଥିବା ଯୁବବର୍ଗ ଏଥିପାଇଁ ପୂରା ବର୍ଷେ ଅପେକ୍ଷା କରିବାକୁ ପଡୁଥିଲା। ନିର୍ବାଚନ ନିୟମରେ ପରିବର୍ତ୍ତନ ଅଣାଯିବା ପରେ ଜାନୁୟାରୀ ୧, ଏପ୍ରିଲ ୧, ଜୁଲାଇ ୧ ଏବଂ ଅକ୍ଟୋବର ୧ରେ ପ୍ରାପ୍ତ ବୟସ୍କ ହେଉଥିବା ଯୁବତୀଯୁବକ ଏଣିକି ନାଁ ପଞ୍ଜୀକରଣ କରାଇପାରିବେ। ଅର୍ଥାତ ପ୍ରତି ତ୍ରୟମାସିକରେ ଭୋଟର ତାଲିକା ଅପଡେଟ୍ କରାଯିବ। ୨୦୨୩ ପାଇଁ ପ୍ରସ୍ତୁତ ହେବାକୁ ଥିବା ଭୋଟର ତାଲିକାରେ ଏପ୍ରିଲ, ଜୁଲାଇ ଏବଂ ଅକ୍ଟୋବର ୧ ସୁଦ୍ଧା ପ୍ରାପ୍ତ ବୟସ୍କ ହେବାକୁ ଥିବା ନାଗରିକମାନେ ମଧ ନାଁ ପଞ୍ଜୀକରଣ ନିମନ୍ତେ ଆବେଦନ କରିପାରିବେ।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ 'ରାଷ୍ଟ୍ରପତ୍ନୀ' କହିଥିବା କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କ ବିରୋଧରେ ଗୁରୁବାର ଲକେଟ ଚାଟାର୍ଜୀ(ମଝି)ଙ୍କ ସମେତ ଭାଜପା ଏମ୍‌ପିମାନେ ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ କରୁଛନ୍ତି।

# ୩ ସ୍ୱର୍ଣ୍ଣ ଜିତି ଭାରତୀୟ ଛାତ୍ରଙ୍କ ରେକର୍ଡ

## ଇଣ୍ଟରନ୍ୟାଶନାଲ ମ୍ୟାଥମେଟିକାଲ୍ ଅଲିମ୍ପିଆଡ୍

ନୂଆଦିଲ୍ଲୀ,୨୮।୭

ଇଣ୍ଟରନ୍ୟାଶନାଲ ମ୍ୟାଥମେଟିକାଲ୍ ଅଲିମ୍ପିଆଡ (ଆଇଏମ୍‌ଓ)ରେ ବେଙ୍ଗାଲୁରୁ ଛାତ୍ର ପ୍ରାଞ୍ଜଲ ଶ୍ରୀବାସ୍ତବ ପ୍ରଥମ ଭାରତୀୟ ଭାବେ ୩ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଜୁଲାଇ ୧୧ ଓ ୧୨ରେ ଅସ୍‌ଲୋଠାରେ ଆଇଏମ୍‌ଓ ଅନୁଷ୍ଠିତ ହୋଇଥିଲା। ଆଇଏମ୍‌ଓ ହଲ୍-ଅଫ୍-ଫେମ୍‌ରେ ପ୍ରାଞ୍ଜଲଙ୍କ ନାମ ସ୍ଥାନିତ ହୋଇଛି। ଏହି ପ୍ରତିଯୋଗିତାର ୬୩ ବର୍ଷର ଇତିହାସରେ ମାତ୍ର ୧୧ ଜଣ ତାଙ୍କଠାରୁ ଅଧିକ ମେଡାଲ ପାଇଛନ୍ତି।

୧୮ ବର୍ଷୀୟ ପ୍ରାଞ୍ଜଲଙ୍କ ଗଣିତ ପ୍ରତି ଆଗ୍ରହ ପ୍ରଥମ ଶ୍ରେଣୀରୁ ଦେଖାଦେଇଥିବା ତାଙ୍କ ପରିବାର ଜାଣିବାକୁ ପାଇଥିଲେ। ପିଲାଦିନେ ବାପା ତାଙ୍କ ମଜାଳିଆ କାହାଣୀ ଶୁଣାଉଥିବାବେଳେ ବାପା ଓ ଜେଜେ ଗଣିତ ଓ ଜ୍ୟାମିତିର ବିଭିନ୍ନ କୌଶଳ ସମ୍ପର୍କରେ କହୁଥିଲେ ବୋଲି ସେ ଗଣମାଧମକୁ ସୂଚନା ଦେଇଛନ୍ତି। ପ୍ରାଞ୍ଜଲଙ୍କ ମାଆବାପା ବେଙ୍ଗାଲୁରୁରେ ଆଇଟି ପେସାଦାର। ଚଳିତ ବର୍ଷର ମେଡାଲ ସହ ପ୍ରାଞ୍ଜଲ ମୋଟ ୩୪ ପଦକ ଜିତିଲେଣି। ସେ ୨୦୧୮ରେ ପ୍ରଥମେ ରୌପ୍ୟ ପଦକ ଏବଂ ୨୦୧୯ରେ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୨୦ରେ କୋଭିଡ୍ ଯୋଗୁ ଭାରତ ଏହି ପ୍ରତିଯୋଗିତାରେ ଭାଗନେଇ ନ ଥିଲା। ୨୦୨୧ରେ ମଧ ପ୍ରାଞ୍ଜଲ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ।


ପ୍ରାଞ୍ଜଲ ଶ୍ରୀବାସ୍ତବ

# ନୌସେନାରେ ବିକ୍ରାନ୍ତ

ନୂଆଦିଲ୍ଲୀ,୨୮।୭

ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଭାରତର ପ୍ରଥମ ଯୁଦ୍ଧବିମାନବାହୀ ରଣତରୀ ବିକ୍ରାନ୍ତକୁ ଗୁରୁବାର ନୌସେନାକୁ ହସ୍ତାନ୍ତର କରାଯାଇଛି। କୋଚିସ୍ଥିତ ଶିପ୍‌ୟାର୍ଡରୁ ଏହା ନୌସେନାରେ ସାମିଲ ହୋଇ ଇତିହାସ ସୃଷ୍ଟି ହୋଇଛି। ଭାରତୀୟ ନୌସେନାର ଇନ୍‌ହାଉସ ଡାଇରେକ୍ଟୋରେଟ୍ ଅଫ୍ ନାଭାଲ ଡିଜାଇନ୍ ଯୁଦ୍ଧଜାହାଜ ବିକ୍ରାନ୍ତର ଡିଜାଇନ୍ ପ୍ରସ୍ତୁତ କରିଥିବାବେଳେ କୋଚି ଶିପ୍‌ୟାର୍ଡ ଲିମିଟେଡ ଏହାକୁ ନିର୍ମାଣ କରିଛି। ୨୬୨ ମିଟର ଲମ୍ବ ଏହି ଯୁଦ୍ଧଜାହାଜର ପରିବହନ କ୍ଷମତା ୪୫ ହଜାର ଟନ୍। ଏହାର ସର୍ବାଧିକ ଘଣ୍ଟାପ୍ରତି ବେଗ ୨୮ ନଟ୍। ଯୁଦ୍ଧଜାହାଜ ନିର୍ମାଣରେ ୨୦ ହଜାର କୋଟି ଟଙ୍କା ବ୍ୟୟ ହୋଇଛି।

CLASSIFIED DISPLAY ALL EDITION - B/W (Everyday)
MORE SPACE ' SAME PRICE
For Booking Contact: 0674-2580385, 8637280816, 7894447167, 9338226625

DHANLAXMI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି,
BPL, IIT ଭତ୍ତା, କୁକୁଡାପାଳନ,
ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
4% ସୁଧ ଏବଂ 50% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
8902403044

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଇରାନୀ-ସୋନିଆ ମୁହାଁମୁହିଁ

ନୂଆଦିଲ୍ଲୀ,୨୮।୭

## ମେ' ଆଇ ହେଲ୍ପ ୟୁ | ଡୋଣ୍ଟ ଟକ୍ ଟୁ ମି

ଲୋକ ସଭାର କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କ 'ରାଷ୍ଟ୍ରପତ୍ନୀ' ମନ୍ତବ୍ୟକୁ ନେଇ ଗୁରୁବାର ଭାଜପା ଏମ୍‌ପିମାନେ ପାର୍ଲାମେଣ୍ଟରେ ଅଚଳାବସ୍ଥା ସୃଷ୍ଟି କରିଛନ୍ତି। ଶାସକ ଦଳ ସଦସ୍ୟମାନେ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ଏହି ପ୍ରସଙ୍ଗ ଉଠାଇ କଂଗ୍ରେସକୁ ଘେରିଥିଲେ। ସେମାନଙ୍କ ନାରାବାଜି ଓ ହଟ୍ଟଗୋଳ ଯୋଗୁ ଉଭୟ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଛି। ମହିଳା ଏମ୍‌ପିମାନେ ପ୍ଲାକାର୍ଡ ଧରି ସଂସଦ ବାହାରେ ମଧ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଲୋକ ସଭାରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଅଧୀରଙ୍କ ମନ୍ତବ୍ୟକୁ ନିନ୍ଦାକରି କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ଗରିବ ଆଦିବାସୀ ମହିଳାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରିଥିଲେ, ଯାହାକୁ କଂଗ୍ରେସ ସହ୍ୟ କରିପାରୁ ନାହିଁ। ଅଧୀରଙ୍କ ମନ୍ତବ୍ୟ ଆଦିବାସୀ-ଗରିବ-ମହିଳା ବିରୋଧୀ। ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦ ଅଳଙ୍କୃତ କରିଥିବା ଜଣେ ମହିଳାଙ୍କୁ ଅପମାନିତ କରିବା ପାଇଁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଅନୁମତି ଦେଇଛନ୍ତି। ତେଣୁ ସୋନିଆ କ୍ଷମା ମାଗନ୍ତୁ ବୋଲି ଇରାନୀ ଦାବି କରିଥିଲେ। ମଧ୍ୟାହ୍ନ ୧୨ଟାରେ ଲୋକ ସଭା ଅଧ୍ୟକ୍ଷ ଗୃହକାର୍ଯ୍ୟ ସ୍ଥଗିତ ରଖିବା ପରେ ସଦସ୍ୟମାନେ ବାହାରକୁ ଯାଇଥିଲେ। ପାର୍ଲାମେଣ୍ଟ ପରିସରରେ ସୋନିଆ ତାଙ୍କୁ ଏହି ପ୍ରସଙ୍ଗକୁ କାହିଁକି ଟଣାଯାଉଛି ବୋଲି ଭାଜପା ଏମ୍‌ପି ରମା ଦେବୀଙ୍କୁ ପ୍ରଶ୍ନ କରିଥିଲେ। ଏତିକି ବେଳେ ଇରାନୀ ସୋନିଆଙ୍କ ପାଖକୁ ଯାଇ ପ୍ରଶ୍ନ କରିଥିଲେ, ମାଡାମ୍ ମେ' ଆଇ ହେଲ୍ପ ୟୁ(ଆପଣଙ୍କୁ ସାହାଯ୍ୟ କରିପାରେ କି)। ଏତିକିରେ ସୋନିଆ ରାଗିଯାଇ ତାଙ୍କ ସହ କଥା ନ ହେବାକୁ ଇରାନୀଙ୍କୁ ତାଗିଦ କରିଥିଲେ। ସୋନିଆ କହିଥିଲେ, 'ଡୋଣ୍ଟ ଟକ୍ ଟୁ ମି'। ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ହସ୍ତକ୍ଷେପ କରି ସ୍ଥିତି ଶାନ୍ତ କରିବାକୁ ଉଦ୍ୟମ କରିଥିଲେ। ଦୁଇ ମହିଳା ନେତ୍ରୀଙ୍କ ଏହି କଥା କଟାକଟି ଦୃଶ୍ୟ ସାମାଜିକ ଗଣମାଧମରେ ବହୁଳ ପ୍ରସାରିତ ହୋଇଛି।


ସ୍ମୃତି ଇରାନୀ


ସୋନିଆ ଗାନ୍ଧୀ

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ତପତି ରାୟ
ଅବସରପ୍ରାପ୍ତ ଶିକ୍ଷୟିତ୍ରୀ
ଭକ୍ତମଧୁ ବିଦ୍ୟାପୀଠ, କାଜିବଜାର, କଟକ, ମକରବାଗ ସାହି, କଟକ
ତିରୋଧାନ: ୨୪।୦୭।୨୦୨୨
ତୁମ ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୧୩୯

ଏକାଦଶାହ ଉପଲକ୍ଷେ



✓ପ୍ରସନ୍ନ ସାମନ୍ତରାୟ (ହପୁ)
ସ୍ଥାନ: ଧ୍ୱଜାମୁଣ୍ଡାଇ, ସାରଙ୍ଗଯୋଡ଼ି, ପୁରୀ
ଆବିର୍ଭାବ: ୦୧।୦୪।୧୯୫୯
ତିରୋଧାନ: ୧୯।୦୭।୨୦୨୨
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର: ସତ୍ୟଜିତ୍, ଇନ୍ଦ୍ରଜିତ୍, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୧୨୮

ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ବସନ୍ତ କୁମାରୀ ଦେଇ
ତିରୋଧାନ- ଶ୍ରାବଣ ଶୁକ୍ଳପକ୍ଷ ପ୍ରତିପଦ
ସ୍ୱାମୀ- ✓ଗୋକୁଳାନନ୍ଦ ମହାନ୍ତି
ଗ୍ରାମ- ପରୟା ପାଟପୁର
ଡି-୭, ଗ୍ରୀନ୍ ପାର୍କ, ଭୁବନେଶ୍ୱର
ଆଜିର ଏହି ପୂଣ୍ୟ ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ଅଣନାତି ଓ ନାତୁଣୀ ମାନେ।
ଭୁବନେଶ୍ୱର-୯୦୩୭୦୧୦୦୮
ଧ-୭୩୮୫୧

# ମଧ୍ୟାହ୍ନଭୋଜନରେ ବିଷ ମିଶାଇବା ଅଭିଯୋଗ

**ନବରଙ୍ଗପୁର,୨୮।୭(ବି.ପ୍ର.)**

ପିଲାଙ୍କୁ ବିଷ ଦେଇ ମାରିବାକୁ ଉଦ୍ୟମ କରୁଥିଲେ ଶିକ୍ଷୟିତ୍ରୀ। ଅଟକାଇବାରୁ ରୋଷେୟାଙ୍କୁ ମାଡ଼ ମାରିଲେ। ଏଭଳି ଗୁରୁତର ଅଭିଯୋଗ ଆସିଛି ନବରଙ୍ଗପୁର ଜିଲା ସଦର ଭାଟିଶାଳଗୁଡା ସ୍କୁଲରୁ। ଶିକ୍ଷୟିତ୍ରୀଙ୍କ ବିରୋଧରେ ରୋଷେୟା ଓ ମଧ୍ୟାହ୍ନଭୋଜନ କମିଟି ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। କିନ୍ତୁ ସମ୍ପୃକ୍ତ ଶିକ୍ଷୟିତ୍ରୀ ରଚିତା ରାଉତ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ ବୋଲି ସେ କହିଛନ୍ତି।

ପ୍ରକାଶ ଯେ, ଶିକ୍ଷୟିତ୍ରୀ ରଚିତା ରାଉତ ଗୁରୁବାର ମଧ୍ୟାହ୍ନଭୋଜନ ରୋଷେଇ ଚାଲିଥିବାବେଳେ ହାତରେ ଏକ ଛୋଟ ପୁଡ଼ିଆ ଧରି ମୋବାଇଲରେ ଭିଡିଓ ଉଠାଇ ସେଠାକୁ ଯାଇଥିଲେ। ରୋଷେଇ ଦାୟିତ୍ୱରେ ଥିବା ମହିଳାମାନେ ତାଙ୍କୁ କ'ଣ ହୋଇଛି ବୋଲି ପଚାରିବାରୁ ସେ ଉତ୍କ୍ଷିପ୍ତ ହୋଇ ସେମାନଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏଥିସହ ସମସ୍ତଙ୍କୁ ବିଷ ଦେଇ ମାରିଦେବେ କହି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ନେଇ ରୋଷେଇ ଦାୟିତ୍ୱରେ ଥିବା ଉମୁନି ବିନ୍ଧାଣି, ମଞ୍ଜୁଳା ବିଷୋୟୀ, ଗୀତା ବେହେରା, ଦୀପାବଳି ବିଷୋୟୀ ନବରଙ୍ଗପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରଚିତାଙ୍କ ବ୍ୟାଗ୍‌ରୁ ମୂଷାମରା ବିଷ ବାହାରକରି ସେମାନେ ଥାନାରେ ଦେଇଛନ୍ତି। ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମଧ ଥାନାରେ ଏତଲା ଦେଇଛନ୍ତି। ସେମାନଙ୍କ ଅଭିଯୋଗକୁ ନେଇ ୩୬୬/୨୨ ଓ ୩୬୭/୨୨ରେ ମାମଲା ରୁଜୁ ହୋଇଛି। ଖବରଦାତା ପ୍ରତିନିଧି ଘଟଣାସ୍ଥଳକୁ ଯାଇ ପିଲାଙ୍କୁ ପଚରାଉଚରା କରିବାରୁ ଶିକ୍ଷୟିତ୍ରୀ ସବୁବେଳେ ମୋବାଇଲରେ ବ୍ୟସ୍ତ ରହିବା ସହ ବିଷଦେଇ ସମସ୍ତଙ୍କୁ ମାରିଦେବାକୁ ଧମକ ଦିଅନ୍ତି। ସେ ସ୍କୁଲରେ ରହିଲେ ଆମେ ଆସିବୁ ନାହିଁ ବୋଲି ପିଲାମାନେ କହିଛନ୍ତି।



ନବରଙ୍ଗପୁର ଥାନାଧିକାରୀ ନରେଶ କୁମାର ପ୍ରଧାନ ଅଭିଯୋଗପତ୍ର ଗ୍ରହଣ କରୁଛନ୍ତି।

## ଖଣ୍ଡନ କଲେ ଶିକ୍ଷୟିତ୍ରୀ

ଶିକ୍ଷୟିତ୍ରୀ ସମସ୍ତଙ୍କୁ ଦୁର୍ବ୍ୟବହାର କରନ୍ତି। ଛୁଟି ନ ଥିଲେ ମଧ ୪ ଦିନ ଘରେ ରହି ପରେ ବିଦ୍ୟାଳୟକୁ ଆସିଥିଲେ। ଗୁରୁବାର ମଧ ରୋଷେୟାଙ୍କ ସହ ପ୍ରବଳ ଝଗଡ଼ା ହୋଇଥିବା ପ୍ରଧାନ ଶିକ୍ଷୟିତ୍ରୀ କାମିନୀ ସାହୁ କହିଛନ୍ତି। ଅଭିଯୋଗ ସବୁ ଭିତ୍ତିହୀନ। ମୋ ପାଖରେ ଭିଡିଓ ଏବଂ ସମସ୍ତ ପ୍ରମାଣ ରହିଛି। ଜଏନ୍ କରିବା ଦିନଠାରୁ ମୋ ବିରୋଧରେ ସମସ୍ତେ ଲାଗୁଛନ୍ତି। ଜିଲା ଶିକ୍ଷା ଅଧିକାରୀ ଓ ଜିଲାପାଳଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ରଚିତା କହିଛନ୍ତି। ଝଗଡ଼ା ନ କରି ପିଲାଙ୍କ ପାଠପଢ଼ା ଉପରେ ଧ୍ୟାନଦେବା ପାଇଁ ପୂର୍ବରୁ ୩ଥର ଶିକ୍ଷୟିତ୍ରୀଙ୍କୁ ତାଗିଦ କରାଯାଇଛି ବୋଲି ବିଦ୍ୟାଳୟ ମଧ୍ୟାହ୍ନଭୋଜନ ପରିଚାଳନା କମିଟି ସଭାପତି ଶଙ୍କର ନାୟକ ଓ ୧୬ ନମ୍ବର ୱାର୍ଡର କାଉନସିଲର ଅମିତ ପ୍ରଧାନ କହିଛନ୍ତି। ସେମାନେ ଶିକ୍ଷୟିତ୍ରୀଙ୍କ ବଦଳି ଦାବି କରିଛନ୍ତି। ଏନେଇ ବିଇଓ ସୁପ୍ରିୟ ନାୟକଙ୍କୁ ପଚାରିବାରୁ ରଚିତାଙ୍କ ବିରୋଧରେ ଅନେକ ଅଭିଯୋଗ ଆସୁଛି। ଗୁରୁବାର ବିଦ୍ୟାଳୟ ରୋଷେୟାଙ୍କ ସହ ଝଗଡା ହୋଇଥିବା ଅଭିଯୋଗ ପାଇଛି। ଡିଇଓଙ୍କ ସହ ଆଲୋଚନା କରି ସମାଧାନ କରିବେ ବୋଲି କହିଛନ୍ତି।

# କୁପୋଷଣର ଶିକାର ୩ ଶିଶୁ

**ଉଦ୍ଧାର କଲା ଚାଇଲ୍ଡ ଲାଇନ**

**କଟକ ଅଫିସ,୨୮।୭**

ରୌପ୍ୟ ନଗରୀ କଟକ ସହରରେ ଯାଜପୁର ଜିଲାର ନଗଡ଼ା ପରି ଦୃଶ୍ୟ ଦେଖିବାକୁ ମିଳିଛି। ଖାଦ୍ୟ ଅଭାବରୁ ଅପପୁଷ୍ଟିର ଶିକାର ହୋଇଥିବା ୩ ଶିଶୁଙ୍କୁ ଚାଇଲ୍ଡ ଲାଇନ ଉଦ୍ଧାର କରି ଗୁରୁବାର ସିଡବ୍ଲ୍ୟୁସିରେ ହାଜର କରିଛି। ସୂଚନା ଅନୁଯାୟୀ, ଏହି ଶିଶୁ ୩ ଜଣ ହେଉଛନ୍ତି କେନ୍ଦୁଝର ଜିଲା ଆନନ୍ଦପୁରର ରାଜେଶ ବେହୁଆଙ୍କ କନ୍ୟା ଓ ପୁତ୍ର। ରାଜେଶଙ୍କ ନିଜ ସ୍ତ୍ରୀ ଲକ୍ଷ୍ମୀ, ୩ ପିଲା ଏବଂ ବୃଦ୍ଧ ବାପାଙ୍କୁ ନେଇ କଟକ ନୂଆବଜାର ନେହେରୁପଲ୍ଲୀ ଅଞ୍ଚଳର ରହୁଥିଲେ। ତେବେ ଯକ୍ଷ୍ମାରୋଗରେ ଆକ୍ରାନ୍ତ ହୋଇ ଲକ୍ଷ୍ମୀ ୧୩ ଦିନ ତଳେ ମୃତ୍ୟୁବରଣ କରିସାରିଛନ୍ତି। ରାଜେଶ ଦିନ ମଜୁରିଆ ଭାବେ କାମ କରନ୍ତି। କାମ ନ ମିଳିଲେ ପରିବାର ଉପବାସରେ ରହନ୍ତି। ପୁଷ୍ଟିକର ଖାଦ୍ୟ ତ ଦୂରର କଥା ଉକ୍ତ ୩ ଶିଶୁଙ୍କୁ ସାଧାରଣ ଖାଦ୍ୟ ମୁଠେ ମିଳୁ ନ ଥିବାରୁ ସେମାନେ ଶୁଖି କଣ୍ଟା ପ୍ରାୟ ହୋଇଗଲେଣି। ଏ ନେଇ ଡିସିପିଓ ପ୍ରଗତି ମହାନ୍ତି କହିଛନ୍ତି, ଏହି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବଡ଼ଭାଇ ମୃତ୍ୟୁ ଖବର ଶୁଣି ବିଷ ପିଇଲେ ସାନ

**ବେଲପଡ଼ା,୨୮।୭ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବେଲପଡ଼ା ଥାନା ବାଗଦୋର ପଞ୍ଚାୟତ ଅନ୍ତର୍ଗତ କୁମ୍ଭାରଖୁନ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ବୁଧବାର ଘର ପାଖ ଡ୍ୟାମ୍‌କୁ ମାଛ ମାରିବାକୁ ଯାଇ ବଡ଼ଭାଇ ଉମ୍ବରୁ ପୁଟେଲ (୨୫)ଙ୍କ ମୃତ୍ୟୁ ଘଟିବା ଖବର ଶୁଣି ସାନଭାଇ ବିଶ୍ୱଜିତ୍ (୧୮) ଗୁରୁବାର ସକାଳେ ବିଷ ପିଇ ଗୁରୁତର ହୋଇ ପଡ଼ିଛନ୍ତି। ତାଙ୍କୁ ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅପରପକ୍ଷରେ ବାପା ଅଶ୍ୱିନୀ ପୁଟେଲ ବେଲପଡ଼ା ଥାନାରେ ତାଙ୍କ ବଡ଼ପୁଅର ସନ୍ଦେହଜନକ ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, କୁମ୍ଭାରଖୁନ ଗ୍ରାମର ଅଶ୍ୱିନୀଙ୍କ ବଡ଼ପୁଅ ଉମ୍ବରୁଙ୍କୁ ବୁଧବାର ସନ୍ଧ୍ୟାରେ ତାଙ୍କର ଜଣେ ସମ୍ପର୍କୀୟ ଓ ଅନ୍ୟ ୨ ଜଣ ଯୁବକ ବାହାରକୁ ଯିବା ପାଇଁ ଡାକିଥିଲେ। କିନ୍ତୁ ଅଶ୍ୱିନୀ ପୁଅକୁ ଯିବା ପାଇଁ ମନା କରିଥିଲେ। ପରେ ସେମାନେ ଫୋନ କରି ତାଙ୍କୁ ଡାକିଥିଲେ। ସେ ଘରୁ ଯିବା ପରେ ଡାକିଥିବା ୩ ଜଣ ଯୁବକ ରାତି ପ୍ରାୟ ୧୦ଟାରେ ଗ୍ରାମର ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଉମ୍ବରୁ ମରିଯାଇଛି ବୋଲି କହିଥିଲେ। ସେହି ବ୍ୟକ୍ତି ଜଣକ ଅଶ୍ୱିନୀଙ୍କୁ ପାଣିରେ ବୁଡ଼ି ତମ ପୁଅର ମୃତ୍ୟୁ ଘଟିଥିବା କହିଥିଲେ। ଏହି ଖବର ଶୁଣିବାର କିଛି ଘଣ୍ଟା ପରେ ଅଶ୍ୱିନୀଙ୍କ ସାନପୁଅ ବିଶ୍ୱଜିତ୍ ଦୁଃଖରେ ମ୍ରିୟମାଣ ହୋଇ ବିଷ ପିଇ ଦେଇଥିଲେ। ତାଙ୍କୁ ପ୍ରଥମେ ବେଲପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ନେବାରେ ଜଣାଯାଇଛି ଯେ, ଉମ୍ବରୁ ମାଲପଡ଼ା ଡ୍ୟାମର ଚେକ୍‌ଗେଟ (ପୋଲ)କୁ ମାଛ ମାରିବା ପାଇଁ ଯାଇଥିଲେ। ସେଠାରେ ସେ ଅଣନିଃଶ୍ୱାସୀ ହୋଇ ମରିଯାଇଥିବା ଗାଁ ଲୋକଙ୍କଠାରୁ ଜଣାପଡ଼ିଛି। ଅପରପକ୍ଷରେ ସମ୍ପର୍କୀୟ ଜଣକ କହିଛନ୍ତି, ମୋ ଘର କାମ କରୁଥିଲେ ଉମ୍ବରୁ। ଘର କାମ ସରିବା ପରେ ଡ୍ୟାମ୍‌କୁ ଗାଧୋଇବା ପାଇଁ ମିଶିକି ଯାଇଥିଲୁ। ସେଠାରେ ଗାଧୋଇବା ସମୟରେ ସେ ପାଣିରେ ବୁଡ଼ି ଯାଇଥିଲେ। ପାଣିରେ ଖୋଜାଖୋଜି କରି ମୃତଦେହ ପାଇଥିଲୁ। ଗୁରୁବାର ସକାଳେ ସ୍ଥାନୀୟ ପୋଲିସ ଉକ୍ତ ଡ୍ୟାମ ନିକଟରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବେଲପଡା ଡାକ୍ତରଖାନା ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ଉମ୍ବରୁଙ୍କ ପରିବାର ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ହେବ କୁମ୍ଭାରଖୁନ ଗ୍ରାମରେ ରହି ଆସୁଛନ୍ତି। ତାଙ୍କ ନିଜ ଘର ବେଲପଡା ପଞ୍ଚାୟତ ଅନ୍ତର୍ଗତ ପଦମପୁର ଗ୍ରାମରେ ବୋଲି ଜଣାପଡ଼ିଛି।



ଚିକିତ୍ସାଧୀନ ଅବସ୍ଥାରେ ସାନଭାଇ ବିଶ୍ୱଜିତ୍ ପୁଟେଲ।



# ଆମେରିକାକୁ କିମ୍‌ଙ୍କ ଅଣୁଅସ୍ତ୍ର ଧମକ

**ସିଓଲ,୨୮।୭**

ଆମେରିକା ଏବଂ ଦକ୍ଷିଣ କୋରିଆ ବିରୋଧରେ ଅଣୁଅସ୍ତ୍ର ବ୍ୟବହାର କରିବାକୁ ପ୍ରସ୍ତୁତ ବୋଲି ଉତ୍ତର କୋରିଆ ନେତା କିମ୍ ଜଙ୍ଗ୍ ଉନ୍ ଧମକ ଦେଇଛନ୍ତି। କୋଭିଡ୍ ମହାମାରୀ ଜନିତ ସୀମା ଶଟ୍‌ଡାଉନ, ଆମେରିକା କଟକଣା ଏବଂ କିମ୍‌ଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ ଉତ୍ତର କୋରିଆ ଅର୍ଥନୀତି ଗୁରୁତର ସଙ୍କଟର ସମ୍ମୁଖୀନ ହୋଇଥିବାବେଳେ କିମ୍ ଦେଶବାସୀଙ୍କ ସହଯୋଗ ଚାହିଁଛନ୍ତି। କୋରିଆ ଉପଦ୍ୱୀପକୁ ଯୁଦ୍ଧ ମୁହଁକୁ ଠେଲୁଥିବା ଆମେରିକାକୁ କିମ୍ କଡ଼ା ସମାଲୋଚନା କରିଛନ୍ତି। ୧୯୫୦-୫୩ କୋରିଆ ଯୁଦ୍ଧର ୬୯ତମ ବାର୍ଷିକୀରେ ବୁଧବାର ସେନାଧିକାରୀମାନଙ୍କୁ ଉଦ୍‌ବୋଧନ ଦେଇ ସେ କହିଥିଲେ, ଯୁଦ୍ଧ ଦ୍ୱାରା ଦେଶରେ ଆଭ୍ୟନ୍ତରୀଣ ଏକତା ବଢ଼ାଯାଇପାରିବ। ଯେକୌଣସି ସଙ୍କଟର ମୁକାବିଲା ପାଇଁ ଆମ ସୈନ୍ୟବାହିନୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ଓ ଦେଶର ଆଣବିକ ଶକ୍ତି ଏହାର ସର୍ବାଧିକ ଶକ୍ତି ପ୍ରଦର୍ଶନ କରିପାରିବ ବୋଲି ସେ କହିଛନ୍ତି। ତେବେ କିମ୍ ଧମକ ଦେଉଥିଲେ ମଧ ସେ ଶକ୍ତିଶାଳୀ ଆମେରିକା ଏବଂ ଏହାର ସହଯୋଗୀଙ୍କ ବିରୋଧରେ ପ୍ରଥମେ ଅଣୁଅସ୍ତ୍ର ବ୍ୟବହାର କରି ନ ପାରନ୍ତି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।



For all institutional/bulk, GeM requirements, please mail at Kolkata@heromotocorp.com & vipul.katare@heromotocorp.com | All hero offers on scooters and motorcycles are available at CSD canteen also.
**Authorized Dealers: Brahmapur:** Lakshmi Hero - 9289922184, Lakshmi Motors, **Dharma Nagar** - 9289922184, Lakshmi Automotives, **Gajapati Nagar** - 9289923187; **Jeypore:** Supreme Hero - 9289922183; **Phulbani:** Narayani Hero - 9289922991; **Raygada** Ajit Hero - 9289922819; **Authorized Service Centre: Aska:** Ashok Motors - 8895667200. **Paralakhemundi:** Preetam Enterprises - 9437438068. **Malkangiri:** Kanishka Automobiles - 9437181980. **Nabrangpur:** Arun Sales & Services -9437174795. **Semiliguda:** K. P. Enterprises - 9437070065. **Balugaon:** Mahamayee Motors - 8327793865; **Bhanjanagar:** Rebati Motors - 7737015509.

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



## 'ଗାନ୍ଧୀ' ହେବେ ପ୍ରତୀକ

ଅଭିନେତା ପ୍ରତୀକ ଗାନ୍ଧୀ ଫିଲ୍ମ ନିର୍ମାତା ହଂସଲ ମେହତାଙ୍କ 'ଗାନ୍ଧୀ' ୱେବ୍ ସିରିଜ୍‌ରେ ମହାତ୍ମା ଗାନ୍ଧୀଙ୍କ ଚରିତ୍ରରେ ଅଭିନୟ କରିବେ।

୦୨

୦୮

## ଡେଭିସ୍ କପ୍ ମ୍ୟାଚ ଜିତିବାରେ ଭିସିନି ବୟୋଜ୍ୟେଷ୍ଠ

ଡେଭିସ୍ କପ୍ ଜିତିବାରେ ଡୋମୋନିକୋ ଭିସିନି ସବୁଠାରୁ ବୟସ୍କ ଟେନିସ ଖେଳାଳି।





କେନ୍ଦୁଝର ଜିଲାର ଏନ୍‌ଏଚ୍-୪୯ରେ ଦୁର୍ଘଟଣାଜନିତ ମୃତ୍ୟୁରୁ ମାଙ୍କଡ଼ଙ୍କ ସୁରକ୍ଷା ପାଇଁ ଜୁଡିଆ ଘାଟି ନିକଟରେ ବନ ବିଭାଗ ପକ୍ଷରୁ ହୋଇଥିବା ଝୁଲନ୍ତା ଚଲାପଥ।

# ୨୫% ସଂରକ୍ଷଣରେ ନାମ ନ ଲେଖାଇଲେ କାର୍ଯ୍ୟାନୁଷ୍ଠାନ

### ୧୫ ଦିନରେ ରିପୋର୍ଟ ଦାଖଲ ପାଇଁ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୮।୭ (ବ୍ୟୁରୋ)

ଶିକ୍ଷା ଅଧିକାର ଆଇନ (ଆର୍‌ଟିଇ)-୨୦୦୯ ଅନୁଯାୟୀ ଅବହେଳିତ ଶ୍ରେଣୀର ପିଲାଙ୍କ ପାଇଁ ସବୁ ସ୍କୁଲରେ ୨୫% ସିଟ୍ ସଂରକ୍ଷଣ ବ୍ୟବସ୍ଥା ରହିଛି। ହେଲେ ବହୁ ଘରୋଇ ସ୍କୁଲ ଏହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରୁ ନ ଥିବାରୁ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛନ୍ତି। ଏଣିକି ଆର୍‌ଟିଇରେ ନାମ ଲେଖାଇବାକୁ ମନା କରୁଥିବା ସ୍କୁଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ବୁଧବାର ଏନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଖିଲାପକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ସହ ୧୫ ଦିନ ଭିତରେ ରିପୋର୍ଟ ଦାଖଲ ପାଇଁ ଗଣଶିକ୍ଷା ପ୍ରମୁଖ ସଚିବ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ପ୍ରାୟ ୨୫୦୦୦ ପିଲା ଆର୍‌ଟିଇରେ ଆଡ୍‌ମିଶନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ଖୁବ୍‌ଶୀଘ୍ର ପୁଣି ପୋର୍ଟାଲ ଖୋଲାଯିବ ବୋଲି ପ୍ରମୁଖ ସଚିବ ଆଲୋଚନା ସମୟରେ କହିଛନ୍ତି।

ଅପରପକ୍ଷେ ଯେପର୍ଯ୍ୟନ୍ତ ଆଡ୍‌ମିଶନ ପାଇଁ ଯୋଗ୍ୟ ଅଭିଭାବକମାନେ ସମ୍ପୂର୍ଣ୍ଣ ଭାବେ ଲାଭବାନ୍ ହୋଇପାରି ନାହାନ୍ତି ଓଡିଶା ଅଭିଭାବକ ମହାସଂଘ ଶତ ପ୍ରତିଶତ ଉଦ୍ୟମ ଜାରିରଖିବ ବୋଲି ଏହାର ସହଅଧକ୍ଷ ପ୍ରସନ୍ନ ବିଷୋୟୀ କହିଛନ୍ତି। ତାଙ୍କ କହିବାନୁସାରେ, ମହାସଂଘର ବାରମ୍ବାର ଧାରଣା, ଧର୍ମଘଟ, ଅନଶନ ପରେ ଗତବର୍ଷ ଏହି ଆଇନ କାର୍ଯ୍ୟକାରୀ ହୋଇଥିଲା। ପ୍ରଥମ ବର୍ଷ ମାତ୍ର ୫ହଜାର ପିଲା ଆଡ୍‌ମିଶନ କରିଥିଲେ। ଆଇନ ଠିକ ଭାବେ କାର୍ଯ୍ୟକାରୀ ହେଲେ ବର୍ଷକୁ ପାଖାପାଖି ୭୦ ହଜାରରୁ ଅଧିକ ଗରିବ ପିଲା ଏହି ସୁବିଧା ପାଇ ପାରିବେ। ଏବର୍ଷ ମଧ୍ୟ ପ୍ରାୟ ୧୫ ହଜାର ପିଲା ଆଡ୍‌ମିଶନ ପାଇଁ ପୋର୍ଟାଲରେ ଆବେଦନ କରି ଯୋଗ୍ୟ ବିବେଚିତ ହୋଇଛନ୍ତି। ୩ରୁ ୭ବର୍ଷ ବୟସର ପିଲା ଉଭୟ ନର୍ସରୀ ଓ ପ୍ରଥମ ଶ୍ରେଣୀରେ ଆଡ୍‌ମିଶନର ବ୍ୟବସ୍ଥା ରହିଛି। ମାତ୍ର ଘରୋଇ ସ୍କୁଲଗୁଡିକ ଆଇନକୁ ଉଲ୍ଲଂଘନ କରୁଛନ୍ତି। ଆଡ୍‌ମିଶନ ପାଇଁ ଆସୁଥିବା ଏହି ବର୍ଗର ଅଭିଭାବକ ଓ ପିଲାଙ୍କୁ ସିଧା ମନା କରି ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ମହାସଂଘ ଅଧକ୍ଷ ବାସୁଦେବ ଭଟ୍ଟ ଗଣଶିକ୍ଷା ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀଙ୍କୁ ଭେଟି ଆଇନ ଖିଲାପକାରୀ ସ୍କୁଲ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ଜରିମାନା କରିବାକୁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ, ମହାସଂଘର ଅଭିଯୋଗ ଓ ଦାବି ପରେ ଆର୍‌ଟିଇ ଆଇନ ମାନୁ ନ ଥିବା ସ୍କୁଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ସ୍ୱୀକୃତି ପ୍ରତ୍ୟାହାର କରିବାକୁ ପୂର୍ବରୁ ବିଭାଗ ପକ୍ଷରୁ ସବୁ ଜିଲା ଶିକ୍ଷା ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

# ମାଙ୍କଡ଼ଙ୍କ ପାଇଁ ଝୁଲନ୍ତା ଚଲାପଥ

- ଜାତୀୟ ରାଜପଥରେ ଦୁର୍ଘଟଣାଜନିତ ମୃତ୍ୟୁ ବଢୁଥିବାରୁ ଏଭଳି ପଦକ୍ଷେପ

କେନ୍ଦୁଝର, ୨୮।୭ (ସ୍ୱ.ପ୍ର.)

କେନ୍ଦୁଝର ଜିଲାର ଜୁଡିଆ, କାଞ୍ଜିପାଣି ଘାଟିରେ ମାଙ୍କଡ଼ମାନେ ଖାଦ୍ୟ ପାଇଁ ବୁଲୁଥିବା ବେଳେ ଅସୁରକ୍ଷିତ ଭାବେ ଗୋଟିଏ ପାର୍ଶ୍ୱ ଜଙ୍ଗଲରୁ ଅନ୍ୟ ପାର୍ଶ୍ୱକୁ ଜାତୀୟ ରାଜପଥ ୪୯ ଦେଇ ଅତିକ୍ରମ କରିଥାନ୍ତି। ବ୍ୟସ୍ତବହୁଳ ଜାତୀୟ ରାଜପଥରେ ଦୈନିକ ହଜାର ହଜାର ସଂଖ୍ୟାରେ ଭାରିଯାନ ସମେତ ବହୁ ଗାଡ଼ି ଚଳାଚଳ କରୁଥିବାରୁ ଅନେକ ସମୟରେ ସେମାନେ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି। ଏଣୁ ସୁନ୍ଦରଗଡ଼ ଜିଲା ଟେନ୍‌ସା ଭଳି ଏନ୍‌ଏଚ୍-୪୯ର ଜୁଡିଆ ଘାଟି (ସାନଘାଗରା ନିକଟ)ରେ ବନ ବିଭାଗ ପକ୍ଷରୁ ମାଙ୍କଡ଼ମାନେ ରାସ୍ତା ପାର ହେବା ପାଇଁ ଦୁଇଟି ଝୁଲନ୍ତା ଚଲାପଥ ନିର୍ମାଣ କରାଯାଇଛି। ଭୂୟାଁ ଓ ଜୁଆଙ୍ଗ ପିଢ଼ ରେଞ୍ଜ୍ ଅଧିକାରୀ ମାନସ ମୁର୍ମୁ କହିଛନ୍ତି, ଏବେ ଦୁଇଟି ସ୍ଥାନରେ କ୍ୟାନୋପି ବ୍ରିଜ୍ ନିର୍ମାଣ କରାଯାଇଛି। ଆଗାମୀ ଦିନରେ ଉକ୍ତ ରାସ୍ତାର ତଣ୍ଡିଯୋଡ଼ା ନିକଟରେ ଆଉ ଏକ ନିର୍ମାଣ ହେବ। ଏହାଦ୍ୱାରା ମାଙ୍କଡ଼ମାନେ ଉକ୍ତ ବ୍ରିଜ୍ ଦ୍ୱାରା ପାର ହୋଇ ଜଙ୍ଗଲକୁ ଯିବେ। ଏହି ଚଲାପଥ ଦ୍ୱାରା ମାଙ୍କଡ଼ ସୁବିଧାରେ ଗୋଟିଏ ପାହାଡ଼ରୁ ଆଉ ଗୋଟିଏ ପାହାଡ଼କୁ ଏନ୍‌ଏଚ୍ ଅତିକ୍ରମ କରି ଯାଇପାରିବେ। ପରିବେଶବିତ୍ ଡ. ବିମ୍ବାଧର ବେହେରା କହିଛନ୍ତି, ଖାଦ୍ୟାଭାବ ଯୋଗୁ ମାଙ୍କଡ଼ମାନେ ରାସ୍ତାକଡ଼କୁ ଚାଲି ଆସୁଛନ୍ତି। ଏଣୁ ଜଙ୍ଗଲରେ ଫଳ, କୋଳି ଆଦି ସେମାନଙ୍କ ଖାଦ୍ୟ ଉପଯୋଗୀ ଗଛ ଲଗାଇଲେ ସେମାନେ ରାସ୍ତାକୁ ଆସିବେ ନାହିଁ। ଅନ୍ୟପକ୍ଷେ ଖାଦ୍ୟ ବ୍ୟବସ୍ଥା କରା ନ ଯାଇ ଏଭଳି ଝୁଲନ୍ତା ରାସ୍ତା ବା କ୍ୟାନୋପି ବ୍ରିଜ୍ ନିର୍ମାଣ କରାଗଲେ ସେମାନଙ୍କ ଦୁର୍ଘଟଣାଜନିତ ସମସ୍ୟା ରୋକାଯାଇ ପାରିବ ନାହିଁ ବୋଲି ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି।

# ଆଉ ଏକ ଗୁଳିବିଦ୍ଧ ଦନ୍ତା ଗୁରୁତର

**ଆଠଗଡ଼ ବନଖଣ୍ଡ**

ଭୁବନେଶ୍ୱର(ବ୍ୟୁରୋ)/ ନରସିଂହପୁର (ସ୍ୱ.ପ୍ର.) ୨୮।୭

ଆଠଗଡ଼ ବନଖଣ୍ଡ ନରସିଂହପୁର ଜଙ୍ଗଲରେ ଗତ ୬ଦିନ ହେଲା ବୁଲୁଥିବା ଗୁଳିବିଦ୍ଧ ଦନ୍ତାକୁ ବନ ବିଭାଗ ଗୁରୁବାର ଠାବ କରି ଚିକିତ୍ସା ଆରମ୍ଭ କରିଛି। ନରସିଂହପୁର ପ୍ରାଣୀଧନ ଚିକିତ୍ସକ ବିଜୟ କୁମାର ସେନାପତି, ନନ୍ଦନକାନନ ଏବଂ ସାତକୋଶିଆର ବନ୍ୟପ୍ରାଣୀର ଏକ ଟିମ୍ ହାତୀର ଚିକିତ୍ସା କରୁଥିବା ଜଣାପଡ଼ିଛି। ହାତୀର ବୟସ ୨୫ରୁ ୩୦ବର୍ଷ ମଧ୍ୟରେ ହୋଇଥିବା ଅନୁମାନ କରାଯାଉଥିବାବେଳେ ତାର ଅବସ୍ଥା ଗୁରୁତର ରହିଛି। ତାକୁ ଟ୍ରାଙ୍କୁଲାଇଜ କରି ଚିକିତ୍ସା କରାଯାଉଥିବା ଆଠଗଡ଼ ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ କହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ହାତୀଟି ଗୁଳିର ଶିକାର ହୋଇଥିବା ସମ୍ପର୍କରେ ଗ୍ରାମବାସୀ ପୂର୍ବରୁ କହୁଥିବାବେଳେ ବନ ବିଭାଗ ଏହାକୁ ଖଣ୍ଡନ କରି ଆସୁଥିଲା। ଅନ୍ୟ ହାତୀଙ୍କ ସହ ଲଢ଼େଇରେ ଆହତ ହୋଇଥିବା ବନ ବିଭାଗ ସଫେଇ ଦେଉଥିଲା। ହେଲେ ଗୁରୁବାର ବାରିସିଂଗା ଜଙ୍ଗଲରେ ହାତୀଟି ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ହାତୀର ବାମ କାନ, ଶୁଣ୍ଢ, ଗୋଡ଼ ଏବଂ ଶରୀରର ୨ଟି ସ୍ଥାନରେ ଛେର୍‌ରା(ଗୁଳି) ବାଜିଥିବା ଜଣାପଡ଼ିଛି। ଉକ୍ତ ସ୍ଥାନଗୁଡ଼ିକରେ ଗଭୀର କ୍ଷତ ହୋଇ ଘା' ହୋଇଯାଇଥିବାରୁ ହାତୀର ଅବସ୍ଥା ସଙ୍କଟାପନ୍ନ ରହିଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ଗତ ମାସରେ ଏହି ଅଞ୍ଚଳରେ ଏକ ଗୁଳିବିଦ୍ଧ ଦନ୍ତାହାତୀ ବୁଲୁଥିଲା। ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ଏସମ୍ପର୍କରେ ନିଜ ଫେସ୍‌ବୁକ ଆକାଉଣ୍ଟରେ ପୋଷ୍ଟ କରିବା ପରେ ବନ ବିଭାଗ ତତ୍ପରତା ଦେଖାଇଥିଲା। ସେତେବେଳେ ମଧ୍ୟ ହାତୀ ଶରୀରରେ ଗୁଳି ବାଜି ନ ଥିବା ବନ ବିଭାଗ କହିଥିଲା। ପରେ ତା' ଶରୀରରେ ୬ଟି ଗୁଳି ବାଜିଥିବା ଜଣାପଡ଼ିଥିଲା। ଗୁଳିବିଦ୍ଧ ଅବସ୍ଥାରେ ହାତୀଟି କିଛି ଦିନ ରହିବା ପରେ ଦୁର୍ବଳ ହୋଇପଡ଼ିଥିଲା। ଚିକିତ୍ସା ବିଳମ୍ବରେ ଆରମ୍ଭ ହୋଇଥିବାରୁ ତାକୁ ବଞ୍ଚାଇବା ସମ୍ଭବ ହୋଇପାରି ନ ଥିଲା। ବନ ବିଭାଗର ଖାମ ଖିଆଲ ମନ୍ତବ୍ୟ ଏବଂ ତତ୍ପରତାର ଅଭାବ ଯୋଗୁ ହାତୀ ଶିକାରୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଥିବା ସହ ନିରୀହ ହାତୀ ବଂଶ ଲୋପ ପାଇବାରେ ଲାଗିଛି। ହାତୀ ମୃତ୍ୟୁ ଏବଂ କଙ୍କାଳ ଉଦ୍ଧାର ଘଟଣାରେ ଫେରାର ଥିବା ଫରେଷ୍ଟର ମନୋଜ ଦାସ ଏବଂ ବଗ ପରିଡ଼ାଙ୍କୁ ଏଯାବତ୍ ବନ ବିଭାଗ ଧରିପାରି ନାହିଁ। ଏପରି କି କ୍ରାଇମବ୍ରାଞ୍ଚ କିମ୍ବା ଜିଲା ପୋଲିସ ମଧ୍ୟ ଫେରାର ଫରେଷ୍ଟରଙ୍କୁ ଧରିବା ପାଇଁ ଚେଷ୍ଟା କରୁନାହାନ୍ତି।



ଅପରପକ୍ଷରେ ପୂର୍ବ ଘଟଣାରେ ଗିରଫ ହୋଇଥିବା ୫ଜଣ ଅଭିଯୁକ୍ତଙ୍କ ସହ ବନ କର୍ମଚାରୀଙ୍କୁ ଅଧିକ ଜେରା କଲେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ବନଖଣ୍ଡ ଅଧିକାରୀ ଯାଦବ କହିଛନ୍ତି।

ଏହି ଘଟଣାକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ବନ୍ୟପ୍ରାଣୀ ବିଶେଷଜ୍ଞ ଡ. ବିଶ୍ୱଜିତ୍ ମହାନ୍ତି କହିଛନ୍ତି, ଆହତ ହାତୀ ବିଷୟରେ ଗତ ୨୩ତାରିଖରେ ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କୁ ସୂଚନା ଦେଇଥିଲୁ। ହାତୀଟି ଆହତ ହୋଇ ବୁଲୁଥିବାବେଳେ ଚିକିତ୍ସା କରିବା ବଦଳରେ ଆଠଗଡ଼ର ବିଭିନ୍ନ ରେଞ୍ଜର କର୍ମଚାରୀମାନେ ତାକୁ ନିଜ ରେଞ୍ଜରୁ ତଡ଼ିବାରେ ବ୍ୟସ୍ତ ଥିଲେ। ଏକଥା ସ୍ପଷ୍ଟଭାବେ ପିସିସିଏଫ୍‌ଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ତତ୍ପରତା ଦେଖିବାକୁ ମିଳି ନ ଥିଲା।ଏବେ ହାତୀ ଗୁରୁତର ଅବସ୍ଥାରେ ଜୀବନ ସହ ସଂଗ୍ରାମ କରୁଛି। ବିଶେଷକରି ସତ ମାନିବାକୁ ବନବିଭାଗ କାହିଁକି ନାରାଜ ହେଉଛି ତାହା ସନ୍ଦେହ ସୃଷ୍ଟି ହେଉଛି। ଗୋଟିଏ ମାସ ବ୍ୟବଧାନରେ ୨ଟି ହାତୀ ଗୁଳିବିଦ୍ଧ ହେବା ଏବଂ ଗୋଟିକର ମୃତ୍ୟୁ ଘଟିଥିବାବେଳେ ଅନ୍ୟଟି ମୁମୂର୍ଷୁ ଅବସ୍ଥାରେ ପଡ଼ିରହିବା ପରେ ମଧ୍ୟ ବନବିଭାଗ କେବେ ଚେତିବ ବୋଲି ବିଶ୍ୱଜିତ୍ ପ୍ରଶ୍ନ କରିଛନ୍ତି।

# ସରକାର ଖର୍ଚ୍ଚ କଲେଣି ୯୨ ଲକ୍ଷ

**ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ**

### ଅଣମୌସୁମୀରେ ଜଳ ପ୍ରବାହ ହ୍ରାସ ପାଇଛି: ମନ୍ତ୍ରୀ

ଭୁବନେଶ୍ୱର,୨୮।୭(ବ୍ୟୁରୋ)

ମହାନଦୀ ପାଣିକୁ ଛତିଶଗଡ଼ ବଡ଼ ବଡ଼ ବ୍ୟାରେଜ କରି ଅଟକାଇଛି। ଅଣମୌସୁମୀ ବେଳେ ନଦୀର ଜଳସ୍ରୋତ ହ୍ରାସ ପାଇଛି। ଏହାକୁ ନେଇ ବହୁ ତୁମ୍ବିତୋଫାନ ହୋଇଛି। ମାମଲା ଏବେ ମହାନଦୀ ଟ୍ରିବ୍ୟୁନାଲରେ ରହିଛି। ଏ ପର୍ଯ୍ୟନ୍ତ ଫଳାଫଳ ଆସି ନାହିଁ। ତେବେ ଗତ ୫ ବର୍ଷ ମଧ୍ୟରେ ଟ୍ରିବ୍ୟୁନାଲରେ ମାମଲା ଲଢ଼ିବାକୁ ରାଜ୍ୟ ସରକାର ୯୨ ଲକ୍ଷ ୨୯ ହଜାର ୨୩ ଟଙ୍କା ଖର୍ଚ୍ଚ କରି ସାରିଲେଣି। ଭାଜପା ସଭ୍ୟ ଗଣେଶରାମ ଖୁଣ୍ଟିଆଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ଗୁରୁବାର ବିଧାନସଭାରେ ଏହା କହିଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ଜୀବନରେଖା ମହାନଦୀରେ ଛତିଶଗଡ଼ ସରକାର ଅନେକଗୁଡ଼ିଏ ବ୍ୟାରେଜ ନିର୍ମାଣ କରି ଅର୍ଦ୍ଧାଧିକ ଜଳ ଅଟକାଇଛନ୍ତି। ଏଥିଯୋଗୁ ଅଣମୌସୁମୀ ସମୟରେ ନଦୀର ଜଳ ପ୍ରବାହ ହ୍ରାସ ପାଇଛି। ଏହାର ପ୍ରତିବାଦରେ ଓଡ଼ିଶା ସରକାର ଆନ୍ତଃରାଜ୍ୟ ନଦୀ ଜଳ ବିବାଦ ଆଇନ ୧୯୫୬ର ଧାରା ୩ ଅନୁସାରେ ୨୦୧୬ ନଭେମ୍ବର ୨୧ ତାରିଖରେ କେନ୍ଦ୍ର ସରକାରଙ୍କ ନିକଟରେ ଏକ ବୈଧାନିକ ଅଭିଯୋଗ କରିଛନ୍ତି । ଇତିମଧ୍ୟରେ ମହାନଦୀର ସୁରକ୍ଷା ପାଇଁ ରାଜ୍ୟ ସରକାର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇ ଏକ ମାମଲା ଦାଏର କରିଥିଲେ। ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶରେ ୨୦୧୮ ମାର୍ଚ୍ଚ ୧୨ ତାରିଖରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ ହୋଇଛି, ଯାହାର ଶୁଣାଣି ପ୍ରକ୍ରିୟା ଚାଲୁ ରହିଛି। ଇତିମଧ୍ୟରେ ଟ୍ରିବ୍ୟୁନାଲ ୨୯ଟି ବୈଠକ କରି ମହାନଦୀ ପ୍ରବାହିତ ରାଜ୍ୟଗୁଡ଼ିକଠାରୁ ତଥ୍ୟ ପ୍ରଦାନ ଏବଂ ସତ୍ୟପାଠ ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ବିଭିନ୍ନ ନଦୀରେ ଜଳ ସଂରକ୍ଷଣକୁ ଗୁରୁତ୍ୱ ଦେଇ ସରକାର ୪୬ଟି ଇନ୍‌ଷ୍ଟ୍ରିମ ବ୍ୟାରେଜ ଷ୍ଟ୍ରକ୍ଟର ପ୍ରକଳ୍ପ ନିର୍ମାଣ କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।



## ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ:** କ୍ରମାଗତ ୨ଦିନ ଲାଗି ଶେୟାର ବଜାର ବୃଦ୍ଧି ପାଉଛି। ଏପରିକି ଦଲାଲ ଷ୍ଟ୍ରିଟ୍‌ର ନିବେଶକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଦେଶରେ ଦର ବୃଦ୍ଧି ଓ ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ପରେ ମଧ ଷ୍ଟକ୍ ମାର୍କେଟର ୪ କାର୍ଯ୍ୟଦିବସର କାରବାର ଭଲ ରହିଛି। ଗୁରୁବାର ଉଭୟ ସେନ୍‌ସେକ୍ସ ଓ ନିଫ୍ଟିରେ ୧%ରୁ ଉର୍ଦ୍ଧ୍ୱ ଶେୟାର ବୃଦ୍ଧି ଘଟିଛି। ଫଳରେ ସେନ୍‌ସେକ୍ସ ୧୦୪୧ (୧୦୪୧.୪୭) ପଏଣ୍ଟ ବୃଦ୍ଧି ଘଟି ୫୬,୮୫୮ (୫୬,୮୫୭.୭୯) ଅଙ୍କରେ କାରବାର ବନ୍ଦ ହୋଇଥିବା ବେଳେ ନିଫ୍ଟି-୫୦ରେ ୨୮୮ (୨୮୭.୮୦) ପଏଣ୍ଟ ବଢ଼ି ୧୬,୯୩୦ (୧୬,୯୨୯.୬୦) ଅଙ୍କରେ କାରବାର ଶେଷ କରିଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ୩ୟ ଦିନ ସୁଦ୍ଧା ୧୬ ରାଉଣ୍ଡ ବିଡିଂ

ନୂଆଦିଲ୍ଲୀ,୨୮।୭: ଭାରତୀୟ ଟେଲିକମ୍ ସେବା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ଲାଗି କେନ୍ଦ୍ର ସରକାର ଗତ ମଙ୍ଗଳବାରଠାରୁ ୫ଜି ନିଲାମ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଗୁରୁବାର ଆଉ ୭ ରାଉଣ୍ଡ ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏପରିକି ନିଲାମର ୩ୟ ଦିନରେ ମୋଟ ୧୬ ରାଉଣ୍ଡ ବିଡିଂ ଶେଷ ସୁଦ୍ଧା ୧.୪୯ ଟ୍ରିଲିୟନ (୧୪୯୬୨୩ ଟ୍ରିଲିୟନ)ରେ ପ୍ରକ୍ରିୟା ବନ୍ଦ ହୋଇଥିବା ଟେଲିକମ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ବୁଧବାର ଭଳି ଗୁରୁବାର ମଧ ସକାଳ ୧୦ଟାରୁ ଆରମ୍ଭ ହୋଇଥିବା ନିଲାମ ସନ୍ଧ୍ୟା ୬ ଘଟିକାରେ ଶେଷ ହୋଇଥିଲା। ପ୍ରଥମ ଦିନରେ ୪ ରାଉଣ୍ଡ ବିଡିଂ ହୋଇଥିବା ବେଳେ ୨ୟ ଦିନରେ ୫ ରାଉଣ୍ଡ ଏବଂ ୩ୟ ଦିନରେ ୭ ରାଉଣ୍ଡ ଡାକ ହୋଇଥିଲା। ଏହିଭଳି ୩ ଦିନରେ ମୋଟ ୧୬ ରାଉଣ୍ଡ ନିଲାମ ପ୍ରକ୍ରିୟାର ସମସ୍ତ ନୀତିନିୟମ ଅନୁଯାୟୀ ଆୟୋଜିତ ହୋଇଥିଲା। ଶୁକ୍ରବାର ମଧ ନିଲାମ ପ୍ରକ୍ରିୟା ଜାରି ରହିବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

### ନିସ୍ ହାୟର ସେକେଣ୍ଡାରି ସ୍କୁଲର ୧୦୦% ସଫଳତା

ଭୁବନେଶ୍ୱର,୨୮।୭: ଭୁବନେଶ୍ୱର ମଦନପୁର ସ୍ଥିତ ନିସ୍ ହାୟର ସେକେଣ୍ଡାରି ସ୍କୁଲର ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟର ଛାତ୍ରୀଛାତ୍ରମାନେ ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧୀନରେ ପରୀକ୍ଷା ଦେଇଥିଲେ। ଏଥିରେ ବିଜ୍ଞାନ ଓ ବାଣିଜ୍ୟର ଛାତ୍ରୀଛାତ୍ରମାନେ ୧୦୦% ସଫଳତା ହାସଲ କରିଛନ୍ତି। ବାଣିଜ୍ୟର ୨ଜଣ ଛାତ୍ର ୯୦%ରୁ ଉର୍ଦ୍ଧ୍ୱ ନମ୍ବର ରଖି ସଫଳତା ହାସଲ କରିଥିବା ବେଳେ ଯୁକ୍ତ୨ ବିଜ୍ଞାନର ଛାତ୍ରୀଛାତ୍ରମାନେ ମଧ ୧୦୦% ସଫଳତା ଅର୍ଜନ କରିଛନ୍ତି। ଏଥିପାଇଁ ଶିକ୍ଷାନୁଷ୍ଠାନର ସମସ୍ତ ଅଧାପକ ଅଧାପିକା ଏବଂ କର୍ମଚାରୀଙ୍କ ଆପ୍ରାଣ ପ୍ରଚେଷ୍ଟା ଫଳରେ ଏହା ସଫଳ ହୋଇପାରିଛି ବୋଲି ଅନୁଷ୍ଠାନର ମୁଖ୍ୟ ଭୂୟସୀ ପ୍ରଶଂସା କରିଛନ୍ତି। ଉକ୍ତ ସଫଳତା ପାଇଁ ଛାତ୍ରୀଛାତ୍ରମାନଙ୍କର ଅଭିଭାବକମାନେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡ. ସୁଭାଷ ଚନ୍ଦ୍ର ନାୟକଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ବୋଲି ପ୍ରଶାସନିକ ଅଧିକାରୀ ପୀତାମ୍ବର ଚମ୍ପତି ସୂଚନା ଦେଇଛନ୍ତି।

# ୫ବର୍ଷରେ ବିଜ୍ଞାପନ ଖର୍ଚ୍ଚ ୩୩୩୯କୋଟି

ନୂଆଦିଲ୍ଲୀ,୨୮।୭




ଚଳିତ ମୌସୁମୀ ଅଧିବେଶନ ପରିପ୍ରେକ୍ଷୀରେ ସଂସଦର ଉଭୟ ଗୃହରେ ଦେଶର ବିକାଶ ପାଇଁ ନକ୍ସା ପ୍ରସ୍ତୁତି କରାଯାଉଛି। ଏପରିକି ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟ ଦେଶ ବିକାଶରେ ସରକାର କେତେ ଅର୍ଥ କେଉଁ ସ୍ଥାନରେ ବା କିଭଳି ଖର୍ଚ୍ଚ କରିଛନ୍ତି ସେ ନେଇ ମଧ ସଦସ୍ୟଙ୍କ ପ୍ରଶ୍ନର ଉତ୍ତର ଶାସକ ଦଳର ମନ୍ତ୍ରୀମାନେ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ସଂସଦର ରାଜ୍ୟ ସଭାରେ ବିରୋଧୀ ସଦସ୍ୟଙ୍କ ପ୍ରଶ୍ନର ଉତ୍ତର ଦେଇ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, ଗତ ୫ ବର୍ଷ (୨୦୧୭-୨୨) ରେ କେନ୍ଦ୍ର ସରକାର ବିଜ୍ଞାପନ ବାବଦକୁ ୩୩୩୯ କୋଟିରୁ ଅଧିକ ଟଙ୍କା ଉଭୟ ପ୍ରିଣ୍ଟ (ଖବରକାଗଜ) ଏବଂ ଇଲେକ୍ଟ୍ରୋନିକ୍ (ଟିଭି) ଗଣମାଧ୍ୟମ ଜରିଆରେ ଖର୍ଚ୍ଚ କରିଛନ୍ତି। ଏପରିକି କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ଏନ୍‌ଡିଏ ସରକାର ୨୦୧୭-୧୮ ରୁ ୨୦୨୨-୨୩ ଆର୍ଥିକ ବର୍ଷ ମଧ୍ୟରେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ପ୍ରଚାର ଓ ପ୍ରସାର ବାବଦକୁ ଏତେ ପରିମାଣର ଟଙ୍କା ବ୍ୟୟ କରିଥିବା ଜଣାପଡ଼ିଛି। ସେହିଭଳି ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ସରକାର ୨୦୧୭-୧୮ରୁ ଚଳିତ ବର୍ଷ ଜୁଲାଇ ୧୨ ପର୍ଯ୍ୟନ୍ତ ଉଭୟ ପ୍ରିଣ୍ଟ ଏବଂ ଇଲେକ୍ଟ୍ରୋନିକ୍ ଗଣମାଧ୍ୟମରେ ୩,୩୩୯.୪୯ କୋଟି ଟଙ୍କା ବିଜ୍ଞାପନ ବାବଦକୁ ଖର୍ଚ୍ଚ କରିଛନ୍ତି। ବିଗତ ୫ ବର୍ଷ ମଧ୍ୟରେ ବିଶେଷକରି ପ୍ରିଣ୍ଟ ମିଡିଆରେ ୧,୭୫୬.୪୮ କୋଟି ଟଙ୍କା ଏବଂ ଇଲେକ୍ଟ୍ରୋନିକ୍ ମିଡିଆରେ ୧,୫୮୩.୦୧ କୋଟି ଟଙ୍କା ବିଜ୍ଞାପନ ସମ୍ବନ୍ଧୀୟ ଖର୍ଚ୍ଚ କରାଯାଇଛି। ସେହିପରି ଉପରୋକ୍ତ ସମସ୍ତ ଖର୍ଚ୍ଚ କେନ୍ଦ୍ରୀୟ ଯୋଗାଯୋଗ ବ୍ୟୁରୋ (ସେଣ୍ଟ୍ରାଲ ବ୍ୟୁରୋ ଅଫ୍ କମ୍ୟୁନିକେଶନ) ମାଧ୍ୟମରେ ସରକାରଙ୍କ ଦ୍ୱାରା କରାଯାଇଥିଲା ବୋଲି ମନ୍ତ୍ରୀ ଠାକୁର ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ମାଧ୍ୟମରେ ବିଦେଶୀ ଗଣମାଧ୍ୟମରେ ବିଜ୍ଞାପନ ବାବଦରେ ସରକାରଙ୍କର କୌଣସି ମନ୍ତ୍ରଣାଳୟ କିମ୍ବା ବିଭାଗ ଦ୍ୱାରା ଟଙ୍କାଟିଏ ଖର୍ଚ୍ଚ କରି ନ ଥିବା ମନ୍ତ୍ରୀ କହିଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କେବଳ ୨୦୧୯ରୁ ୨୨ ମଧ୍ୟରେ ପ୍ରାୟ ୯୦୦ କୋଟି ଟଙ୍କା ବିଜ୍ଞାପନ ବାବଦକୁ ଖର୍ଚ୍ଚ କରାଯାଇଥିବା ବେଳେ ୨୦୧୭ରୁ ୨୦୧୯ ମଧ୍ୟରେ ବିଭିନ୍ନ ଜାତୀୟ କାରଣ ଯୋଗୁ ବିଜ୍ଞାପନ ବାବଦକୁ ଅଧିକ ଖର୍ଚ୍ଚ କରାଯାଇଥିବା ବିରୋଧୀ ସଦସ୍ୟ ମତବ୍ୟକ୍ତ କରିଛନ୍ତି।

# ଏଚ୍‌ଏମ୍‌ଏସ୍‌ଆଇ ପକ୍ଷରୁ ରପ୍ତାନି ଆରମ୍ଭ

### ଏସ୍‌ପି ୧୨୫ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡକୁ ରପ୍ତାନି

HONDA

ନୂଆଦିଲ୍ଲୀ,୨୮।୭

ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ ସ୍କୁଟର୍ ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ଏହାର ୧୨୫ ସିସି ମୋଟରସାଇକେଲ୍ ଏସ୍‌ପି ୧୨୫କୁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲ୍ୟାଣ୍ଡକୁ ରପ୍ତାନି ଆରମ୍ଭ କରାଯାଇଥିବା କୁହାଯାଇଛି। ବିଶେଷକରି ସିବିୟୁ ରୁଟ୍‌ରେ ଏହି ମୋଟରସାଇକେଲ୍ ରପ୍ତାନି କରାଯାଉଛି ଓ ଏହି ବଜାରଗୁଡ଼ିକରେ ତାହା 'ସିବି୧୨୫ଏଫ୍' ନାମରେ ବିକ୍ରି କରାଯିବ। ସେହିଭଳି ଜୁଲାଇ ୨୨ ପରଠାରୁ ଏସ୍‌ପି୧୨୫ର ପ୍ରାୟ ୨୫୦ ୟୁନିଟ୍‌କୁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲ୍ୟାଣ୍ଡକୁ ପଠାଯାଇଛି। କମ୍ପାନୀର ରାଜସ୍ଥାନର ଅଲୱରରେ ଥିବା ଟାପୁକାରା କାରଖାନାରେ ଏହି ମୋଟରସାଇକେଲ୍‌କୁ ଏବେ ଉତ୍ପାଦନ କରାଯାଉଛି। ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ସଭାପତି ଓ ସିଇଓ ଆତସୁସି ଓଗାତା କହିଛନ୍ତି, ବୈଶ୍ୱିକ ସେବା ପ୍ରଦାନ କରୁଥିବା ଭାରତରେ ଉତ୍ପାଦନ କ୍ଷମତା ସମ୍ପ୍ରସାରଣ ଲାଗି ଏଚ୍‌ଏମ୍‌ଏସ୍‌ଆଇର ଦୀର୍ଘମିଆଦୀ ଯୋଜନା ଦିଗରେ ଏହି ବିକାଶ ଏକ ପଦକ୍ଷେପ। ସାରା ଦୁନିଆରେ ୩୮ ଦେଶର ଗ୍ରାହକଙ୍କୁ ଏଚ୍‌ଏମ୍‌ଏସ୍‌ଆଇର ଭରସାଯୋଗ୍ୟ ମାନ ଉଲ୍ଲସିତ କରୁଥିବା ବେଳେ ଆମେ ବିଶ୍ୱ ବଜାରରେ ରପ୍ତାନି ଉପସ୍ଥିତିକୁ ସମ୍ପ୍ରସାରଣ କରିବା ଯୋଜନା ଅନୁସାରେ ଆଗକୁ ବଢ଼ୁଛୁ। ଉଲ୍ଲେଖଯୋଗ୍ୟ ଯେ ଏସ୍‌ପି୧୨୫ ହେଉଛି ଏଚ୍‌ଏମ୍‌ଏସ୍‌ଆଇ ଦ୍ୱାରା ଭାରତରେ ଉନ୍ମୋଚନ କରାଯାଇଥିବା ପ୍ରଥମ ବିଏସ୍-୬ ମୋଟରସାଇକଲ୍, ଯେଉଁଥିରେ ୧୯ପ୍ରକାର ନୂଆ ପେଟେଣ୍ଟ ପ୍ରୟୋଗ କରାଯାଇଛି। ଏସ୍‌ପି୧୨୫ରେ ରହିଛି ୧୨୫ ସିସି ଏଚ୍‌ଇଟି ଇଞ୍ଜିନ ସହିତ ଇଏସ୍‌ପି ପ୍ରଯୁକ୍ତି ରହିଛି। ଏସ୍‌ପି୧୨୫ ରେ ରହିଛି ଶିଳ୍ପର ବହୁ ପ୍ରଥମ ପ୍ରଯୁକ୍ତି ସୁବିଧା ସୁଯୋଗ ଯେଉଁଥିରେ ସାମିଲ ରହିଛି।

# ଜୀ ସାର୍ଥକରେ 'ସାରେ ଗାମା ପା- ସ୍ୱରର ମହାମଞ୍ଚ'

ଭୁବନେଶ୍ୱର,୨୮।୭




ରାଜ୍ୟର ପ୍ରମୁଖ ମନୋରଞ୍ଜନଧର୍ମୀ ଘରୋଇ ଟିଭି ଚ୍ୟାନେଲ 'ଜୀ ସାର୍ଥକ'ରେ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି ଓଡ଼ିଶାର ସବୁଠାରୁ ବଡ଼ ସିଙ୍ଗିଙ୍ଗ୍ ରିଆଲିଟି ଶୋ 'ସା ରେ ଗା ମା ପା - ସ୍ୱରର ମହାମଞ୍ଚ' ସମ୍ପର୍କରେ ଚ୍ୟାନେଲ ପକ୍ଷରୁ ଘୋଷଣା କରାଯାଇଛି। ବିଶେଷକରି ସ୍ୱର ଓ ସଂଗୀତକୁ ଭଲ ପାଉଥିବା କଳାକାରମାନଙ୍କ ପାଇଁ ଏହି ଶୋ ଏକ ବଡ଼ ପ୍ଲାଟ୍‌ଫର୍ମର ସୁଯୋଗ ଦେଇଥାଏ। ସେହିଭଳି ଗତ ସିଜିନ ତୁଳନାରେ ଚଳିତ ଥର ମଧ 'ସା ରେ ଗାମା ପା- ସ୍ୱରର ମହାମଞ୍ଚ' ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହାର ଅଡିସନ ଆରମ୍ଭ ହୋଇଯାଇଛି। ଅପରପକ୍ଷରେ ନିକଟରେ ଭୁବନେଶ୍ୱର, ବାଲେଶ୍ୱର, କେନ୍ଦୁଝର, ବଲାଙ୍ଗୀର, ରାଉରକେଲା, ଯାଜପୁର ଟାଉନ ଆଦିରେ ଏହାର ଅଡିସନ ଶେଷ ହୋଇଯାଇଥିବା ବେଳେ ଅଗଷ୍ଟ ୨ରେ ବ୍ରହ୍ମପୁର ଓ ଅଗଷ୍ଟ ୭ରେ କଟକ ସହରରେ ଅଡିସନ ହେବା କାର୍ଯ୍ୟକ୍ରମ ରହିଛି। ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ଜୀ ସାର୍ଥକ ଚ୍ୟାନେଲ କିମ୍ବା ଚ୍ୟାନେଲର ସୋସିଆଲ ମିଡିଆ ପେଜ୍ ସହ ଯୋଡ଼ିହୋଇ ରହିବାକୁ ଚ୍ୟାନେଲ ପକ୍ଷରୁ ସୂଚନା ଦିଆଯାଇଛି। 'ସା ରେ ଗା ମା ପା' ହେଉଛି ଓଡ଼ିଆ ଟିଭି ଦୁନିଆରେ ସବୁଠାରୁ ବଡ ମ୍ୟୁଜିକ ରିଆଲିଟି ଶୋ। ଏହା ମାଧ୍ୟମରେ ଓଡ଼ିଶାର କୋଣ ଅନୁକୋଣରୁ କଳାକାରମାନେ ସୁଯୋଗ ପାଇଥାନ୍ତି। ଏପରିକି ଏହି ଶୋ'ରୁ ଅନେକ ନାମୀ କଣ୍ଠଶିଳ୍ପୀ ଏବେ ଓଡିଶା ସଂଗୀତ ଦୁନିଆରେ ପ୍ରତିଷ୍ଠିତ ହୋଇଛନ୍ତି। ସେମାନଙ୍କ ଭଳି ନୂଆ ପିଢ଼ିର କଣ୍ଠଶିଳ୍ପୀମାନେ ଏହି ବଡ଼ ପ୍ଲାଟ୍‌ଫର୍ମରେ ନିଜକୁ ପ୍ରମାଣିତ କରିପାରିବେ। 'ସା ରେ ଗାମା ପା-ସ୍ୱରର ମହାମଞ୍ଚ' ଏଥର ଜଜ୍ ଭାବେ କଣ୍ଠଶିଳ୍ପୀ ସ୍ୱୟମ୍ ପାଢ଼ୀ, କୁଳଦୀପ ପଟ୍ଟନାୟକ, ଦୀପ୍ତିରେଖା ପାଢ଼ୀ ଏବଂ ଅସୀମା ପଣ୍ଡା ରହିବେ। ଓଡ଼ିଶାର ଏହି ନାମୀଦାମୀ କଣ୍ଠଶିଳ୍ପୀମାନେ ନୂଆ ପ୍ରତିଭାମାନଙ୍କୁ ବିଚାରକଭାବେ ରହି ଚୟନ କରିବେ। ସେହିଭଳି ମହାଗୁରୁ ଭାବେ ବରିଷ୍ଠ ତଥା ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଇରା ମହାନ୍ତି ପ୍ରଥମ ଥର ପାଇଁ ମ୍ୟୁଜିକ ରିଆଲିଟି ଶୋରେ ସାମିଲ ରହିବେ।

# ନୋକିଆ ସି୨୧ ଉନ୍ମୋଚିତ

**ନୂଆଦିଲ୍ଲୀ,୨୮।୭:** ନୋକିଆ ବ୍ରାଣ୍ଡର ଫୋନ୍ ବିକ୍ରି କରୁଥିବା ଏଚ୍‌ଏମ୍‌ଡି ଗ୍ଲୋବାଲ୍ ପକ୍ଷରୁ ନୋକିଆ ସି୨୧କୁ ନିକଟରେ ଉନ୍ମୋଚନ କରାଯାଇଛି। ନୋକିଆ ସି୨୧ ପ୍ଲସ୍‌ରେ ୫୦୫୦ଏମ୍‌ଏଏଚ୍ ବ୍ୟାଟେରି ରହିଛି, ଯାହାକୁ ଫୁଲ ଚାର୍ଜ କଲେ ତିନି ଦିନ ପର୍ଯ୍ୟନ୍ତ ଚାଲିବ। ଏଥିରେ ଏଆଇ ଫେସ୍ ଅନ୍‌ଲକ୍ ପ୍ରଯୁକ୍ତି ରହିଛି। ନୋକିଆ ସି୨୧ ପ୍ଲସ୍‌ରେ ଆଣ୍ଡ୍ରଏଡ୍ ୧୧ ଅପରେଟିଂ ସିଷ୍ଟମ୍ ସହ ୧୩ ଏମ୍‌ପି ଡୁଆଲ କ୍ୟାମେରା ଏବଂ ୬.୫ ଇଞ୍ଚ ଏଚ୍‌ଡି+ ଡିସ୍‌ପ୍ଲେ ରହିଛି। ଡାର୍କ ସିଆନ ଓ ୱାର୍ମ ଗ୍ରେ ରଙ୍ଗରେ ଉପଲବ୍ଧ ନୋକିଆ ସି୨୧ ପ୍ଲସ୍‌ର ୩-୩୨ ଜିବି ଭାରିଆଣ୍ଟ ମୂଲ୍ୟ ୧୦,୨୯୯ ଟଙ୍କା ଓ ୪-୬୪ ଜିବି ଭାରିଆଣ୍ଟ ଦାମ୍ ୧୧,୨୯୯ ଟଙ୍କା ରହିଛି। ନୋକିଆ ଡଟ୍ କମ୍‌ରୁ କିଣିଲେ ମାଗଣା ନୋକିଆ ଓୟାରଡ୍‌ବଡ୍ ମିଳିବ। ଏହି ଅଫର ସୀମିତ ସମୟ ପାଇଁ ବୈଧ ରହିବ ବୋଲି ଏଚ୍‌ଏମ୍‌ଡି ଗ୍ଲୋବାଲ୍‌ର ଉପସଭାପତି ସନମିତ୍ ସିଂହ କୋଚ୍ଚର କହିଛନ୍ତି।

# ଫ୍ୟାକ୍ଟ ଚେକିଂ ପ୍ରୋଗାମରେ ଓଡ଼ିଆ ସାମିଲ

ନୂଆଦିଲ୍ଲୀ,୨୮।୭

ନ୍ୟୁଜ ମିଟରକୁ ଅନ୍ତର୍ଭୁକ୍ତ କରିବା ପାଇଁ ମେଟା ଏହାର ତୃତୀୟ ପକ୍ଷ ଫ୍ୟାକ୍ଟ ଚେକିଂ କାର୍ଯ୍ୟକ୍ରମକୁ ବିସ୍ତାର କରିଛି। ଫ୍ୟାକ୍ଟ ଚେକର ପ୍ରାଥମିକ ସ୍ତରରେ ଦେଶର ଦକ୍ଷିଣାଞ୍ଚଳ ରାଜ୍ୟଗୁଡ଼ିକ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏହି ସହଭାଗିତା ଲୋକଙ୍କୁ ଠିକ ଓ ଯାଞ୍ଚ ହୋଇଥିବା ସୂଚନା ସହ ସଂଯୋଗ କରିବ ଓ ମେଟାର ଆଞ୍ଚଳିକ ଭାରତୀୟ ଭାଷା ତେଲୁଗୁ, କନ୍ନଡ, ମାଲାୟାଲମ ଓ ତାମିଲରେ ଫ୍ୟାକ୍ଟ ଚେକିଂ ଦକ୍ଷତାକୁ ପ୍ରସାରିତ କରିଆସୁଛି।

ସର୍ବଭାରତୀୟସ୍ତରରେ ମେଟା ୮୦ରୁ ଅଧିକ ଫ୍ୟାକ୍ଟ ଚେକିଂ ସହଯୋଗୀଙ୍କ ସହ କାର୍ଯ୍ୟ କରୁଛି, ଯେଉଁମାନେ ୬୦ରୁ ଅଧିକ ଭାଷାକୁ ସମୀକ୍ଷା ଓ ମୂଲ୍ୟାୟନ କରୁଛନ୍ତି। ମେଟାର ସମସ୍ତ ଫ୍ୟାକ୍ଟ ଚେକିଂ ସହଯୋଗୀ ସ୍ୱାଧୀନ ଭାବେ ଇଣ୍ଟରନ୍ୟାସନାଲ ଫ୍ୟାକ୍ଟ ଚେକିଂ ନେଟୱର୍କ ଦ୍ୱାରା ପ୍ରମାଣିତ ହୋଇଛନ୍ତି। ସହଯୋଗୀଙ୍କ ସହିତ ମେଟା ଭାରତରେ ୧୧ ଫ୍ୟାକ୍ଟ ଚେକିଂ ସହଯୋଗୀଙ୍କୁ ନିୟୋଜିତ କରିଛି। ଯେଉଁମାନେ ବିଶ୍ୱସ୍ତରରେ ସର୍ବାଧିକ ତୃତୀୟ ପକ୍ଷ ଫ୍ୟାକ୍ଟ ଚେକିଂ ପାର୍ଟନର ସହିତ ମିଶି କାର୍ଯ୍ୟ କରିବେ। ଏହା ସହିତ ମେଟା ଏହାର ବିଦ୍ୟମାନ ତଥ୍ୟ ମାଧ୍ୟମରେ ୧୧ରୁ ୧୫ଟି ପର୍ଯ୍ୟନ୍ତ ଭାରତୀୟ ଭାଷା କଭରେଜକୁ ବିସ୍ତାର କରିଛି ଯାହା ମଧ୍ୟରେ କଶ୍ମୀରୀ, ଭୋଜପୁରୀ, ଓଡ଼ିଆ ଓ ନେପାଳୀ ଅନ୍ତର୍ଭୁକ୍ତ ହେବ।

ଏ ସମ୍ପର୍କରେ ମେଟାର ନିର୍ଦ୍ଦେଶକ ତଥା ସହଭାଗିତା ମୁଖ୍ୟ ମନୀଷ ଚୋପ୍ରା କହିଛନ୍ତି, ଭୁଲ ତଥ୍ୟ ବିସ୍ତାରକୁ ରୋକିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ଓ ଏଥିପାଇଁ ସର୍ବଭାରତୀୟସ୍ତରରେ ଯାଞ୍ଚ ନେଟୱର୍କ ପ୍ରସ୍ତୁତ କରିଛୁ।

## ଫୁର୍‌ସତ

# ବିଗୁଡ଼ୁଛି ସାମୁଦ୍ରିକ ପରିବେଶ

### ବାହାରିଲାଣି ୧ ଲକ୍ଷ କେଜି ପ୍ଲାଷ୍ଟିକ୍ ବର୍ଜ୍ୟ




**ନୂଆଦିଲ୍ଲୀ:** ବହୁଳ ବ୍ୟବହୃତ ପ୍ଲାଷ୍ଟିକ୍ ସମଗ୍ର ଜୀବଜଗତ ପ୍ରତି ବଡ଼ ବିପଦ ହୋଇ ଉଭାହୋଇଛି। ସହଜରେ କ୍ଷୟ ହେଉ ନ ଥିବା ପ୍ଲାଷ୍ଟିକ୍ ବର୍ଜ୍ୟ ସମୁଦ୍ର ଶଯ୍ୟାରେ ଠୁଳ ହୋଇ ସାମୁଦ୍ରିକ ପରିବେଶ ସନ୍ତୁଳନ ନଷ୍ଟ କରିବାରେ ଲାଗିଛି। ସମୁଦ୍ରକୁ ପ୍ଲାଷ୍ଟିକ୍ ବର୍ଜ୍ୟମୁକ୍ତ ଅଭିଯାନରେ ବାହାରିଥିବା ଏକ ଅଣଲାଭଦାୟକ ସଂସ୍ଥା (ଏନ୍‌ଜିଓ) ଓସେନ୍ କ୍ଲିନ୍‌ଅପ୍ ଚଳିତ ସପ୍ତାହ ସୁଦ୍ଧା ୧ ଲକ୍ଷ କେ.ଜି.ରୁ ଉର୍ଦ୍ଧ୍ୱ ପ୍ଲାଷ୍ଟିକ୍ ଉତ୍ତର ପ୍ରଶାନ୍ତ ମହାସାଗରର ଗ୍ରେଟ୍ ପାସିଫିକ୍ ଗାର୍ବେଜ୍ ପ୍ୟାଚ୍(ଜିପିଜିପି)ରୁ ବାହାର କରିଛି।

ହାୱାଇ ଓ କାଲିଫର୍ଣ୍ଣିଆର ମଧ ଭାଗରେ ଜିପିଜିପି ରହିଛି। ଏଠାରେ ପ୍ଲାଷ୍ଟିକ୍ ଓ ଅନ୍ୟ ମନୁଷ୍ୟକୃତ ଆବର୍ଜନା ଜମା ହୋଇଥାଏ। ଓସେନ୍ କ୍ଲିନ୍‌ଅପ୍ ସଦସ୍ୟଙ୍କ କହିବା ମୁତାବକ, ଜିପିଜିପିର ୧୦୦୦ ଭାଗରୁ ମାତ୍ର ୧ ଭାଗ ସଫା କରାଯାଇଛି। ବର୍ଜ୍ୟବସ୍ତୁର ଓଜନ ଦୁଇଟି ବୋଇଂ ୭୩୭-୮୦୦ଏସ୍ ବିମାନ ସହ ସମାନ। ଗତବର୍ଷ ଅଗଷ୍ଟରେ ଏହି ଅଭିଯାନ ଆରମ୍ଭ ହୋଥିଲା। ୪୫ଟି ପର୍ଯ୍ୟାୟରେ ମହାସାଗରରୁ ୧,୦୧,୩୫୩ କେ.ଜି. ବର୍ଜ୍ୟ ବାହାର କରାଯାଇଛି। ମହାସାଗରର ୩ ହଜାର ବର୍ଗ କି.ମି. କ୍ଷେତ୍ରରୁ ପ୍ଲାଷ୍ଟିକ୍ ଏହି ବର୍ଜ୍ୟ ସଂଗ୍ରହ କରାଯାଇଛି। ଏହା ଲକ୍ସମ୍ବର୍ଗ କିମ୍ବା ରୋଡେ ଆଇଲାଣ୍ଡ ଆକାର ସହ ପ୍ରାୟ ସମାନ। ସଫେଇରେ 'ସିଷ୍ଟମ ୦୦୨'କୁ ବ୍ୟବହାର କରାଯାଇଛି। ଏହା ଏକ ଜାଲ ପରି ଯାହାକୁ ପାଣିଭିତରେ ବୁଡ଼ା ଯାଇଥାଏ। ଏଥିରେ ଥିବା ଭେସେଲ୍ ପ୍ରତି ପଟକୁ ଟାଣି ହୋଇ ଇଂଲିଶ ବର୍ଣ୍ଣ 'ୟୁ' ଆକୃତିର ହୋଇଥାଏ। ସମୁଦ୍ର ଜଳରେ ଭାସିଆସୁଥିବା ପ୍ଲାଷ୍ଟିକ୍ ଏଥିରେ ଲାଖିଯାଇଥାଏ।

# ସୁରକ୍ଷିତ ରହୁ ବାଘର ପ୍ରାକୃତିକ ବାସସ୍ଥାନ

### ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ



ଗ୍ଲୋବାଲ ଟାଇଗର ଦିବସକୁ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ କୁହାଯାଏ। ପ୍ରତିବର୍ଷ ୨୯ ଜୁଲାଇରେ ବାଘ ସଂରକ୍ଷଣ ପାଇଁ ସଚେତନତା ସୃଷ୍ଟି କରିବା ଲାଗି ଏହା ପାଳନ କରାଯାଇଥାଏ। ୨୦୧୦ରେ ରୁଷିଆର ସେଣ୍ଟ ପିଟର୍ସବର୍ଗଠାରେ ଟାଇଗର ସମ୍ମିଳନୀରେ ଏହି ଦିବସ ସୃଷ୍ଟି ହୋଇଥିଲା। ବାଘର ପ୍ରାକୃତିକ ବାସସ୍ଥାନର ସୁରକ୍ଷା ପାଇଁ ଏକ ବିଶ୍ୱସ୍ତରୀୟ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଏବଂ ବାଘ ସଂରକ୍ଷଣ ପ୍ରସଙ୍ଗ ପାଇଁ ଜନସଚେତନତା ତଥା ସମର୍ଥନ ବୃଦ୍ଧି କରିବା ଏହି ଦିବସର ଲକ୍ଷ୍ୟ। ସୂଚନା ଅନୁସନ୍ଧାନ ମାଧ୍ୟମରେ ବାଘଙ୍କ ଉପରେ ଅନଲାଇନ ସଚେତନତା ବୃଦ୍ଧିରେ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ପାଳନ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛି। ବାଘ ବଞ୍ଚିଲେ ଜଙ୍ଗଲ ସୁରକ୍ଷିତ ହେବ। ଜଙ୍ଗଲ ସୁରକ୍ଷିତ ହେଲେ ପୃଥିବୀ ପ୍ରତି ସୃଷ୍ଟି ହେଉଥିବା ବିପଦ କମିବ ବୋଲି ଏହି ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥାଏ।

# ମାନସିକତା ବଦଳାଅ

### ଟ୍ରୋଲର୍ସଙ୍କୁ ଆଲିଆଙ୍କ ଜବାବ


ଆଲିଆ ଭଟ୍ଟ

**ମୁମ୍ବାଇ:** ବଲିଉଡ୍‌ର ଚୁଲବୁଲି ଆଲିଆ ଭଟ୍ଟ ଗତ ଏପ୍ରିଲ ମାସରେ ଅଭିନେତା ରଣବୀର କପୁରଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ବିବାହର ୩ ମାସ ଅର୍ଥାତ୍ ଜୁଲାଇରେ ଅଭିନେତ୍ରୀ ଆଲିଆ ମା' ହେବାର ଘୋଷଣା କରିଥିଲେ। ଏଥିସହ ତାଙ୍କ ସୋନୋଗ୍ରାଫିର ଫଟୋ ମଧ ଶେୟାର କରିଥିଲେ। ତାଙ୍କ ମା' ହେବା ଘଟଣାକୁ ନେଇ ଅନେକେ ତାଙ୍କୁ ଅଭିନନ୍ଦନ ଜଣାଇଥିବାବେଳେ କିଛି ଲୋକ ତାଙ୍କୁ ଶୀଘ୍ର ଗର୍ଭବତୀ ହେବାନେଇ ଟ୍ରୋଲ ମଧ କରିଛନ୍ତି। କ୍ୟାରିୟରରେ ସଫଳତା ପାଇବା ପରେ ମଧ ଏତେ କମ୍ ବୟସରେ ମା' ହେବା ନିଷ୍ପତ୍ତି କାହିଁକି ନେଲେ ବୋଲି ମଧ ପ୍ରଶ୍ନ କରିଛନ୍ତି। ନିକଟରେ ଏକ ଇଣ୍ଟରଭ୍ୟୁରେ ଆଲିଆଙ୍କୁ ଏପରି ଟ୍ରୋଲ କରାଯିବା ବିଷୟରେ ପଚରାଯାଇଥିଲା। ମହିଳା କିଛି ବି କରନ୍ତୁ, ସେନେଇ ସର୍ବଦା ଚର୍ଚ୍ଚା ହୋଇଥାଏ। ଏହାର ଉତ୍ତର ରଖି ଆଲିଆ ତାଙ୍କ ପର୍ସନାଲ ଏବଂ ପ୍ରଫେଶନାଲ ଲାଇଫ୍‌କୁ ସମ୍ଭାଳିବା ଜାଣିଛନ୍ତି ବୋଲି କହିଥିଲେ। ହେଲେ ବେଳେବେଳେ କିଛି ଯୋଜନା ହୋଇଥିଲେ ମଧ ତାହା ଆପେ ବଦଳିଯାଏ। ଏଥିସହ ବର୍ତ୍ତମାନ ସମୟରେ ଲୋକଙ୍କ ଦୃଷ୍ଟିକୋଣ ବଦଳୁଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି। ତାଙ୍କର ସମର୍ଥନରେ ଅନେକ ଆର୍ଟିକିଲ ବାହାରିବା ମଧ ସେ ଦେଖିବାକୁ ପାଇଥିବା କହିଛନ୍ତି। ଆଲିଆଙ୍କୁ ତାଙ୍କ ମା' ହେବା ନେଇ ଟ୍ରୋଲ କରାଯାଇଥିବାବେଳେ କେତେକ ଫ୍ୟାନ୍ସ ତାଙ୍କୁ ସମର୍ଥନ କରି କହିଛନ୍ତି, ଏହା ତାଙ୍କର ବ୍ୟକ୍ତିଗତ କଥା, ସେ ତାକୁ ନେଇ ଖୁସି ଅଛନ୍ତି। ସମୟ ବଦଳିଲାଣି, ତେଣୁ ଏପରି କଥା ଉଠାଇବା ବ୍ୟର୍ଥ। ମାନସିକତା ଧୀରେ ଧୀରେ ବଦଳିବା କଥା ବୋଲି ସେ କହିଛନ୍ତି। ଆଲିଆଙ୍କ ଅଭିନୀତ ଫିଲ୍ମ 'ବ୍ରହ୍ମାସ୍ତ୍ର' ଏବଂ 'ଡାର୍ଲିଂ' ଚଳିତ ବର୍ଷ ରିଲିଜ୍ ହେବାକୁ ଥିବାବେଳେ 'ଜିଲେ ଜରା' ୨୦୨୩ରେ ପରଦାକୁ ଆସିବ।

# ବିମାନ ଖାଦ୍ୟରୁ ବାହାରିଲା ସାପ ମୁଣ୍ଡ



**ଆଙ୍କାରା:** ବିମାନରେ ଜଣେ କ୍ରିଉ ସଦସ୍ୟଙ୍କ ଖାଦ୍ୟ ଥାଳିରୁ ବାହାରିଲା ସାପ ମୁଣ୍ଡ। ସେହି ଖାଦ୍ୟ ଥାଳିରେ ଶାଗ ସମେତ ବିଭିନ୍ନ ପ୍ରକାରର ସ୍ନାକ୍ସ ରହିଥିଲା। ଥାଳିରୁ ସାପ ମୁଣ୍ଡ ବାହାରିବା ଦେଖି ବିମାନ ଭିତରେ ଥିବା ଯାତ୍ରୀ ଭୟଭୀତ ହୋଇପଡିଥିଲେ। ଚଳିତ ମାସ ୨୧ ତାରିଖରେ ତୁର୍କୀର ସନ୍ ଏକ୍ସପ୍ରେସ୍ ବିମାନରେ ଏପରି ଘଟଣା ଦେଖିବାକୁ ମିଳିଥିଲା। ବିମାନ କ୍ରିଉ ମଧ ଏହି ଘଟଣାକୁ ସତ ବୋଲି ପ୍ରକାଶ କରିଛନ୍ତି। ଖାଦ୍ୟ ଥାଳିରୁ ସାପ ମୁଣ୍ଡ ବାହାରିବାର ଏକ ଭିଡିଓ ଟୁଇଟ୍ କରାଯିବା ପରେ ଏହା ଭାଇରାଲ ହୋଇଥିଲା। ଏଥିସହ ବିମାନ ଖାଦ୍ୟ ଗୁଣବତ୍ତା ଓ ସୁରକ୍ଷାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ଘଟଣାରେ ରିପୋର୍ଟ କରିଥିବା ଦି' ଇଣ୍ଡିପେଣ୍ଡେଣ୍ଟ ଅନୁସାରେ, ବିମାନ ଖାଦ୍ୟରେ ଏପରି ଖାମଖିଆଲକୁ ବରଦାସ୍ତ କରାଯିବ ନାହିଁ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଅନ୍ୟପଟେ ସାପ ମୁଣ୍ଡ ବାହାରିବା ଘଟଣାକୁ ବିମାନ ଖାଦ୍ୟ ଯୋଗାଣ କମ୍ପାନୀ ଅସ୍ୱୀକାର କରିଛି। ୨୮୦ ଡିଗ୍ରୀରେ ପ୍ରସ୍ତୁତ ହେଉଥିବା ଖାଦ୍ୟରେ କିପରି କଞ୍ଚା ସାପ ମୁଣ୍ଡ ବାହାରିବ ସେ ନେଇ ପ୍ରଶ୍ନ ଉଠିଛି। ତେଣୁ ଏହି ଖାଦ୍ୟ ତିଆରି ପରେ କେହି ଏପରି କରିଥିବା ଯୋଗାଣ କମ୍ପାନୀ କହିଛି।

# 'ଗାନ୍ଧୀ' ହେବେ ପ୍ରତୀକ



**ମୁମ୍ବାଇ:** 'ସ୍କାମ୍ ୧୯୯୨' ୱେବ ସିରିଜ୍ ମାଧ୍ୟମରେ ରାତିରାତି ବିପୁଳ ଲୋକପ୍ରିୟତା ହାସଲ କରିଥିବା ଅଭିନେତା ପ୍ରତୀକ ଗାନ୍ଧୀଙ୍କୁ ଏକ ନୂଆ ଅବତାରରେ ଦେଖିବାକୁ ମିଳିବ। ଆପ୍ଲଜ୍ ଏଣ୍ଟରଟେନମେଣ୍ଟ ପକ୍ଷରୁ ନିର୍ମାଣ ହେବାକୁ ଥିବା 'ଗାନ୍ଧୀ' ୱେବ୍ ସିରିଜ୍‌ରେ ସେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଚରିତ୍ରରେ ଅଭିନୟ କରିବେ ବୋଲି ଜଣାପଡ଼ିଛି। ଫିଲ୍ମ ନିର୍ମାତା ହଂସଲ ମେହତା ଏହାର ନିର୍ଦ୍ଦେଶନା ଦେବେ। ରାମଚନ୍ଦ୍ର ଗୁହାଙ୍କ ଦୁଇଟି ପୁସ୍ତକ 'ଗାନ୍ଧୀ ବିଫୋର ଇଣ୍ଡିଆ' ଓ 'ଗାନ୍ଧୀ: ଦି ଇୟର୍ସ ଦ୍ୟାଟ ଚେଞ୍ଜ୍ ଦ ୱାର୍ଲ୍ଡ' ଉପରେ ଏହାର କାହାଣୀ ଆଧାରିତ। ୱେବ ସିରିଜ୍‌ର ନିର୍ଦ୍ଦେଶନାକୁ ନେଇ ହଂସଲ ମେହତା କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ଭଳି ଜଣେ ଐତିହାସିକ ବ୍ୟକ୍ତିଙ୍କ ଭଳି କଥା ଆସିଲେ ଜଣେ ଫିଲ୍ମ ନିର୍ମାତା ଭାବେ ଏହା ଏକ ବଡ଼ ଦାୟିତ୍ୱ ପାଲଟିଯାଏ। ଏହି ୱେବ୍ ସିରିଜ୍‌କୁ ଯଥାସମ୍ଭବ ବାସ୍ତବ ଭଳି କରିବାକୁ ସବୁପ୍ରକାର ଉଦ୍ୟମ କରାଯିବ। ଦର୍ଶକଙ୍କୁ ଭେଟି ଦେବାକୁ ଯାଉଥିବା ଏହି ସିରିଜ୍‌କୁ ଲୋକେ ମନେ ରଖିବେ ବୋଲି ଉତ୍ସାହୀ ଏବଂ ଆଶାବାଦୀ।

## ସଂକ୍ଷେପରେ

### ବିଷପିଇ ନାବାଳିକାଙ୍କ ମୃତ୍ୟୁ

ନବରଙ୍ଗପୁର/ପାପଡ଼ାହାଣ୍ଡି, ୨୮।୭(ବି.ପ୍ର.)
ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଚରମୂଳା ଗାଁର ଜଣେ ନାବାଳିକାଙ୍କ ବିଷାକ୍ତ ପଦାର୍ଥ ଖାଇଦେବାରୁ ମୃତ୍ୟୁ ହୋଇଛି। ସେ ହେଲେ ଗାଁର ଅସ୍ମିତା ହରିଜନ। ଅସ୍ମିତା +୩ ଛାତ୍ରୀ। ଘରେ କେହି ନ ଥିବା ସୁଯୋଗ ନେଇ ସେ କୌଣସି ବିଷାକ୍ତ ଦ୍ରବ୍ୟ ଖାଇ ଦେଇଥିଲେ। ସେ ଗୁରୁତର ହେବା ପରେ ପରିବାର ଲୋକେ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାବେଳେ ସେ କରୋନାରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ଏହାପରେ ତାଙ୍କୁ ଆଇସୋଲେଶନ ୱାର୍ଡରେ ରଖି ଚିକିତ୍ସା କରାଯାଉଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ପାପଡ଼ାହାଣ୍ଡି ପୋଲିସ ୯/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛନ୍ତି।

### ଗାଡ଼ି ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

ଉମରକୋଟ, ୨୮।୭(ସ୍ୱ.ପ୍ର.)
ନବରଙ୍ଗପୁର ଜିଲା ଉମରକୋଟ ସାନବାସନୀ ଗ୍ରାମ ଛକରେ ଏକ ଗାଡି ଧକ୍କାରେ ଗୁରୁବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ଅନ୍ୟ ଜଣେ ଗୁରୁତର ହୋଇ ଉମରକୋଟ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ବାଲିଘାଟ ଗ୍ରାମର ଜୋହନ ସାନ୍ତା।ଜୋହନ ସାନ୍ତା ଓ ରାସୁ ସାନ୍ତା ଅଞ୍ଚଳା ପଞ୍ଚାୟତ ଅମ୍ବାଘାଟ ଗ୍ରାମରୁ ଏକ ବାଇକ୍‌ରେ ଉମରକୋଟ ଆସିଥିଲେ। ଜିନିଷ କିଣାକିଣି କରି ଘରକୁ ଫେରିବା ସମୟରେ ସାନବାସିନୀ ଗ୍ରାମ ଛକରେ ବିପରୀତ ଦିଗରୁ ଆସୁଥିବା ଏକ ଗାଡି ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ହିଁ ଜୋହନଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ଗୁରୁତର ରାସୁଙ୍କୁ ଉମରକୋଟ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ରାସୁଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଅଛି। ଜୋହନଙ୍କ ବାପା ଲଦୁ ସାନ୍ତାଙ୍କ ଏତଲାକ୍ରମେ ଉମରକୋଟ ପୋଲିସ ୨୮୮/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଶୁକ୍ରବାର ଜୋହନଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଉମରକୋଟ ଥାନାଧିକାରୀ ଦୀପକ କୁମାର ଜେନା ସୂଚନା ଦେଇଛନ୍ତି।

### ପୋଖରୀରେ ବୁଡ଼ି ଭଉଣୀ ମୃତ, ଭାଇ ଉଦ୍ଧାର

ପାତ୍ରପୁର, ୨୮।୭(ଡି.ଏନ୍.ଏ.)-ଗଞ୍ଜାମ ଜିଲା ଜରଡ଼ା ଥାନା ଅନ୍ତର୍ଗତ ବମକେଇ ଗ୍ରାମରେ ଗୁରୁବାର ପୋଖରୀରେ ବୁଡ଼ି ୨ ବର୍ଷିୟା ଶିଶୁକନ୍ୟାର ମୃତ୍ୟୁ ଘଟିଥିବା ୪ ବର୍ଷିୟ ଶିଶୁପୁତ୍ରକୁ ଗ୍ରାମବାସୀ ଉଦ୍ଧାର କରିଛନ୍ତି। ଉଭୟେ ଭଉଣୀ ଭାଇ। ପୋଲିସ ଶିଶୁକନ୍ୟାର ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଭଗବାନ ନାଇକର ୨ ବର୍ଷର ଝିଅ ସାଇନା ଓ ଭଗବାନଙ୍କ ଭାଇ ସୁରେନ୍ଦ୍ର ନାଇକଙ୍କ ୪ ବର୍ଷର ପୁଅ ଋଷି ଦୁଆର ମୁହଁରେ ବଲ ଖେଳୁଥିଲେ। ବଲଟି ନିକଟରେ ଥିବା ପୋଖରୀକୁ ଗଡ଼ିଯାଇଥିଲା। ବଲ ଆଣିବାକୁ ଶିଶୁ ଦୁଇ ଜଣ ପୋଖରୀକୁ ଯାଇଥିଲେ। ତେବେ ସାଇନା ପାଣିରେ ପଶି ବୁଡ଼ି ଯାଇଥିବା ବେଳେ ଋଷି ପାଣିରେ ପଶିଥିବା ଦେଖି କିଛି ଲୋକ ତାଙ୍କୁ ଉଦ୍ଧାର କରିଥିଲେ।

# ସ୍ୱାଭାବିକଭାବେ କାରଖାନା ନ ଚାଲିଲେ ଜନ ଆନ୍ଦୋଳନ

■ ବିଲ୍ଟ କାଗଜକଳ ଅବସରପ୍ରାପ୍ତ ଶ୍ରମିକଙ୍କ ବୈଠକ
■ ଉତ୍ପାଦନ ଧାର୍ଯ୍ୟ ଲକ୍ଷ୍ୟ ସହ ବକେୟା ପାଉଣା ଯୋଡ଼ାଯିବା ଉଦ୍‌ବେଗଜନକ:ଶ୍ରମିକ ନେତା

ଜୟପୁର, ୨୮।୭(ନି.ପ୍ର.)
ବିଲ୍ଟ ପେପର ମିଲ୍‌ର ଅବସରପ୍ରାପ୍ତ ଶ୍ରମିକମାନଙ୍କର ଏକ ବୈଠକ ଗୁରୁବାର ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନରେ ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକମାନଙ୍କ ବକେୟା ପାଉଣା କିପରି ମିଳିବ ସେ ନେଇ ବୈଠକରେ ଆଲୋଚନା କରାଯାଇଛି। ମଦର ଆର୍ଥ କମ୍ପାନୀ ମ୍ୟାନେଜମେଣ୍ଟ ଅବସରପ୍ରାପ୍ତ ଶ୍ରମିକମାନେ କେତେ ଲେଖାଏ ବକେୟା ପାଉଣା ପାଇବେ ତାହାର ତାଲିକା ଦେଇଛନ୍ତି। କିନ୍ତୁ ମାସିକ ୫,୫୦୦ ମେଟ୍ରିକ୍ ଟନ୍ କାଗଜ ଉତ୍ପାଦନ ହେଲେ ଯାଇ ବକେୟା ପାଉଣା ଦେବାକୁ ଆରମ୍ଭ କରିବୁ ବୋଲି ସେଥିରେ ଉଲ୍ଲେଖ ରହିଛି। ଉତ୍ପାଦନ ଧାର୍ଯ୍ୟ ଲକ୍ଷ୍ୟ ସହ ବକେୟା ପାଉଣାକୁ ଯୋଡ଼ାଯାଇଛି। ଏହା ଉଦ୍‌ବେଗଜନକ ବୋଲି ବୈଠକରେ ଆଲୋଚନା ହୋଇଛି।

କମ୍ପାନୀ ୨୦୨୦ରୁ ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କରୁ ୧୫୦ କୋଟି ଟଙ୍କା ଋଣ ନେଇ ପୁରୁଣା ମାଲିକଙ୍କୁ ୧୦୦ କୋଟି ଟଙ୍କା ଦେଇଥିବା ମ୍ୟାନେଜମେଣ୍ଟ ଔପଚାରିକ ଏବଂ ଲିଖିତଭାବେ ୟୁନିୟନ ମିଟିଂ ଓ ଶ୍ରମ ବିଭାଗ ଅଧିକାରୀଙ୍କ ପାଖରେ କହିଛି। କିନ୍ତୁ ଶ୍ରମିକଙ୍କୁ ଇପିଏଫ୍ ଓ ପେନ୍‌ସନ ମିଳୁନି। ଆଇନତଃ ସେମାନଙ୍କ ବକେୟା ପାଉଣା ପ୍ରଥମେ ଦେବାକଥା। ମ୍ୟାନେଜମେଣ୍ଟ ଆବଶ୍ୟକ କଞ୍ଚାମାଲ ଯୋଗାଇପାରୁ ନ ଥିବାରୁ ୨ବର୍ଷରୁ ଅଧିକ ସମୟ ହେବ କାରଖାନାକୁ ନିରନ୍ତର ଉତ୍ପାଦନକ୍ଷମ କରିବା ସମ୍ଭବ ହେଉନାହିଁ। ମେ' ୯ରେ ପରୀକ୍ଷାମୂଳକ ଭାବେ ଉତ୍ପାଦନ ଆରମ୍ଭ ହେଲା। କିନ୍ତୁ ୪ଦିନ ପରେ ବନ୍ଦ କରିଦିଆଗଲା। ବାରମ୍ବାର ଦାବି ପରେ ପୁଣି ଜୁଲାଇ ଶେଷ ଆଡକୁ ମେଶିନ ମାତ୍ର ୩୮୦ କି.ମି. ପ୍ରତି ଘଣ୍ଟା ସ୍ପିଡ୍‌ରେ ଚାଲି ମଧ୍ୟ ଭଲ ଉତ୍ପାଦନ ହେଲା। କିନ୍ତୁ ପୁଣି ୪/୫ ଦିନ ପରେ ପୁଣି ବନ୍ଦ କରାଗଲା। ଗୋଟିଏ ମେଶିନରେ ଟ୍ରାଏଲ କରାଯାଇଛି। ଦୁଇଟି ମେଶିନ ଚାଲିଲେ ମାସିକ ୬ ହଜାର ମେଟ୍ରିକ୍ ଟନ୍ ବିକ୍ରିଯୋଗ୍ୟ କାଗଜ ଉତ୍ପାଦନ ହୋଇପାରିବ ବୋଲି ପ୍ରମୋଦ କହିଛନ୍ତି। କାମ କରୁଥିବା ଶ୍ରମିକମାନେ ଦରମା ପାଉନାହାନ୍ତି। ଠିକା ଶ୍ରମିକମାନେ ୪ ମାସ ହେଲା ଦରମା ପାଇନାହାନ୍ତି। ସିକ୍ୟୁରିଟି ବ୍ୟବସ୍ଥା ଦୁର୍ବଳ ଯୋଗୁ ଦିନବେଳା ଚୋରି ହେଉଛି। କାଠ ଯୋଗାଇଥିବା ଭେଣ୍ଡରଙ୍କ ବକେୟା ଥିବାରୁ ସେମାନେ କଞ୍ଚାମାଲ ଦେଉନାହାନ୍ତି। ୬ମାସର କଞ୍ଚାମାଲ ଓ କେମିକାଲ ରଖି ଚଳାଇଲେ କାରଖାନା ଆଗକୁ ବଢ଼ିବାରେ କୌଣସି ଅସୁବିଧା ନାହିଁ ବୋଲି ସେ କହିଛନ୍ତି। ବ୍ୟାଙ୍କ ଟଙ୍କା ଦେଉନି ବୋଲି ମ୍ୟାନେଜମେଣ୍ଟ କହୁଛି। ବ୍ୟାଙ୍କ ଦେଇଥିବା ଋଣକୁ କାରଖାନାରେ ନ ଲଗାଇ ପୂର୍ବତନ ମାଲିକଙ୍କୁ କାହିଁକି ଦିଆଗଲା ବୋଲି ପ୍ରଶ୍ନ କରିଛନ୍ତି ଶ୍ରମିକ ନେତା। ଏବେବି ମ୍ୟାନେଜମେଣ୍ଟ ନିରନ୍ତର କମ୍ପାନୀ ଚଳାଇବାକୁ ବ୍ୟଗ୍ର ନୁହନ୍ତି। ଏଣେ ଶ୍ରମିକଙ୍କ ସମସ୍ୟା ବଢିବାରେ ଲାଗିଛି। ଚିକିତ୍ସା ପାଇଁ ଅର୍ଥ ନ ପାଇ ବୁଧବାର ଜଣେ ଅବସରପ୍ରାପ୍ତ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଏଭଳି ପ୍ରାୟ ୨୫ଜଣ ପ୍ରାଣ ହରାଇଲେଣି। ଗୁରୁବାର ପୁଣି କାରଖାନା ଚିମିନିରୁ ଧୂଆଁ ବାହାରିବା ଆରମ୍ଭ ହୋଇଛି। ସ୍ୱାଭାବିକଭାବେ କାରଖାନା ନ ଚାଲିଲେ ସ୍ଥାନୀୟ ଲୋକେ ଏବଂ ଜନପ୍ରତିନିଧିଙ୍କୁ ଜଣାଇବା ସହ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡ଼ାଯିବ। ଆବଶ୍ୟକସ୍ଥଳେ ଜନ ଆନ୍ଦୋଳନ ହେବ ବୋଲି ପ୍ରମୋଦ କହିଛନ୍ତି।

# ଚନ୍ଦାହାଣ୍ଡି ବ୍ଲକ ଉପାଧ୍ୟକ୍ଷଙ୍କ ନାମରେ ଏନ୍‌ବିଡବ୍ଲ୍ୟୁ

ନବରଙ୍ଗପୁର, ୨୮।୭(ବି.ପ୍ର.)


ବ୍ଲକ ଉପାଧ୍ୟକ୍ଷ ବାସୁଦେବ ଗୌଡ଼ ।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ବାସୁଦେବ ଗୌଡ଼ଙ୍କ ନାମରେ ଚନ୍ଦାହାଣ୍ଡି ପ୍ରଥମ ଶ୍ରେଣୀ ବିଚାରପତିଙ୍କ ଅଦାଲତରୁ ଜାମିନ ବିହୀନ ପରଓ୍ୱାନା (ଏନବିଡବ୍ଲ୍ୟୁ) ଜାରି କରାଯାଇଛି। ତାଙ୍କ ନାମରେ ଜିଆର୍ କେସ୍ ନମ୍ବର ୫୨୨/୧୭ ପ୍ରକାରେ ଆଇପିସିର ଧାରା ୪୨୦ ଏବଂ ୪ ଓ ୫ ମନି ସରକୁଲେଟିଙ୍ଗ ଆକ୍ଟରେ ଏକ ମାମଲା ୨୦୧୭ରେ ରୁଜୁ ହୋଇଥିଲା। ସେତେବେଳେ ତାଙ୍କୁ ଜେଲ୍ ହାଜତକୁ ମଧ୍ୟ ପଠାଯାଇଥିଲା। ଉକ୍ତ ମାମଲା ଚନ୍ଦାହାଣ୍ଡି ପ୍ରଥମ ଶ୍ରେଣୀ ବିଚାରପତିଙ୍କ ଅଦାଲତରେ ବିଚାରାଧୀନ ରହିଥିବା ବେଳେ ସେ ନିୟମିତ କୋର୍ଟରେ ହାଜର ନ ହେବାରୁ ଅଦାଲତ ଗତ ୧୩ ତାରିଖରେ ତାଙ୍କ ବିରୋଧରେ ଏନବିଡବ୍ଲ୍ୟୁ ଚନ୍ଦାହାଣ୍ଡି ଥାନାକୁ ପଠାଇଛନ୍ତି। ତେବେ ପୋଲିସ ତାଙ୍କୁ ଗିରଫ କରିନଥିବା ଜଣାପଡିଛି। ପ୍ରକାଶ ଯେ, ବାସୁଦେବ ଗତ ପଞ୍ଚାୟତ ନିର୍ବାଚନରେ ମୋହରା ପଞ୍ଚାୟତରୁ ସମିତି ସଭ୍ୟଭାବେ ନିର୍ବାଚିତ ହୋଇଥିଲେ। ଏହାପରେ ଚନ୍ଦାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ଭାବେ ନିଦ୍ୱନ୍ଦ୍ୱରେ ସେ ନିର୍ବାଚିତ ହୋଇଛନ୍ତି। ପଞ୍ଚାୟତ ନିର୍ବାଚନ ନାମାଙ୍କନ ସମୟରେ ସେ ମିଥ୍ୟା ଶପଥ ପାଠ ଦେଇଥିବା ନେଇ ଉମରକୋଟ ସବ୍‌ଜଜ୍‌ଙ୍କ ଅଦାଲତରେ ବିପକ୍ଷ ପ୍ରାର୍ଥୀ ଏକ ମାମଲା ଦାୟର କରିଥିଲେ। ଉକ୍ତ ମାମଲା ନବରଙ୍ଗପୁର ଜିଲା ଓକିଲ ସଂଘ ସଭାପତି ତଥା ବରିଷ୍ଠ ଆଇନଜୀବୀ ନରସିଂହ ତ୍ରିପାଠୀ ପରିଚାଳନା କରୁଛନ୍ତି।



ମାଓବାଦୀଙ୍କ ଶହୀଦ ସପ୍ତାହ ପାଇଁ ଅବିଭକ୍ତ କୋରାପୁଟରେ ବସ୍ ଚଳାଚଳ ବନ୍ଦ ରହିଥିବାରୁ ଜୟପୁର ଷ୍ଟାଣ୍ଡରେ ବସ୍‌ଗୁଡିକ ଅଟକି ରହିଛି।

### ମହିଳାଙ୍କ ମୃତ୍ୟୁ

ଜୟପୁର, ୨୮।୭(ନି.ପ୍ର.)
ଜୟପୁର ସ୍ଥିତ ବାଜାର କୋଲକୋତାରେ କାମ କରୁଥିବା ବେଳେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ହେଉଛନ୍ତି ବାରିଣିପୁଟର ହିରାବତି ପାଣି (୪୫)। ପୋଲିସ ସୂଚନାନୁଯାୟୀ ବାରିଣିପୁଟର ହିରାବତି ପାଣି ଜୟପୁରସ୍ଥିତ ବଜାର କୋଲକତାରେ କାମ କରୁଥିଲେ। କାମ କରିବାବେଳେ ପଡିଯିବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ଜୟପୁର ଟାଉନ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଘରୁ ଚୋରି ଘଟଣାରେ ୪ ଅଭିଯୁକ୍ତ ଗିରଫ

ତେନ୍ତୁଳିଖୁଣ୍ଟି, ୨୮।୭(ଡି.ଏନ୍.ଏ.)
ତେନ୍ତୁଳିଖୁଣ୍ଟି ବ୍ଲକ କାମତା ଗ୍ରାମର ଜଣେ ବିଧବା ମହିଳାଙ୍କ ଘରୁ ଚୋରି ଘଟଣାରେ ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ରେ ପାପଡାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ କୁମାର ସେନ କହିଛନ୍ତି। ଅଭିଯୁକ୍ତମାନେହେଲେ କାମତା ଗ୍ରାମର ଦିବାନ ନାୟକ (୪୮), କମଳ ଲୋଚନ ଜାନୀ(୨୮), ବନମାଳୀ ବାଘ (୪୫) ଓ ମନଧର ହରିଜନ(୨୩)। ଅଭିଯୁକ୍ତଙ୍କଠାରୁ ୧୫ଟି ଶାଢ଼ି, ଗୋଟିଏ ବାକ୍ସ, ଦୁଇଟି ଷ୍ଟିଲ ହାଣ୍ଡି ଏବଂ ୨ ହଜାର ଟଙ୍କା ଜବତ କରାଯାଇଥିବା ପୋଲିସ କହିଛି। ସୂଚନାନୁଯାୟୀ ଚଳିତ ମାସ ୨୨ ତାରିଖ ରାତିରେ କାମତା ଗ୍ରାମର ରୁକ୍ମଣୀ ଗାଡ୍ୱାଙ୍କ ଘର ତାଲା ଭାଙ୍ଗି କେତେଜଣ ଦୁର୍ବୃତ୍ତ ଦୁଇଟି ବାକ୍ସ, ଅଧଭରି ସୁନା ଗହଣା, ୬ଟି ଷ୍ଟିଲ ହାଣ୍ଡି, ୪ ଗ୍ଲାସ ସମେତ ୨୨ ହଜାର ଟଙ୍କା ଚୋରି କରି ନେଇଥିଲେ। ଏ ନେଇ ରୁକ୍ମଣୀ ୨୩ ତାରିଖରେ କାମତା ଫାଣ୍ଡିରେ ଅଭିଯୋଗ କରିଥିଲେ। ତେନ୍ତୁଳିଖୁଣ୍ଟି ଥାନା କେସ୍ ନଂ ୧୨୭/୨୨ ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି। ଦୁର୍ବୃତ୍ତମାନେ ଚୋରି ଟଙ୍କାରୁ ୧୦ ହଜାର ଜୁଆ ଖେଳି ହାରିଯାଇଥିବା ପୋଲିସ ଆଗରେ କହିଛନ୍ତି। ଏଏସ୍‌ଆଇ କେଦାରନାଥ ରାଉତ ଏହାର ତଦନ୍ତ କରୁଛନ୍ତି। ଖବରଦାତା ସମ୍ମିଳନୀରେ ତେନ୍ତୁଳିଖୁଣ୍ଟି ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ, ଏଏସ୍‌ଆଇ ତୁଳସୀ ରାମ ପୂଜାରୀ ଉପସ୍ଥିତ ଥିଲେ।

# ବସ୍ ଚଳାଚଳ ବନ୍ଦ, ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

■ ମାଓବାଦୀଙ୍କ ଶହୀଦ ସପ୍ତାହ
■ ଅବିଭକ୍ତ କୋରାପୁଟ ଜିଲାରେ ହାଇ ଆଲର୍ଟ

ଜୟପୁର/କୋରାପୁଟ ୨୮।୭(ନି.ପ୍ର./ସ୍ୱ.ପ୍ର.)
୨୮ ତାରିଖରୁ ଆରମ୍ଭ ହୋଇଥିବା ମାଓବାଦୀଙ୍କ ଶହୀଦ ସପ୍ତାହ ଯୋଗୁ ଅବିଭକ୍ତ କୋରାପୁଟ ଜିଲାରେ ହାଇ ଆଲର୍ଟ ଜାରି କରାଯାଇଛି। ଅଗଷ୍ଟ ୩ ତାରିଖ ଯାଏ ଏହା ଚାଲିବ। ଏଥିନେଇ ଛତିଶଗଡ଼ ଓ ଆନ୍ଧ୍ର କ୍ୟାଡର ମାଓବାଦୀଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ବିଭିନ୍ନ ପ୍ରସ୍ତୁତି ଚାଲିଥିବା ଗୋଇନ୍ଦା ସୂତ୍ରରୁ ଜଣାଯାଇଛି। ଜୟପୁର-ମାଲକାନଗିରି ବସ୍ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଅବିଭକ୍ତ କୋରପୁଟ ଜିଲାରେ ୩୪ରୁ ଅଧିକ ସରକାରୀ ବସ୍ ଚଳାଚଳକୁ ସୁରକ୍ଷା ଦୃଷ୍ଟିରୁ ବନ୍ଦ କରାଯାଇଛି। ୨୭ ତାରିଖ ରାତିରୁ ସରକାରୀ ବସ୍ ଚଳାଚଳ ପ୍ରଭାବିତ ହୋଇଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ଜୟପୁର ଜୋନ୍‌ର ପାଖାପାଖି ୧୨, ବିଜୟନଗରମ ଜୋନ୍‌ରୁ ୩ଟି ରୁଟ୍‌ରେ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ମାଲକାନଗିରି ଜିଲା ରୁଟ୍‌ରେ ୨୦ ସରକାରୀ ବସ୍, ପାରଳାଖେମୁଣ୍ଡି-ଫୁଲବାଣୀ ରୁଟ୍‌ରେ ୪ଟି ବସ୍ ବନ୍ଦ କରାଯାଇଛି। କୋଟିଆ ରୁଟ୍‌ରେ ୨, ପାର୍ବତୀପୁରମକୁ ୧, କାଶୀପୁରକୁ ୨, ଭଦ୍ରାଚଳମକୁ ୨, ଗୁଣପୁର ୨ ଓ ଭାୟା ରାୟଗଡା ଦେଇ ବ୍ରହ୍ମପୁର, ଭଞ୍ଜନଗର ଓ ଭୁବନେଶ୍ୱର ଯାଉଥିବା ୮ଟି ବସ୍ ବନ୍ଦ କରାଯାଇଛି। ମାଲକାନଗିରି ଜିଲା ମୋଟୁରୁ ବିଶାଖାପାଟଣା, ଆନ୍ଧ୍ର ଯାଉଥିବା ୬ଟି ବସ୍ ବନ୍ଦ ରହିଛି। ବ୍ରହ୍ମପୁର, ଭୁବନେଶ୍ୱରରୁ କୋରାପୁଟ-ମାଲକାନଗିର ପାଇଁ ଆସୁଥିବା ୧୫ଟି ବସ୍, ଭବାନୀପାଟଣାରୁ-ମୋଟୁ ୨ଟି ବସ୍ ବନ୍ଦ ରହିଛି। ଇନ୍ଦ୍ରାବତୀ- ଚିତ୍ରକୋଣ୍ଡା ରୁଟ୍‌ରେ ୨ଟି, କାଶୀପୁର ଭାୟା ଦଶମନ୍ତପୁର ରୁଟ୍‌ରେ ୨ଟି, ଭବାନୀପାଟଣା-ମାଲକାନଗିରି, ନୀଳାଦ୍ରିନଗର, ଫୁଲବାଣୀ ରୁଟ୍‌ରେ ଏପରିଭାବେ ୪୦ରୁ ଅଧିକ ସରକାରୀ ଗାଡି ବନ୍ଦ ହୋଇଛି। ଜିଲା ପୋଲିସ, ବିଏସ୍‌ଏଫ୍ ଯବାନ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛନ୍ତି। ଜିଲା ପୋଲିସ ପକ୍ଷରୁ ସୀମାନ୍ତ ଅଞ୍ଚଳକୁ ସିଲ୍ କରିବା ସହ କୋମ୍ବିଂ ଅପରେଶନ ଜୋର୍‌ଦାର କରାଯାଇଛି। ଜିଲାର, ନାରାୟଣପାଟଣା, ବନ୍ଧୁଗାଁ, ବୈପାରିଗୁଡା, ପଟାଙ୍ଗୀ ଅଞ୍ଚଳରେ ସୁରକ୍ଷା ବାହିନୀ ତରଫରୁ ତୀକ୍ଷ୍ଣ ନଜର ରଖାଯାଇଛି। ମାଓବାଦୀ ଅଞ୍ଚଳରେ ଥିବା ଥାନା ଗୁଡିକର ସୁରକ୍ଷା ଜୋର୍‌ଦାର କରାଯାଇଛି। ଅପରପକ୍ଷେ ମାଓବାଦୀମାନେ ଶହୀଦ ସପ୍ତାହକୁ ସମର୍ଥନ ଜଣାଇବାକୁ ବ୍ୟାନର ଓ ପୋଷ୍ଟର ଲଗାଇ ଉପସ୍ଥିତି ଜାହିର କରିଛନ୍ତି।

## ଏକ ସୁସ୍ଥ ପରିବେଶ, ସୁସ୍ଥ ସମାଜ ଲକ୍ଷ୍ୟରେ ଚାରାରୋପଣ

ଜୟପୁର, ୨୮।୭(ନି.ପ୍ର.)



ଚାରାରୋପଣ କରାଯାଉଛି।

ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଅବସରରେ ଟି.ପି . ଦକ୍ଷିଣାଞ୍ଚଳ ଓଡ଼ିଶା ବିତରଣ ଲିମିଟେଡର ଆନୁକୂଲ୍ୟରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜୟପୁରର ପ୍ରତ୍ୟେକ ବିଦ୍ୟୁତ୍ କଣ୍ଟ୍ରୋଲ ରୁମ ପରିସର ଓ ଅନ୍ୟ ସ୍ଥାନରେ,ଏକ ସୁସ୍ଥ ପରିବେଶ ଏବଂ ସୁସ୍ଥ ସମାଜ ଲକ୍ଷ୍ୟରେ ୨୬୦ଟି ଚାରାରୋପଣ କରାଯାଇଛି। ଟି.ପି. ଦକ୍ଷିଣାଞ୍ଚଳ ଓଡ଼ିଶା ବିତରଣ ଲିମିଟେଡର ଅଧିକ୍ଷଣ ଯନ୍ତ୍ରୀ ମନ୍ମଥ ନାଥ ମିଶ୍ର, ନିର୍ବାହୀ ଯନ୍ତ୍ରୀ ବରୁଣ ଚୌଧୁରୀ, ଏସ୍.ଟି.ଏସ୍. (ଏଚ୍.ଓ.ଜି )ବିଶ୍ୱଜିତ ମେଣ୍ଡୁଲି, ସୁରକ୍ଷା ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ ତତ୍ତ୍ୱାବଧନରେ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମକୁ ସୂଚାରରୂପେ ପରିଚାଳନା କରିବାରେ ସୌମ୍ୟ ରଞ୍ଜନ ଲେଙ୍କା, ରଶ୍ମୀରଞ୍ଜନ ସାହୁ, ଦୀପକ କୁମାର ସାମଲ, ରାକେଶ କୁମାର ତ୍ରିପାଠୀ, ଶୁଭମ୍ ସୁନ୍ଦରରାୟ, ଅମୀୟ କୁମାର ଗିରି, ଦିବ୍ୟଜ୍ୟୋତି ମହାପାତ୍ର, ପ୍ରମିତ ଦାସ, ରୂପକ ଦାସ, ଶୁଶାନ୍ତ ପ୍ରଧାନ, ସୁବାଷ ବେହେରା, ଭମରିୟା ପ୍ରାଇଭେଟ୍ ଲିମିଟେଡର ସୁରକ୍ଷା ଅଧିକାରୀ ରାହୁଲ ଶତପଥୀ, ପୃଥିରାଜ ଚୌଧୁରୀ ଓ ଅନାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଟିପିସିଓଡିଏଲ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା

**ସାଗରଗୁଡ଼ା ଜଳ ଯୋଗାଣ ପ୍ରକଳ୍ପରୁ ବିଦ୍ୟୁତ୍ କାଟର ପ୍ରତିବାଦ**

କୁନ୍ଦୁରା, ୨୮।୭(ଡି.ଏନ୍.ଏ.)
କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦର ସାଗରଗୁଡ଼ା ଗ୍ରାମରେ ଥିବା ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପରୁ କୁନ୍ଦୁରାସ୍ଥିତ ଟାଟା ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ କାଟ କରାଯାଇଛି। ଏହାର ପ୍ରତିବାଦରେ ଗ୍ରାମବାସୀ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ। ବିଡିଓ ୨୦୦୪ରୁ ସାଗରଗୁଡ଼ାବାସୀ ପିଇବା ପାଣି ସମସ୍ୟା ନେଇ ପିଏଚ୍‌ଡି କାର୍ଯ୍ୟାଳୟ ସମେତ ବ୍ଲକ ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ମଧ୍ୟ ସମସ୍ୟାର ସମାଧାନ ନିମନ୍ତେ କେହି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏହା ଭିତରେ ସାଗରଗୁଡ଼ା ଜଳ ଯୋଗାଣ ପ୍ରକଳ୍ପରୁ ବିଦ୍ୟୁତ୍ ବିଚ୍ଛିନ୍ନ ପରେ ସାଗରଗୁଡ଼ାବାସୀ ଏହାର ପ୍ରତିବାଦ କରି କାର୍ଯ୍ୟାଳୟରେ ତାଲା ପକାଇଥିଲେ। ବୁଧବାର ରାତିରେ ଜୟପୁର ଉପଜିଲାପାଳ ବେଦବର ପ୍ରଧାନ, କୁନ୍ଦୁରା ବିଡିଓ ସ୍ନେହପ୍ରଭା ମାଝି ଜୟପୁର ଟାଟା ବିଦ୍ୟୁତ୍ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିବା ସତ୍ତ୍ୱେ ବିଦ୍ୟୁତ୍‌କାଟ ହୋଇଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। କରୋନା ବେଳେ ବିଦ୍ୟୁତ୍ ବିଲ ପ୍ରତି କେହି ଗୁରୁତ୍ୱ ଦେଇନଥିଲେ। ଟାଟା ପକ୍ଷରୁ ଗ୍ରାମବାସୀଙ୍କୁ ଜବରଦସ୍ତ କରିବାରୁ ଗତ ମାର୍ଚ୍ଚରେ ଆଦାୟ କରି ୨ଲକ୍ଷ ଟଙ୍କା ପୈଠ କରିଥିଲେ । ଟାଟା କମିଟି ନାମରେ ରସିଦ କାଟିବା ବଦଳରେ ସରପଞ୍ଚଙ୍କ ନାମରେ ରସିଦ କାଟିବା ନେଇ କିଛି ସମୟ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ବିଡିଓ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜା, ଜିଲା କୃଷକ ସେଲ ସଭାପତି ଭବାନୀ ଶଙ୍କର ରଥ, କୁନ୍ଦୁରା ବ୍ଲକ କନିଷ୍ଠ ଯନ୍ତ୍ରୀ ଶିବ ପ୍ରସାଦ ସାହୁ ଏକ ବୈଠକ କରିଥିଲେ। ୪ଲକ୍ଷ ୨୧ ହଜାର ୫୭୩ ଟଙ୍କା ବକେୟା ରହିଛି। ୫୦ ହଜାର ଟଙ୍କା ପୈଠ କରି ବିଦ୍ୟୁତ୍ ସଂଯୋଗ କରିବାରୁ ଗ୍ରାମବାସୀ ତାଲା ଖୋଲିବା ସହ ସେଠାରୁ ଫେରିଥିଲେ। ବଳକା ବକେୟା ଟଙ୍କା ଗ୍ରାମ୍ୟ ଜଳ ଯୋଗାଣ କମିଟି ଏବଂ ସରପଞ୍ଚ ଆଲୋଚନା କରି ଏକାଥରେ ପୈଠ କରିବା ପାଇଁ ଏକ ଲିଖିତଭାବେ ଜଣାଇଛନ୍ତି। ଏହି ସମୟରେ ଟାଟାର ମନୋଜ ସ୍ୱାଇଁ, ଦୈତାରୀ ମଲ୍ଲିକ, ସରପଞ୍ଚ ଲବ ପରଜା, ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ କମିଟିର ଟୁଲୁ ରଥ, ଲକ୍ଷ୍ମୀକାନ୍ତ ପଣ୍ଡା, ଭାସ୍କର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ଗ୍ରାମବାସୀ ତାଲା ପକାଇ ଧାରଣାରେ ବସିଛନ୍ତି।

# ଟାଲେଣ୍ଟ, ବିଜ୍ଞାନ ଇଣ୍ଟରନ୍ୟାଶନାଲ କଲେଜର ସବୁପିଲା ପାସ୍


ଅର୍ଣ୍ଣନ ପୂଜା


କିରଣ କୁମାରୀ


ସୀମାଞ୍ଚଳ ମହାପାତ୍ର



କାମନା କୁମାରୀ

**+୨ ବିଜ୍ଞାନ, ବାଣିଜ୍ୟ ପରୀକ୍ଷାଫଳ**

କୋରାପୁଟ, ୨୮।୭(ସ୍ୱ.ପ୍ର.)
ଚଳିତ ବର୍ଷ ପ୍ରକାଶ ପାଇଥିବା ଯୁକ୍ତ୨ ବିଜ୍ଞାନ ପରୀକ୍ଷାରେ କୋରାପୁଟ ଟାଲେଣ୍ଟସ୍ ମହାବିଦ୍ୟାଳୟର ପାସ୍ ହାର ଶତପ୍ରତିଶତ ରହିଛି। ଚଳିତ ବର୍ଷ ୨୪୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ମହାବିଦ୍ୟାଳୟର ଛାତ୍ରୀ କିରଣ କୁମାରୀ ନାୟକ ୫୪୪ (୯୦.୬%) ଓ ମହାବିଦ୍ୟାଳୟର ଛାତ୍ର ସୀମାଞ୍ଚଳ ମହାପାତ୍ର ୫୪୨ (୯୦.୩%)ନମ୍ବର ରଖି ଜିଲାରେ ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି। ପରୀକ୍ଷା ଦେଇଥିବା ୨୪୮ ଜଣଙ୍କ ମଧ୍ୟରୁ ୨୨୪ ଜଣ ଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ ହୋଇଛନ୍ତି। ୨୧ ଜଣ ଦ୍ୱିତୀୟ ଓ ୩ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମହାବିଦ୍ୟାଳୟର ୬୦ଜଣ ଛାତ୍ରୀଛାତ୍ର ୮୦%ରୁ ଊର୍ଦ୍ଧ୍ୱ ନମ୍ବର ରଖି ମହାବିଦ୍ୟାଳୟର ସୁପରିଚାଳନା ଓ ଶୃଙ୍ଖଳିତ ଶିକ୍ଷାଦାନକୁ ପୁଣି ପ୍ରମାଣିତ କରିଛନ୍ତି। ମହାବିଦ୍ୟାଳୟର ଏହି ସଫଳତା ପଛରେ ଗୁଣାତ୍ମକ ଶିକ୍ଷାଦାନ ବ୍ୟବସ୍ଥା, ଉତ୍ତମ ପରିବେଶ ଓ ଛାତ୍ରୀଛାତ୍ରଙ୍କ ପାଠପଢ଼ା ପ୍ରତି ଆଗ୍ରହ ଯୋଗୁ ସଫଳତା ମିଳିପାରିଛି ବୋଲି ମହାବିଦ୍ୟାଳୟ ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ମାନସ ରଞ୍ଜନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ସେ ପାସ୍ ହୋଇଥିବା ସମସ୍ତ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାରେ କୋରାପୁଟସ୍ଥିତ ବିଜ୍ଞାନ ଇଣ୍ଟରନ୍ୟାଶନାଲ କଲେଜର ପାସ୍ ହାର ଶତପ୍ରତିଶତ ଥିବା କଲେଜ ସଭାପତି ସୁବ୍ରତ କୁମାର ମିଶ୍ର ସୂଚନା ଦେଇଛନ୍ତି। ବିଜ୍ଞାନରେ ଛାତ୍ରୀ କାମନା କୁମାରୀ ୮୪% ନମ୍ବର ରଖି କଲେଜର ପ୍ରଥମ, ଦୀପକ ସେଠୀ (୮୨%) ଦ୍ୱିତୀୟ, ପ୍ରାର୍ଥନା ଜଗନ ମୋହନ ରାଓ (୮୧%) ତୃତୀୟ ହୋଇଛନ୍ତି। ପରୀକ୍ଷା ଦେଇଥିବା ବିଜ୍ଞାନ ବିଭାଗର ୧୦୮ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬୧ ଜଣ ପ୍ରଥମ, ୩୫ଜଣ ଦ୍ୱିତୀୟ ଓ ୧୨ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ସେହିପରି ବାଣିଜ୍ୟରେ କଲେଜର ଛାତ୍ରୀ ଅର୍ଣ୍ଣନ ପୂଜା ୮୪% ରଖି କଲେଜରେ ପ୍ରଥମ ହୋଇଛନ୍ତି। ଅଲେଖ ଭୂପତି ଗୌଡ଼(୮୩%) ଓ ଛାତ୍ରୀ ବି.ଅନିଶା ରାୟ (୮୨%) ନମ୍ବର ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଥିବା ଜଣାପଡିଛି। ବାଣିଜ୍ୟ ବିଭାଗର ୧୮ ଜଣ ପିଲାଙ୍କ ମଧ୍ୟରୁ ୧୧ ଜଣ ପ୍ରଥମ, ୪ ଜଣ ଦ୍ୱିତୀୟ ଓ ୩ ଜଣ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସଫଳତା ପାଇଁ ସଭାପତି ମିଶ୍ର ପିଲାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ଧନ୍ୟବାଦ ଦେଇଛନ୍ତି।

### ବାଣିଜ୍ୟରେ ଜି.ସାଇମଣି ନବରଙ୍ଗପୁର ଟପ୍ପର

ଉମରକୋଟ(ସ୍ୱ.ପ୍ର.)



ନବରଙ୍ଗପୁରଜିଲା ଉମରକୋଟ ପେଣ୍ଡ୍ରାଣୀ ମହାବିଦ୍ୟାଳୟ ଛାତ୍ର ଜି.ସାଇମଣି ୫୨୯ ନମ୍ବର (୮୮.୧୭%) ରଖି ନବରଙ୍ଗପୁର ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କଲେଜର ପରୀକ୍ଷା ଦେଇଥିବା ୪୬ ପିଲାଙ୍କ ମଧ୍ୟରୁ ୩୨ ଜଣ ପାସ ହୋଇଛନ୍ତି। ସ୍ଥାନରେ ୧୫ ଜଣ ପ୍ରଥମ, ୮ଜଣ ଦ୍ୱିତୀୟ ଓ ୯ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ମା,ବାପା, ଅନୁଷ୍ଠାନର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ଜି.ସରଇମଣି ଶ୍ରେୟ ଦେଇଛନ୍ତି। ବିଶେଷ କରି ଅଧ୍ୟାପକ ରାମଶଙ୍କର ପଟ୍ଟନାୟକଙ୍କ ପ୍ରଚେଷ୍ଟା ଓ ସହଯୋଗରୁ ଏହି ସଫଳତା ପାଇଛି ବୋଲି ଜି.ସାଇମଣି କହିଛନ୍ତି। ତେଣୁ ସେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଗକୁ ବିବିଏ ଓ ଏମବିଏ କରି ବ୍ୟାଙ୍କିଂ ସେକ୍ଟରରେ କାମ କରିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି।

### ତେନ୍ତୁଳିଖୁଣ୍ଟି ଝିଅ ରାଜ୍ୟରେ ତୃତୀୟ

ତେନ୍ତୁଳିଖୁଣ୍ଟି, (ଡି.ଏନ୍.ଏ.)



ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଦିଗି ସଲପାର ତମନ୍ନା ପଣ୍ଡା ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ଓଡିଶାରେ ତୃତୀୟ ହୋଇଛନ୍ତି। ସେ ଭୁବନେଶ୍ୱରସ୍ଥିତ ଜୁପିଟର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ମହିଳା) ଛାତ୍ରୀ। ପରୀକ୍ଷାରେ ସେ ୫୭୯ ନମ୍ବର ରଖିଛନ୍ତି। ତାଙ୍କ ବାପା କୁଞ୍ଜବିହାରୀ ପଣ୍ଡା ଜଣେ ଚାଷୀ ହୋଇଥିବା ବେଳେ ମା ସନ୍ତୋଷୀ ଜଣେ ଗୃହିଣୀ। ସିଭିଲ୍ ସର୍ଭିସରେ ଯୋଗ ଦେବାକୁ ସେ ଲକ୍ଷ୍ୟ ରଖିଛନ୍ତି। ତମନ୍ନ ଙ୍କ ଏହି କୃତିତ୍ୱ ଜିଲା ପାଇଁ ଗୌରବ ଆଣିଛି। ତାଙ୍କ ସଫଳତା ଯୋଗୁ ପିତା କୁଞ୍ଜଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଆଇନଜୀବୀଙ୍କ କାର୍ଯ୍ୟ ବନ୍ଦ

ଜୟପୁର, ୨୮।୭ (ନି.ପ୍ର.)

ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ପ୍ରତ୍ୟେକ ମାସର ଶେଷ ୨ ଦିନ କାର୍ଯ୍ୟବନ୍ଦ ନିଷ୍ପତ୍ତି ହୋଇଛି। ଜୟପୁରସ୍ଥିତ ଜିଲା ଓକିଲ ସଂଘ ନିଷ୍ପତ୍ତି କ୍ରମେ ଜୁଲାଇ ୨୮ ଓ ୨୯ ତାରିଖ ୨ ଦିନ ଓକିଲମାନେ କାର୍ଯ୍ୟବନ୍ଦ କରିଛନ୍ତି। ଜୟପୁରରେ ୨୦ଟି କୋର୍ଟର ଆଇନଜୀବୀମାନେ ଅନୁପସ୍ଥିତ ରହି ଜିଲା କୋର୍ଟ ସମ୍ମୁଖରେ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଉକ୍ତ ୨ ଦିନ ଜେଲରେ ଥିବା ବିଚାରାଧୀନ କଏଦୀଙ୍କ ଜାମିନି ହିଁ ଶୁଣାଣି ହୋଇପାରିବ। ଏହା ବ୍ୟତିତ ଅନ୍ୟ କୌଣସି ମାମଲାର ବିଚାର କି ଶୁଣାଣି ହୋଇପାରିବ ନାହିଁ। ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଯୋଗୁ ଏମିତିକି ତହସିଲ, ରେଜିଷ୍ଟ୍ରାର ଅଫିସ ମଧ୍ୟ ବନ୍ଦ ରହିଛି। ବିକ୍ଷୋଭରେ ସଂଘ ଜିଲା ସଭାପତି ସରୋଜ ଦାଶ, ସମ୍ପାଦକ ଆନନ୍ଦ ରଥ, ଉପସଭାପତି ଗିରିଧର ଖରା ପ୍ରମୁଖ ଉପସ୍ଥିତ ଥିଲେ।

ଅବିଭକ୍ତ କୋରାପୁଟ ଜିଲାର ଯେ କୌଣସି ସ୍ଥାନରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବାକୁ ୨୦୦୮ରୁ ଦାବି ହେଉଛି। ଏହାକୁ ନେଇ ରାଜ୍ୟ ସରକାର ପାଲ କମିଶନ ଗଠନ କରିଥିଲେ। ଯଶୱନ୍ତ ସିଂ ରିପୋର୍ଟ ଅନୁସାରେ ଜୟପୁରରେ ହାଇକୋର୍ଟ ବେଞ୍ଚ ପାଇଁ ସବୁ ସର୍ତ୍ତ ପୂରଣ କରୁଥିବା କହିଛି କମିଟି। ଓଡିଶାର ଯଦି କେଉଁଠି ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଅନୁକୂଳ ତାହା ହେଉଛି ଜୟପୁର। କାରଣ ଜୟପୁର ସହର ହାଇକୋର୍ଟରୁ ୬ ଶହ କି.ମି ଦୁରରେ ରହିଛି। ଟ୍ରେନତ ଦୁରର କଥା ସିଧାସଳଖ ଗୋଟିଏ ବସ୍‌ରୁ ୨ ଟି ନାହିଁ। ତେଣୁ ଦୀର୍ଘ ବର୍ଷ ହେବ ଅବିଭକ୍ତ କୋରାପୁଟ ଜିଲାର ଜନସାଧାରଣ ଅସୁବିଧା ଭୋଗି ଆସୁଛନ୍ତି। ବିଶେଷ କରି ଅଜ୍ଞନତା ହେତୁ ଏ ଅଞ୍ଚଳର ବହୁ ଆଦିବାସୀ ଓ ଦଳିତ ଶ୍ରେଣୀର ଲୋକମାନେ ହାଇକୋର୍ଟରେ ମାମଲା ନ ଲଢିପାରି ନିଜ ଅଧିକାର ହରାଇ ବସୁଛନ୍ତି। ଓଡିଶାର ଯେଉଁ ସବୁ ସହରରୁ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ଦାବି ହୋଇ ଆସୁଛି। ସେଗୁଡିକ କଟକଠାରୁ ଜୟପୁର ଅପେକ୍ଷା ନିକଟରେ ଅଛନ୍ତି। ରାଜ୍ୟ ସରକାର ଏହି ପଛୁଆ, ମାଓବାଦୀପ୍ରବଣ, ଗମନାଗମନ କ୍ଷେତ୍ରରେ ଅବହେଳିତ ଏବଂ ସାରତା ଦୃଷ୍ଟିରୁ ପଛରେ ରହିଥିବା ଅଞ୍ଚଳକୁ ପ୍ରାଧାନ୍ୟ ଦେଇ ଜୟପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଅନ୍ତୁ ବୋଲି କମିଟି ଦାବି କରିଛି। ୧୯୮୧ରେ ଗଠିତ କେନ୍ଦ୍ର ସରକାରଙ୍କ ଯଶୱନ୍ତ ସିଂ କମିଶନର ସୁପାରିଶ ଆଧାରରେ ଦକ୍ଷିଣ ଓଡିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦିଗରେ ସମସ୍ତ ସର୍ତ୍ତ ପୂରଣ କରୁଛି। କିନ୍ତୁ ଏ ନେଇ କୌଣସୀ ସୁଫଳ ମିଳି ପାରିନାହିଁ। ଯାହା ଫଳରେ ଦକ୍ଷିଣ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦିଗରେ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଦାବିକରି କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି।


ଆଇନଜୀବୀମାନେ ଧାରଣାରେ ବସିଛନ୍ତି।

# ଉମରକୋଟ ଥାନା ଅତିରିକ୍ତ ଆଇଆଇସି ନିଲମ୍ବିତ

କଟକ ଅଫିସ/ଉମରକୋଟ, ୨୮।୭(ସ୍ୱ.ପ୍ର.)




**ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ**

ନବରଙ୍ଗପୁର ଜିଲା ଉମରକୋଟ ଥାନାର ଅତିରିକ୍ତ ଆଇଆଇସି ଲିମରାଜ ପ୍ରଧାନଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହେବା ଓ ୪୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଜେଲ୍‌ରେ ରହିବା ଘଟଣାରେ ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଅତିରିକ୍ତ ଆଇଆଇସି ପ୍ରଧାନଙ୍କୁ ଗୁରୁବାର ଚାକିରିରୁ ନିଲମ୍ବନ କରିଛନ୍ତି। ଭିଜିଲାନ୍ସ ଗିରଫ କରିବା ଦିନ ଅର୍ଥାତ ଗତ ୧୦ ତାରିଖରୁ ଏହି ନିଲମ୍ବନ ଆଦେଶ ଲାଗୁ ରହିବ। ନିଲମ୍ବନ ଅବଧି ମଧ୍ୟରେ ପ୍ରଧାନ ନବରଙ୍ଗପୁର ଏସ୍‌ପିଙ୍କ ଶୃଙ୍ଖଳାଗତ ନିୟନ୍ତ୍ରଣରେ ରହିବେ। ଏ ସମ୍ପର୍କରେ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଅତିରିକ୍ତ ଆଇଆଇସି ପ୍ରଧାନ ଏକ ପାରିବାରିକ ବିବାଦର ସମାଧାନ କରିବା ପାଇଁ ଗତ ୧୦ ତାରିଖରେ ଜଣେ ବ୍ୟକ୍ତିଙ୍କଠାରୁ ୨୦ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ବ୍ୟକ୍ତି ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ଭିଜିଲାନ୍ସର ଜଣେ ଡିଏସ୍‌ପି, ୩ ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀମାନେ ଉକ୍ତଦିନ ରାତିରେ ଥାନା ନିକଟରେ ଲୁଚି ରହିଥିଲେ। ଅଭିଯୁକ୍ତ ପ୍ରଧାନ ଅଭିଯୋଗକାରୀଙ୍କୁ ରାତି ୧୦ଟା ପରେ ଥାନାକୁ ଆସିବାକୁ କହିଥିଲେ। ସିସିଟିଭି କ୍ୟାମେରାକୁ ଏଡ଼ାଇବା ପାଇଁ ପ୍ରଧାନ ଏକାକୀ ନିଛାଟିଆ ସ୍ଥାନକୁ ଆସିଥିଲେ। ଲାଞ୍ଚ ଟଙ୍କା ନେବା ପରେ ଭିଜିଲାନ୍ସ ଟିମ୍‌କୁ ଦୂରରୁ ଦେଖି ପ୍ରଧାନ ଦୌଡ଼ି ପଳାଉଥିଲେ। ତେବେ ଭିଜିଲାନ୍ସ ଟିମ୍ ତାଙ୍କୁ ଗୋଡ଼ାଇ ଧରିଥିଲା। ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା। ଏହାପରେ ଭିଜିଲାନ୍ସ ପକ୍ଷରୁ ପ୍ରଧାନଙ୍କ ଉମରକୋଟସ୍ଥିତ ସରକାରୀ କ୍ୱାର୍ଟର୍ସ, ଭବାନୀପାଟଣା ଇରିଗେଶନ କଲୋନୀସ୍ଥିତ ଆବାସିକ ଭଡ଼ାଘର, କନ୍ଧମାଳ ଜିଲା ରାଇକିଆ ଥାନା ଅଧୀନ ବାକିଙ୍ଗିଆ ଗ୍ରାମରେ ଥିବା ପୈତୃକ ଘର ଏବଂ ଉମରକୋଟ ଥାନା ଅଫିସ ଚାମ୍ବରରେ ଏକକାଳୀନ ଚଢାଉ କରାଯାଇଥିଲା। ଏ ନେଇ କୋରାପୁଟ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ. ୨୧/୨୨) ରୁଜୁ କରାଯାଇ ପ୍ରଧାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା।

## ଆମ୍ବ ଗଛରେ ଚଢି ନାବାଳିକାଙ୍କ ଆତ୍ମହତ୍ୟା ଉଦ୍ୟମ

### ଉଦ୍ଧାର କଲା ଅଗ୍ନିଶମ ବାହିନୀ

ଡାବୁଗାଁ, ୨୮।୭ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଡୁଙ୍ଗରିଗୁଡା ପଞ୍ଚାୟତ ପାଖରେ ଥିବା ଆମ୍ବବଗିଚାର ଏକ ଅମ୍ବଗଛ ଉପରକୁ ଜଣେ ନାବାଳିକା ଗୁରୁବାର ଅପରାହ୍ନ ପ୍ରାୟ ୩ଟାରେ ଚଢି ନିଜ ଓଢଣୀ ସାହାଯ୍ୟରେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଜଣେ ଯୁବକ ଏହା ଦେଖି ଗଛ ଉପରେ ଚଢ଼ି ସମ୍ପୃକ୍ତ ନାବାଳିକାଙ୍କୁ ଧରି ପାଟି କରିଥିଲେ। ପରେ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଡାବୁଗାଁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ଉକ୍ତ ୨ ଜଣଙ୍କୁ ଗଛ ଉପରୁ ଉଦ୍ଧାର କରିବା ପାଇଁ ଯାଇଥିଲେ। ପ୍ରାୟ ୨ ଘଣ୍ଟା ସମୟ ଚେଷ୍ଟା କରିବା ପରେ ଅଗ୍ନିଶମ ବିଭାଗ କର୍ମଚାରୀ ଏଲ୍‌ଏଫଏମ୍ ଉପେନ୍ଦ୍ର ମହାରଣା, ମଙ୍ଗଳ ଦାନ ହିକ୍କା , ମାନସିଂ ଶବର, ହେମନ୍ତ ନାୟକ, ମଳୟ ନାୟକ, ପ୍ରଶନ୍ନ ବିଶ୍ୱାଳ ସେମାନଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ଉକ୍ତ ନାବାଳିକାଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଏସ୍.ପି. ଶତପଥୀ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିଥିଲେ।

## ୧୭ କରୋନା ପଜିଟିଭ ଚିହ୍ନଟ

କୋରାପୁଟ,୨୮।୭(ସ୍ୱ.ପ୍ର.)-କୋରାପୁଟ ଜିଲାରୁ ଗୁରବାର ପୁଣି ୧୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ନେଇ ଜିଲା ପ୍ରଶାସନ ଏବେ ଚିନ୍ତାରେ। ଚିହ୍ନଟ କୋରନା ପଜିଟିଭ ମଧ୍ୟରେ ୭ ଜଣ ପୁରୁଷ ଓ ୧୦ ଜଣ ମହିଳା ଅଛନ୍ତି। ଜିଲାର ଜୟପୁର ମ୍ୟୁନିସପାଲଟିରୁ ୪, କୋଟପାଡରୁ ଜଣଙ୍କୁ ଚିହ୍ନଟ କରାଯାଇଛି। ସହିପରି ଜିଲାର ଜୟପୁର ବ୍ଲକରୁ ୬, ଲକ୍ଷ୍ମୀପୁର ବ୍ଲକରୁ ୪, ସେମିଳିଗୁଡା ଏବଂ ଲମତାପୁଟ ବ୍ଲକ ଅଚଂଳରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣାପଡିଛି। ଜିଲାରେ ବର୍ତ୍ତମାନ ୮୯ଟି ଆକ୍ଟିଭ କେଶ ରହିଛି। ଦିନକୁ ଦିନ କୋରାପୁଟ ଜିଲାରେ କୋରନା ପଜିଟିଭଙ୍କ ସଂଖ୍ୟା ବଢୁଛି। କୋଭିଡ ଗାଇଡଲାଇନକୁ ଅଧିକ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି।

## ନନ୍ଦ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଜୟପୁର,୨୮।୭(ନି.ପ୍ର.) ନନ୍ଦ ଉତ୍ସବ ପାଳନ ନେଇ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଦବ ଭବନରେ କୋରାପୁଟ ଜିଲା ଷୋହଳ ଖଣ୍ଡ ଗୋପାଳ ସମାଜ ସଭାପତି ପରମେଶ୍ୱର ପାତ୍ରଙ୍କ ପୌରହିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ଅଗଷ୍ଟ ୧୯ରେ ସ୍ଥାନୀୟ ଜ୍ୟୋତି କଲ୍ୟାଣ ମଣ୍ଡପରେ ନନ୍ଦ ଉତ୍ସବ ପାଳନ କକରାଯିବାକୁ ବୈଠକରେ ସ୍ଥିର ହୋଇଛି। ବୈଠକରେ କୋରାପୁଟ ଜିଲା ଯାଦବ ମହାସଭା ସଭାପତି ମଦନ ମୋହନ ନାୟକ, ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼, ଉପଦେଷ୍ଟା ଡାକ୍ତର ସୁଦର୍ଶନ ଗୌଡ଼, ଉପେନ୍ଦ୍ର ଗୌଡ଼, ଜଗନ୍ନାଥ ମହାକୁଡ଼, ହରି ଗୌଡ଼, ନରେଶ ମହାକୁଳ, ରାମଚନ୍ଦ୍ର ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# କଂଗ୍ରେସ ନେତାଙ୍କ କୁଶପୁତ୍ତଳିକା ଦାହ



ଜୟପୁର, ୨୮।୭ (ନି.ପ୍ର.)

କଂଗ୍ରେସ ନେତା ଅଧିରରଞ୍ଜନ ଚୌଧୁରୀ ରାଷ୍ଟ୍ରପତିଙ୍କୁ ଅଶାଳୀନ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ଜୟପୁର ଭାଜପା ବିକ୍ଷୋଭ କରିଛି। ଏନେଇ ଗୁରୁବାର ଜୟପୁର ଭାଜପା କାର୍ଯ୍ୟାଳୟରୁ ଦଳୀୟ ନେତା ମୋହନ ମାଝି ଓ ରାଧେଶ୍ୟାମ ପରିଡାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ମୁଖ୍ୟ ଟ୍ରାଫିକ ଛକ ନିକଟରେ ପହଞ୍ଚି ଥିଲା। ସେଠାରେ କଂଗ୍ରେସ ନେତା ଅଧିର ରଞ୍ଜନ ଚୌଧୁରୀଙ୍କ କୁଷ ପୁତ୍ତଳିକା ଦାହ କରାଯାଇଥିଲା। ତୁରନ୍ତ ଦେଶବାସୀଙ୍କୁ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ କ୍ଷାମା ମାଗନ୍ତୁ ବୋଲି ଦଳ ପକ୍ଷରୁ ଦାବି କରାଯାଇଛି। ଏହି ଶୋଭାଯାତ୍ରାରେ ସୁନୀଲ ନାୟକ, କନକା ରାଓ, ଜଗଦୀଶ ପୁଜାରୀ କାହ୍ନୁ ସିଂ, ରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ହେପାଟାଇଟିସ୍ ଦିବସ ପାଳିତ

ନବରଙ୍ଗପୁର,୨୮।୭ (ବି.ପ୍ର.)

ନବରଙ୍ଗପୁର ଜିଲା ଟିର୍ଲିଅମ୍ବାଗୁଡାସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ରଞ୍ଜନ କୁମାର ବେହେରା ସଭାପତିତ୍ୱ କରିଥିଲେ। ସହକାରୀ ପ୍ରଫେସର ମନ୍ମଥ ମାଝି ଅତିଥି ପରିଚୟ ପ୍ରଦାନ କରିଥଲେ। ଡ ମଳୟ କୁମାର ତ୍ରିପାଠୀ ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ। ଛାତ୍ରୀ ଛାତ୍ରଙ୍କୁ ହେପଟାଇଟିସ୍ ରୋଗର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା ବୁଝାଇଥିଲେ। ଅନ୍ୟ ବକ୍ତାଭାବେ ହନୁମନ୍ତ ମାଝି ଏଡିପିଏଚ୍‌ସିଓ ଯୋଗଦେଇ ରୋଗରୁ ବର୍ତ୍ତିବାକୁ କ'ଣ ସବୁ ସତର୍କତା ଅବଲମ୍ବନ କରିବେ ସେ ବିଷୟରେ ବୁଝାଇଥିଲେ। ଏପିଡମିଓଲୋଜିଷ୍ଟ ଡାକ୍ତର ଶିଳ୍ପି ଦାସ ଏଂ ମାଇକ୍ରୋ ବାୟୋଲୋଜିଷ୍ଟ ଅର୍ଦ୍ଧେନ୍ଦୁ ଭୂଷଣ ପ୍ରଧାନ କାର୍ଯ୍ୟକ୍ରମର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ତିମ ପର୍ଯ୍ୟାୟରେ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ବିଶେଷଜ୍ଞଙ୍କ ଦ୍ୱାରା ଦିଆଯାଇଛି। ଶେଷରେ ଜାତୀୟ ସେବା ଯୋଜନା ଅଧିକାରୀ ସହକାରୀ ପ୍ରଫେସର ରାଜୀବ ଜାଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଶ୍ରବଣ ପୁଜାରୀ, ସୁଲୋଚନା ନାୟକ ଓ ରବୀନ୍ଦ୍ର ମାଳି ଯୋଗଦେଇ ଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ସାମାଜିକ କର୍ମୀ ଉପସ୍ଥିତ ଥିଲେ।


**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 6922/P.S.C.** **Dt.28.07.2022**

No. D-121: It is for information of all concerned that, the Commission have decided to conduct the OCS Preliminary Examination, 2021, pursuant to Advt. No. **25 of 2021-22**, tentatively on **16.10.2022 (Sunday).** The details of the programme of the said examination shall be notified later.

2. The candidates are advised to visit the website of the Commission at **http://opsc.gov.in** for further information.

OIPR-12002/11/0123/2223 Sd./- Secretary

**BOARD OF REVENUE: ODISHA, CUTTACK**
**No.VII (A)-36/2021- 3195/M.B. (Niz.).,Dated:28.07.2022**
**QUOTATION/ TENDER CALL NOTICE**

Quotations/Tenders are invited for shifting of the Records of the old Record Room of Board of Revenue, Odisha, Cuttack.

2.The details of the tender may be downloaded from this office website http://www.boardodisha.nic.in.

3.The last date of submission of Tender is 06.08.2022 by 1.00 P.M. The Tender shall open on 06.08.2022 at 3.00 P.M.

**Sd./- Secretary**

**OFFICE OF THE ROURKELA MUNICIPAL CORPORATION**
**UDITNAGAR, ROURKELA, ODISHA - 769012**
**E-mail ID: rourkelamunicipality@gmail.com**
**RFP No. 9807** **Date: 28.07.2022**

**NOTICE INVITING REQUEST FOR PROPOSAL (RFP) FOR SUPPLY AND ERECTION OF SCULPTURES AT DIFFERENT LOCATIONS OF ROURKELA**

No. C-890: Rourkela Municipal Corporation (RMC) invites Request for Proposal (RFP) from the reputed Intending Agencies/Suppliers/Bidders for Supply and Erection of Sculptures at Different Locations of Rourkela.

The RFP is to be submitted in closed covers addressed to the Commissioner, Rourkela Municipal Corporation, Uditnagar, Rourkela, Dist.- Sundargarh (Odisha), PIN - 769012 on or before 19.08.2022 by 1.00 P.M. through Speed Post/Registered Post/Courier or by Hand.

The complete RFP document can be downloaded from the RMC website **(www.rmc.nic.in)** from 29.07.2022 onwards.

Authority reserves the right to reject any or all the RFP without assigning any reason thereof.

**Sd./- Commissioner**
**Rourkela Municipal Corporation**
OIPR-13131/11/0073/2223

**ODISHA HYDRO POWER CORPORATION LTD.**
**OHPC**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**
**AT/PO- BARINIPUT, DIST-KORAPUT-764006, ODISHA**
**PHONE:(06854)242001,FAX:(06854) 242093,e-mail:sgmel.ukhep@gmail.com**
**CIN: U40101OR1995SGC003963**

**TENDER CALL NOTICE NO. UKHEP-17/2022-23, DATED 27.07.2022**

**No.CAD-1265:**Sealed tenders in duplicate are invited from Govt. registered Contractors/ Agencies for the job mentioned below by Unskilled workmen on Job Contract basis for a Calendar year (12 Months).

| Sl. No. | Description of Work | Cost of tender paper in Rs. | EMD in shape of declaration |
|---|---|---|---|
| 1 | Job work for upkeep sanitation of Bariniput Colony and Power House Colony, UKHEP, Bariniput for a period of 12 months | 4720/- (Non refundable) (Rs.4000/-+ 18% GST) | Bid Security Declaration form to be submitted |

The sale of Tender Paper will be from: **03.08.2022 to 11.00 Hrs. of 20.08.2022.** The last date & time of receipt of Tender: **upto 12.00 Hrs. of 20.08.2022.** The date and time of opening of Tender: **At 12.30 Hrs. of 20.08.2022.** For details of tender documents, Terms & conditions, Eligibility criteria and downloading, please refer our website www.ohpcltd.com.

**Sd./- C & P Head, Upper Kolab H.E. Project, Bariniput**
**OIPR-04002/11/0034/2223**

**ODISHA LIFT IRRIGATION CORPORATION LIMITED**
**(A Government of Odisha Undertaking)**
**OFFICE OF THE**
**EXECUTIVE ENGINEER, L. I. DIVISION, BALASORE**
**e-mail I.D – eelidvnbls@yahoo.com**
**Identification No. - 03 /22-23 Dt. 27.07.2022**
**TENDER CALL NOTICE**

No. CAD-1258: Sealed tenders are invited from reputed manpower agencies/ service providers to provide the services of One No. un-armed Security Guards for a period of two years w.e.f. from the date of commencement of the agreement through a suitable Security agency on outsourcing basis for watch and ward of the office campus.

The detailed information for outsourcing the service of aforesaid posts have been given in the tender document which may be obtained in person from the office of Executive Engineer, Lift Irrigation Corporation Ltd., Balasore on any working days between 11 A.M. to 4.00 P.M from 05.08.2022 to 17.08.2022, After payment of tender paper cost Rs.2000/- in shape of D.D. and 5% GST challan (i.e. Rs. 100.00). The last date and time for submission of tender document is 19.08.2022 by 2 P.M. Tender will be opened on 20.08.2022 at.11.00 AM in L.I. Division office, Balasore.

**Sd./- Er. S.K. CHOUDHARY**
**Executive Engineer,**
**LI Division, Balasore**
**OIPR-32152/11/0002/2223**

**OFFICE OF THE EXECUTIVE ENGINEER, P.H.DIVISION, KORAPUT**
**Tele/Fax:06852-250740, e-Mail:eephkrp@gmail.com**
**GOVERNMENT OF ODISHA "e" Procurement Notice**
**e-Procurement Notice for 2022-23**
**Bid Identification No.EE,P.H.KPT-05 of 2022-23 Dt.26.07.2022**

**No.C-888:**Name of Work : Procurement of DI Pipes. Total No. of Works: 1 (One Work). Estimated Cost: Rs.462.53 lakh (Approx.). Class of Contractor: Manufacturer. Period of Completion: 60 days.

| Procurement Officer | Bid Identification No. | No. of Works | Availability of Tender Online for Bidding | | Date & time of opening of Bid |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, P.H. Division, Koraput | EE, P.H.KPT-05 of 2022-23 Dt.26.07.2022 | 1 (One) | 11.00 A.M. 10.08.2022 | 05.00 P.M. 22.08.2022 | 11.00 A.M. 23.08.2022 |

Further details can be seen from the e-Procurement portal "https://www.tendersodisha.gov.in."

**Sd./- (Er.Chiranjibi Mahali)**
**Executive Engineer, P.H.Division, Koraput**
**OIPR-13008/11/0007/2223**

**GOVERNMENT OF ODISHA** **No. b-06**
**OFFICE OF THE CHIEF CONSTRUCTION ENGINEER SOUTHERN N.H. CIRCLE, BERHAMPUR**
**Email: senhsouthbam@gmail.com**
**INVITATION FOR BIDS**
**BID IDENTIFICATION No. 06/CCE NH, South of 2022-23**
**[e-Procurement]**
**Bid Identification No. 06/CCE NH, South of 2022-23**
**No. 1723** **Dated: 20.07.2022**

1. The **Chief Construction Engineer, Southern N.H. Circle, Berhampur** on behalf of Governor of Odisha invites **Percentage Rate Bid** in Double Cover System in **ONLINE MODE** from eligible contractors for constrution of **Road Works** as detailed in the table below.
2. Nature of Work : Road
3. No. of Work : 1 No.
4. Tender Cost : Rs.10,000/-
5. Class of Contractor : "A" Class & "B" Class
6. Availability of Bid document in the website : From 01.08.2022, 11.00 A.M. to 15.08.2022, 5.00 P.M.
7. Date of Opening of Bid : 16.08.2022 at 12.30 P.M.
8. The Bidders have to participate in ONLINE bidding only. Further details can be seen from the website **https://tendersorissa.gov.in**.
9. Any Corrigendum/Addendum/Cancellation will be displayed in the e-tender website only.

**Sd./- Chief Construction Engineer**
**Southern NH Circle, Berhampur**
**OIPR-34148/11/0002/2223**

**OFFICE OF THE ENGINEER-IN-CHIEF, RURAL WATER SUPPLY & SANITATION**
**JAL "O" PARIMAL BHAWAN, UNIT - V, BHUBANESWAR - 751001, ODISHA**
**Tel.: 0674-2395734, Fax: 0674-2394946, e-mail: cerwssodisha@gmail.com**
**NOTICE INVITING BID**
**NATIONAL COMPETITIVE BIDDING THROUGH e-PROCUREMENT FOR EXECUTION OF RURAL PIPED WATER SUPPLY PROJECTS IN DIFFERENT DISTRICTS ON EPC CONTRACT**
**No. 6124** **Date: 27.07.2022**

No. O-747: The Engineer-in-Chief, RWSS, Odisha, Bhubaneswar on behalf of the Governor of Odisha is engaged in the execution, operation & maintenance of water supply projects to the villages of different districts in the State of Odisha & as part of this endeavour, Government of Odisha has decided to undertake the work as mentioned below (the "Project") under EPC contract (Engineering, Procurement & Construction) basis & has decided to carry out the bid process for selection of the eligible contractors to whom the projects under the package may be awarded eventually for construction as well as operation and maintenance for a period of 5 years.

| Package No. | Name of Work | Bid Identification No. | Indicative Project Cost (Rs. in Crore) | Period for Completion & O&M Period | Availability of Bid documents for Online Bidding | |
|---|---|---|---|---|---|---|
| | | | | | From | To |
| Pkg - I | Execution of Rural Piped Water Supply Project pertaining to **149 Villages of Tangi-Chowdwar Block in Cuttack District** including 5 years O&M on EPC contract under the package . | EIC, RWSS-17/22-23 | 170.56 | 24 (Twenty Four Months) & 60 (Sixty Months) | 17.00 hours of 05.08.2022 | 17.00 hrs. of 05.10.2022 |
| Pkg - II | Execution of 03 Nos. Individual Rural Piped Water Supply Project pertaining to **15 GPs of Lamtaput Block of Koraput District, 13 GPs of Koraput Block of Koraput District & 66 Villages of Dabugam & 68 Villages of Jharigam Block of Nabarangpur District** including 5 years O&M on EPC contract under the package. | EIC, RWSS - 18/22-23 | 485.76 | 24 (Twenty Four Months) & 60 (Sixty Months) | 17.00 hours of 05.08.2022 | 17.00 hrs. of 05.10.2022 |

Name & address of Officer Inviting Bid : **Engineer-in-Chief, RWSS, Jal "O" Parimal Bhawan, Unit-V, Bhubaneswar Ph.: 0674-2395734 / 0674-2531533, e-mail: cerwssodisha@gmail.com**

Further details can be seen from the e-procurement portal **http://tendersodisha.gov.in**.

**OIPR-25003/11/0013/2223** **Sd./- Engineer-in-Chief, RWSS**

**No. C-887**
**GOVERNMENT OF ODISHA**
**OFFICE OF THE ADDITIONAL CHIEF ENGINEER PUBLIC HEALTH CIRCLE, SAMBALPUR, ODISHA**
**E-mail ID: sephsbp@yahoo.in / sephsbp@gmail.com**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. ACEPHSBP - 01/2022-23 Dt.25.07.2022**

01. Number of Work : 1 No.
02. Type of Bid : Two Bid System
03. Estiamted Cost : Rs.469.99 lakh
04. Period of Completion : 11 (Eleven) Calendar Months
05. Class of Contractor : 'A' & 'Special' Class
06. Date & Time of availability of bid document in the portal : From 11.00 hrs. of Dt.03.08.2022 to 17.00 hrs. of 20.08.2022.
07. Last date/time of seeking clarification : 17.00 hrs. of 06.08.2022
08. Last date/time of receipt of bids in the portal : 17.00 hrs. of 20.08.2022
09. Date & Time of opening of Technical Bids : At 11.30 hrs. of 22.08.2022
10. Name and address of the Officer Inviting Bid : Additional Chief Engineer, P.H. Circle, Sambalpur, Brooks' Hill, Near Stadium, At/P.O.: Motijharan, Dist.- Sambalpur - 768001

Further details can be seen from the e-procurement portal **"http://www.tendersorissa.gov.in"**.

**Sd./- Additional Chief Engineer**
**P.H. Circle, Samablpur**
**OIPR-13018/11/0003/2223**

## ସଂକ୍ଷେପରେ

### ଉଦ୍ଭିଦ ବିଜ୍ଞାନ ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା



ଗୁଣପୁର,୨୮।୭(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁର କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗର ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିଲାଗି ଆୟୋଜିତ କାର୍ଯ୍ୟକ୍ରମରେ କଲେଜର ଅଧକ୍ଷ ସୂର୍ଯ୍ୟନାରାୟଣ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ନୀଳମାଧବ ଦାସ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ରସାୟନ ବିଜ୍ଞାନ ବିଭାଗ ପ୍ରାଧାପକ ଶଶିଭୂଷଣ ମହାନ୍ତି ଯୋଗଦେଇ ଉଚ୍ଚ ଶିକ୍ଷା ଲାଭକରି ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧାପକ ଅମିୟ ମହାନ୍ତି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ଅଧାପିକା ବନ୍ଦିତା ଧରୁଆ, ନମିତା ମୁଦୁଲି, ଗଜେନ୍ଦ୍ର ପଣ୍ଡା, ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଜି.ମହେଶ୍ୱର ରାଓ ପ୍ରମୁଖ ଯୋଗ ଦେଇଥିଲେ। ପରୀକ୍ଷାଗାର ସହାୟିକା ଜ୍ୟୋତ୍ସ୍ନାରାଣୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପାଠଚକ୍ରର ସମ୍ପାଦକ ପ୍ରବୀଣ ପାଣି, ସୁମନ ସାମଲ ସହଯୋଗ କରିଥିଲେ। ଏହି ଅବସରରେ ଆଲୋଚନାଚକ୍ର ପୁସ୍ତକ ଉନ୍ମୋଚନ ହୋଇଥିଲା।

### ଏମ୍‌ଭି-୭୯ରେ ସମସ୍ତ ଦୋକାନ ବନ୍ଦ

#### ସେଲ୍‌ସ ଟାକ୍ସର ଚଢ଼ାଉ ଖବର

ମାଲକାନଗିରି,୨୮।୭(ଡି.ଏନ.ଏ.)- ମାଲକାନଗିର ଜିଲା ଏମ୍‌ଭି-୭୯ ବଜାରର ସମସ୍ତ ଦୋକାନ ଗୁରୁବାର ବନ୍ଦ ରହିଥିଲା। ସେଲ୍‌ସ ଟ୍ୟାକ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯିବ ବୋଲି କୌଣସି ସୂତ୍ରରୁ ଖବର ପାଇବା ମାତ୍ରେ ବ୍ୟବସାୟୀମାନେ ଦୋକାନ ବନ୍ଦ କରିଥିବା ଜଣାପଡ଼ିଛି। ସକାଳ ୯ଟାରୁ ମଧାହ୍ନ ପର୍ଯ୍ୟନ୍ତ ଦୋକାନ ଗୁଡ଼ିକ ବନ୍ଦ ରହିଥିଲା। ତେବେ ଔଷଧ ଦୋକାନ ଗୁଡ଼ିକ ଖୋଲା ରହିଥିଲା। ତେବେ ଏହା ନୂଆ ଘଟଣା ନୁହେଁ। ପ୍ରତ୍ୟେକ ଥର ବିଭାଗ ପକ୍ଷରୁ ଚଢ଼ାଉ କରାଯିବ ବୋଲି ଖବର ପାଇବା ମାତ୍ରେ ସମସ୍ତ ଦୋକାନ ବନ୍ଦ ରହୁଥିବା ଦେଖାଯାଉଛି। ଏଥିପାଇଁ ଗ୍ରାହକମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

### ଓଡ଼ିଆ ଭାଷା ସାହିତ୍ୟ ବିଭାଗର ବୈଠକ

ଭଞ୍ଜନଗର,୨୮।୭(ଡି.ଏନ.ଏ.)-ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧକ୍ଷ ରାଜେନ୍ଦ୍ର ଦାସ ଅଧକ୍ଷତା କରିଥିଲେ। ବିଭାଗୀୟ ମୁଖ୍ୟ ଅଧାପକ ବଟୁକେଶ୍ୱର ବାରିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ।

# କାର୍ଯ୍ୟକ୍ଷମ ହୋଇପାରୁନି ପୋଟେରୁ ଜଳସେଚନ ପ୍ରକଳ୍ପ

### ୧୮ ଦିନ ହେଲା ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ

ମାଲକାନଗିରି,୨୮।୭(ଡି.ଏନ.ଏ.)



ମାଲକାନଗିରି ଜିଲା ବାଲିମେଳାରେ ଥିବା ପୋଟେରୁ ଜଳସେଚନ ପ୍ରକଳ୍ପରେ ଗତ ୧୮ ଦିନ ହେଲା ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଛି। ବାଲିମେଳା ଜଳ ବିଦ୍ୟୁତ୍ କେନ୍ଦ୍ରରୁ ଏଠାକୁ ବିଦ୍ୟୁତ୍ ସଂଯୋଗ କରଯାଇଥିବା ବେଳେ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି । ଫଳରେ ଗଚ୍ଛିତ ଥିବା ଜଳକୁ କେନାଲ ଦ୍ୱାରା ଛାଡ଼ିବା କଷ୍ଟସାଧ ହୋଇପଡ଼ିଛି। ପ୍ରକଳ୍ପ ଅଧିକାରୀ ଜେନେରେଟର ମାଧମରେ କାର୍ଯ୍ୟ ଜାରି ରଖିଥିବା ବେଳେ ସେଥିରୁ ଉପଯୁକ୍ତ ମାତ୍ରାରେ ବିଦ୍ୟୁତ୍ ମିଳୁ ନ ଥିବାରୁ ଜଳ ନିଷ୍କାସନ ପାଇଁ ଥିବା ଗେଟ ଗୁଡ଼ିକ ଖୋଲିବା ଓ ବନ୍ଦ କରିବାରେ ନାନା ସମସ୍ୟା ଦେଖାଦେଉଛି। ଏହା ବ୍ୟତୀତ ଉପର ମୁଣ୍ଡରୁ ବର୍ଷା କିମ୍ବା ଅନ୍ୟ କୌଣସି ଜଳ ଆସିଲେ ତାକୁ ମଧ ପ୍ରକଳ୍ପରେ ଗଚ୍ଛିତ କରି ବଳକା ଜଳକୁ ନିଷ୍କାସିତ କରିବା କର୍ମଚାରୀଙ୍କ ପାଇଁ କାଠିକର ପାଠ ହୋଇପଡ଼ିଛି। କେବଳ ଏତିକି ନୁହେଁ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହି ପ୍ରକଳ୍ପ ନିକଟରେ ଥିବା ଅନେକ ଘର ଗୁଡ଼ିକରେ ମଧ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଛି। ଏହାସହ ପ୍ରକଳ୍ପରେ କାର୍ଯ୍ୟରତ କର୍ମଚାରୀ ମାନେ ମଧ ଅନ୍ଧକାର ଯୋଗୁ ରାତିରେ ସମସ୍ୟା ଭୋଗୁଥିବା କହିଛନ୍ତି। ଏ ନେଇ ବାଲିମେଳା ଜଳ ବିଦ୍ୟୁତ୍ କେନ୍ଦ୍ରର ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ସମ୍ଭବ ହୋଇନାହିଁ। ତେଣୁ ସମସ୍ୟାର କେବେ ସମାଧାନ ହେବ ସେ ନେଇ ସୂଚନା ମିଳିପାରି ନାହିଁ।

## କଲେରା ପ୍ରଭାବିତ ଗାଁରେ ଜନ ଜାଗରଣ ମଞ୍ଚର ସଚେତନତା

ଟିକିରି,୨୮।୭(ଡି.ଏନ୍.ଏ.)

କାଶୀପୁର ବ୍ଲକରେ କଲେରା ନିୟନ୍ତ୍ରଣ ନିମନ୍ତେ ଲୋକ ସଙ୍ଗଠନ ଜନଜାଗରଣ ମଞ୍ଚ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ୩ ଦିନିଆ ସଚେତନତା ଅଭିଯାନ ଚାଲିଛି। କାଶୀପୁର ବ୍ଲକର ୪ ପଞ୍ଚାୟତ ଅଧୀନ ୨୯ ଗ୍ରାମରେ ମଞ୍ଚର ସଦସ୍ୟା, ସଦସ୍ୟମାନେ ବ୍ୟାନର, ପ୍ଲାକାର୍ଡ, ସଙ୍ଗୀତ, ପଥପ୍ରାନ୍ତ ନାଟକ, କାନ୍ଥ ଲେଖା, ବକ୍ତବ୍ୟ ମାଧମରେ ଲୋକଙ୍କୁ ସଚେତନ କରୁଛନ୍ତି। ଅପରିଷ୍କାର ପାଣି ନ ପିଇବା, ଫୁଟାପାଣି ପିଇବା, ବାସି ଓ ଥଣ୍ଡା ଖାଦ୍ୟ ନ ଖାଇବା, ଗରମ ଓ ତଟକା ଖାଦ୍ୟ ଖାଇବା, ଘର ଓ ଗାଁକୁ ସଫା ରଖିବା, ଶିଶୁମାନଙ୍କୁ ପରିଷ୍କାର ରଖିବା, ଝଡ଼ାଫୁଙ୍କା, ଚେରମୂଳି ପରି ଅନ୍ଧବିଶ୍ୱାସକୁ ନ ଆପଣାଇ ତୁରନ୍ତ ଆଶାଦିଦି, ଅଙ୍ଗନୱାଡ଼ି, ସ୍ୱାସ୍ଥ୍ୟକର୍ମୀଙ୍କୁ ଜଣାଇବା, ସରକାରୀ ଡାକ୍ତରଖାନା ଯିବା, କଲେରା ରୋଗ ପାଇଁ ଜିଲା ନିୟନ୍ତ୍ରଣ କକ୍ଷ ହେଲ୍ପଲାଇନ ନମ୍ବର ବ୍ୟବହାର କରି ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଡାକ୍ତରଖାନାକୁ ଯିବା ଆଦି ବିଷୟରେ ବୁଝାଉଛନ୍ତି। ଏହି ଅଭିଯାନରେ ସରପଞ୍ଚ, ୱାର୍ଡସଭ୍ୟା, ସଭ୍ୟ, ଯୁବକ ସଂଘ, ମହିଳା ମଣ୍ଡଳ, ଗ୍ରାମ ମୁଖିଆ, ଆଶାଦିଦି, ଅଙ୍ଗନୱାଡ଼ି, ସ୍ୱାସ୍ଥ୍ୟକର୍ମୀ, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସାମିଲ କରାଯାଇଛି।



କଲେରା ପ୍ରଭାବିତ ଗାଁରେ ମଞ୍ଚ ପକ୍ଷରୁ ସଚେତନ କରାଯାଉଛି ।

# ଲାମ୍ପ୍‌ସରେ ଚାଷୀଙ୍କୁ ମିଳୁନି ଆବଶ୍ୟକ ମୁତାବକ ସାର

### ଘଣ୍ଟା ଘଣ୍ଟା ଅପେକ୍ଷା କରି ନିରାଶ

ଚନ୍ଦ୍ରପୁର,୨୮।୭(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ସ୍ଥିତ ଲାମ୍ପ୍‌ସରେ ଚାଷୀଙ୍କୁ ଆବଶ୍ୟକ ମୁତାବକ ସାର ମିଳୁନାହିଁ। ଗୁରୁବାର ବ୍ଲକ ଅନ୍ତର୍ଗତ ୮ ପଞ୍ଚାୟତରୁ ଶତାଧିକ ଚାଷୀ ସକାଳ ୭ଟାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ୟୁରିଆ, ପଟାସ ଏବଂ ୨୦/୨୦ ସାର ପାଇଁ ଆସି ନିରାଶ ହୋଇ ଫେରିଛନ୍ତି। ଲ୍ୟାମ୍ପ୍‌ସ ଏମ୍‌ଡି ଚାଷୀଙ୍କ ଆବଶ୍ୟକତାକୁ ନେଇ ସାର ମଗାଯାଇନାହିଁ। ଫଳରେ ସମସ୍ତଙ୍କୁ ସାର ମିଳିପାରୁ ନାହିଁ ବୋଲି ଅଗ୍ରଣୀ ଚାଷୀ ଉପେନ୍ଦ୍ର ଟିଙ୍ଗିଦୋରା, ଧାନମାଳି ମୁଣ୍ଡିକା, ରାମଚନ୍ଦ୍ର କାଣ୍ଡାମାକା ପ୍ରମୁଖ ଅଭିଯୋଗ କରିଛନ୍ତି।

ଏପରିକି ବୁଧବାର ସମ୍ପୃକ୍ତ ଲାମ୍ପ୍‌ସ କାର୍ଯ୍ୟାଳୟ ପରିସରରୁ ସାର ବାଟମାରଣା କରାଯାଇଥିବା କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି। ସାର ଅଭାବ ନେଇ ଲାମ୍ପ୍‌ସ ଏମ୍‌ଡି ଜିତୁ ନିଶାଳଙ୍କୁ ପଚାରିବାରୁ ସେ କହିଛନ୍ତି, ଆବଶ୍ୟକ ଅନୁଯାୟୀ ଟଙ୍କା ଜମା କରାଯାଇନାହିଁ। କମ୍ପ୍ୟୁଟରରେ ଅପ୍‌ଲୋଡ୍ ହୋଇପାରୁନାହିଁ। ସାର ଆସିଲେ ସମସ୍ତ ଚାଷୀଙ୍କୁ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।



ସାର ନ ମିଳିବାରୁ ଚାଷୀ ନିରାଶ ହୋଇ ଫେରିଛନ୍ତି।

### ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ଜଗନ୍ନାଥପ୍ରସାଦ, ୨୮।୭(ଡି.ଏନ.ଏ.)

ଜିରାବାଡି ସ୍ଥିତ ପାଲପଡା ବୋଡା ନଦୀ କୂଳରୁ ଗୁରୁବାର ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ସ୍ଥାନୀୟ କମସର ସ୍ଥିତ ବାଲିସାହି ଗ୍ରାମର ରମା ନାଇକ (୮୫)। ସେ ଗତ ୨୦ ତାରିଖ ଠାରୁ ନିଖୋଜ ଥିଲେ। ସୂଚନା ମୁତାବକ ଭାଇଙ୍କ ମୃତ୍ୟୁ ଖବର ଶୁଣି ମଲିଙ୍ଗିଗ୍ରାମକୁ ଶେଷ ଦର୍ଶନ କରିବାକୁ ଆସିଥିଲେ ରମା। କିଛି ଦିନ ଶୁଦ୍ଧିକ୍ରିୟାରେ ଉପସ୍ଥିତ ରହି ଦୁଇ ଦିନ ପରେ କେଉଁଆଡେ ଚାଲି ଯାଇଥିଲେ। ଗତ ୮ ଦିନ ଧରି ଘରକୁ ଫେରି ନଥିଲେ।


**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ମାନବ ସଂସାଧନ ପ୍ରବନ୍ଧ ବିଭାଗ**
ପଣ୍ଡିତ ଜୱାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧, ଓଡ଼ିଶା

**ନିର୍ଦ୍ଦିଷ୍ଟ ପାରିଶ୍ରମିକ (ଘଣ୍ଟା ପ୍ରତି) ବିଶିଷ୍ଟ ଠିକା ବ୍ୟାଙ୍କ ଚିକିତ୍ସା ପରାମର୍ଶଦାତାଙ୍କ ନିୟୋଜନ**

ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ଭୁବନେଶ୍ୱରସ୍ଥିତ ଔଷଧାଳୟଗୁଡ଼ିକ ପାଇଁ ଭାରତୀୟ ମେଡିକାଲ କାଉନସିଲ୍ ଦ୍ୱାରା ମାନ୍ୟତାପ୍ରାପ୍ତ ଦୁଇ ବର୍ଷର ଅଭିଜ୍ଞତା ଥିବା ଯେ କୌଣସି ବିଶ୍ୱବିଦ୍ୟାଳୟର ମେଡିକାଲ ସ୍ନାତକମାନଙ୍କର କେବଳ ଅଣ-ସଂରକ୍ଷିତ ବର୍ଗର (୧)ଗୋଟିଏ ଅଂଶକାଳିକ ଠିକା (Part Time) ବ୍ୟାଙ୍କ ଚିକିତ୍ସା ପରାମର୍ଶଦାତା ପଦ ପାଇଁ ଆବେଦନ ପତ୍ର ଆହ୍ୱାନ କରୁଛି। ଏଥି ନିମନ୍ତେ ଆବଶ୍ୟକୀୟ ଆବେଦନ ପତ୍ର, ସର୍ତ୍ତ ଓ ନିୟମାବଳୀର ବିଶଦ ବିବରଣୀ ବ୍ୟାଙ୍କର ୱେବ୍‌ସାଇଟ୍ **(www.rbi.org.in)**ରେ ଉପଲବ୍ଧ ଅଛି। ବ୍ୟାଙ୍କର ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ଆବେଦନପତ୍ର ଦାଖଲ କରିବାର ଶେଷ ତାରିଖ ଅଗଷ୍ଟ ୧୯, ୨୦୨୨।

ବି.ଦ୍ର.: ଉପରୋକ୍ତ ବିଜ୍ଞାପନ ସମ୍ବନ୍ଧିତ ଯେ କୌଣସି ସଂଶୋଧିତ ସୂଚନା କେବଳ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ।

**କ୍ଷେତ୍ରୀୟ ନିର୍ଦ୍ଦେଶକଙ୍କ ଆଦେଶାନୁସାରେ**



**STATE INSTITUTE OF HOTEL MANAGEMENT, BALANGIR**
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

**ADMISSION OPEN**
**FOR HOTEL MANAGEMENT COURSES**

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subjects (Minimum 50% marks) | 25 Years as on 1st July 2022 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | $1\frac{1}{2}$ Year | 10+2 pass or equivalent | |
| 3. Diploma In Food & Beverage Service | $1\frac{1}{2}$ Year | 10+2 pass or equivalent | |
| 4. Diploma In Food Production | $1\frac{1}{2}$ Year | 10+2 pass or equivalent | |
| 5. Diploma In Housekeeping Operation | $1\frac{1}{2}$ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | $1\frac{1}{2}$ Year | 10th pass | |

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9348849484


# ଜି.ସାଇଶ୍ରୀ ଅବିଭକ୍ତ କୋରାପୁଟ ଜିଲା ଟପ୍ପର

## ଗୁଣପୁର ବଂଶଧାରା ଆବାସିକ ବିଦ୍ୟାଳୟର ସଫଳତା

ଗୁଣପୁର,୨୮।୭(ଡି.ଏନ୍.ଏ.)



ଜି. ସାଇଶ୍ରୀ ସୁବୁଦ୍ଧି

ରାୟଗଡ଼ା ଜିଲା ଗୁଣପୁର ବଂଶଧାରା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ବିଜ୍ଞାନ ପରୀକ୍ଷାଫଳରେ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ଛାତ୍ରୀ ଜି. ସାଇଶ୍ରୀ ସୁବୁଦ୍ଧି ୬୦୦ରୁ ୫୭୦ ନମ୍ବର(୯୫%) ରଖି ଅବିଭକ୍ତ କୋରାପୁଟ ଜିଲାରେ ଟପ୍ପର ହୋଇଛନ୍ତି। ଏହି ଅନୁଷ୍ଠାନର ୬୩ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬୦ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୩ ଜଣ ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ସେହିଭଳି ମହର୍ଷି ଗୁରୁକୁଳର ୨୨୧ ପିଲାଙ୍କ ମଧ୍ୟରୁ ୨୦୬ ଜଣ ପ୍ରଥମ ଶ୍ରେଣୀ ଏବଂ ୧୫ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନୁଷ୍ଠାନର ପଦ୍ମଲୋଚନ ମିଶ୍ର ୫୫୫ ନମ୍ବର ରଖିଛନ୍ତି। ସେହିପରି ଗାୟତ୍ରୀ ସ୍କୁଲର ପାସ୍ ହାର ଶତ ପ୍ରତିଶତ ରହିଛି। ୨୧ ଜଣ ପ୍ରଥମ ଶ୍ରେଣୀରେ ପାସ୍ ହୋଇଥିବା ବେଳେ ୪୮୯ ସର୍ବାଧିକ ନମ୍ବର ରହିଛି। ଗୁଣପୁର କଲେଜରୁ ପ୍ରଥମ ଶ୍ରେଣୀରେ ୯ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୭, ତୃତୀୟ ଶ୍ରେଣୀରେ ୨୯ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ମୋଟ ୭୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଗୁଡୁଲା ମୋହିତ ସର୍ବାଧିକ ୪୩୨ ନମ୍ବର ରଖିଛନ୍ତି।

## ତ୍ରିବେଣୀ ଉଚ୍ଚ ମାଧମିକ ବିଦ୍ୟାଳୟ କ୍ରମାଗତ ସଫଳତା

ପଦ୍ମପୁର,୨୮।୭(ଡି.ଏନ୍.ଏ.)



ଭି. ଜିନେଶ୍ ରାଜୁ

ଉଚ୍ଚ ମାଧମିକ ପରିଷଦ ଦ୍ୱାରା ପ୍ରକାଶିତ ଯୁକ୍ତ ୨ ପରୀକ୍ଷାରେ ରାୟଗଡ଼ା ଜିଲା ପଦ୍ମପୁର ସ୍ଥିତ ତ୍ରିବେଣୀ ଉଚ୍ଚ ମାଧମିକ ବିଦ୍ୟାଳୟ ଶତ ପ୍ରତିଶତ ସଫଳତା ହାସଲ କରିଛି। ଏଥିସହ ଏହି ବିଦ୍ୟାଳୟର କ୍ରମାଗତ ଭାବେ ୬ଷ୍ଠ ଥର ପାଇଁ ଶତ ପ୍ରତିଶତ ପାସ୍‌ହାର ରହିଛି। ଚଳିତ ବର୍ଷ ବିଦ୍ୟାଳୟର ୧୦୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୦୦ ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୯୪ ଜଣ ପ୍ରଥମ ଶ୍ରେଣୀ ଏବଂ ୬ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଭି. ଜିନେଶ୍ ରାଜୁ ୫୫୫ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ବିଦ୍ୟାଳୟରେ ୧୪ ଜଣ ଛାତ୍ରୀଛାତ୍ର ୫୦୦ ରୁ ଊର୍ଦ୍ଧ୍ୱ ନମ୍ବର ରଖି ପାସ୍ ହୋଇଛନ୍ତି। ପଦ୍ମପୁର ବ୍ଲକର ଅତୀତର ସମସ୍ତ +୨ ପରୀକ୍ଷା ଫଳ ରେକର୍ଡ ଭାଙ୍ଗି ଭି. ଜିନେଶ୍ ବିଦ୍ୟାଳୟ ଇତିହାସରେ ଏକ ନୂତନ ରେକର୍ଡ କରିଛନ୍ତି। କଲେଜ ଅଧକ୍ଷ ବିପିନ ବିହାରୀ ଜେନା ଏବଂ ସମ୍ପାଦକ ସାଗରକାନ୍ତ ଜେନା ପ୍ରିନ୍ସିପାଲ ସୀତାକାନ୍ତ ସାହୁ ଓ ନିର୍ଦ୍ଦେଶକ ସ୍ୱାଗତ ରଞ୍ଜନ ଜେନାଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଜିଲା ଟପ୍ପର ହୋଇଥିବାରୁ ଗର୍ବିତ



ମୁଁ ୫୬୯ ମାର୍କ ରଖି ଜିଲା ଟପ୍ପର ହୋଇଥିବାରୁ ନିଜକୁ ଗର୍ବିତ ଅନୁଭବ କରୁଛି। ଏଥିପାଇଁ ବିଦ୍ୟାଳୟର ଅଧକ୍ଷା, ସମସ୍ତ ଅଧାପକଙ୍କ ସହ ମାତାପିତାଙ୍କ ଶ୍ରେୟ ଦେବି। ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଜନସେବା କରିବା ଲକ୍ଷ୍ୟ ରହିଛି।

–ପ୍ରତାପ ମିସ୍ତ୍ରୀ, ସତ୍ୟନାରାୟଣ ଜିଏନ୍‌ଏମ୍ ଆବାସିକ ବିଦ୍ୟାଳୟ, ମାଲକାନଗିରି

### ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି



ଯୁକ୍ତ ୨ ବିଜ୍ଞାନରେ ୫୫୫ ନମ୍ବର ରଖି ପ୍ରଥମ ଶ୍ରେଣୀରେ ପାସ୍ କରିଛି। ସାମାନ୍ୟ କମ୍ ନମ୍ବର ରହିଥିଲେ ମଧ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି। ସ୍ୱପ୍ନ ପୂରଣ କରିବା ପାଇଁ ଅଧିକ ପରିଶ୍ରମ କରି ୯୯ % ନମ୍ବର ରଖିବା ପାଇଁ ଚେଷ୍ଟା କରିବି।

–ଭୁପେନ୍ ରାୟ, ଘଡ଼େଇ ଆବାସିକ ମହାବିଦ୍ୟାଳୟ, ମାଲକାନଗିରି

### କଠିନ ପରିଶ୍ରମର ଫଳ ପାଇଛି



ମୁଁ ଯୁକ୍ତ ୨ ବିଜ୍ଞାନରେ ୫୫୨ ମାର୍କ ରଖିଛି। ଏଥିପାଇଁ କଠିନ ପରିଶ୍ରମ କରିଥିଲି। ଆଗାମୀ ଦିନରେ ଆହୁରି ଅଧିକ ପରିଶ୍ରମ କରି ଜଣେ ଇଞ୍ଜିନିୟର ହେବାକୁ ଆଶା ରଖିଛି। ସଫଳତା ପାଇଁ ଅଧାପିକା, ଅଧାପକ ଏବଂ ପରିବାର ଲୋକଙ୍କୁ ଶ୍ରେୟ ଦେବି।

–କେ. ବିକ୍ରମ, ଘଡ଼େଇ ଆବାସିକ ମହାବିଦ୍ୟାଳୟ, ମାଲକାନଗିରି

### ବ୍ୟାଙ୍କ ଅଧିକାରୀ ହେବି



ମୁଁ ଯୁକ୍ତ ୨ ବିଜ୍ଞାନରେ ୮୮ ପ୍ରତିଶତ ନମ୍ବର ରଖିଛି। ଭବିଷ୍ୟତରେ ବ୍ୟାଙ୍କିଙ୍ଗ୍ ଲାଇନ୍‌ରେ ଯାଇ ଜଣେ ଉଚ୍ଚ ପଦାଧିକାରୀ ହେବାକୁ ଲକ୍ଷ୍ୟ ରଖିଛି। ଏଥିପାଇଁ ଅଧିକ ପରିଶ୍ରମ କରିବି ଏବଂ ଲକ୍ଷ୍ୟସ୍ଥଳରେ ପହଞ୍ଚିବି ବୋଲି ଆଶା ରଖିଛି।

–ଆଦିତ୍ୟ ପ୍ରଧାନ, ସତ୍ୟନାରାୟଣ ଜିଏନ୍‌ଏମ୍ ଆବାସିକ ବିଦ୍ୟାଳୟ, ମାଲକାନଗିରି


**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)**
Department of Empowerment of Persons with Disabilities (DIVYANGJAN)
(MINISTRY OF SOCIAL JUSTICE & EMPOWERMENT, GOVT. OF INDIA)
OLATPUR, PO: BAIROI, DIST: CUTTACK- 754010, ODISHA.

**RECRUITMENT NOTICE**

Applications are invited from the eligible candidates for the following posts as under:

| Sl. No. | Name of the Post | No. of Post |
|---|---|---|
| **Adv. No.: AD 6B 10/02/2022, Date : 22.07.2022 (SVNIRTAR- Olatpur, Cuttack)** | | |
| 1. | Staff Nurse | 02 |
| 2. | Prosthetist & Orthotist Grade-II | 01 |
| 3. | Junior Assistant | 04 |
| 4. | Surgical Boot Maker Grade-II | 01 |
| 5. | Electrician-cum-Plant Operator | 01 |
| **Adv. No.: AD 6B 37/03/2022, Date : 22.07.2022 (SVNIRTAR & CRCSRE- Guwahati, Ranchi, Balangir)** | | |
| 1. | Clinical Psychologist / Rehabilitation Psychologist (Consultant) | 04 |
| 2. | Occupational Therapist (Consultant) | 03 |
| 3. | Audiologist and Speech Language Pathologist(ASLP) (Consultant) | 03 |
| 4. | Early Interventionist (Consultant) | 04 |
| 5. | Special Educator (Mental Retardation/Intellecture Disability) (Consultant) | 03 |
| 6. | Special Educator (Visual Impaired) (Consultant) | 03 |
| 7. | Physiotherapist (Consultant) | 03 |
| 8. | Nurse (Consultant) | 04 |
| 9. | Trained Caregiver (Consultant) | 12 |
| 10. | Ayah/Cleaner (Outsourcing Basis) | 04 |
| **Adv. No.: AD 6B 02/04/2022, Date : 22.07.2022 (CRCSRE- Guwahati, Assam)** | | |
| 1. | Director (Consultant) | 01 |
| 2. | Assistant Professor (Special Education) (Consultant) | 01 |
| 3. | Lecturer (Physiotherapy) (Consultant) | 01 |
| 4. | Administrative Officer (Consultant) | 01 |
| 5. | Rehabilitation Officer (Social Work & Placement) (Consultant) | 01 |
| 6. | Prosthetist & Orthotist (Consultant) | 01 |
| 7. | Special Educators/Orientation Mobility Instructor (Consultant) | 01 |
| 8. | Workshop Supervisor-cum-Store Keeper (Consultant) | 01 |

The aspiring applicants fulfilling the eligibility criteria in all respect can submit their application through online mode. The online registration of application will be made available on SVNIRTAR, Cuttack official Website i.e. **http://www.recruitment.svnirtar.nic.in**. The link of submission of online application in respect of above said posts along with other relevant information will be activated on 8th August, 2022 after 5:00PM onwards. For all other details, terms & conditions, please log on to website **http://www.svnirtar.nic.in**.

**Sd/-**
**Director (Offg.)**

## ସଂକ୍ଷେପରେ

### ଦୁର୍ଗୀ ଜଗନ୍ନାଥ ମନ୍ଦିରରେ ଚିତାଲାଗି ଆମାବାସ୍ୟା



ଦୁର୍ଗୀ,୨୮।୭(ଡି.ଏନ୍.ଏ.)- ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଦୁର୍ଗୀ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ଚିତାଲାଗି ଅମାବାସ୍ୟା ପାଳିତ ହୋଇଯାଇଛି। ଭୋର ୪.୩୦ ରେ ମଙ୍ଗଳ ଆରତୀ ହୋଇଥିଲା। ୬.୩୦ ରେ ମନ୍ଦିରର ଦୈନିକ ରୀତିନୀତି କରାଯାଇଥିଲା। ୮.୩୦ ରେ ଚିତାଲାଗି ଅମାବାସ୍ୟାର ମୁଖ୍ୟ ମନ୍ଦିର ଶୀର୍ଷକ ସୁଦର୍ଶନ ଚକ୍ରଠାରେ ନୂତନ ବାନା ଲଗାଯାଇଥିଲା। ଏଥିରେ ମନ୍ଦିର ମୁଖ୍ୟ ପଣ୍ଡା ତଥା ସେବାୟତ ଅଜିତ ମହାପାତ୍ର(ସାନବାବୁ) ପତିତ ପତିତପାବନ ବାନା ଲଗାଇଥିଲେ। ଏହି ଦୁର୍ଲଭ ଦର୍ଶନ ପାଇଁ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

### ସିପିଆଇ(ଏମ୍ଏଲ୍) ପକ୍ଷରୁ ଶହୀଦ ଦିବସ ପାଳିତ



ପଦ୍ମପୁର,୨୮।୭(ଡି.ଏନ୍.ଏ.)- ରାୟଗଡା ଜିଲା ପଦ୍ମପୁର ବ୍ଲକ ଇନ୍ଦୁପୁର ପଞ୍ଚାୟତର କୋଇଲିକଟା ଗାଁରେ ସିପିଆଇ(ଏମ୍ଏଲ୍) ଲିବରେସନର ସାଧାରଣ ସମ୍ପାଦକ ଚାରୁ ମଜୁମଦାରଙ୍କ ୫୦ ତମ ଶହୀଦ ଦିବସ ଗୁରୁବାର ପାଳନ କରାଯାଇଛି। ମେହନତି ମଣିଷଙ୍କ ପାଇଁ ଚାରୁ ମଜୁମଦାର ବର୍ଷ ବର୍ଷ ଧରି ଆନ୍ଦାଳନରେ ସଙ୍ଗଠକ ଭାବେ କାର୍ଯ୍ୟ କରିଥିଲେ। ଶହୀଦ ହେବାର ୫୦ ବର୍ଷ ପରେ ଦେଶର ଲୋକଙ୍କ ଜୀବନ ଜୀବିକା ସଙ୍କଟରେ ରହିଛି। ଧର୍ମ ନିରପେକ୍ଷତା, ଗଣତନ୍ତ୍ର ଓ ସମ୍ବିଧାନ ବିପଦରେ ରହିଥିବା ସ୍ଥଳେ ସିପିଆଇ (ଏମ୍ଏଲ୍) ଲିବରେସନ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନେଇ କାମ କରିବ ବୋଲି ଶପଥ ନେଇଥିବା କୁହାଯାଇଛି। ଏହି ପରିପ୍ରେକ୍ଷୀରେ ସିପିଆଇ(ଏମ୍ଏଲ୍) ଲିବରେସନର ୨୦୨୩ ଫେବୃଆରୀ ମାସରେ ସର୍ବଭାରତୀୟ ସମ୍ମିଳନୀ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା।

### କଳ୍ପତରୁ କାର୍ଯ୍ୟକ୍ରମ

ଆସିକା, ୨୮।୭(ଡି.ଏନ୍.ଏ.): ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଆସିକା ବସଷ୍ଟାଣ୍ଡସ୍ଥିତ ଶାନ୍ତିଶକ୍ତି ଭବନ ପରିସରରେ ଗୁରୁବାର 'କଳ୍ପତରୁ' କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଆସିକା ବ୍ଲକ କୃଷି ଅଧିକାରୀ ବସନ୍ତ କୁମାର ଦେଓ ଓ ଅବସରପ୍ରାପ୍ତ ଶିକ୍ଷକ ଯୁଧିଷ୍ଠିର ଦୋରା ଅତିଥି ଭାବେ ଯୋଗଦେଇ ଭବନ ପରିସରରେ ଔଷଧୀୟ ଚାରା ରୋପଣ ସହ ବିତରଣ କରିଥିଲେ। ଶାନ୍ତିଶକ୍ତି ଭବନର ସଂଚାଳିକା ପ୍ରଭାତୀ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ୭୫ ଦିବସୀୟ କାର୍ଯ୍ୟକ୍ରମ ଅବସରରେ ସାରା ଦେଶରେ ୪୦ ଲକ୍ଷ ଔଷଧୀୟ ତଥା ଫଳ ପ୍ରଦାନକାରୀ ଚାରା ରୋପଣର ଲକ୍ଷ୍ୟ ଧାର୍ଯ୍ୟ ରହିଥିବା ସୂଚନା ଦେଇଥିଲେ ।

# କୃଷକଙ୍କ ବିକାଶରେ ଆସୁନି କୃଷି ପ୍ରକଳ୍ପ

ଫୁଲବାଣୀ ଅଫିସ, ୨୮।୭

କନ୍ଧମାଳ ଜିଲାରେ କୃଷିର ବିକାଶ ପାଇଁ ଅନେକ ପ୍ରକଳ୍ପ ହୋଇଛି । ହେଲେ ସେ ସବୁ କୃଷକଙ୍କ କାମରେ ଆସୁନାହିଁ । ପ୍ରକଳ୍ପ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରଯାଉଥିବା ବେଳେ କୃଷକ ଉପକୃତ ହେଉନାହାନ୍ତି। ଆର୍ଥିକ କ୍ଷେତ୍ରରେ ସେମାନଙ୍କ ଅଗ୍ରଗତି ହେଉନାହିଁ । ଚାଷ କରି ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରି କେବଳ କ୍ଷତି ସହୁଛନ୍ତି। ସେମାନଙ୍କ ପରିବାରକୁ ବ୍ୟାଙ୍କ ଋଣ ଯୋଗାଇ ଦେଉନାହିଁ। ଯୁବଚାଷୀମାନେ ବାଧ ହୋଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଜିଲାରେ ସବୁ ପ୍ରାଚୁର୍ଯ୍ୟ ଥାଇ କୃଷି ଏବଂ କୃଷକର କାହିଁକି ବିକାଶ ହେବ ନାହିଁ ବୋଲି ଜିଲା କୃଷି ଓ କୃଷକ ସୁରକ୍ଷା ପରିଷଦ, ରାଇକିଆ ଅଭିଯୋଗ କରିଛି। ଏ ନେଇ ପରିଷଦ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି ।

କନ୍ଧମାଳ ଜିଲାର ହଳଦୀ, ଅଦା, ପରିବା ଯଥା ବିନ୍ସ, କୋବି, ଦେଶୀ ଆଳୁ, ବାଟି ଆଳୁର ବହୁତ ଚାହିଦା ରହିଛି । ସେହିପରି ଶସ୍ୟ ଜାତୀୟ ଦ୍ରବ୍ୟ ମାଣ୍ଡିଆ, ମକା, ଜହ୍ନା ଉତ୍ପାଦନ ହେଉଛି । କିନ୍ତୁ ଏ ସବୁର ବଜାର ଦର ଠିକ ନିର୍ଦ୍ଧାରଣ ହୋଇପାରୁନାହିଁ। ଚାଷୀ ଆର୍ଥିକ କ୍ଷତି ସହୁଛି । ତେଣୁ କୃଷକମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ପାଇବା ପାଇଁ ଜି.ଉଦୟଗିରିରେ ଥିବା ଶୀତଳଭଣ୍ଡାରକୁ କାର୍ଯ୍ୟକ୍ଷମ କରିବା ନିହାତି ଆବଶ୍ୟକ । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଜି.ଉଦୟଗିରି, ରାଇକିଆ, ବାଲିଗୁଡା, ଦାରିଙ୍ଗିବାଡିରେ ଥିବା ମିନି ଶୀତଳ ଭଣ୍ଡାର ମଧ ନିର୍ମାଣ ହୋଇ ବନ୍ଦ ରହିଛି। ଏଭଳି ସ୍ଥିତିରେ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ଚାଷୀ କିପରି ପାଇବ ବୋଲି କୃଷକ ତଥା ସାମାଜିକ କର୍ମୀ ଜିଆଉଦ୍ଦିନ ଅହମ୍ମଦ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କୃଷକମାନଙ୍କ ଉତ୍ପାଦିତ ପରିବା ରାଜ୍ୟର ବିଭିନ୍ନ ସହରକୁ ପହଞ୍ଚାଇବା ପାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ରାଇକିଆ, ଦାରିଙ୍ଗିବାଡି, ବାଲିଗୁଡାରେ ଫ୍ରିଜର ଯାନ ବ୍ୟବସ୍ଥା କରାଯାଇଥିଲା । ମାତ୍ର ଏହି ଯାନ ତ୍ରୁଟିପୂର୍ଣ୍ଣ ଅବସ୍ଥାରେ ହସ୍ତାନ୍ତର ହେବାରୁ ତାହା କାର୍ଯ୍ୟକ୍ଷମ ନ ହୋଇ ପଡି ରହିଛି । ଏହି ଯାନକୁ କାର୍ଯ୍ୟକ୍ଷମ କରାଗଲେ ଚାଷୀ ନିଶ୍ଚିତ ଉପକୃତ ହେବେ । ସେହିପରି ପଞ୍ଚାୟତ ସମିତି ଅଞ୍ଚଳରେ କୃଷକଙ୍କୁ କମ୍ ଭଡାରେ ଦୋକାନ ଗୃହ ଯୋଗାଇ ଦେବା, କୃଷି ଭିତ୍ତିକ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ସ୍ଥାପନ କରିବା, କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ବୀମା ରାଶି ପ୍ରଦାନ କରିବା, ଚାଷୀମାନଙ୍କୁ ବ୍ୟାଙ୍କ ଜରିଆରେ ଋଣ ପ୍ରଦାନ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଦାବିପତ୍ର ପ୍ରଦାନ ବେଳେ ଚାଷୀ ଭାସ୍କର ପ୍ରଧାନ, ସନାତନ ପ୍ରଧାନ, ବିପିନ ପ୍ରଧାନ, ଆନନ୍ଦ ପ୍ରଧାନ, ଅମିତ କୁମାର ମଲ୍ଲିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।



କୃଷି ଓ କୃଷକ ସୁରକ୍ଷା ପରିଷଦ କର୍ମକର୍ତ୍ତା ।

# ଠିକ୍ ପରିମାଣରେ ଖାଦ୍ୟ ଯୋଗାଇ ତଦନ୍ତ ଆରମ୍ଭ ଅଭିଯୋଗ

- ପୁଷ୍ଟିକର ଖାଦ୍ୟ ଯୋଗାଣରେ ଦୁର୍ନୀତି ପ୍ରସଙ୍ଗ
- ଅଧିକାରୀଙ୍କ ତଦନ୍ତକୁ ନେଇ ପ୍ରଶ୍ନ

ବିଷମକଟକ,୨୮।୭(ଡି.ଏନ୍.ଏ.)-

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ମାତୃ ଏବଂ ଶିଶୁ ବିକାଶ ପ୍ରକଳ୍ପ ଯୋଜନାରେ ଗର୍ଭବତୀ, ପ୍ରସୂତି ଏବଂ ଶିଶୁଙ୍କ ନିମନ୍ତେ ଆସୁଥିବା ପୁଷ୍ଟିକର ଖାଦ୍ୟ ଯୋଗାଣରେ ଦୁର୍ନୀତି ହୋଇଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାପରେ ଗୁରୁବାର ଜିଲା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଜାଙ୍କସେନି ବେହେରା ବିଷମକଟକ ବ୍ଲକ ଗସ୍ତରେ ଆସି ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର ଗସ୍ତ କରିଛନ୍ତି। ଅଭିଯୋଗ ହୋଇଥିବା ସାହାଡ଼ା କେନ୍ଦ୍ରକୁ ଯାଇ ହିତାଧିକାରୀଙ୍କ ସହ ଆଲୋଚନା କରି ଫେରିଛନ୍ତି। ତେବେ ଅଧିକାରୀ ତଦନ୍ତ ପାଇଁ ଆସିବା ପୂର୍ବରୁ ହିତାଧିକାରୀଙ୍କୁ ଠିକ୍ ପରିମାଣରେ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଥିବା ଅଭିଯୋଗ ହୋଇଛି।

ପ୍ରଥମେ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର ମାନଙ୍କରେ ଠିକ୍ ଓଜନର ଛତୁଆ, ବାଦାମ ଲଡୁ ଏବଂ ସୁଜି ଗଚ୍ଛିତ କରିବା ପରେ ତଦନ୍ତ ପକ୍ରିୟା ଆରମ୍ଭ କରାଯାଇଥିବା କୁହାଯାଇଛି। ତେଣୁ ତଦନ୍ତକୁ ନେଇ ପ୍ରଶ୍ନ ଉଠିଛି। ଏ ନେଇ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ପଚାରିବାରୁ ଅଭିଯୋଗ ହୋଇଥିବା କେନ୍ଦ୍ରକୁ ଯାଇ ହିତାଧିକାରୀ ମାନଙ୍କ ସହ ଆଲୋଚନା କରି ଫେରିଥିବା କହିଥିଲେ। ସୂଚନାଯୋଗ୍ୟ, ସାହାଡ଼ା ଅଙ୍ଗନୱାଡି କେନ୍ଦ୍ରରେ ଦୀର୍ଘ ଦିନ ପର୍ଯ୍ୟନ୍ତ ଶିଶୁ ମାନଙ୍କୁ ୨.୪୫୦ ଗ୍ରାମ ବଦଳରେ ୨ କେଜି, ଗର୍ଭବତୀ ଓ ପ୍ରସୂତିଙ୍କୁ ୪.୯୦୦ଗ୍ରାମ ବଦଳରେ ୩ କେଜି ଛତୁଆ ଏବଂ ୫୦୦ଗ୍ରାମ ଚଣା ଲଡୁ ବଦଳରେ ୨୦୦ ଗ୍ରାମ ଦିଆଯାଉଥିବା ଅଭିଯୋଗ ହୋଇଥିଲା ଏବଂ ଓଜନ ସ ମୟରେ ମଧ୍ୟ କମ୍ ଥିବା ଜଣାପଡ଼ିଥିଲା। ଏ ନେଇ ଜିଲା ଶିଶୁ ବିକାଶ ଅଧିକାରୀଙ୍କୁ ପଚରିବାରୁ ସେ କହିଛନ୍ତି, ତଦନ୍ତ ବିଷୟରେ ଖବର ଦେବାକୁ ବାଧ ନୁହେଁ। ତେବେ ତଦନ୍ତରୁ କ'ଣ ଜାଣିବାକୁ ପାଇଲେ ତାହା ନ ଜଣାଇବାକୁ ନେଇ ମଧ ପ୍ରଶ୍ନ ଉଠିଛି।

# ଚାଷୀ ପଞ୍ଜୀକରଣ ପ୍ରଚାର ରଥ ଶୁଭାରମ୍ଭ

ପାରଳାଖେମୁଣ୍ଡି,୨୮।୭(ଡି.ଏନ୍.ଏ.)

ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ଚଳିତବର୍ଷର ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ନିମନ୍ତେ ପ୍ରଚାର ଅଭିଯାନ ରଥର ଶୁଭାରମ୍ଭ ହୋଇଛି। ଜିଲାପାଳ ଲିଙ୍ଗରାଜ ପଣ୍ଡା ଏହି ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଖରିଫ ଧାନ ସଂଗ୍ରହ ପଞ୍ଜୀକରଣ ଆସନ୍ତା ୧ତାରିଖରୁ ୩୧ ତାରିଖ ମଧରେ ହେବ। ଚାଷୀମାନେ ସେମାନଙ୍କ ନିକଟସ୍ଥ ଅନୁମୋଦିତ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ/ଲାମ୍ପ), ଏସ୍ଏଚଜି, ପାଣି ପଞ୍ଚାୟତରେ ଆଗୁଆ ପଞ୍ଜୀକରଣ କରିବାକୁ କୁହାଯାଇଛି। ସଚେତନତା ରଥ ବିଭିନ୍ନ ଗ୍ରାମକୁ ଯାଇ ଚାଷୀମାନଙ୍କୁ ପଞ୍ଜିକରଣ ପ୍ରକ୍ରିୟା, ଏଥିପାଇଁ ଆବଶ୍ୟକୀୟ କାଗଜପତ୍ର, ପଞ୍ଜିକରଣ ଅବଧି , ଭାଗଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀ, ସମିତିର ଦାୟିତ୍ୱ, ହେଲ୍ପ ଡେସ୍କ ଓ ହେଲ୍ପ ଲାଇନ ଆଦି ଉପରେ ମାଇକ ଯୋଗେ ପ୍ରଚାର କରିବା ସହ ଏ ସମ୍ପର୍କିତ ପ୍ରଚାର ପତ୍ର ବଣ୍ଟନ କରିବ । ଜିଲାର ପାରଳାଖେମୁଣ୍ଡି ସମେତ କାଶୀନଗର, ଗୁମ୍ମା ଓ ଗୋଷାଣୀ ବ୍ଲକ ଅଞ୍ଚଳ ପାଇଁ ଗୋଟିଏ ଏବଂ ମୋହନା, ନୂଆଗଡ, ଆର୍. ଉଦୟଗିରି ଓ ରାୟଗଡ଼ ବ୍ଲକ ପାଇଁ ଗୋଟିଏ ଏପରି ମୋଟ ୨ଟି ଗାଡି ପ୍ରଚାର କରିବ। କାର୍ଯ୍ୟକ୍ରମରେ ଏସପି ଜୟରାମ ଶତପଥୀ, ଉପଜିଲାପାଳ ଆଲୋକ କୁମାର ପ୍ରଧାନ, ଜିଲା ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା, ଏସିଏସଓ ଶତ୍ରୁଘନ ଗିରି ପ୍ରମୁଖ ଉପସ୍ଥିତ ଥିଲେ ।

# କଲେରା ସଚେତନତା ବୈଠକ



ଦୁର୍ଗୀ,୨୮।୭(ଡି.ଏନ୍.ଏ.)

ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ବିଜୟ କୁମୁରୁକାଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ଆଶାକର୍ମୀ, ଓଏଲ୍ଏମ୍ ଓ ଏସ୍ଏଚ୍ଜି, ଅଙ୍ଗନୱାଡ଼ି କର୍ମୀ ଓ ୱାର୍ଡମେମ୍ବରଙ୍କୁ ନେଇ କଲେରା ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। କାଶୀପୁର ବ୍ଲକରେ କଲେରା ବ୍ୟାପିଛି। ଏହାକୁ ଧ୍ୟାନରେ ରଖି ଏହି ସଭା ଅନୁଷ୍ଠିତ ହୋଇଥିଲା। ନିଜ ୱାର୍ଡରେ ଲୋକଙ୍କୁ ସଚେତନ କରିବା ଏବଂ ପରିବେଶ ସଫା ରଖିବାକୁ ଲୋକଙ୍କୁ ବୁଝାଇବା ନିମନ୍ତେ ସରପଞ୍ଚ କହିଛନ୍ତି। ସଭାକୁ ଦୁର୍ଗୀ ପିଇଓ ପ୍ରମୋଦ କୁମାର ମିଶ୍ର ପରିଚାଳନା କରିଥିଲେ।

# ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଦାବି

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ସଂଘର ଦାବିପତ୍ର

ଜୟପୁର, ୨୮।୭(ନି.ପ୍ର.)

ଓଡିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଙ୍ଘର ରାଜ୍ୟ ଶାଖା ସଭାପତି ବିଜୟ ମଲ୍ଲଙ୍କ ନିର୍ଦ୍ଦେଶରେ ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘର କୋରାପୁଟ ଶାଖା ପକ୍ଷରୁ ଗୁରୁବାର ବିଭିନ୍ନ ଦାବି ନେଇ ଏକ ଦାବିପତ୍ର କୋଟପାଡ଼ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଏହି ଦାବିପତ୍ରରେ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ କରିବା ଓ ଚୁକ୍ତିଭିତ୍ତିକ ସମୟକୁ ଚାକିରୀ ଅବଧିରେ ଗଣନା କରିବା ଭଳି ୫ ଦଫା ଦାବି ରହିଛି। ଏହି ସମୟରେ ସଂଘର ଆଶିଷ ପଟ୍ଟନାୟକ, ସୌମ୍ୟ ରଞ୍ଜନ ପୂଜାରୀ, ସୌମ୍ୟ ରଞ୍ଜନ ରଥ, କୁନାଲ ଗମାଙ୍ଗ, ଲୋକନାଥ ମାଝି, ଡଲି ହନ୍ତାଳ ଏବଂ ଅନ୍ୟ ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ଉପସ୍ଥିତ ଥିଲେ।



ସଂଘ ପକ୍ଷରୁ ଦାବିପତ୍ର ଦିଆଯାଉଛି।


No. C-879

GOVERNMENT OF ODISHA
OFFICE OF THE SUPERINTENDING ENGINEER,
P.H. DIVISION, BHANJANAGAR AT CHATRAPUR
Phone-06811 263909, FAX- 06811 263950, Email- eephchpr@gmail.com

NATIONAL COMPETITIVE BIDDING THROUGH e-Procurement

Bid Identification No. 17/03/SPH©/2022-23 dt.20.07.2022

1. Name of the work : 07 (Seven) nos of works
2. Estimate cost : 10.05 lakh to 22.13 lakh
3. Date & time of availability of bid document in the portal : From 11.00 AM of 28.07.2022 to 5.00 PM of 12.08.2022
4. Last date/time of receipt of bid in the portal : 5.00 PM of 12.08.2022
5. Date & time of opening of bids : 1.00 P.M. on dated 16.08.2022
6. Name and address of the Officer inviting the bid : Superintending Engineer, P.H. Division, Bhanjanagar at Chatrapur

Further details can be seen from the e-procurement portal https://www.tenderorissa.gov.in

Sd./- Superintending Engineer, P.H. Division, Bhanjanagar at Chatrapur
OIPR-13172/11/0003/2223



GOVERNEMNT OF ODISHA No. C-876

OFFICE OF THE SUPERINTENDING ENGINEER, P.H. DIVISION, BALANGIR
Ph. No.: 06652-234647, Email ID: eephbgr@yahoo.co.in

NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. SE PH BGR 18/2022-23 Dt.22.07.2022

01. Name of the Work : 1 No.
02. Estimated Cost : Rs.45.85 Lakhs
03. Period of Completion : 04 (Four) Calendar Months
04. Date & Time of availability of bid document in the portal : From 11.00 A.M. of Dt.29.07.2022 to 5.00 P.M. of Dt.12.08.2022
05. Last date/time of receipt of bids in the portal : 5 P.M. of Dt.12.08.2022
06. Date & Time of opening of bids: At 11.00 A.M. of Dt.16.08.2022
07. Name and address of the Officer Inviting Bid : Superintending Engineer, P.H. Division, Balangir, At: Tulsinagar, Dist.- Balangir - 767001

Further details can be seen from the website http://tenders.ori.nic.in or www.tendersorissa.gov.in.

Sd./- Superintending Engineer
P.H. Division, Balangir
OIPR-13005/11/0017/2223



OFFICE OF THE
NOTIFIED AREA COUNCIL, ATTABIRA
No. 2570 Date: 26.07.2022

QUOTATION CALL NOTICE

No. C-871: Sealed quotation is hereby invited from intending registered firm/service providers/agencies providing Man Power having GST Registration, PAN Card for engagement of Licenced Drivers to drive the Cesspool Vehicle, Battery Operated Vehicle & Tata ACE at Attabira N.A.C. The rate for Drivers should be mentioned clearly in the quotation paper accompanied with an EMD amounting Rs.5000/- in shape of Money Receipt, Demand Draft in favour of E.O., N.A.C., Attabira with the quotation. Tender paper cost is Rs.600/- and the same will be available from Dt.28.07.2022 to 04.08.2022 upto 1 P.M. The quotation should reach before the undersigned on or before through Regd. Post/Speed Post/Drop Box in the office on Dt.05.08.2022 at 1.00 P.M. and the same will be opened on the same day at 3.00 P.M. in the presence of quotationers or their authorised representative if any. The authority reserves right to accept or reject any or all quotations without assigning any reason(s) thereof.

| Sl. No. | Description | Qnty. | Amout |
|---|---|---|---|
| 1 | Sanitation Drivers (Cesspool/Tata ACE) | 1 No. | |

Sd./- Executive Officer
N.A.C., Attabira
OIPR-13176/11/0005/2223



OFFICE OF THE DEAN AND PRINCIPAL
S.C.B. MEDICAL COLLEGE, CUTTACK

SHORT TENDER NOTICE

Short Tender No. 8118 Dt.26.07.2022

No. E-351: Sealed tenders are invited from the registered firms/ authorized dealers and manufactures/suppliers for repair of wooden furniture, miner aluminium & glass work and Iron furniture work for the different departments of SCB Medical College, Cuttack in the financial year 2022-23. The tender will be opened on scheduled date and time in office of the undersigned in presence of the bidders or their authorized representatives. In the event of the date being declared as a holiday for Government of Odisha, the due date of submission of bids and opening of bids will be the next working day. The bidders may download the tender documents directly from this college's webiste available at **http://scbmch.in** and also can be obtained from the Budget Section of Office of the Dean & Principal, S.C.B. Medical College, Cuttack. The cost of tender paper is Rs.500/- (Non refundable) by a Bank Draft/Demand Draft in favour of **"Dean & Principal, S.C.B. Medical College, Cuttack"** payable at Cuttack from any Nationalized Bank. Any tender received after the due date & time will be rejected and retunred to the sender un-opened. The tender will be received through **Regd. Post/Speed Post** only. The authority reserve the right to reject any/all the tenders without assigning any reasons thereof.

1. Cost of Tender Paper : 500.00
2. Date of Sale of Tender Paper : 01.08.2022
3. Last date of receipt of Tender Paper : 19.08.2022
4. Detail of opening of the Technical Bid: 20.08.2022
5. Place of Opening of Tender Paper : Dean & Principal's Office

Sd./- Dean and Principal
SCB Medical College, Cuttack
OIPR-10039/11/0006/2223



No.C-875 GOVERNMENT OF ODISHA e-mail: eephbhpt@gmail.com

OFFICE OF THE EXECUTIVE ENGINEER, PUBLIC HEALTH DIVISION, BHAWANIPATNA
Parmanandpur, Railway Station Road, Bhawanipatna, Dist: Kalahandi, PIN-766002
NATIONAL COMPETITIVE BIDDING THROUGH e-Procurement
Identification No. EEPH-BHPT - 06 of 2022-23/ Dt.21.07.2022
e-Procurement Notice

Name of the Work: **Different pipes water supply shcemes under PH Division, Bhawanipatna under Special Central Assistance**. Total No. of works: **01 (One).** Estimated Cost: **Approx. ₹ 248.83 lakh**. Class of Contractor: **Manufacturer Only**. Period of Completion: **2 Calendar Months.**

| Procurement Officer | Bid Identification No. | No. of works | Availability of Tender Online for Bidding | | Date & time of opening of Bid |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, P.H. Division, Bhawanipatna | EEPH-BHPT- 06 of 2022-23/ Dt.21.07.2022 | 01 (One) | 29.07.2022 | 19.08.2022 | 20.08.2022 |

For details can be seen from the Government website www.tendersorissa.gov.in
OIPR-13059/11/0006/2223 Sd./- Executive Engineer, P.H. Division, Bhawanipatna



GOVERNMENT OF ODISHA No. O-745

OFFICE OF THE ENGINEER-IN-CHIEF, RURAL WORKS, ODISHA, BHUBANESWAR
(E-Mail address - cerw_bbsr@yahoo.com) Lr. No. 22799 // Dt.22.7.22
"e" Procurement Notice for bridge works in Odisha
(Online-06 (Bridge)/2022-23 dt. 22.07.2022)

1. Name of the work : Construction of bridge work
2. Total No. of works : 01 (One) No.
3. Estimated cost : Rs.2570.00 lakh
4. Class of contractor : Super Class as applicable
5. Period of completion : 24 (Twenty Four) calendar months as applicable.
6. Other details :

| Procurement Officer | Bid Identification No. | No. of bridge works | Availability of tender online for bidding | |
|---|---|---|---|---|
| | | | From | To |
| Chief Engineer, Buildings & Bridges, Rural Works, Odisha, Bhubaneswar | Online-06(Bridge) /2022-23 | 01 (One) No. | 03.08.2022 at 11.00 A.M. | 23.08.2022 upto 5.00 P.M. |

Other details can be seen in the bidding documents, which is available in website www.tendersorissa.gov.in
Sd./- Chief Engineer (Buildings & Bridges)
Rural Works, Odisha, Bhubaneswar
OIPR-25123/11/0016/2223



ତହସିଲଦାରଙ୍କ କାର୍ଯ୍ୟାଳୟ, କୁଜଙ୍ଗ
ବିଜ୍ଞାପନ ସଂଖ୍ୟା: ୩୨୭୩ ତା:୨୬।୦୭।୨୦୨୨

ନିଲାମ ବିଜ୍ଞାପନ

No. F-162: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଜଗତ୍‌ସିଂହପୁର ଜିଲ୍ଲା ଅଧୀନସ୍ଥ କୁଜଙ୍ଗ ତହସିଲ ଅଧୀନରେ ଥିବା ଗୋବର୍ଦ୍ଧନପୁର ପାଇକା ନଦୀ ସୈରାତ ଉତ୍ସ (ଲଘୁ ଖଣିଜ ଖାଦାନର) ଆଗାମୀ ପାଞ୍ଚ ବର୍ଷ ନିମନ୍ତେ (ଦୀର୍ଘ ମିଆଦି) ଲିଜ୍ ପାଇଁ ଜଉମୁଦଦିଆ ଟେଣ୍ଡର ମାଧମରେ ସର୍ବସାଧାରଣରେ ନିଲାମ କରାଯିବ। ସୈରାତ ଉତ୍ସ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ, ଆବେଦନର ବିବରଣୀ ଓ ନିୟମାବଳୀ ଜଗତ୍‌ସିଂହପୁର ଜିଲ୍ଲା ୱେବସାଇଟ୍ www.jagatsinghpur.nic.inରେ ଉପଲବ୍ଧ ଅଛି। ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି କୁଜଙ୍ଗ ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରିବେ।

ଦରଖାସ୍ତ ରେଜିଷ୍ଟ୍ରି/ସ୍ପିଡ୍ ପୋଷ୍ଟ ଜରିଆରେ କିମ୍ବା ତହସିଲଦାର, କୁଜଙ୍ଗଙ୍କ କାର୍ଯ୍ୟାଳୟରେ ଥିବା Tender Boxରେ ପକେଇପାରିବେ। ଦରଖାସ୍ତ ଗ୍ରହଣ ତାରିଖ ତା୧୦।୦୮।୨୦୨୨ରିଖଠାରୁ ତା୧୯।୦୮।୨୦୨୨ରିଖ ଅପରାହ୍ନ ୫.୩୦ଘଟିକା ଧାର୍ଯ୍ୟ କରାଯାଇଅଛି। ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ।

ତହସିଲଦାରଙ୍କ ଦ୍ୱାରା ସୈରାତ ଉତ୍ସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପ୍ରଥମ ଧାର୍ଯ୍ୟ ତା୨୦।୦୮।୨୦୨୨ରିଖ ୧୧ ଘଟିକାରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଚୂଡ଼ାନ୍ତ କରାଯିବ। କୌଣସି କାରଣରୁ ନିଲାମ ନ ହୋଇ ପାରିଲେ ଦ୍ୱିତୀୟ ନିଲାମ ତା୨୯।୦୮।୨୦୨୨ରିଖ ଏବଂ ଦ୍ୱିତୀୟ ତାରିଖରେ ହୋଇ ନ ପାରିଲେ ତୃତୀୟ ତା୦୪।୦୯।୨୦୨୨ରିଖ (ଦିବା ୧୧.୦୦ ଘଟିକା) ସମୟରେ ଅନୁଷ୍ଠିତ ହେବ। କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ କିମ୍ବା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀ ଏବଂ ଜିଲ୍ଲାପାଳ, ଜଗତ୍‌ସିଂହପୁରଙ୍କର କ୍ଷମତା ପରିସର ଭୁକ୍ତ ଅଟେ।

ସ୍ୱା./- ତହସିଲଦାର, କୁଜଙ୍ଗ
OIPR-24190/11/0001/2223

# ଚେସ୍ ଅଲିମ୍ପିଆଡ୍‌ରେ ଭାରତର ମହାରଥୀ

**ଚେସ୍ ଅଲିମ୍ପିଆଡ୍‌ର ୪୪ତମ ସଂସ୍କରଣ ଚେନ୍ନାଇର ମହାବଳୀପୁରମଠାରେ ଆରମ୍ଭ ହୋଇଛି। ପ୍ରଥମଥରପାଇଁ ଭାରତରେ ହେଉଥିବା ଚେସ୍‌ର ଏହି ମେଗା ପ୍ରତିଯୋଗିତା ଅଗଷ୍ଟ ୧୦ ପର୍ଯ୍ୟନ୍ତ ଚାଲିବ। ଉଭୟ ବିଭାଗରେ ଭାରତର ୩ଟି ଲେଖାଏ ଦଳ ଖେଳୁଛନ୍ତି। ୩୦ ଖେଳାଳିଙ୍କ ମଧ୍ୟରେ ସାମିଲ ଅଛନ୍ତି ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ। ଚେସ୍ ପାୱାର ହାଉସ, ରୁଷିଆ ଓ ଚାଇନାର ଅନୁପସ୍ଥିତି ଯୋଗୁ ମହିଳା ଓ ପୁରୁଷ ବିଭାଗରେ ଭାରତର ପଦକ ଜିତିବା ସମ୍ଭାବନା ବଢ଼ିଛି। ଚେସ୍ ଚ୍ୟାଲେଞ୍ଜ ଆରମ୍ଭ ହୋଇ ଯାଇଥିବାବେଳେ ଅଂଶଗ୍ରହଣ କରୁଥିବା ଭାରତର ମହାରଥୀଙ୍କୁ ନେଇ ଏହି ଉପସ୍ଥାପନା...**




## ଭାରତ 'ଏ'

**କୋନେରୁ ହମ୍ପି:** ଭାରତୀୟ ମହିଳା ଚେସ୍ ଇତିହାସରେ ସବୁଠାରୁ ଶକ୍ତିଶାଳୀ ଖେଳାଳି ବିବେଚିତ ହେଉଥିବା କୋନେରୁ ହମ୍ପି ଅଲିମ୍ପିଆଡ୍ ସ୍ୱର୍ଣ୍ଣ ପାଇଁ ପ୍ରବଳ ଦାବିଦାର ରହିବେ। ୨୦୦୪ଠାରୁ ଏହା ହେବ ତାଙ୍କର ୪ର୍ଥ ଅଲିମ୍ପିଆଡ୍। ୨୦୨୦ ଫେବୃୟାରୀରୁ ସେ ଗୋଟିଏ ହେଲେ ରେଟେଡ ଗେମ୍ ଖେଳି ନ ଥିଲେ ହେଁ ଭାରତୀୟ ଦଳ ଭାଗ୍ୟ ନିର୍ଦ୍ଧାରଣର କେନ୍ଦ୍ରରେ ରହିବେ। ୨୦୧୭ରେ ଝିଅ ଆହାନାକୁ ଜନ୍ମଦେବା ପରେ ପ୍ରତ୍ୟାବର୍ତ୍ତନ କରି ହମ୍ପି ୨୦୧୯ ମହିଳା ର୍ୟାପିଡ୍ ଚେସ୍ ଟାଇଟଲ ଜିତିଥିଲେ। ୨୫୮୬ ରେଟିଂପ୍ରାପ୍ତ ହମ୍ପି ଦେଶକୁ ଏଥର ପ୍ରଥମ ଅଲିମ୍ପିଆଡ ପଦକ ଦେବା ଉପରେ ଫୋକସ କରୁଛନ୍ତି।

**ଡି. ହାରିକା:** ଡି. ହାରିକା ହେଉଛନ୍ତି ଭାରତର ଅନ୍ୟତମ ଦକ୍ଷ ଚେସ ଖେଳାଳି। ହମ୍ପି ଟପ୍ ବୋର୍ଡରେ ଏବଂ ସେ ଦ୍ୱିତୀୟ ବୋର୍ଡରେ ଖେଳିବେ। ଅଗଷ୍ଟ ଶେଷ ଭାଗରେ ନିଜ ପ୍ରଥମ ସନ୍ତାନ ଜନ୍ମଦେବାକୁ ଯାଉଥିଲେ ହେଁ ସେ ନିଜ ନବମ ଅଲିମ୍ପିଆଡ୍ ପ୍ରସ୍ତୁତିରେ କୌଣସି ହେଳା କରି ନାହାନ୍ତି। ଜୁଲାଇ ଏବଂ ଅଗଷ୍ଟ ପ୍ରଥମ ଭାଗରେ ଖେଳିବାରେ କୌଣସି ଅସୁବିଧା ନାହିଁବୋଲି ଡାକ୍ତର କହିବାପରେ ସେ ଘରୋଇ ପରିବେଶରେ ଏହି ମେଗା ପ୍ରତିଯୋଗିତା ଖେଳିବା ସୁଯୋଗ ହାତଛଡ଼ା କରି ନାହାନ୍ତି। ହାରିକା ହେଉଛନ୍ତି ୩ ଥର ବିଶ୍ୱ ଚାମ୍ପିୟନଶିପ୍ ମେଡାଲିଷ୍ଟ। ଲୋ-ରେଟେଡ ପ୍ରତିପକ୍ଷ ଦଳ ବିପକ୍ଷରେ ନ ଖେଳି ସେ କେବଳ ଭାରତର ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ଗୁଡ଼ିକରେ ଖେଳିବା ଆଶା କରାଯାଉଛି।

**ଆର. ବୈଶାଳୀ:** ୨୧ ବର୍ଷୀୟା ଆର. ବୈଶାଳୀ ହେଉଛନ୍ତି ଗ୍ରୁପ୍ 'ଏ' ଭାରତୀୟ ଦଳର ସର୍ବକନିଷ୍ଠ ସଦସ୍ୟା। ଆର.ବି. ରମେଶଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ ବୈଶାଳୀ ଦଳଗତ ଇଭେଣ୍ଟରେ ସବୁବେଳେ ମୁଖ୍ୟ ଭୂମିକା ତୁଲାଇ ଆସିଛନ୍ତି। ନିର୍ଣ୍ଣାୟକ ମୁକାବିଲାରେ ସେ ଅନେକ ସମୟରେ ପ୍ରତିପକ୍ଷ ଦଳକୁ ଚକିତ କରିଥାନ୍ତି। କ୍ୟାରିୟରର ପ୍ରଥମ ଅଲିମ୍ପିଆଡ୍ ହୋଇଥିବାରୁ ନୂଆ ଚ୍ୟାଲେଞ୍ଜ ପାଇଁ ବୈଶାଳୀ ପ୍ରସ୍ତୁତ। ପ୍ରତିଯୋଗିତା ଅବସରରେ କୋଚ୍ ରମେଶ ଏବଂ ସାନଭାଇ ପ୍ରଜ୍ଞାନନ୍ଦଙ୍କ ଉପସ୍ଥିତି ତାଙ୍କୁ ସହାୟକ ହେବ। ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ହମ୍ପି ଓ ହାରିକା ଅପରାଜେୟ ରହିବା ଆଶା କରାଯାଉଥିବାବେଳେ ଲୋୟର ବୋର୍ଡରେ ବିଶେଷ କରି ଧଳା ଗୋଟିରେ ଜଣେ କେହି ଷ୍ଟ୍ରାଇକ୍ କରିବା ଆବଶ୍ୟକ ହୋଇଥାଏ। ଏ କ୍ଷେତ୍ରରେ ବୈଶାଳୀଙ୍କ ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ। ତେଣୁ କୋଚିଂ ଷ୍ଟାଫ୍ ତାଙ୍କ ନିକଟରୁ ଅନେକ କିଛି ଆଶା ରଖିଛନ୍ତି।

**ତାନିଆ ସଚଦେବ:** ଭାରତୀୟ ଚେସ୍ ମହଲରେ ଚର୍ଚ୍ଚିତ ନାମ ତାନିଆ ସଚଦେବ କ୍ୟାରିୟରର ୭ମ ଅଲିମ୍ପିଆଡ୍ ଖେଳିବାକୁ ପ୍ରସ୍ତୁତ। ବ୍ୟୟ ବହୁଳ ଚାମ୍ପିୟନ୍ସ ଚେସ୍ ଟୁର୍ ଓ ବିଶ୍ୱ ଚାମ୍ପିୟନଶିପ୍ ଅବସରରେ ଭାଷ୍ୟକାର ଦଳର ସଦସ୍ୟଥିବା ତାନିଆ ଅଲିମ୍ପିଆଡ୍‌ପାଇଁ କଠିନ ପରିଶ୍ରମ କରିଛନ୍ତି। ସୋସିଆଲ ମିଡିଆରେ ତାଙ୍କ ଫାଲୋୟରଙ୍କ ସଂଖ୍ୟା ଅନ୍ୟ ଭାରତୀୟ ମହିଳା ଖେଳାଳିଙ୍କ ତୁଳନାରେ ବହୁ ଅଧିକ। ପିଟର ଲେକୋ ଓ ପିଟର ସିଡ୍‌ଲରଙ୍କ ପରି ଅତୀତର ଶ୍ରେଷ୍ଠ ଖେଳାଳିଙ୍କ ସହ ଆଲୋଚନା ଏବଂ ନିଜ ଖେଳ ଉପରେ ତର୍ଜମା କରି ସେ ନିଜ ଦକ୍ଷତାରେ ଉନ୍ନତି ଆଣି ପାରିଛନ୍ତି।

**ଭକ୍ତି କୁଲକର୍ଣ୍ଣୀ:** ଭାରତୀୟ ମହିଳା ଚେସ୍ ଦଳର ଅନ୍ୟତମ ପ୍ରତିଷ୍ଠିତ ଖେଳାଳି ଭକ୍ତି କୁଲକର୍ଣ୍ଣୀ ମଧ୍ୟ ଜଣେ ଏସିଆନ ମହିଳା ଚାମ୍ପିୟନ। ଏହା ତାଙ୍କପାଇଁ ପ୍ରଥମ ଅଲିମ୍ପିଆଡ । ସେ ସମ୍ଭବତଃ ୪ର୍ଥ ବୋର୍ଡରେ ଖେଳିବା ସମ୍ଭାବନା ଅଛି। ଅନ୍ତର୍ଜାତୀୟ ମାଷ୍ଟର ଭକ୍ତିଙ୍କର ଚେସ୍ ସମ୍ପର୍କରେ ଭଲ ଜ୍ଞାନ ରହିଛି। ୨୦୧୬ ଓ ୨୦୧୭ରେ ଅଳ୍ପକେ ଜାତୀୟ ଟାଇଟଲ ମିସ୍ କରିଥିବା ଭକ୍ତି ପରବର୍ତ୍ତୀ ବର୍ଷ ସଫଳ ହୋଇଥିଲେ। ରଘୁନନ୍ଦନ ଗୋଖଲେ ତାଙ୍କ କୋଚ୍ ଏବଂ ଅନୁପମା ଗୋଖଲେ ମେଣ୍ଟର। ସର୍ବଦା ସକାରାତ୍ମକ ମନୋଭାବ ନେଇ ସେ ଖେଳିଥାନ୍ତି ଏବଂ ସହଜରେ ହାର ମାନିବାକୁ ପ୍ରସ୍ତୁତ ହୋଇ ନ ଥାନ୍ତି।

**ଅଲିମ୍ପିଆଡ୍‌ରେ ଭାଗନେଇଥିବା ଭାରତୀୟ ଖେଳାଳି**



## ଭାରତ 'ବି'

**ଭାନ୍ତିକା ଅଗ୍ରୱାଲ:** ବିଶେଷ ନୋଟିସକୁ ଆସିପାରି ନ ଥିବା ଦିଲ୍ଲୀ ଗର୍ଲ ଭାନ୍ତିକା ଅଗ୍ରୱାଲ ଗତ ଜୁଲାଇରେ ବହୁ ତାରକା ଖେଳାଳିଙ୍କ ଉପସ୍ଥିତି ସତ୍ତ୍ୱେ ଜାତୀୟ ଅନ୍‌ଲାଇନ୍ ମହିଳା ଚେସ୍ ଟାଇଟଲ ହାସଲ କରିଥିଲେ। ୨୦୨୦ରେ ଅନ୍‌ଲାଇନ୍ ଚେସ୍ ଅଲିମ୍ପିଆଡ୍ ସ୍ୱର୍ଣ୍ଣ ପଦକ ବିଜୟୀ ଦଳର ସଦସ୍ୟା ଥିବା ଭାନ୍ତିକା କ୍ରମେ ଅଭିଜ୍ଞ ହୋଇଛନ୍ତି। କଠିନ ପରିଶ୍ରମ ଦ୍ୱାରା ସେ ଭାରତୀୟ ଦଳର ସଦସ୍ୟ ରହି ପାରିଛନ୍ତି। ଦଳର ଦ୍ୱିତୀୟ ଶ୍ରେଷ୍ଠ ରେଟେଡ ଖେଳାଳିଭାବେ ଡେବ୍ୟୁ କରିଛନ୍ତି ଭାନ୍ତିକା। ସେ ଚେସ୍ ଖେଳ ଓ ପାଠ ପଢ଼ା ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ପାରିଛନ୍ତି। ଦେଶର ପୁରାତନ ଗ୍ରାଣ୍ଡମାଷ୍ଟର ପ୍ରବୀଣ ଥିପ୍‌ସେଙ୍କଠାରୁ କୋଚିଂ ନେଇ କ୍ୟାରିୟରକୁ ଆଗକୁ ବଢ଼ାଇଛନ୍ତି ଏହି ଚେସ୍ ପ୍ରତିଭା।

**ପଦ୍ମିନୀ ରାଉତ:** ଓଡ଼ିଶାର ପଦ୍ମିନୀ ରାଉତ ଏକମାତ୍ର ଭାରତୀୟ ମହିଳା ଖେଳାଳିଭାବେ ବୋର୍ଡ ପ୍ରାଇଜ୍ ଅଲିମ୍ପିଆଡ୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଦଳର ସବୁଠାରୁ ଉଚ୍ଚ ର୍ୟାଙ୍କପ୍ରାପ୍ତ ଖେଳାଳି ହୋଇଥିବାରୁ ତାଙ୍କ ଉପରେ ଗୁରୁଦାୟିତ୍ୱ ରହିଛି। ୨୦୧୪ରେ ପଦ୍ମିନୀ ସ୍ୱର୍ଣ୍ଣ ବିଜୟୀ ପ୍ରଦର୍ଶନ ଦେଇଥିଲେ ହେଁ ୨୦୧୬ରେ ଆଶାନୁରୂପ ଖେଳିପାରି ନ ଥିଲେ। ୨୦୧୮ରେ ସେ ରିଜର୍ଭ ଖେଳାଳି ଥିଲେ। ଏଥର ପଦ୍ମିନୀ ଟପ୍-୨ ବୋର୍ଡରେ ଖେଳିବା ସମ୍ଭାବନା ରହିଛି। ଏହା ଅର୍ଥ ସେ ପ୍ରତିପକ୍ଷର ଶକ୍ତିଶାଳୀ ଖେଳାଳିଙ୍କ ସହ ମୁକାବିଲା କରିବେ। ଫଳରେ ତାଙ୍କ ଉପରେ ଅଧିକ ଚାପ ରହିବ। ଏ କ୍ଷେତ୍ରରେ ଅଭିଜ୍ଞତା ହିଁ ତାଙ୍କପାଇଁ କାମ ଦେବ। ଟିମ୍ ମ୍ୟାନେଜମେଣ୍ଟ ଟପ୍ ବୋର୍ଡରେ ୨ ଜଣ ଶକ୍ତିଶାଳୀ ଖେଳାଳିଙ୍କୁ ନେଇ ଯାଉଛନ୍ତି ନା ଅନ୍ୟକିଛି ରଣନୀତି ଅବଲମ୍ବନ କରୁଛନ୍ତି ତାହା ଦେଖିବାକୁ ରହିଛି। ତେବେ ସେ ଯାହା ହେଉ ନା କାହିଁକି ପଦ୍ମିନୀଙ୍କ ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ ରହିବ।

**ମାରୀ ଆନ୍ ଗୋମ୍ସ:** ଭାରତର ଆଉ ଜଣେ ନାମୀ ଖେଳାଳି ହେଉଛନ୍ତି ମାରୀ ଆନ୍ ଗୋମ୍ସ। ସେ କ୍ୟାରିୟରର ୫ମ ଅଲିମ୍ପିଆଡ୍ ଖେଳୁଛନ୍ତି। ମାରୀ ହେଉଛନ୍ତି ଦଳର ଅନ୍ୟତମ ବୋର୍ଡ ପ୍ରାଇଜ୍ ବିଜୟୀ ସଦସ୍ୟା। ତାଙ୍କ ଅଭିଜ୍ଞତା ଲୋୟର ବୋର୍ଡରେ ଫାଇଦା ଆଣିବା ସମ୍ଭାବନା ରହିଛି।

**ସୌମ୍ୟା ସ୍ୱାମୀନାଥନ:** ପଦ୍ମିନୀ ଏବଂ ମାରୀଙ୍କ ଇଣ୍ଡିଆନ ଅଏଲ୍ ସାଥୀ ସୌମ୍ୟା ସ୍ୱାମୀନାଥନ ହେଉଛନ୍ତି ପୂର୍ବତନ ଜୁନିୟର ବାଳିକା ବିଶ୍ୱ ଚାମ୍ପିୟନ। ୨୦୧୨ରେ ଡେବ୍ୟୁ କରିବା ପରେ ସୌମ୍ୟା କ୍ୟାରିୟରରେ ୩ୟ ଥରପାଇଁ ଅଲିମ୍ପିଆଡ୍ ଖେଳିବାକୁ ଯାଉଛନ୍ତି। ବୋରିସ ଗେଲ୍‌ଫାଣ୍ଡଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ୟାମ୍ପରେ ସେ କଠିନ ପରିଶ୍ରମ କରିଛନ୍ତି।

**ଦିବ୍ୟା ଦେଶମୁଖ:** ଗତ ମାର୍ଚ୍ଚରେ ଜାତୀୟ ଚାମ୍ପିୟନଶିପ୍‌ରେ ସମସ୍ତ ତାରକା ପ୍ରତିଯୋଗୀଙ୍କୁ ପଛରେ ପକାଇ ଟାଇଟଲ ଜିତିଥିଲେ ୧୬ ବର୍ଷୀୟା ଦିବ୍ୟା ଦେଶମୁଖ। ଅର୍ଜୁନ ଇରିଗାସିଙ୍କ ତତ୍ତ୍ୱାବଧାନରେ ସେ ଖୁବଶୀଘ୍ର ଚେସ୍‌ରେ ଜଣେ ବିଜ୍ଞ ଖେଳାଳି ହୋଇପାରିଛନ୍ତି। ବୟସ ବର୍ଗ ଟୁର୍ନାମେଣ୍ଟରେ ସ୍ଥିର ପ୍ରଦର୍ଶନ ଦେଇ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୨୦ ଅନ୍‌ଲାଇନ୍ ଚେସ୍ ଅଲିମ୍ପିଆଡ୍‌ରେ ରୁଷିଆ ସହିତ ଯୁଗ୍ମ ଚାମ୍ପିୟନ ହୋଇଥିବା ଭାରତୀୟ ଦଳର ସେ ସଦସ୍ୟା ଥିଲେ। ଦଳର କନିଷ୍ଠ ସଦସ୍ୟ ହୋଇଥିବାରୁ ତାଙ୍କ ଉପରେ ଆଦୌ ଚାପ ନାହିଁ।

## ଭାରତ 'ସି'

**ଈଶା କାର୍ଭାଡେ, ସହିତି ବର୍ଷିନୀ, ପ୍ରତ୍ୟୁଷା ବୋଡ୍ଡା, ପି.ଭି. ନନ୍ଦିତା, ବିଶ୍ୱା ଭାସନାୱାଲା।**

### ଜାଣିବା କଥା

ଓପନ ବିଭାଗ ଚାମ୍ପିୟନ: ହାମିଲଟନ-ରସେଲ କପ୍
ମହିଳା ବିଭାଗ ଚାମ୍ପିୟନ: ବୀର ମେନଚିକ୍ କପ୍
କମ୍ବାଇନ୍‌ଡ୍ କ୍ଲାସିଫିକେଶନରେ ପ୍ରଥମ ସ୍ଥାନ: ନୋନା ଗାପ୍ରିନଦାଶଭିଲି ଟ୍ରଫି
ଓପନ ବିଭାଗରେ ମୋଟ ଦଳ: ୧୮୮
ମହିଳାରେ ମୋଟ ଦଳ: ୧୬୨
ଫର୍ମାଟ: ଚେସ୍ ଅଲିମ୍ପିଆଡ୍‌ର ସମସ୍ତ ମ୍ୟାଚ କ୍ଲାସିକାଲ ସୁଇସ ଲିଗ୍ ଫର୍ମାଟରେ ଅନୁଷ୍ଠିତ ହେଉଛି।
ଭେନ୍ୟୁ: ମହାବଳୀପୁରମ୍ (ମାମାଲ୍ଲାପୁରମ)



## ଭାରତ 'ଏ'

**ପି. ହରିକ୍ରିଷ୍ଣା:** ଦେଶର ଅନ୍ୟତମ ଶ୍ରେଷ୍ଠ ଓ ଅଭିଜ୍ଞ ଖେଳାଳି ହେଉଛନ୍ତି ପେଣ୍ଟାଲା ହରିକ୍ରିଷ୍ଣା। ବିଶ୍ୱ ମାନ୍ୟତାର ୨୫ ନମ୍ବର ସ୍ଥାନରେ ରହିଥିବା ଏହି ଖେଳାଳି ଅଲିମ୍ପିଆଡ୍‌ରେ ଶ୍ରେଷ୍ଠ ର୍ୟାଙ୍କ ପ୍ରାପ୍ତ ଭାରତୀୟ ଖେଳାଳି। ପ୍ରତିଯୋଗିତାରେ ତାଙ୍କୁ ଟପ୍ ବୋର୍ଡ ବା ଲୋୟର ବୋର୍ଡ ମିଳିବ ତାହା ପରେ ସ୍ପଷ୍ଟ ହେବ। ମାତ୍ର ସେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ିବାରେ ସମର୍ଥ ହେବା ଆଶା। ୩୬ ବର୍ଷୀୟ ଏହି ଖେଳାଳି ୨୦୦୧ରେ ଦେଶର ସର୍ବକନିଷ୍ଠ ଗ୍ରାଣ୍ଡମାଷ୍ଟର ହୋଇଥିଲେ। ୨୦୦୪ରେ ବିଶ୍ୱ ଜୁନିୟର ଚାମ୍ପିୟନଶିପ ଟାଇଟଲ ହାସଲ କରିବା ପରେ ନଭେମ୍ବର ୨୦୧୬ରେ ହାସଲ କରିଥିଲେ କ୍ୟାରିୟରର ଶ୍ରେଷ୍ଠ ର୍ୟାଙ୍କିଂ। ତାଙ୍କ ରେଟିଂ ଏବେ ୨୭୨୦ ରହିଛି।

**ଭିଦିତ ଗୁଜରାଠୀ:** ଭାରତୀୟ ଦଳର ଅଧିନାୟକ ରହିଥିବା ଭିଦିତ ଗୁଜରାଠୀଙ୍କୁ ଆଧୁନିକ ଚେସ୍ ଖେଳର ଚେହେରା କହିଲେ କିଛି ଭୁଲ ହେବନାହିଁ। ଅନଲାଇନ୍ ଚେସ୍ ଖେଳିବା ସହିତ ନିୟମିତ ଭାବରେ ନିଜର ଭିଡିଓଗୁଡିକୁ ଷ୍ଟ୍ରିମ୍ କରନ୍ତି। ୨୦୨୦ରେ ଆୟୋଜିତ ଅନ୍‌ଲାଇନ୍ ଚେସ୍ ଅଲିମ୍ପିଆଡରେ ରୁଷିଆ ସହିତ ସ୍ୱର୍ଣ୍ଣ ପଦକ ଶେୟାର କରିଥିଲା ଭିଦିତଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ। ନିଜର ତୃତୀୟ ଅଲିମ୍ପିଆଡ ଖେଳିବାକୁ ଯାଉଥିବା ଏହି ନାଶିକ ଗ୍ରାଣ୍ଡମାଷ୍ଟର ନିଜ ପ୍ରଦର୍ଶନ ଜରିଆରେ ସମସ୍ତଙ୍କୁ ପ୍ରଭାବିତ କରିବେ ବୋଲି ଆଶା।

**ଅର୍ଜୁନ ଇରିଗାସି:** ମାତ୍ର ୧୮ ବର୍ଷ ବୟସରେ ଦେଶର ଏଲିଟ୍ ଚେସ୍ ଖେଳାଳିଙ୍କ ଦଳରେ ସାମିଲ ହେବା ବିରଳ। ଏମିତି କିଛି କରି ଦେଖାଇଛନ୍ତି ଅର୍ଜୁନ ଇରିଗାସି। କୋଭିଡ ସମୟରେ ନିଜର ଦକ୍ଷତା ବିକାଶ ଉପରେ ଧ୍ୟାନ ଦେଇଥିଲେ। କୋଭିଡ କଟକଣା ହଟିବା ପରେ ସେ ୨୫୬୭ରୁ ୨୬୮୯ ରେଟିଂ ପଏଣ୍ଟରେ ପହଞ୍ଚିବାକୁ ୧ ବର୍ଷରୁ କମ୍ ସମୟ ନେଇଥିଲେ। ଟାଟା ଷ୍ଟିଲ ଚ୍ୟାଲେଞ୍ଜର୍ସରେ ଲେଭୋନ୍ ଆରୋନିଆନଙ୍କୁ ପରାସ୍ତ କରିବା ସହିତ ଦ୍ୱିତୀୟ ସ୍ଥାନରେ ରହି ମ୍ୟାଗ୍ନସ୍ କାର୍ଲସେନଙ୍କ ପ୍ରଶଂସା ସାଉଁଟିଥିଲେ। ଏହାପରେ ଜାତୀୟ ଚାମ୍ପିୟନଶିପ୍ ଏବଂ ଦିଲ୍ଲୀ ଇଣ୍ଟରନ୍ୟାଶନାଲ ଓପନ ଜିତିଥିଲେ। ହରିକ୍ରିଷ୍ଣା ଓ ଭିଦିତଙ୍କ ଉପସ୍ଥିତିରେ ଅର୍ଜୁନଙ୍କ ପ୍ରଦର୍ଶନ ନିଶ୍ଚିତ ଭାରତୀୟ ଦଳକୁ ଫାଇଦା ଦେବ।

**ଏସ୍.ଏଲ୍. ନାରାୟଣନ୍:** ନିହାଲ ସରିନ୍ ଏବଂ ଆର୍ ପ୍ରଜ୍ଞାନନ୍ଦ ଯୁବ ଖେଳାଳିଙ୍କ ମଧ୍ୟରେ ଚର୍ଚ୍ଚାରେ ରହୁଥିବା ବେଳେ ସମ୍ପୂର୍ଣ୍ଣ ନୀରବତାର ସହିତ ଟପ୍-୬ରେ ସାମିଲ ହୋଇଛନ୍ତି ଥିରୁଭାନନ୍ତପୁରମର ସୁନୀଲଦତ୍ତ ଲିନା ନାରାୟଣନ୍। ୨୬୫୯ ରେଟିଂ ପଏଣ୍ଟ ସହିତ ୨୦୨୧ର ଦ୍ୱିତୀୟାର୍ଦ୍ଧରେ ନିୟମିତ ପ୍ରଦର୍ଶନ 'ଏ' ଟିମ୍‌ରେ ଏହି ଯୁବ ଖେଳାଳିଙ୍କୁ ସ୍ଥାନ ଦେଇଥିଲା। ଇଣ୍ଟରନ୍ୟାଶନାଲ ମାଷ୍ଟର ଭର୍ଗିସ୍ କୋଶିଙ୍କ ଛାତ୍ର ନାରାୟଣନ ନିଜ ଆକ୍ରମଣାତ୍ମକ ଖେଳ ପାଇଁ ପରିଚିତ। ସେ ନିଜର ପ୍ରଥମ ଅଲିମ୍ପିଆଡ ଖେଳିବେ।

**କେ. ଶଶିକିରଣ:** ୪୧ ବର୍ଷୀୟ କେ.ଶଶିକିରଣ ନିଜର ୧୧ତମ ଅଲିମ୍ପିଆଡ ଖେଳିବାକୁ ଯାଉଛନ୍ତି। ଅଲିମ୍ପିଆଡରେ ୧୦୦ରୁ ଅଧିକ ବିଜୟ ହାସଲ କରିଥିବା ଏହି ଖେଳାଳି ଜଣଙ୍କ ୨୦୧୪ରେ ଜିତିଥିଲେ ରୌପ୍ୟ ପଦକ। ବର୍ତ୍ତମାନ ଚେସ୍‌ରେ ଏତେଟା ସକ୍ରିୟ ନ ଥିଲେ ହେଁ ଏପ୍ରିଲରେ ରିଲଟନ୍ ୱିନର୍ସ ଜିତି ବିଜୟ ପାଇଁ ଥିବା କ୍ଷୁଧାକୁ ପ୍ରମାଣିତ କରିଛନ୍ତି। ପ୍ରଥମ ଭାରତୀୟ ଭାବରେ ଦୁଇଟି ଅଲିମ୍ପିଆଡ ପଦକ ହାସଲର ଲକ୍ଷ୍ୟ ରଖିଛନ୍ତି ଶଶିକିରଣ।

## ଭାରତ 'ବି'

**ନିହାଲ ସରିନ୍:** ଅନ୍ତର୍ଜାତୀୟ ସ୍ତରରେ ପ୍ରଭାବିତ କରିଥିବା ଯୁବ ପ୍ରତିଭାଙ୍କ ମଧ୍ୟରେ ସରିନ୍ ଅନ୍ୟତମ। ଅର୍ଜୁନ ଇରିଗାସୀ, ଡି. ଗୁକେଶ, ଆର. ପ୍ରଜ୍ଞାନନ୍ଦ, ରୌନକ ସାଧୱାନିଙ୍କ ପରି ଖେଳାଳିଙ୍କ ସହିତ ମିଶି ବିଗତ କିଛି ବର୍ଷରେ ଭାରତକୁ ଗୌରବାନ୍ୱିତ କରିଛନ୍ତି। ଏହି ଖେଳାଳିଙ୍କ ଗ୍ରୁପରୁ ନିହାଲ କମ ସମୟ ମଧ୍ୟରେ ଗ୍ରାଣ୍ଡମାଷ୍ଟର ହୋଇ ଟପ୍ ୧୦୦ରେ ସାମିଲ ଅଛନ୍ତି। କୋଲକାତା ଚାଲେଞ୍ଜର୍ସରେ ବିଶ୍ୱନାଥନ ଆନନ୍ଦ, ଶାଖରିୟାର ମାମେଦ୍ୟାରୋଭ, ସର୍ଗି କାର୍ଜାକିନ୍, ପି ହରିକ୍ରିଷ୍ଣା, ଭିଦିତ ଗୁଜରାଠୀ ଓ ସୂର୍ଯ୍ୟ ଶେଖର ଗାଙ୍ଗୁଲିଙ୍କ ସହିତ ମ୍ୟାଚ୍ ଡ୍ର ରଖି ନିଜ ଦକ୍ଷତାର ପ୍ରମାଣ ଦେଇଥିଲେ। ତାଙ୍କ ରେଟିଂ ପଏଣ୍ଟ ଏବେ ୨୬୫୧ ରହିଛି।


ଅର୍ଜୁନ ଇରିଗାସି


ପି. ହରିକ୍ରିଷ୍ଣା


ନିହାଲ ସରିନ୍

**ଡି. ଗୁକେଶ:** ଡୋମ୍ମାରାଜୁ ଗୁକେଶ ଦେଶର ସର୍ବକନିଷ୍ଠ ଗ୍ରାଣ୍ଡମାଷ୍ଟର ଭାବରେ ୨୭୦୦ ଲାଇଭ ପଏଣ୍ଟ ହାସଲ କରିଛନ୍ତି। ମାତ୍ର ୧୬ ବର୍ଷୀୟ ଏହି ଗ୍ରାଣ୍ଡମାଷ୍ଟରଙ୍କ ଉପରେ ସମସ୍ତଙ୍କ ନଜର ରହିବ। ବିଜୟ ହାସଲ ପାଇଁ ସର୍ବଦା ବ୍ୟଗ୍ର ରହୁଥିବା ଗୁକେଶଙ୍କ ମନୋଭାବ ହିଁ ତାଙ୍କୁ ଅନ୍ୟ ମାନଙ୍କଠାରୁ ସ୍ୱତନ୍ତ୍ର କରିଥାଏ। ଚଳିତ ବର୍ଷର ପ୍ରଦର୍ଶନ ଆଧାରରେ ଗୁକେଶଙ୍କୁ ଟିମରେ ସାମିଲ କରାଯାଇଛି। ଚମତ୍କାର ପ୍ରଦର୍ଶନ ସହିତ ସ୍ପେନରେ ୪ଟି ଟାଇଟଲ ହାସଲ କରିଥିଲେ ଗୁକେଶ।

**ବି. ଅଧିବନ:** ୨୯ ବର୍ଷୀୟ ଅଧିବନ ଗ୍ରୁପ୍ ବିରେ ସ୍ଥାନ ପାଇଥିବା ସବୁଠୁ ବୟସ୍କ ଖେଳାଳି। ଏକଦା ୨୭୦୦ ରେଟିଂ ପଏଣ୍ଟ ହାସଲ କରିଥିବା ଅଧିବନ୍ ନିଜ ଖରାପ ଫର୍ମ କାରଣରୁ ବର୍ତ୍ତମାନ ୨୫୯୮କୁ ଖସିଛନ୍ତି। ଫର୍ମ ପାଇଁ ସଂଘର୍ଷ କରୁଥିବା ଏହି ଖେଳାଳି ଜଣଙ୍କ ଚେସ୍ ଅଲିମ୍ପିଆଡରୁ ନିଜର ଫର୍ମ ଫେରି ପାଇବା ନେଇ ଆଶା କରାଯାଉଛି।

**ଆର. ପ୍ରଜ୍ଞାନନ୍ଦ:** ରମେଶ ବାବୁ ପ୍ରଜ୍ଞାନନ୍ଦ ୨୬୪୮ ରେଟିଂ ପଏଣ୍ଟରେ ଥିବା ବେଳେ ଅନଲାଇନ୍ ଇଭେଣ୍ଟରେ ମ୍ୟାଗ୍ନସ୍ କାର୍ଲସେନଙ୍କୁ ପରାସ୍ତ କରିଥିଲେ। ତେବେ ନିଜ ସାଥୀ ଖେଳାଳିଙ୍କ ଅପେକ୍ଷା କମ୍ କ୍ଲାସିକ୍ ଚେସ୍ ଖେଳି ଅଧିକ ସମୟ ଅନଲାଇନରେ ଖେଳିଥାନ୍ତି। ଅଲରାଉଣ୍ଡ ପ୍ରଦର୍ଶନ କରୁଥିବା ଏହି ଖେଳାଳି ଜଣଙ୍କ ନିଜର ପ୍ରଥମ ଅଲିମ୍ପିଆଡରେ ଭଲ ପ୍ରଦର୍ଶନ ନେଇ ଆଶାବାଦୀ।

**ରୌନକ ସାଧୱାନି:** ଭାରତୀୟ ଯୁବ ଖେଳାଳିଙ୍କ ମଧ୍ୟରେ ସମସ୍ତଙ୍କୁ ପ୍ରଭାବିତ କରିଥିବା ଆଉ ଜଣେ ଖେଳାଳି ହେଉଛନ୍ତି ରୌନକ ସାଧୱାନି। ୧୩ ବର୍ଷ ୯ ମାସ ୨୭ ଦିନରେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଥିବା ଏହି ଖେଳାଳି ଜଣଙ୍କ ବେନସ୍କ୍ୟୁ ଓପନରେ ପ୍ରଥମ ସ୍ଥାନରେ ରହିଥିଲେ ହେଁ ଟାଇବ୍ରେକରରେ ଯୁଗ୍ମ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ୨୦୧୮ରେ ବିଶ୍ୱନାଥନ ଆନନ୍ଦଙ୍କ ବିପକ୍ଷରେ ବିଜୟ ହାସଲ କରିବା ସ୍ଥିତିରେ ପହଞ୍ଚି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଭାରତ 'ସି'

**ସୂର୍ଯ୍ୟ ଶେଖର ଗାଙ୍ଗୁଲି, ଏସ୍ .ପି. ସେଥୁରମଣ, କାର୍ତ୍ତିକେୟନ ମୁରଲୀ, ଅଭିଜିତ୍ ଗୁପ୍ତା, ଅଭିମନ୍ୟୁ ପୁରାଣିକ।**

### ଡିପେଣ୍ଡେବଲ

ଇଂଲଣ୍ଡ ବିପକ୍ଷ ୱାନ୍‌ଡେ ସିରିଜରେ
ଇଣ୍ଡିଆ ଯାଇଛି ଜିତି
ଶିଖର, ରୋହିତ, ବିରାଟ ଶୋଇଲେ
ଡିପେଣ୍ଡେବଲ ହେଲେ ମାଟି
ପନ୍ତ, ପାଣ୍ଡ୍ୟା ଦୁହେଁ ମାତି
ଛଡ଼ାଇ ଆଣିଲେ ଗୋରାଠୁଁ ସିରିଜ
ସଙ୍ଗେ ଘେନି ଅନ୍ୟ ସାଥୀ।

ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ
ଆଉ ଏକ ଇତିହାସ
ଜାଭେଲିନ୍ ଥ୍ରୋ'ରେ ନୀରଜ ରଚିଛି
ଅଲିମ୍ପିକ୍ସ ପର ଯଶ
ଦେଖ ଚାଷୀ ପୁଅ କଷ
ଦେଶ ଡିପେଣ୍ଡେବଲ ପ୍ରତିଭା ଦେଇଛି
ସିଲଭର ପଦକ ବର୍ଷ।

ଏଫ୍‌ଆଇଏଚ୍ ଲେଡି ହକି ବିଶ୍ୱକପ
ନେଦରଲାଣ୍ଡକୁ ଟ୍ରଫି
ହ୍ୟାଟ୍ରିକ ସହ ନଅ ଥର ଚାମ୍ପିୟନ
ଡିପେଣ୍ଡେବଲ ଟିମ୍ ହାପି
ଜନସଂଖ୍ୟା ଗ୍ୟାପ କାଫି
ମୋ ଦେଶ ଜାତୀୟ ଖେଳ ହକି ହୋଇ
ରେଜଲ୍ଟ ଉଇକ୍ ବାପି।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ଶୁକ୍ରବାର, ଜୁଲାଇ ୨୯/୨୦୨୨ Rayagada, Friday, July 29/ 2022



ଚେନାଇରେ ୪୪ତମ ଚେସ୍ ଅଲିମ୍ପିଆଡର ଉଦ୍ଘାଟନୀ ଦିବସ ଅବସରରେ ଭାରତୀୟ ଦଳର ସଦସ୍ୟମାନଙ୍କ ଉପସ୍ଥିତିରେ କେକ୍ କଟାଯାଇଛି।

# ଚେସ୍ ଅଲିମ୍ପିଆଡ୍‌ରୁ ଓହରିଲା ପାକିସ୍ତାନ

**ଇସ୍‌ଲାମାବାଦ୍/ନୂଆଦିଲ୍ଲୀ, ୨୮।୭ (ପି.ଟି.):** ଚେନ୍ନାଇରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ୪୪ତମ ଚେସ୍ ଅଲିମ୍ପିଆଡ୍‌ରୁ ଓହରିଯାଇଛି ପାକିସ୍ତାନ। ଜମ୍ମୁ ଓ କଶ୍ମୀର ବାଟ ଦେଇ ପ୍ରତିଯୋଗିତାର ଟର୍ଚ୍ଚ ରିଲେ ଯାଇଥିବାରୁ ପ୍ରତିବାଦ ସ୍ୱରୂପ ଦେଶ ଏହି ନିଷ୍ପତ୍ତି ନେଇଥିବା ପାକିସ୍ତାନ ବୈଦେଶିକ ବ୍ୟାପାର ବିଭାଗ ପ୍ରକାଶ କରିଛି। ସୂଚନାଯୋଗ୍ୟ, ଟୁର୍ନାମେଣ୍ଟରେ ଅଂଶଗ୍ରହଣ ପାଇଁ ଅନ୍ତର୍ଜାତୀୟ ଚେସ୍ ମହାସଂଘ (ଫିଡେ) ପାକିସ୍ତାନକୁ ଆମନ୍ତ୍ରଣ କରିଥିଲା। ଜମ୍ମୁ ଓ କଶ୍ମୀରରେ ଟର୍ଚ୍ଚ ରିଲେ କରିବା ଦ୍ୱାରା ଭାରତ ସମ୍ମାନଜନକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟକୁ ନେଇ ରାଜନୀତି କରିବାକୁ ଚାହୁଁଛି ବୋଲି ପାକିସ୍ତାନ କହିଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ବହିର୍ବ୍ୟାପାର ବିଭାଗ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ କହିଛନ୍ତି, ଇଭେଣ୍ଟରେ ଅଂଶଗ୍ରହଣ ନ କରିବା ଲାଗି ପାକିସ୍ତାନର ଆକସ୍ମିକ ନିଷ୍ପତ୍ତି ତାଙ୍କୁ ବିସ୍ମିତ କରିଛି।

## ଚେସ୍ ଅଲିମ୍ପିଆଡରେ ବିଶ୍ୱ ରେକର୍ଡ

**ଚେନ୍ନାଇ,୨୮।୭:** ଭାରତର ଚେନ୍ନାଇରେ ଆୟୋଜିତ ହେଉଛି ୪୪ ତମ ଫିଡେ ଚେସ୍ ଅଲିମ୍ପିଆଡ। ୧୦୦ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ଦେଶରେ ଆୟୋଜିତ ଟୁର୍ନାମେଣ୍ଟରେ ଅଂଶଗ୍ରହଣ ସଂଖ୍ୟାକୁ ନେଇ ସୃଷ୍ଟି ହୋଇଛି ବିଶ୍ୱରେକର୍ଡ। ଜର୍ଜିଆର ବାଟୁମିରେ ଆୟୋଜିତ ଅଲିମ୍ପିଆଡରେ ୧୭୯ଟିମ୍ ପଞ୍ଜୀକରଣ କରିଥିଲେ। ୨୦୧୮ରେ ଓପନ୍ ବର୍ଗରେ ୧୮୪ ଟିମ୍ ଓ ମହିଳା ବର୍ଗରେ ୧୫୦ ଟିମ୍ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ୧୮୫ଟି ଟିମ୍ ପଞ୍ଜୀକରଣ କରିଥିବା ବେଳେ ଓପନ୍‌ବର୍ଗରେ ୧୮୬ ଟି ଦଳ ଓ ମହିଳା ବର୍ଗରେ ୧୫୬ ଟିମ୍ ଅଂଶଗ୍ରହଣ କରୁଛନ୍ତି। ସର୍ବାଧିକ ଦଳଙ୍କ ଅଂଶଗ୍ରହଣକୁ ନେଇ ଏହି ଟୁର୍ନାମେଣ୍ଟ ବିଶ୍ୱରେକର୍ଡ କରିଥିବା ନେଇ ଅଲ ଇଣ୍ଡିଆ ଚେସ୍ ଫେଡେରେସନର ସମ୍ପାଦକ ଭରତ ସିଂ ଚୌହାନ କହିଛନ୍ତି।

## ୫୦ ବର୍ଷ ବୟସ୍କ ଜିତିଲେ ଡେଭିସ କପ୍ ମ୍ୟାଚ

**ବାକୁ, ୨୮।୭ (ଏପି)**

ଏକ ଡେଭିସ୍ କପ୍ ଜିତିବାରେ ଡୋମେନିକୋ ଭିସିନି ସବୁଠାରୁ ବୟସ୍କ ଖେଳାଳି। ସେପ୍ଟେମ୍ବରରେ ସେ ୫୧ ବର୍ଷ ବୟସରେ ପଦାର୍ପଣ କରିବେ। ବୁଧବାର ଗ୍ରୁପ୍ -୪ ପ୍ଲେ'ରେ ଭିସିନି ଓ ଡବଲ୍ସ ପାର୍ଟନର ସାନ୍ ମାରିନୋର ମାର୍କୋ ଡି' ରୋସି ୬-୩, ୭-୬ ସେଟ୍‌ରେ ମାର୍ଟିନ ମୁଏଡିନି ଓ ଅଲ୍‌ବାନିଆର ମାରିଓ ଜିଲିଙ୍କୁ ହରାଇ ଦେଇଛନ୍ତି। ଭିସିନିଙ୍କର ଏହା ଥିଲା ଓଭରାଲ ୯୯ତମ ମ୍ୟାଚ ଏବଂ ୨୪ତମ ଡେଭିସ୍ କପ୍ ଟୁର୍ନାମେଣ୍ଟ। ଇତିହାସର ମଣିଷ ଭିସିନି ଆଉ ଗୋଟିଏ ମ୍ୟାଚ ଖେଳିଲେ ତାଙ୍କ ମ୍ୟାଚ ସଂଖ୍ୟା ୧୦୦ରେ ପହଞ୍ଚିବ। ଏହି ମାଇଲ୍‌ଖୁଣ୍ଟ କେହି ଜଣେ ହେଲେ ହାସଲ କରିନାହାନ୍ତି। ସେ ଶୁକ୍ରବାର ଏହି ସଫଳତା ହାସଲ କରିପାରିବେ। ୩ ବର୍ଷ ପୂର୍ବେ ଭିସିନି ସବୁଠାରୁ ବୟସ୍କ ଟେନିସ ଖେଳାଳି ଭାବେ ଏକ ସିଙ୍ଗଲ୍ସ ମ୍ୟାଚ ଜିତିଥିଲେ, ଯାହାକି ଏକ ଡେଭିସ୍ କପ୍ ରେକର୍ଡ। ସେତେବେଳେ ତାଙ୍କ ବୟସ ୪୭ବର୍ଷ, ୩୧୮ ଦିନ ହୋଇଥିଲା। ଭିସିନି ୧୯୯୩ରେ ସାନ୍ ମାରିଓ ତରଫରୁ ଡେଭିସ୍ କପ୍ ପଦାର୍ପଣ କରିଥିଲେ। ସାନ୍ ମାରିଓ ହେଉଛି ବିଶ୍ୱର ଅନ୍ୟତମ ପୁରାତନ ରିପବ୍ଲିକ। ଏହାର ଜନସଂଖ୍ୟା ହେଉଛି ମାତ୍ର ୩୩,୦୦୦। ଇଟାଲୀ ସୀମାରେ ଏହା ଅବସ୍ଥିତ।


ଡୋମେନିକୋ ଭିସିନି

# ଦଳ ଚୟନକୁ ନେଇ ସଙ୍କଟରେ ଭାରତ

**ଟାରୌବା,୨୮।୭(ପି.ଟି)**

ଦିନିକିଆ ସିରିଜ୍‌କୁ କ୍ଲିନ୍ ସୁଇପ୍ କରିବା ପରେ ଭାରତୀୟ ଦଳ ଟି୨୦ ଅଭିଯାନ ଆରମ୍ଭ କରିବାକୁ ଯାଉଛି। ବରିଷ୍ଠ ଖେଳାଳିଙ୍କ ପ୍ରତ୍ୟାବର୍ତ୍ତନ ପରେ ଭାରତୀୟ ଦଳ ଆହୁରି ଶକ୍ତିଶାଳୀ ଜଣାପଡ଼ୁଛି। ଦିନିକିଆ ସିରିଜରୁ ବିଶ୍ରାମ ନେଇଥିବା ରୋହିତ ଶର୍ମା, ରିଷଭ ପନ୍ତ, ଦୀନେଶ କାର୍ତ୍ତିକ, କେ. ଏଲ୍. ରାହୁଲ ଦଳକୁ ଫେରିଥିବା ବେଳେ ଦଳ ଚୟନକୁ ନେଇ ଦ୍ୱନ୍ଦ୍ୱରେ ପଡିଛି ଟିମ୍ ମ୍ୟାନେଜମେଣ୍ଟ। ରାହୁଲଙ୍କ ପ୍ରତ୍ୟାବର୍ତ୍ତନ ପରେ ଓପନିଂ ଓ ୩ ନମ୍ବର ସ୍ଥାନରେ ବ୍ୟାଟିଂକୁ ନେଇ ଦ୍ୱନ୍ଦ୍ୱରେ ଭାରତ। ଦୀପକ ହୁଡା ନିୟମିତ ଭାବରେ ଭଲ ବ୍ୟାଟିଂ କରୁଥିବା ବେଳେ ତାଙ୍କୁ କେଉଁ ସ୍ଥାନରେ ଖେଳାଯିବ ଏହା ମୁଣ୍ଡବିନ୍ଧାର କାରଣ ପାଲଟିଛି। ଆୟର୍ଲାଣ୍ଡ ବିପକ୍ଷରେ ଶତକ ହାସଲ କରିବା ପରେ ଉପଯୋଗୀ ସ୍ପିନ ବୋଲିଂ ମଧ୍ୟ କରିବାରେ ସେ ସମର୍ଥ। ଇଂଲଣ୍ଡ ସିରିଜରେ କୋହଲିଙ୍କ ପାଇଁ ସ୍ଥାନ ଛାଡିଥିବା ବେଳେ ଚଳିତ ସିରିଜରେ ତାଙ୍କୁ ସ୍ଥାନ ମିଳିବ କି ନା ତାକୁ ନେଇ ରହିଛି ପ୍ରଶ୍ନବାଚୀ। ରାହୁଲଙ୍କ ପ୍ରତ୍ୟାବର୍ତ୍ତନ ପରେ ଭାରତ ରୋହିତ-ପନ୍ତ ଓପନିଂ କମ୍ବିନେଶନ ସହିତ ଓହ୍ଲାଇବା ସହିତ ରାହୁଲଙ୍କୁ ୩ ନମ୍ବରରେ ଖେଳାଇପାରେ। ରାହୁଲ -ରୋହିତ ଓପନ କରିବା ଦ୍ୱାରା ପନ୍ତଙ୍କୁ ୪ କିମ୍ବା ୫ ନମ୍ବରରେ ବ୍ୟାଟିଂ କରିବାକୁ ପଡିବ। ଏହି କମ୍ବିନେଶନରେ ହୁଡା ୩ ନମ୍ବରରେ ଖେଳିପାରିବେ ମାତ୍ର ଦୀନେଶ କାର୍ତ୍ତିକଙ୍କ ସ୍ଥାନ ସଙ୍କଟରେ ଆସିଯିବ। ମଧ୍ୟକ୍ରମରେ ଶ୍ରେୟସ ଆୟାର ଓ ସୂର୍ଯ୍ୟକୁମାର ଯାଦବଙ୍କ ମଧ୍ୟରୁ ଜଣେ ସ୍ଥାନ ପାଇବାକୁ ଥିବା ବେଳେ ଅଲରାଉଣ୍ଡର ଭାବରେ ହାର୍ଦ୍ଦିକ୍ ପାଣ୍ଡ୍ୟା ଖେଳିବା ଏକ ପ୍ରକାର ନିଶ୍ଚିତ।


କୋଚ୍ ରାହୁଲ ଦ୍ରାଭିଡ୍ ଓ ରୋହିତ ଶର୍ମା।

ବୋଲିଂ ବିଭାଗରେ ମଧ୍ୟ ଭାରତ ପାଇଁ ସମାନ ମୁଣ୍ଡବ୍ୟଥାର କାରଣ ରହିଛି ଦଳ ଚୟନ। ଫିଟ୍ ରହିଲେ ଭୁବେନଶ୍ୱର କୁମାର ଭାରତର ପ୍ରଥମ ପସନ୍ଦର ପେସର୍ ରହିବେ। ଦ୍ୱିତୀୟ ପେସର ଭାବରେ ଅର୍ଶଦୀପ କିମ୍ବା ଆଭେଶଙ୍କୁ ସୁଯୋଗ ମିଳିପାରେ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରତ୍ୟାବର୍ତ୍ତନ ପରେ ହର୍ଶଲ ପଟେଲଙ୍କ ସ୍ଥାନ ବର୍ତ୍ତମାନ ସଙ୍କଟରେ ପଡିଛି। ସେହିପରି ୩ ସ୍ପିନରଙ୍କ ମଧ୍ୟରୁ ଅଶ୍ୱିନ୍ ଓ କୁଲଦୀପଙ୍କୁ ସୁଯୋଗ ଦେଇପାରେ ମ୍ୟାନେଜମେଣ୍ଟ। ଜାଡେଜାଙ୍କ ଆଘାତ ସମସ୍ୟାକୁ ନେଇ କୌଣସି ଅପଡେଟ୍ ଆସିନାହିଁ। ଟି୨୦ ବିଶ୍ୱକପ୍ ପୂର୍ବରୁ ଭାରତକୁ ନିଜର କୋର୍ ଟିମ୍ ଗଠନ କରିବା ପାଇଁ ମାତ୍ର ୧୬ଟି ମ୍ୟାଚ୍ ରହିଛି। ବିଶ୍ୱକପ୍‌ରେ ଚହଲଙ୍କ ସ୍ଥାନ ପକ୍କା ରହିଥିବା ବେଳେ ଦ୍ୱିତୀୟ ସ୍ପିନର ସ୍ଥାନ ପାଇଁ ଅଶ୍ୱିନ, କୁଲଦୀପ ଓ ବିଷ୍ଣୋଇଙ୍କ ମଧ୍ୟରେ ହେବ କଡ଼ା ପ୍ରତିଦ୍ୱନ୍ଦ୍ୱିତା।

**ଭାରତ-ୱେଷ୍ଟଇଣ୍ଡିଜ୍ ପ୍ରଥମ ଟି୨୦ ଆଜି**

ସେହିପରି ଦିନିକିଆ ସିରିଜ ପରାଜୟକୁ ଭୁଲି ନୂଆ ଆରମ୍ଭ କରିବାକୁ ଚାହିଁବ ୱେଷ୍ଟଇଣ୍ଡିଜ। କାଇଲ ମେୟର୍ସ ଓ ନିକୋଲାସ୍ ପୁରନ ଭଲ ବ୍ୟାଟିଂ ଫର୍ମରେ ରହିଥିବା ବେଳେ ହୋଲ୍ଡରଙ୍କ ଉପସ୍ଥିତି ଦଳକୁ ଶକ୍ତିଶାଳୀ କରିବ।

ଭାରତ: ରୋହିତ ଶର୍ମା(ଅଧିନାୟକ), ଇଶାନ କିଶନ, ଶ୍ରେୟସ୍ ଆୟାର, ଦୀପକ ହୁଡା, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା,ରିଷଭ ପନ୍ତ, କେ. ଏଲ୍. ରାହୁଲ, ଦୀନେଶ କାର୍ତ୍ତିକ, ରବୀନ୍ଦ୍ର ଜାଡେଜା, ଆର. ଅଶ୍ୱିନ୍, କୁଲଦୀପ ଯାଦବ, ଭୁବନେଶ୍ୱର କୁମାର, ଆଭେଶ ଖାନ୍, ହର୍ଶଲ ପଟେଲ, ରବି ବିଷ୍ଣୋଇ, ଅକ୍ଷର ପଟେଲ, ଅର୍ଶଦୀପ ସିଂ।

ୱେଷ୍ଟଇଣ୍ଡିଜ ଦଳ: ନିକୋଲାସ୍ ପୁରନ୍(ଅଧିନାୟକ), ଶାଇ ହୋପ୍, ଶମାରା ବ୍ରୁକ୍‌ସ, କେସି କାର୍ଟି, ଜାସନ୍ ହୋଲ୍ଡର, ଅକିଲ୍ ହୋସେନ୍, ଆଲଜାରି ଯୋଶେଫ୍, ବ୍ରାଣ୍ଡନ କିଙ୍ଗ, କାଇଲ ମେୟର୍ସ, ଗୁଡାକେଶ ମୋତି, କିମୋ ପଲ୍, ରୋଭମାନ ପାୱେଲ୍ ଓ ଜାଡେନ୍ ସେଲ୍ସ।

**ମ୍ୟାଚ୍ ସମୟ: ରାତି ୮ଟା**



ୱେଷ୍ଟଇଣ୍ଡିଜ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ବିଜୟୀ ଭାରତୀୟ ଦଳର ଖେଳାଳିମାନେ ଟ୍ରଫି ସହ ଖୁସି ମୁହୂର୍ତ୍ତରେ।

## ଅବସର ନେବେ ଭେଟେଲ

**ବୁଦାପେଷ୍ଟ, ୨୮।୭ (ଏପି):** ଚାରିଥର ଫର୍ମୁଲାୱାନ ଚାମ୍ପିୟନ ସେବାଷ୍ଟିଆନ ଭେଟେଲ ସିଜନ ଶେଷରେ ତାଙ୍କର ଅବସର ନେବେ। ସେ ତାଙ୍କ ପରିବାର ସହ ଅଧିକ ସମୟ ଦେବେ। ଜର୍ମାନୀର ଏହି ଡ୍ରାଇଭର ଗୁରୁବାର ଏହା ପ୍ରକାଶ କରିଛନ୍ତି। ଭେଟେଲ ୨୦୧୦-୧୩ରୁ ରେଡ୍‌ବୁଲ୍ ସହ ଟାଇଟଲ ଜିତିଥିଲେ। ତାଙ୍କର ଶେଷ ବିଜୟ ୨୦୧୯ରେ ଫେରାରି ସହ ହୋଇଥିଲା। ଚଳିତ ସିଜନରେ ସେ ଆଷ୍ଟନ ମାର୍ଟିନ ତରଫରୁ ପ୍ରତିନିଧିତ୍ୱ କରି ଅସଫଳ ରହିଛନ୍ତି।

## ଚାଉଳିଆଗଞ୍ଜ ୭-୦ରେ ବିଜୟୀ

**ଭୁବନେଶ୍ୱର, ୨୮।୭ (କ୍ରୀଡ଼ା ପ୍ରତିନିଧି):** ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫୁଟବଲ ଲିଗ୍‌ର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଚାଉଳିଆଗଞ୍ଜ କ୍ଲବ ୭-୦ ଗୋଲରେ ବିଜୟୀ ହୋଇଛି। ହ୍ୟାଟ୍ରିକ ସହ ରମେଶ ଚନ୍ଦ୍ର ମୁର୍ମୁଙ୍କ ୪ ଗୋଲ ବଳରେ ଏହି ଦଳ ୱାଇଭିସିଜିକୁ ପରାସ୍ତ କରିଛି। ରମେଶ ୧୮, ୨୦, ୨୨ ଓ ୩୮ତମ ମିନିଟରେ ଏହି ୪ ଗୋଲ ଦେଇଥିଲେ। ମନକରଙ୍ଗିଆ ୩୫ ଓ ୬୩ତମ ମିନିଟରେ ୨ଟି ଏବଂ ଗଣେଶ୍ୱର ସିଧୁ ୭୯ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଶଶିକାନ୍ତ ଦାସିଆ, ସଲିଲ ବେହେରା, ଜିତେନ୍ଦ୍ରୀୟ ଥାନପତି ଓ ଚକ୍ରଧର ଛତ୍ରର ମ୍ୟାଚ ପରିଚାଳନା କରିଥିଲେ। ଶୁକ୍ରବାର ସନ୍‌ରାଇଜ ଓ ରାଧାରମଣ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।


ଚାଉଳିଆଗଞ୍ଜ କ୍ଲବ ଓ ୱାଇଭିସିଜି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ସାଫ୍ ଫୁଟ୍‌ବଲ: ଭାରତ ଆଜି ଶ୍ରୀଲଙ୍କାକୁ ଭେଟିବ

**ଭୁବନେଶ୍ୱର, ୨୮।୭ (କ୍ରୀଡ଼ା ପ୍ରତିନିଧି):** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୦ ବର୍ଷରୁ କମ୍ ସାଫ୍ (ସାଉଥ୍ ଏସିଆନ ଫୁଟବଲ ଫେଡେରେଶନ) ଚାମ୍ପିୟନଶିପ୍‌ରେ ଭାରତ ଶୁକ୍ରବାର ଶ୍ରୀଲଙ୍କାକୁ ଭେଟିବ। ଅପରାହ୍ନ ୪ଟାରେ ଏହି ମ୍ୟାଚ ଅନୁଷ୍ଠିତ ହେବ। ଭାରତ ଏହାର ପ୍ରଥମ ମ୍ୟାଚରେ ବାଂଲାଦେଶଠାରୁ ୧-୨ ଗୋଲ ବ୍ୟବଧାନରେ ପରାଜିତ ହୋଇଛି। ତେଣୁ ଅବଶିଷ୍ଟ ମ୍ୟାଚଗୁଡ଼ିକ ଘରୋଇ ଦଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନେପାଳ ୨ଟି ମ୍ୟାଚରୁ ଡବଲ ବିଜୟ ସହ ୬ ପଏଣ୍ଟ ପାଇ ୫ ଦଳ ବିଶିଷ୍ଟ ଟେବୁଲର ଶୀର୍ଷରେ ରହିଛି। ବାଂଲାଦେଶ ମଧ୍ୟ ୨ଟି ମ୍ୟାଚ ଜିତିଥିବାରୁ ୬ ପଏଣ୍ଟ ପାଇଛି। ଭାରତ ସମେତ ମାଳଦ୍ୱୀପ ଓ ଶ୍ରୀଲଙ୍କା ପଏଣ୍ଟ ଖାତା ଖୋଲିପାରି ନାହାନ୍ତି। ''ଆମେ ଏବେ ବାଂଲାଦେଶ ଗେମ୍ କଥା ବିଶେଷ ନ ଭାବି ଆଗାମୀ ମ୍ୟାଚ ଉପରେ ଫୋକସ କରୁଛୁ। ଗତ ମ୍ୟାଚର ତ୍ରୁଟି ସମ୍ପର୍କରେ ଆମେ ଆଲୋଚନା କରି ସାରିଛୁ। ଆମେ ଯଦି ଯୋଜନାବଦ୍ଧଭାବେ ଖେଳିପାରିବୁ ତେବେ ପ୍ରତିପକ୍ଷ ଦଳର ଉଦ୍ୟମକୁ ପଣ୍ଡ କରିପାରିବୁ। ଜଣେ କୋଚିଂ ଷ୍ଟାଫ୍‌ଭାବେ ଖେଳାଳିଙ୍କୁ ମୋଟିଭେଟ କରିବା ଆମ କାମ। ଭଲ ଖେଳିବା ପାଇଁ ସେମାନଙ୍କୁ ଉତ୍ସାହିତ କରାଯିବା ଆବଶ୍ୟକ'' ବୋଲି ଭାରତୀୟ ଦଳର ମୁଖ୍ୟ କୋଚ୍ ଶନ୍‌ମୁଗମ୍ ଭେଙ୍କଟେଶ୍ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଶ୍ରୀଲଙ୍କା ଏହାର ପ୍ରଥମ ୨ଟି ଯାକ ମ୍ୟାଚ ହାରିଥିବାରୁ ଚାପରେ ରହିଛି। ବାଂଲାଦେଶଠାରୁ ଏହି ଦଳ ୦-୧ ଓ ନେପାଳଠାରୁ ୦-୩ ଗୋଲରେ ପରାସ୍ତ ହୋଇଛି। ଶୁକ୍ରବାର ଅନ୍ୟ ଏକ ମ୍ୟାଚରେ ମାଳଦ୍ୱୀପ ଓ ବାଂଲାଦେଶ ମଧ୍ୟରେ ମୁକାବିଲା ହେବ।

## ଆନ୍ତଃସ୍କୁଲ, ରାଜ୍ୟସ୍ତରୀୟ ଟେବୁଲ ଟେନିସ

**ଭୁବନେଶ୍ୱର, ୨୮।୭ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ଅଗଷ୍ଟ ୧୨ରୁ ୧୪ ପର୍ଯ୍ୟନ୍ତ ଆନ୍ତଃ ସ୍କୁଲ ଟେବୁଲ ଟେନିସ ପ୍ରତିଯୋଗିତାର କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ଜୁନିୟର ଓ ସିନିୟର ବର୍ଗରେ ବାଳିକା ଓ ବାଳକଙ୍କ ମଧ୍ୟରେ ସିଙ୍ଗଲ୍ସ ଓ ଦଳଗତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଦଳଗତ ବିଭାଗରେ ଗୋଟିଏ ଦଳରେ ସର୍ବନିମ୍ନ ୨ ଓ ସର୍ବାଧିକ ୪ ଖେଳାଳି ରହିପାରିବେ। ଅଗଷ୍ଟ ୫ ନାମ ପଞ୍ଜୀକରଣ କରିବାର ଶେଷ ତାରିଖ। କୃତୀ ଖେଳାଳିଙ୍କୁ ପଦକ, ଟ୍ରଫି ଓ ଅର୍ଥରାଶି ପୁରସ୍କାର ଆକାରରେ ପ୍ରଦାନ କରାଯିବ।










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ